DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୮/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, April 8/2025 | Page 16 | ₹ 7.00 | RAYAGADA
୫୧ଶ ଭାଗ ୧୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 133 | ମୂଲ୍ୟ ₹୭/-

**ଟ୍ରମ୍ପଙ୍କ ଟାରିଫ୍ ପ୍ରଭାବ**

# ଭାରତୀୟ ଷ୍ଟକ୍ ବଜାର ଚୂରମାର

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ, ଚାଇନା, କାନାଡ଼ା ସମେତ ଅନେକ ଦେଶ ଉପରେ ରେସିପ୍ରୋକାଲ ଟାରିଫ୍ ବା ପାଲଟା ଶୁଳ୍କ ଲାଗୁ କରିଛନ୍ତି। ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ମତରେ ଆମେରିକାର ନାସ୍‌ଦାକ୍ ଷ୍ଟକ ମାର୍କେଟ ନିମ୍ନଗାମୀ ହେବା ସହ ପୃଥିବୀବ୍ୟାପୀ ବାଣିଜ୍ୟ ଯୁଦ୍ଧ ବୃଦ୍ଧି ପାଇବା ଯୋଗୁ ବିଶ୍ୱରେ ମାନ୍ଦାବସ୍ଥା ଭୟ ସର୍ବୋଚ୍ଚରେ ପହଞ୍ଚିଛି। ତାହାର ସିଧାସଳଖ ପ୍ରଭାବ ଭାରତୀୟ ଷ୍ଟକ୍ ବଜାର ଉପରେ ପଡ଼ିଛି। ସୋମବାର ସକାଳ ୯ଟା ୧୫ ମିନିଟ୍‌ରେ ଶେୟାର ମାର୍କେଟ ଖୋଲୁ ଖୋଲୁ ବିଏସ୍‌ଇ ଓ ନିଫ୍‌ଟି ଧରାଶାୟୀ ହୋଇ ୧୦ ମାସର ସର୍ବନିମ୍ନ ସ୍ତରକୁ ଖସିଯାଇଛନ୍ତି। ମାତ୍ର ୧ମିନିଟ୍ ମଧ୍ୟରେ ଭାରତର ନିବେଶକ ୧୪ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହରାଇଥିବା ଜଣାପଡ଼ିଛି। ଆଗକୁ ଆର୍ଥିକ ଦୁର୍ଦ୍ଦିନ ଆସୁଥିବା ଆଶଙ୍କାରେ ଷ୍ଟକ ମାର୍କେଟ ଚୂରମାର ଆଡ଼କୁ ଯାଉଛି ବୋଲି କୁହାଗଲାଣି। ଭାରତୀୟ ଅର୍ଥନୀତି ଉପରେ ଏହା ଗଭୀର ପ୍ରଭାବ ପକାଇବାର ମଧ୍ୟ ସଙ୍କେତ ମିଳିଲାଣି।

## ଦିନକରେ ନିବେଶକ ହରାଇଲେ ୧୪ ଲକ୍ଷ କୋଟି



ମୁମ୍ବାଇ/ନ୍ୟୁୟର୍କ, ୭।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ରେସିପ୍ରୋକାଲ ଟାରିଫ୍ ବା ପାରସ୍ପରିକ ଶୁଳ୍କ ଲଗାଇଥିବାବେଳେ ଏହା ବୈଶ୍ୱିକ ସ୍ତରରେ ବାଣିଜ୍ୟ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି। ଚାଇନା, କାନାଡା ଏବଂ ମେକ୍ସିକୋ ଆଦି ଅନେକ ଦେଶ ଆମେରିକୀୟ ସାମଗ୍ରୀ ଉପରେ ଅନୁରୂପ ଭାବେ ଜବାବୀ ଶୁଳ୍କ ଲାଗୁ କରିବାକୁ ଯୋଜନା କରିଛନ୍ତି। ଫଳରେ ଅର୍ଥନୀତିରେ ମାନ୍ଦାବସ୍ଥା ଆଶଙ୍କା ଅନୁଭୂତ ହୋଇଥିବାବେଳେ ସୋମବାର ଭାରତ ସମେତ ସାରା ବିଶ୍ୱର ଶେୟାର ବଜାରରେ ଏହାର ପ୍ରଭାବ ପଡ଼ିଛି। ଟାରିଫ୍ ପ୍ରଭାବରେ ମୁଦ୍ରାସ୍ଫୀତି ବଢ଼ିବାକୁ ଥିବାବେଳେ ମାନ୍ଦାବସ୍ଥା ଆଶଙ୍କାରେ ଭୟଭୀତ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରିନେବାକୁ ବ୍ୟଗ୍ର ହୋଇପଡ଼ିଛନ୍ତି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (ବିଏସ୍‌ଇ) ସେନ୍‌ସେକ୍ସ ସୋମବାର ୨,୨୨୬.୭୯ ପଏଣ୍ଟ ☞ପୃଷ୍ଠା-୪

# ମୁନା ଖାଁ ବଦଳିଲେ ନାହିଁ

ଭୁବନେଶ୍ୱର,୭।୪(ସୁନିତ୍ ମିଶ୍ର)

- ପାଣ୍ଡିଆନ୍ ଗୋ ବ୍ୟାକ୍, ବିଜେଡି ବଞ୍ଚାଅ-ପାଣ୍ଡିଆନ୍ ହଟାଓ ନାରାରେ କମ୍ପିଲା ନବୀନ ନିବାସ
- ଫେଲ୍ ମାରିଲା ପାଣ୍ଡିଆନ୍ ସମର୍ଥକ ଗୋଷ୍ଠୀର ଯୋଜନା
- ଦେବାଶିଷଙ୍କ ବିରୋଧରେ ଏକସଙ୍ଗେ ବାହାରିଲେ ୪ ରାଜ୍ୟ ସଭା ସଦସ୍ୟ

ବିଜେଡି ରାଜ୍ୟ ସଭା ସଦସ୍ୟ ମୁନା ଖାଁ ସୋମବାର ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିଲା ବେଳକୁ ତାଙ୍କୁ ପାଛୋଟି ନେବା ପାଇଁ ପାଣ୍ଡିଆନ୍ ସମର୍ଥକ ଗୋଷ୍ଠୀ ସବୁ ପ୍ରକାର ପ୍ରସ୍ତୁତି କରିଥିଲେ। ମୁନା ଖାଁଙ୍କ ସଂଖ୍ୟାଲଘୁ କର୍ମୀଙ୍କ ସମେତ ଆଉ କେତେକ ନିର୍ବାଚନମଣ୍ଡଳୀରୁ ମୁସଲିମ କର୍ମୀଙ୍କୁ ବିମାନବନ୍ଦର ପାଖକୁ ଡାକି ଦିଆଯାଇଥିଲା। ଉଦ୍ଦେଶ୍ୟ ଥିଲା ମୁନା ଖାଁ ବିରାଟ ପଟୁଆର ଦେଖି ଖୁସି ହେବେ ଆଉ ଶୋଭାଯାତ୍ରାରେ ତାଙ୍କୁ ନବୀନ ନିବାସ ନେଇଗଲେ ସେ ତାଙ୍କ କଥା ଦଳର ସଭାପତିଙ୍କ ଆଗରେ କହିଦେଇ ଆପେ ବୁଝିଯିବେ। ଏଭଳି କରିବା ପାଇଁ ପାଣ୍ଡିଆନ୍ ଗୋଷ୍ଠୀ ଯେଉଁ ଯୋଜନା କରିଥିଲେ ତାହା ଫସରଫଟିଲା। ପ୍ରଥମେ ବିମାନବନ୍ଦରରେ ପହଞ୍ଚିବା ପରେ ମୁନା ଖାଁ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତି, ଦଳରେ ଦୋମୁହାଁ ନୀତି ଚଳିବ ନାହିଁ। ଯାହାର ଯିବାର ଅଛି ସେ ଭାଜପାକୁ ଚାଲିଯାଆନ୍ତୁ। ୱାକ୍‌ଫ ବିଲ୍‌କୁ ନେଇ ଏମ୍‌ପି ସସ୍ମିତ ପାତ୍ର କାହିଁକି ଦଳର କ୍ଷତି ହେଲା ଭଳି ଟୁଇଟ୍ କଲେ ଜଣାନାହିଁ। ଦଳର ସଭାପତି ତାଙ୍କୁ ଏମିତି କରିବାକୁ କହି ନ ଥିବେ। ସଂସଦୀୟ ଦଳ ବୋର୍ଡ ବୈଠକରେ ବିଲ୍‌କୁ ବିରୋଧ କରାଯିବ ବୋଲି ନବୀନବାବୁ ସ୍ପଷ୍ଟ କରିଥିଲେ। ଏପରିକି ଇଫ୍‌ତାର ପାର୍ଟିରେ ମଧ୍ୟ ନବୀନବାବୁ ୱାକ୍‌ଫ ବିଲ୍ ବିରୋଧରେ ଭୋଟ୍ ଦେବାକୁ କହିଥିଲେ। ଯେତେବେଳେ ରାଜ୍ୟ ସଭାରେ ଏହି ବିଲ୍ ଆସିଲା, ସେ ଏହାକୁ ବିରୋଧ କରିଥିଲେ। କିନ୍ତୁ ହଠାତ୍ ସସ୍ମିତ ପାତ୍ର ସାମାଜିକ ଗଣମାଧ୍ୟମ ଜରିଆରେ ପୋଷ୍ଟ କରି ବିବେକ ଅନୁସାରେ ଭୋଟ ଦେବା ପାଇଁ କହିଥିଲେ। ସେ ଏପରି କାହିଁକି କଲେ ବୋଲି ତାଙ୍କୁ ଫୋନ୍ କରିବାକୁ ଚାହୁଁଛି, ହେଲେ ସେ ଉଠାଉନାହାନ୍ତି। ସସ୍ମିତଙ୍କ ଏହି କାର୍ଯ୍ୟ ସଂଖ୍ୟାଲଘୁ ଭାଇମାନଙ୍କୁ କଷ୍ଟ ଦେଇଛି ବୋଲି ସେ କହିଛନ୍ତି। ଏହାପରେ ସେ ତାଙ୍କ ସମର୍ଥକମାନଙ୍କ ସହ ନବୀନ ନିବାସ ଅଭିମୁଖେ ବାହାରିଥିଲେ।

ପାଣ୍ଡିଆନ୍ ଗୋଷ୍ଠୀ ଭାବୁଥାଆନ୍ତି ସବୁ କିଛି ସେଟ୍ ଅଛି, ହେଲେ ନବୀନ ନିବାସରେ ପହଞ୍ଚିବା ମାତ୍ରେ ମୁନାଙ୍କ ସହ ଯାଇଥିବା ତାଙ୍କ ସମର୍ଥକମାନେ ଆରମ୍ଭ କରିଦେଇଥିଲେ ସ୍ଲୋଗାନ। ଏକ ସ୍ୱରରେ ସମସ୍ତେ ପାଣ୍ଡିଆନ୍ ହଟାଓ, ବିଜେଡି ବଞ୍ଚାଓ, ପାଣ୍ଡିଆନ୍ ଗୋ ବ୍ୟାକ୍ ନାରାରେ ନବୀନ ନିବାସ କମ୍ପାଇଥିଲେ। ସଂଖ୍ୟାଲଘୁ କର୍ମୀଙ୍କ ଏଭଳି ରାଗକୁ ସେହି ☞ପୃଷ୍ଠା-୪

# ୨୨ରେ ସୁଭଦ୍ରା ୩ୟ କିସ୍ତି

ଭୁବନେଶ୍ୱର, ୭।୪(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଟଙ୍କା ଏପ୍ରିଲ ୨୨ରେ ମିଳିବ। ରାଜ୍ୟରେ ଥିବା ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ କରାଯିବା ପରେ ଏହି ଟଙ୍କା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଏପ୍ରିଲ ୨୨ ଏବଂ ୨୩ ତାରିଖରେ ନୂତନ ଆବେଦନକାରୀଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ। ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ଭିତରେ ଯେଉଁମାନେ ଯୋଗ୍ୟ ସେମାନଙ୍କୁ ☞ପୃଷ୍ଠା-୪

# ରନ୍ଧନ ଗ୍ୟାସ୍ ୫୦ ଟଙ୍କା ମହଙ୍ଗା

ମହଙ୍ଗା ହୋଇଛି ଘରୋଇ ରନ୍ଧନ ଗ୍ୟାସ(ଏଲ୍‌ପିଜି)। ଗତ ସପ୍ତାହରେ ୧୯ କେ.ଜି.ର ବ୍ୟାବସାୟିକ ଏଲ୍‌ପିଜି ସିଲିଣ୍ଡରର ଦାମ ୪୧ ଟଙ୍କା ହ୍ରାସ ପାଇଥିବାବେଳେ କେନ୍ଦ୍ର ସରକାର ସୋମବାର ଘରେ ବ୍ୟବହାର ହେଉଥିବା ୧୪.୫ କେ.ଜି.ର ଏଲ୍‌ପିଜି ସିଲିଣ୍ଡର ପିଛା ୫୦ ଟଙ୍କା ବଢ଼ାଇଛନ୍ତି। ଫଳରେ ଓଡ଼ିଶାରେ ସିଲିଣ୍ଡର ଦାମ ୮୨୯ରୁ ୮୭୯ ଟଙ୍କାରେ ପହଞ୍ଚିଛି। ସେହିଭଳି ଉଜ୍ଜ୍ୱଳା ଗ୍ରାହକଙ୍କ ପାଇଁ ଉଦ୍ଦିଷ୍ଟ ସିଲିଣ୍ଡର ଦାମ ୫୦୦ରୁ ୫୫୦ ଟଙ୍କା ହୋଇଛି। ୨୦୨୩ ଅଗଷ୍ଟ ୩୦ରେ ଏଲ୍‌ପିଜି ସିଲିଣ୍ଡର ଉପରେ କେନ୍ଦ୍ର ସରକାର ୨୦୦ଟଙ୍କା ହ୍ରାସ କରିଥିଲେ। ଫଳରେ ଏହା ୧୧୨୯ରୁ ୯୨୯ ଟଙ୍କା ହୋଇଥିଲା। ପୁଣି ନିର୍ବାଚନ ପୂର୍ବରୁ ୨୦୨୪ ମାର୍ଚ୍ଚ ୮, ଅନ୍ତର୍ଜାତୀୟ ମହିଳା ଦିବସରେ ୧୦୦ ଟଙ୍କା କମିଥିଲା। ଏହାର ପ୍ରାୟ ୧୩ ମାସ ପରେ କେନ୍ଦ୍ର ସରକାର ଘରୋଇ ଏଲ୍‌ପିଜି ସିଲିଣ୍ଡର ଉପରେ ୫୦ଟଙ୍କା ବଢ଼ାଇଛନ୍ତି। ବର୍ତ୍ତମାନ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଥିବାବେଳେ ଏହି ଗ୍ୟାସ ଦର ବୃଦ୍ଧି ରୋଷେଇ ଘରେ ମହଙ୍ଗା ମାଡ଼ ଭଳି ହୋଇଥିବା କେତେକ ଗୃହିଣୀ ଏବଂ ରାଜନୈତିକ ଦଳ ମତ ଦେଇଛନ୍ତି।

## ପେଟ୍ରୋଲ, ଡିଜେଲ ଦର ଅପରିବର୍ତ୍ତିତ



ନୂଆଦିଲ୍ଲୀ,୭।୪

କେନ୍ଦ୍ର ସରକାର ସୋମବାର ସବ୍‌ସିଡିଯୁକ୍ତ ରନ୍ଧନ ଗ୍ୟାସ୍ (ଏଲ୍‌ପିଜି) ଦର ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରିଛନ୍ତି। ସାଧାରଣ ଉପଭୋକ୍ତାଙ୍କ ପାଇଁ ରନ୍ଧନ ଗ୍ୟାସ୍ ଦର ଦିଲ୍ଲୀରେ ୮୦୩ ଟଙ୍କାରୁ ବୃଦ୍ଧି ପାଇ ୮୫୩ ଟଙ୍କା ହୋଇଥିବାବେଳେ ଉଜ୍ଜ୍ୱଳା ଯୋଜନାର ଉପଭୋକ୍ତାଙ୍କ ପାଇଁ ଏହାର ଦର ୫୦୩ ଟଙ୍କାରୁ ୫୫୩ ଟଙ୍କାକୁ ବୃଦ୍ଧି ପାଇଛି। ଏପ୍ରିଲ ୮ରୁ ବର୍ଦ୍ଧିତ ଦର ଲାଗୁ ହେବ ବୋଲି କେନ୍ଦ୍ର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | **ଅପେକ୍ଷା କରି ବସିଛନ୍ତି**

DSPL-21



ବାର୍ତ୍ତା

ରକ୍ତଦାନ ଜୀବନ ଦାନ। ରକ୍ତ ବିନା ମଣିଷ ବଞ୍ଚିପାରିବ ନାହିଁ। ଆଜି ପର୍ଯ୍ୟନ୍ତ କୃତ୍ରିମ ଉପାୟରେ ରକ୍ତ ତିଆରି କରାଯାଇ ପାରିନାହିଁ। ଏଥି ପାଇଁ ସ୍ୱେଚ୍ଛାକୃତ ରକ୍ତଦାନର ଆବଶ୍ୟକତା ରହିଛି। ଜଣେ ସୁସ୍ଥ ବ୍ୟକ୍ତି ରକ୍ତଦାନ କଲେ ସେହି ରକ୍ତ ଅନ୍ୟ ଜଣେ ବ୍ୟବହାର କରି ବଞ୍ଚିପାରିବ। ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ମୋର ସ୍ନେହ ଓ ଶ୍ରଦ୍ଧା ଜଣାଇବା ସହ ସେମାନଙ୍କ ଦୀର୍ଘଜୀବନ କାମନା କରୁଅଛି। ରକ୍ତଦାନ ପରି ଏକ ମହାନ୍ କାର୍ଯ୍ୟରେ ସାମିଲ୍ ହୋଇ ଏହି ପରମ୍ପରାକୁ ଆଗେଇ ନେଉଥିବା ପ୍ରତ୍ୟେକ ଭାଇଭଉଣୀ ମାନଙ୍କୁ ଶୁଭେଚ୍ଛା ଜଣାଉଛି।

ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତୁ, ସ୍ୱେଚ୍ଛାକୃତ ରକ୍ତଦାନ କରି ଅନ୍ୟକୁ ଜୀବନ ଦାନ କରିବା ଏବଂ ରାଜ୍ୟରେ ରକ୍ତଦାନ ଆନ୍ଦୋଳନକୁ ସଫଳ କରିବା।

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-10001/13/0042/2425

DSPL-20




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ରାଜ୍ୟବ୍ୟାପି
ଓଡ଼ିଆ ପକ୍ଷ ପାଳନ ୨୦୨୫
ରକ୍ତଦାନ ଅଭିଯାନ
ରକ୍ତଦାନ ଜୀବନ ଦାନ
ଆସନ୍ତୁ, ସ୍ୱେଚ୍ଛାକୃତ ରକ୍ତଦାନ କରି ଗୋଟିଏ ଅମୂଲ୍ୟ ଜୀବନ ବଞ୍ଚାଇବାର ପୂଣ୍ୟ ଅର୍ଜନ କରିବା
୮ ଅପ୍ରେଲ ୨୦୨୫



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/13/0041/2425

# ୱାକ୍‌ଫ ଆଇନକୁ ଏଆଇଏମ୍‌ପିଏଲ୍‌ବିର ଚ୍ୟାଲେଞ୍ଜ

## ବୈବାହିକ ବିବାଦରୁ ଇଞ୍ଜିନିୟରଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁ, ୭।୪

ବେଙ୍ଗାଲୁରୁର ଗଣିଗରାହଲ୍ଲୀ ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ସୋମବାର ସଫ୍ଟୱେର ଇଞ୍ଜିନିୟର ପ୍ରଶାନ୍ତ ନାୟାର(୪୦) ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ପ୍ରଶାନ୍ତଙ୍କ ବିବାହ ୧୨ ବର୍ଷ ତଳେ ବେଙ୍ଗାଲୁରୁରେ କାର୍ଯ୍ୟରତ ସଫ୍ଟୱେର ଇଞ୍ଜିନିୟର ପୂଜା ନାୟାରଙ୍କ ସହ ହୋଇଥିଲା। ପ୍ରଶାନ୍ତ ଓ ପୂଜାଙ୍କର


ପ୍ରଶାନ୍ତ ନାୟାର

ଜଣେ ୮ ବର୍ଷୀୟ ଝିଅ ମଧ୍ୟ ରହିଛନ୍ତି। ପୂର୍ବରୁ ଗଣିଗରାହଲ୍ଲୀସ୍ଥିତ ଆପାର୍ଟମେଣ୍ଟରେ ପ୍ରଶାନ୍ତ ନିଜ ସ୍ତ୍ରୀ ଓ ଝିଅଙ୍କ ସହ ଏକାଠି ରହୁଥିଲେ। ତେବେ ଅଧିକାଂଶ ସମୟ ପ୍ରଶାନ୍ତ ଓ ପୂଜାଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ତେଣୁ ଉଭୟେ ଗତ ବର୍ଷେ ହେବ ଅଲଗା ରହିବା ସହ ପରସ୍ପରକୁ ଛାଡ଼ପତ୍ର ଦେବା ପାଇଁ ଚିନ୍ତା କରୁଥିବା ପୋଲିସ କହିଛି। ତାଙ୍କ ଆପାର୍ଟମେଣ୍ଟରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନାହିଁ।

ନୂଆଦିଲ୍ଲୀ,୭।୪ (ପି.ଟି.)

ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ର ସାମ୍ବିଧାନିକ ବୈଧତାକୁ ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ପୂର୍ବରୁ ଏହି ଆଇନକୁ ବିରୋଧ କରି ସର୍ବୋଚ୍ଚ ଅଦାଲତରେ ଏକାଧିକ ପିଟିଶନ ଦାଏର ହୋଇଥିବାବେଳେ ତ୍ୱରିତ୍ ଶୁଣାଣି ପାଇଁ ସେଗୁଡ଼ିକୁ ତାଲିକାଭୁକ୍ତ କରିବାକୁ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ରାଜି ହୋଇଛନ୍ତି। ପୂର୍ବରୁ ଜମାଏତ୍ ଉଲମା-ଇ-ହିନ୍ଦ୍, ଏଆଇଏମ୍‌ଆଇଏମ୍ ନେତା ଅସାଦୁଦ୍ଦିନ ଓୱାଇସି, କଂଗ୍ରେସ ଏମ୍‌ପି ମହମ୍ମଦ ଜାୱେଦ, ଆପ୍ ବିଧାୟକ ଅମନତୁଲ୍ଲା ଖାନ୍ ପ୍ରମୁଖ ୱାକ୍‌ଫ ସଂଶୋଧନ ବିଲ୍‌କୁ ଚ୍ୟାଲେଞ୍ଜ କରିଥିଲେ। ଗତ ସପ୍ତାହରେ ଏହି ବିଲ୍ ପାର୍ଲାମେଣ୍ଟର ଉଭୟ ଗୃହରେ ଜୋର୍‌ଦାର ବିତର୍କ ମଧ୍ୟରେ ଗୃହୀତ ହେବା ପରେ ୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ଏଆଇଏମ୍‌ପିଏଲ୍‌ବି



ମୁଖପାତ୍ର ଏସ୍.କ୍ୟୁଆର୍. ଇଲିଆସ୍ କହିଛନ୍ତି, ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ସଂଶୋଧନକୁ ପିଟିଶନ୍‌ରେ ଦୃଢ଼ ବିରୋଧ କରାଯାଇଛି। ଉକ୍ତ ସଂଶୋଧନ ମନମାନି, ପକ୍ଷପାତମୂଳକ ଏବଂ ବାଦ୍ ଦେବା ଉପରେ ଆଧାରିତ। ଏହା କେବଳ ସମ୍ବିଧାନର ଅନୁଚ୍ଛେଦ ୨୫ ଓ ୨୬ରେ ଦିଆଯାଇଥିବା ମୌଳିକ ଅଧିକାରର ଉଲ୍ଲଂଘନ କରୁନାହିଁ, ୱାକ୍‌ଫ ପ୍ରଶାସନକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେବା ପାଇଁ ସରକାରଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ସୂଚିତ ହୋଇଛି। ସଂଖ୍ୟାଲଘୁ ମୁସଲମାନମାନଙ୍କୁ ସେମାନଙ୍କ ନିଜ ଧର୍ମୀୟ ଏଣ୍ଡାଓମେଣ୍ଟର ପରିଚାଳନାରୁ ବାଦ୍ ଦିଆଯାଇଛି ବୋଲି ଇଲିଆସ୍ କହିଛନ୍ତି।

## ଜମ୍ମୁ-କଶ୍ମୀର ବିଧାନସଭାରେ ହଙ୍ଗାମା

### ୱାକ୍‌ଫ ବିଲ୍ କପି ଚିରିଲେ ଏନ୍‌ସି ବିଧାୟକ

ଜମ୍ମୁ, ୭।୪

ଜମ୍ମୁ-କଶ୍ମୀର ବିଧାନସଭାରେ ସୋମବାର ୱାକ୍‌ଫ ଆଇନକୁ ନେଇ ଜୋର୍‌ଦାର ହଙ୍ଗାମା ହୋଇଛି। ଶାସକ ନ୍ୟାଶନାଲ କନଫରେନ୍ସ (ଏନ୍‌ସି) ସହ କଂଗ୍ରେସ, ଆପ୍ ଓ ସ୍ୱାଧୀନ ବିଧାୟକମାନେ ୱାକ୍‌ଫ ଆଇନ ବିରୋଧରେ ବିଧାନସଭାରେ ମୁଲତବୀ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ଗୃହୀତ କରାଯାଉ ଦାବିରେ ସେମାନେ ହଙ୍ଗାମା କରିଛନ୍ତି। ତେବେ ଭାଜପାର ବିଧାୟକମାନେ ଏହାକୁ ବିରୋଧ କରିଥିଲେ। ଫଳରେ ଗୃହର


ୱାକ୍‌ଫ ଆଇନକୁ ନେଇ ବିଭିନ୍ନ ଦଳର ବିଧାୟକମାନେ ଜୋର୍‌ଦାର ହଙ୍ଗାମା କରୁଛନ୍ତି।

ୱେଲ୍‌କୁ ଭାଜପା ଓ ଏନ୍‌ସି ସମେତ ବିଭିନ୍ନ ଦଳର ବିଧାୟକମାନେ ଆସି ପରସ୍ପର ବିରୋଧରେ ନାରାବାଜି କରିଥିଲେ। ସମ୍ପ୍ରତି ୱାକ୍‌ଫ ଆଇନ ମାମଲା ନ୍ୟାୟାଳୟରେ ବିଚାରଧୀନ ଥିବାରୁ ଏସମ୍ପର୍କିତ ମୁଲତବୀ ପ୍ରସ୍ତାବ ଅଣାଯାଇ ପାରିବ ନାହିଁ ଏବଂ ଏହାକୁ ନେଇ ଆଲୋଚନା ମଧ୍ୟ ହୋଇପାରିବ ନାହିଁ ବୋଲି ବିଧାନସଭାର ବାଚସ୍ପତି ଅବଦୁଲ ରହିମ ରାଠୋର କହିଛନ୍ତି।

## ଭାଜପା ସଂଖ୍ୟାଲଘୁ ନେତାଙ୍କ ଘର ଜାଳିଦେଲେ

### ୱାକ୍‌ଫ ଆଇନକୁ ସମର୍ଥନ କରିଥିଲେ

ଇମ୍ଫାଲ, ୭।୪

ମଣିପୁରର ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ଅଧ୍ୟକ୍ଷ ଅସ୍‌କର ଅଲୀ ମକକ୍‌ମୟୁମଙ୍କ ଘରକୁ ରବିବାର ରାତିରେ କେତେଜଣ ଅଚିହ୍ନା ଦୁର୍ବୃତ୍ତ ଜାଳି ଦେଇଛନ୍ତି। ୱାକ୍‌ଫ ଆଇନକୁ ସମର୍ଥନ କରି ଅସ୍‌କର ସୋସିଆଲ ମିଡିଆରେ ପୋଷ୍ଟ କରିଥିବାରୁ ଉତ୍ୟକ୍ତ ହୋଇ କେତେଜଣ ସ୍ଥାନୀୟ ନିବାସୀ ତାଙ୍କ ଥୌବାଲ ଜିଲା ଲିଲୋଙ୍ଗସ୍ଥିତ ଘରକୁ ଜାଳିଦେଇଥିବା ପୋଲିସ କହିଛି। ରବିବାର ରାତିରେ ସ୍ଥାନୀୟ ଲୋକେ ଅସ୍‌କରଙ୍କ ଘର ଆଗରେ ଏକତ୍ରୀତ ହେବା ସହ ସେଠାରେ ଭଙ୍ଗାରୁଜା କରିଥିଲେ ଓ ଶେଷରେ ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ତେବେ ଏହି ଘଟଣା ପରେ ସୋମବାର ଅସ୍‌କର ତାଙ୍କ ସୋସିଆଲ ମିଡିଆରେ ଆଉ ଏକ ଭିଡିଓ ପୋଷ୍ଟକରି ମୁସଲମାନ ସମ୍ପ୍ରଦାୟକୁ କ୍ଷମାପ୍ରାର୍ଥନା ମାଗିଛନ୍ତି। ଏହାସହ ସେ ୱାକ୍‌ଫ ଆଇନକୁ ନେଇ ନିଜ ପୂର୍ବ ମନ୍ତବ୍ୟକୁ ବଦଳାଇବା ସହ ସେ ଏହି ଆଇନକୁ ବିରୋଧ କରୁଥିବା କହିଛନ୍ତି। ୱାକ୍‌ଫ ଆଇନକୁ ତୁରନ୍ତ ରଦ୍ଦ କରିବାକୁ ସେ କେନ୍ଦ୍ର ସରକାରଙ୍କୁ ଦାବି କରିଛନ୍ତି।


ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ବିହାରର ବେଗୁସରାଇରେ 'ପଳାୟନ ରୋକୋ ନୌକରି ଦୋ ଯାତ୍ରା'ରେ ସାମିଲ ହୋଇଛନ୍ତି।

## ଉତ୍ତରପ୍ରଦେଶରେ ଆଇନର ଶାସନ ଭୁଶୁଡ଼ିପଡ଼ିଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୭।୪

ଉତ୍ତରପ୍ରଦେଶରେ ଆଇନର ଶାସନ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ରାଜ୍ୟ ପୋଲିସ ଦାଏର କରିଥିବା ଦେୱାନୀ ମାମଲାଗୁଡ଼ିକର ଏତଲା ଦେଖିବା ପରେ ଏଭଳି ଟିପ୍ପଣୀ ଦେଇଛନ୍ତି। ଦେୱାନୀ ବିବାଦରେ ଆପରାଧିକ ଆଇନ କ'ଣ ପାଇଁ ଲାଗୁ କରାଯାଇଛି, ସତ୍ୟପାଠ ଜରିଆରେ ଜବାବ ରଖିବା ପାଇଁ ଖଣ୍ଡପୀଠ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ, ଗୌତମବୁଦ୍ଧ ନଗର ଜିଲା ଥାନାର ଷ୍ଟେଶନ ହାଉସ୍ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିଭିଲ୍ ମାମଲାକୁ କ୍ରିମିନାଲ ମାମଲାରେ ବଦଳାଇବା ଗ୍ରହଣୀୟ ନୁହେଁ ବୋଲି ସିଜେଆଇ କହିଛନ୍ତି।

## ଭିଭିପିଏଟି ସ୍ଲିପ୍‌ର ୧୦୦% ଗଣତି ଆବେଦନ ଖାରଜ

ନୂଆଦିଲ୍ଲୀ,୭।୪(ପି.ଟି.)

ନିର୍ବାଚନ ବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍(ଇଭିଏମ୍) ତଥ୍ୟ ସହ ଭୋଟର ଭେରିଫାଏଡ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ସ୍ଲିପ୍‌ର ୧୦୦ ପ୍ରତିଶତ ହାତରେ ଗଣତି କରିବା ପାଇଁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ଦିଲ୍ଲୀ ହାଇକୋର୍ଟ ଗତବର୍ଷ ଅଗଷ୍ଟ ୧୨ରେ ଦେଇଥିବା ରାୟକୁ ହଂସରାଜ ଜୈନ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି, ଦିଲ୍ଲୀ ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିବା ଭଳି କୌଣସି କାରଣ ଆମେ ଦେଖିବାକୁ ପାଉନାହୁଁ। ତେଣୁ ସ୍ୱତନ୍ତ୍ର ଲିଭ୍ ପିଟିଶନକୁ ଖାରଜ




କରାଗଲା ବୋଲି ସିଜେଆଇ ଜଷ୍ଟିସ୍ ଖାନ୍ନା କହିଛନ୍ତି। ପୂର୍ବରୁ ମଧ୍ୟ ସିଜେଆଇଙ୍କ ଅଧ୍ୟକ୍ଷତାରେ ଅନ୍ୟ ଏକ ଖଣ୍ଡପୀଠ ଅନୁରୂପ ପ୍ରସଙ୍ଗରେ ରାୟ ଦେଇଛନ୍ତି। ତେଣୁ ଗୋଟିଏ ମାମଲାରେ ବାରମ୍ବାର ଆବେଦନ କରି ବିରକ୍ତ କରନ୍ତୁ ନାହିଁ ବୋଲି ସିଜେଆଇ କହିଛନ୍ତି। ଇଭିଏମ୍ ତଥ୍ୟ ସହ ଭିଭିପିଏଟି ରେକର୍ଡର ୧୦୦ ପ୍ରତିଶତ ଯାଞ୍ଚ ଆବେଦନକୁ ଖାରଜ କରିବା ଅବସରରେ ସର୍ବୋଚ୍ଚ ଅଦାଲତ ଇଭିଏମ୍‌କୁ ସୁରକ୍ଷିତ, ସରଳ ଏବଂ ବ୍ୟବହାର ଅନୁକୂଳ ବୋଲି କହିଛନ୍ତି।

## ଭାଜପା ସର୍ବାଧିକ ୨,୨୪୩ କୋଟି ଚାନ୍ଦା ପାଇଛି

### ଏଡିଆର୍ ରିପୋର୍ଟ

ନୂଆଦିଲ୍ଲୀ,୭।୪(ପି.ଟି.)

୨୦୨୩-୨୪ ଆର୍ଥିକ ବର୍ଷରେ ଜାତୀୟ ଦଳଗୁଡ଼ିକ ମଧ୍ୟରେ ଭାଜପା ସର୍ବାଧିକ ୨,୨୪୩ କୋଟିରୁ ଊର୍ଦ୍ଧ୍ୱ ଚାନ୍ଦା ସଂଗ୍ରହ କରିଥିବା ଘୋଷଣା କରିଛି। ନିର୍ବାଚନ କମିଶନରେ ଦାଖଲ ହୋଇଥିବା ତଥ୍ୟ ଆଧାରରେ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟରୁ ଏହା ଜଣାପଡ଼ିଛି। ଜାତୀୟ ଦଳଗୁଡ଼ିକ ମୋଟ ୧୨,୫୪୭ଟି ଚାନ୍ଦାରୁ ମୋଟ ୨,୫୪୪.୨୮ କୋଟି ଟଙ୍କା ପାଇଥିବା ଘୋଷଣା କରିଛନ୍ତି, ଯାହା ପୂର୍ବବର୍ଷ ତୁଳନାରେ ୧୯୯% ଅଧିକ। ମୋଟ ଚାନ୍ଦାରୁ କେବଳ ଭାଜପା ଭାଗ ୮୮% ହୋଇଥିବାବେଳେ କଂଗ୍ରେସ ୧,୯୯୪ଟି ଦାନରୁ ୨୮୧.୪୮ କୋଟି ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟ ଜାତୀୟ ଦଳ ମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍), ସିପିଆଇ(ଏମ୍), ନ୍ୟାଶନାଲ ପିପୁଲ୍ସ ପାର୍ଟି ସ୍ୱଳ୍ପ ପରିମାଣର ଚାନ୍ଦା ପାଇଛନ୍ତି। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ୨୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ କୌଣସି ଚାନ୍ଦା ପାଇନାହିଁ।


୨୦୨୨-୨୩ ଆର୍ଥିକ ବର୍ଷରେ ଭାଜପା ୭୧୯.୮୫୮ କୋଟି ଟଙ୍କା ଚାନ୍ଦା ପାଇଥିବାବେଳେ ୨୦୨୩-୨୪ରେ ୨,୨୪୩.୯୪ କୋଟି ଟଙ୍କା ପାଇଛି। ଅର୍ଥାତ୍ ପୂର୍ବବର୍ଷ ତୁଳନାରେ ୨୦୨୩-୨୪ ବର୍ଷରେ ଗୈରିକ ଦଳର ଚାନ୍ଦା ପରିମାଣ ୨୧୧.୭୨% ବୃଦ୍ଧି ପାଇଛି। କଂଗ୍ରେସକୁ ୨୦୨୨-୨୩ରେ ୭୯.୯୨୪ କୋଟି ଟଙ୍କା ମିଳିଥିବାବେଳେ ୨୦୨୩-୨୪ରେ ୨୮୧.୪୮ କୋଟି ଟଙ୍କା ହୋଇଛି। ଅନ୍ୟପକ୍ଷରେ ଆପ୍‌ର ଚାନ୍ଦା ପରିମାଣ ୭୦.୧୮% ହ୍ରାସ ପାଇ ୨୬.୦୩୮ କୋଟି ଟଙ୍କା ହୋଇଥିବାବେଳେ ଏନ୍‌ପିଇପିର ଚାନ୍ଦା ୯୮.୦୨% କମି ୭.୩୩୧ କୋଟି ଟଙ୍କା ରହିଛି। ଜାତୀୟ ଦଳଗୁଡ଼ିକ କର୍ପୋରେଟ ବା ବ୍ୟବସାୟ ସେକ୍ଟରରୁ ମୋଟ ୨,୨୬୨.୫୫ କୋଟି ଟଙ୍କା ଏବଂ ବ୍ୟକ୍ତିଗତ ଦାତାଙ୍କଠାରୁ ୨୭୦.୮୭୨ କୋଟି ଟଙ୍କା ପାଇଛନ୍ତି। ଭାଜପା ୩,୪୭୮ଟି କର୍ପୋରେଟ ସେକ୍ଟରର ଚାନ୍ଦାରୁ ୨,୦୬୪.୫୮ କୋଟି ଏବଂ ୪,୬୨୮ ବ୍ୟକ୍ତିଗତ ଦାତାଙ୍କଠାରୁ ୧୬୯.୧୨୬ କୋଟି ଟଙ୍କା ପାଇଛି। କଂଗ୍ରେସ ୧୦୨ଟି କର୍ପୋରେଟ ସେକ୍ଟରର ଚାନ୍ଦାରୁ ୧୯୦.୩୨୬୩ କୋଟି ଏବଂ ୧,୮୮୨ ବ୍ୟକ୍ତିବିଶେଷଙ୍କଠାରୁ ୯୦.୮୯୯ କୋଟି ଟଙ୍କା ପାଇଥିବା ରିପୋର୍ଟରୁ ଜଣାପଡ଼ିଛି।

## ମଙ୍ଗଳରେ ୩୭୦ କୋଟି ବର୍ଷ ପୁରୁଣା ଜୈବିକ ଅଣୁର ସନ୍ଧାନ

ୱାଶିଂଟନ ୭।୪

ଅନ୍ତର୍ଜାତୀୟ ବୈଜ୍ଞାନିକମାନଙ୍କର ଏକ ଦଳ ମଙ୍ଗଳ ଗ୍ରହରେ ବର୍ତ୍ତମାନ ସୁଦ୍ଧା ମିଳିଥିବା ସବୁଠାରୁ ଲମ୍ବା ଜୈବିକ ଅଣୁର ଆବିଷ୍କାର କରିଛନ୍ତି। ଏହି ଅଣୁଗୁଡ଼ିକ ପୃଥିବୀରେ ଦେଖିବାକୁ ମିଳୁଥିବା ବାୟୋଲୋଜିକାଲ୍ କମ୍ପାଉଣ୍ଡ ସହ ସମାନତା ବହନ କରୁଛି। ଏହି ଆବିଷ୍କାର ପରେ ମଙ୍ଗଳ ଗ୍ରହରେ ପ୍ରାଚୀନ ଜୀବନ କିମ୍ବା ଜୀବନ ପାଇଁ ଉଦ୍ଦିଷ୍ଟ ରସାୟନ ବିଜ୍ଞାନର ଉପସ୍ଥିତି ନେଇ ଆଶା ବଢ଼ିଥିବା ବୈଜ୍ଞାନିକମାନେ କହିଛନ୍ତି।

ଲୋହିତ ଗ୍ରହ ନାମରେ ପରିଚିତ ମଙ୍ଗଳରେ ସବୁଠାରୁ ଲମ୍ବା ଜୈବିକ ଅଣୁର ଆବିଷ୍କାର ହୋଇଛି। ମଙ୍ଗଳ ଗ୍ରହର ମାଟିରେ ୩୭୦ କୋଟି ବର୍ଷ ଧରି ସଂରକ୍ଷିତ ହୋଇ ରହିଥିବା ଏହି ଅଣୁକୁ ଆମେରିକୀୟ



ମହାକାଶ ସଂସ୍ଥା (ନାସା)ର କ୍ୟୁରିୟୋସିଟି ରୋଭର ଦ୍ୱାରା ଆବିଷ୍କାର କରାଯାଇଛି। ଏହା ଲୋହିତ ଗ୍ରହର ଅତୀତକୁ ରସାୟନିକ ଭାବେ ଅଧିକ ଜଟିଳ କରୁଥିବାର ସଂକେତ ଦେଉଛି। ଫ୍ରେଞ୍ଚ୍ ନ୍ୟାଶନାଲ ସେଣ୍ଟର ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚ (ସିଏନ୍‌ଆର୍‌ଏସ୍)ର ବୈଜ୍ଞାନିକମାନେ ଆମେରିକା, ମେକ୍ସିକୋ ଏବଂ ସ୍ପେନ୍‌ର ସହଯୋଗରେ ମଙ୍ଗଳ ଗ୍ରହରେ ଏହି ସବୁଠୁ ଲମ୍ବା ଜୈବିକ ଅଣୁର ସନ୍ଧାନ କରିଛନ୍ତି। ୧୨ ଲଗାତର କାର୍ବନ ଆଟମ୍ ବିଶିଷ୍ଟ କାର୍ବନ ଚେନ୍‌ର ଏହି ଅଣୁଗୁଡ଼ିକ ଫ୍ୟାଟି ଏସିଡ୍ ସଦୃଶ ହୋଇଥାଏ, ଯାହା ପ୍ରାୟତଃ ପୃଥିବୀରେ ହେଉଥିବା ବିଭିନ୍ନ ଜୈବିକ ପ୍ରକ୍ରିୟା ସହ ମଧ୍ୟ ଜଡ଼ିତ ବୋଲି ବୈଜ୍ଞାନିକମାନେ କହିଛନ୍ତି।

ମଙ୍ଗଳ ଗ୍ରହର ସ୍ଥିର ଭୂବିଜ୍ଞାନ ଏବଂ ଥଣ୍ଡା ଓ ଶୁଷ୍କ ଜଳବାୟୁ ଯୋଗୁ ଏହି ଜୈବିକ ପଦାର୍ଥ ପ୍ରାୟ ୩୭୦ କୋଟି ବର୍ଷ ଧରି ମାଟି ନମୁନାରେ ସଂରକ୍ଷିତ ହୋଇରହିଛି। ଗତ ମାର୍ଚ୍ଚ ୨୪ରେ ପିଏନ୍‌ଏଏସ୍ ପତ୍ରିକାରେ ଉକ୍ତ ଆବିଷ୍କାର ନେଇ ଏକ ଅଧ୍ୟୟନ ପ୍ରକାଶିତ ହୋଇଥିଲା। ଏସ୍‌ଏଏମ୍ (ମଙ୍ଗଳରେ ନମୁନା ବିଶ୍ଳେଷଣ) ଉପକରଣର ବ୍ୟବହାର କରାଯାଇ ଏହି ଆବିଷ୍କାର କରାଯାଇଛି। ଏସ୍‌ଏଏମ୍ ଉପକରଣ ହେଉଛି ନାସାର କ୍ୟୁରିୟୋସିଟି ରୋଭରର ଏକ ଅଂଶ। ବୈଜ୍ଞାନିକଙ୍କ ଏହି ସଫଳତା ଭବିଷ୍ୟତର ବିଭିନ୍ନ ମିଶନରେ ପୃଥିବୀ ବାହାରେ ମଧ୍ୟ ଜଟିଳ ଏବଂ ଜୀବନ ପାଇଁ ଉଦ୍ଦିଷ୍ଟ ରସାୟନ ବିଜ୍ଞାନର ଉପସ୍ଥିତିକୁ ଦର୍ଶାଉଥିବା କୁହାଯାଉଛି।

ଫୁରସତ୍

## ମୃଦୁପାନୀୟ ପିଇ ୫୨ ବର୍ଷ ବଞ୍ଚିଛନ୍ତି

ହାନୋଇ

ଭିଏତ୍‌ନାମରେ ଜଣେ ବୃଦ୍ଧା ଗତ ୫୨ ବର୍ଷ ଧରି କେବଳ ପାଣି ଏବଂ ମୃଦୁ ପାନୀୟ ପିଇ ବଞ୍ଚି ରହିଥିବା ନେଇ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଭିଏତ୍‌ନାମର କ୍ୱାଙ୍ଗ୍‌ବିହ୍ନ ରାଜ୍ୟର ଲୋକନିହ୍ନ ଗ୍ରାମରେ ରହୁଥିବା ବୁଇ ଥି ଲୋଇ ନାମ୍ନୀ ଜଣେ ବୃଦ୍ଧାଙ୍କ କାହାଣୀ ସମସ୍ତଙ୍କୁ ବିସ୍ମିତ କରିଛି। ୭୭ ବର୍ଷ ବୟସରେ ମଧ୍ୟ ସେ ଖୁବ୍ ସୁସ୍ଥ ଅଛନ୍ତି। ଗତ ୫୨ ବର୍ଷ ଧରି ଲୋଇ କୌଣସି ପ୍ରକାରର କଠିନ ଖାଦ୍ୟ ନ ଖାଇ କେବଳ ପାଣି ଏବଂ ବିଭିନ୍ନ ପ୍ରକାର ସଫ୍ଟ ଡ୍ରିଙ୍କ୍ସ ପିଇ ବଞ୍ଚି ରହିଛନ୍ତି ବୋଲି ଲୋଇ ଦାବି କରିଛନ୍ତି।

୧୯୬୩ରେ ଲୋଇ ଏକ ବଜ୍ରପାତର ଶିକାର ହୋଇଥିଲେ, ଏହାପରଠାରୁ ତାଙ୍କ ଜୀବନ ସବୁଦିନ ପାଇଁ ବଦଳିଯାଇଥିଲା। ଲୋଇ ଅନ୍ୟ କେତେଜଣ ମହିଳାଙ୍କ ସହ ଯୁଦ୍ଧରେ ଆହତ ସୈନ୍ୟଙ୍କୁ ଚିକିତ୍ସା କରିବା ପାଇଁ ଏକ ପର୍ବତ ଉପରେ


ବୁଇ ଥି ଲୋଇ

ଚଢ଼ୁଥିଲେ। ଏହି ସମୟରେ ହଠାତ ବଜ୍ରପାତ ହୋଇଥିଲା, ଯାହାର ପ୍ରଭାବରେ ଲୋଇ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଜୀବନ ବଞ୍ଚିଯାଇଥିଲେ ମଧ୍ୟ ଚେତା ଫେରି ପାଇବା ପରେ ସୋ ଆଉ ଖାଇପାରି ନ ଥିଲେ। ଅନେକ ଦିନ ପର୍ଯ୍ୟନ୍ତ କିଛି ନ ଖାଇବାରୁ ତାଙ୍କୁ ସମ୍ପର୍କୀୟ ଓ ପଡୋଶୀମାନେ ପିଇବାକୁ ବିଭିନ୍ନ ମୃଦୁ ପାନୀୟ ଦେବା ଆରମ୍ଭ କରିଥିଲେ। କିଛିବର୍ଷ ଧରି ଲୋଇ ନିଜ ପରିବାର ଏବଂ ବନ୍ଧୁଙ୍କ ଜିଦ୍‌ରେ ଫଳ ଖାଉଥିଲେ ମଧ୍ୟ ତାଙ୍କୁ ଆଉ ଭୋକ ଲାଗୁ ନ ଥିଲା। ୧୯୭୩ରେ ସେ ସବୁଦିନ ପାଇଁ କଠିନ ଖାଦ୍ୟ ଖାଇବା ଛାଡ଼ି ଦେଇଥିଲେ ଏବଂ ସେବେଠାରୁ ବର୍ତ୍ତମାନ ସୁଦ୍ଧା ସେ କେବଳ ଜଳ ଏବଂ ମୃଦୁ ପାନୀୟ ପିଇ ବଞ୍ଚି ରହିଛନ୍ତି ବୋଲି ଲୋଇ କହିଛନ୍ତି। ତାଙ୍କ ଫ୍ରିଜ୍ ଏବଂ ଫ୍ରିଜରରେ କିଛି ପାଣି ବୋତଲ ଏବଂ ମୃଦୁ ପାନୀୟ ଛଡ଼ା ଆଉ କିଛି ନ ଥାଏ। ସେହିପରି ଖାଦ୍ୟର ବାସ୍ନାରେ ତାଙ୍କୁ ବାନ୍ତି ଆସିଯାଏ ବୋଲି ସେ କୁହନ୍ତି। ପିଲାମାନେ ଛୋଟ ଥିବା ସମୟରେ ଲୋଇ ସେମାନଙ୍କ ପାଇଁ ରାନ୍ଧୁଥିଲେ। ତେବେ ସେହି ରନ୍ଧା ଖାଦ୍ୟକୁ ସେ ନିଜେ କେବେ ମଧ୍ୟ ଖାଆନ୍ତି ନାହିଁ ବୋଲି ସେ କହିଛନ୍ତି। ବର୍ତ୍ତମାନ ତାଙ୍କ ପିଲାମାନେ ବଡ ହୋଇ ରୋଜଗାର କରିବା ଉଦ୍ଦେଶ୍ୟରେ ବାହାରେ ରହୁଛନ୍ତି, ତେଣୁ ଲୋଇଙ୍କୁ ଆଉ ରୋଷେଇ କରିବାକୁ ପଡୁନାହିଁ।

ସାଧାରଣତଃ ସ୍ୱାସ୍ଥ୍ୟ ପାଇଁ ସନ୍ତୁଳିତ ଖାଦ୍ୟ ଖାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ଡାକ୍ତରମାନେ ସର୍ବଦା କହି ଆସିଥାନ୍ତି। ତେବେ ଲୋଇଙ୍କ କ୍ଷେତ୍ରରେ ଠିକ୍ ଏହାର ବିପରୀତ ଘଟିଛି। ଭିଏତ୍‌ନାମ-କ୍ୟୁବା ଫ୍ରେଣ୍ଡ୍‌ଶିପ୍ ହସ୍ପିଟାଲର ପୁଷ୍ଟିକର ବିଭାଗର ଜଣେ ଡାକ୍ତର କହିଛନ୍ତି, ବିଭିନ୍ନ ମିଠା ପାନୀୟରେ ଥିବା ଚିନି ଶରୀରକୁ ତତ୍‌କ୍ଷଣାତ ଶକ୍ତି ପ୍ରଦାନ କରିଥାଏ ଏବଂ ଏହା ଶରୀରର ହଜମ ପ୍ରକ୍ରିୟାକୁ ଚଳାଇବାରେ ମଧ୍ୟ ସାହାଯ୍ୟ କରିଥାଏ।

## ଆତଙ୍କବାଦୀଙ୍କ ସାମ୍ନା କରିବେ ଇମ୍ରାନ୍


ଇମ୍ରାନ୍ ହାଶ୍‌ମୀ

**ମୁମ୍ବାଇ:** ବଲିଉଡ୍ ଅଭିନେତା ଇମ୍ରାନ୍ ହାଶ୍‌ମୀଙ୍କ ଆଗାମୀ ଫିଲ୍ମ 'ଗ୍ରାଉଣ୍ଡ ଜିରୋ'ର ଟ୍ରେଲର ସୋମବାର ରିଲିଜ୍ ହୋଇଛି। ଏହି ଟ୍ରେଲରରେ ଇମ୍ରାନ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍)ର ଜଣେ କମାଣ୍ଡାଣ୍ଟ ଭାବେ ନଜରକୁ ଆସିଛନ୍ତି। ସେ ବିଏସ୍‌ଏଫ୍ କମାଣ୍ଡାଣ୍ଟ ନରେନ୍ଦ୍ର ନାଥ ଦୁବେଙ୍କ ଚରିତ୍ରକୁ ନିଭାଉଛନ୍ତି। କଶ୍ମୀରରେ ଆତଙ୍କବାଦୀଙ୍କ ମୁକାବିଲା ପାଇଁ ଇମ୍ରାନ୍ ଏକ ମିଶନରେ ଥିବା ନେଇ

### 'ଗ୍ରାଉଣ୍ଡ ଜିରୋ' ଟ୍ରେଲର ଆଉଟ୍

ଟ୍ରେଲରରେ ଦେଖିବାକୁ ମିଳିଛି। ଇମ୍ରାନ୍‌ଙ୍କୁ ପ୍ରାୟତଃ ବିଭିନ୍ନ ବୋଲ୍ଡ ଚରିତ୍ରରେ ଅଭିନୟ କରୁଥିବାର ଦେଖିବାକୁ ମିଳୁଥିବା ବେଳେ 'ଗ୍ରାଉଣ୍ଡ ଜିରୋ' ବିଏସ୍‌ଏଫ୍ କମାଣ୍ଡାଣ୍ଟ ଇମ୍ରାନଙ୍କ ଆକ୍ସନ ଅବତାରକୁ ଟ୍ରେଲରରେ ତାଙ୍କ ପ୍ରଶଂସକ ଖୁବ୍ ପସନ୍ଦ କରିଛନ୍ତି। ସେହିପରି 'ଗ୍ରାଉଣ୍ଡ ଜିରୋ'ର ଟ୍ରେଲରରେ ଦେଶପ୍ରେମୀ ଭାବନା ସହ ରହିଥିବା ସଂଳାପଗୁଡ଼ିକ ମଧ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଛି। ଏହି ଫିଲ୍ମଟି କଶ୍ମୀରରେ ବଢୁଥିବା ଆତଙ୍କବାଦ୍ ସ୍ଥିତିକୁ ନେଇ ଆଧାରିତ ରହିଛି। ଏପ୍ରିଲ ୨୫ରେ ଏହି ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ଏସ୍. ଶଙ୍କରଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ ଥ୍ରୀଲର ଫିଲ୍ମରେ ଅଭିନେତ୍ରୀ ସାଇ ତାମନ୍‌କର ଓ ଜୋୟା ହୁସେନଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏକ ସତ୍ୟ ଘଟଣାକୁ ନେଇ 'ଗ୍ରାଉଣ୍ଡ ଜିରୋ'ର କାହାଣୀ ଆଧାରିତ ବୋଲି ନିର୍ମାତାଙ୍କ ପକ୍ଷରୁ କୁହାଯାଇଛି।

# ଦିଲ୍ଲୀରେ ଏବେ ବି ମୁଠା ଟାଣ

ଭୁବନେଶ୍ୱର, ୭।୪(ରବିନାରାୟଣ ଜେନା)

ୱକ୍‌ଫ ବିଲ୍ ପ୍ରସଙ୍ଗରେ ଭି.କେ. ପାଣ୍ଡିଆନଙ୍କୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଥିବାବେଳେ ଦିଲ୍ଲୀରେ ସୁଜାତା ଆର. କାର୍ତ୍ତିକେୟନଙ୍କ ଅବସରକୁ ନେଇ କେତେକ ଓଡ଼ିଆ ଅଫିସରଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ଓଡ଼ିଶାର ଜଣେ ମହିଳା ପ୍ରଶାସନିକ ଅଧିକାରୀ କିଭଳି ତାଙ୍କ କାର୍ଯ୍ୟକାଳ ଭିତରେ ମହିଳାମାନଙ୍କ ପ୍ରେରଣାର ଉତ୍ସ ସାଜିଥିଲେ ଓ ମହିଳା ସଶକ୍ତୀକରଣ କରିଥିଲେ ସେନେଇ ଦିଲ୍ଲୀରେ ଏକ ଇଂଲିଶ ଲିଫ୍ ଲେଟ୍ ବିଭିନ୍ନ କାର୍ଯ୍ୟାଳୟରେ ଘୂରି ବୁଲୁଛି। ଏଭଳି ବାର୍ତ୍ତା ଜଣେ ସ୍ୱେଚ୍ଛାକୃତ ଅବସର ଓଡ଼ିଆ ମହିଳା ଅଧିକାରୀଙ୍କ କ୍ଷେତ୍ରରେ ପ୍ରଥମ ଘଟଣା ହୋଇଥିବାରୁ ଏହାକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। କେତେକ ବରିଷ୍ଠ ଖବରଦାତା ଏହାକୁ ସୁଜାତାଙ୍କ ରାଜନୈତିକ ଚାଲ୍ ବୋଲି କହୁଥିବାବେଳେ ଆଉ କେତେକେ ଜଣେ ସଫଳ ମହିଳାଙ୍କ କାହାଣୀ ବୋଲି ବିବେଚନା କରୁଛନ୍ତି।

ତେବେ ସୂତ୍ର ଅନୁଯାୟୀ, ସୁଜାତା ମାର୍ଚ୍ଚ ୧୩ରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ ପାଇଁ ରାଜ୍ୟ ସରକାରଙ୍କୁ ଆବେଦନ କରିଥିଲେ। ୨୭ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭାରତ ସରକାରଙ୍କୁ ସ୍ୱେଚ୍ଛାକୃତ ଅବସର ମଞ୍ଜୁର ପାଇଁ ସୁପାରିସ କରାଯାଇଥିଲା। ମାର୍ଚ୍ଚ ୨୮ରେ ଭାରତ ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ସୁଜାତାଙ୍କ ଅବସର ପତ୍ରକୁ ଅନୁମୋଦନ କରିଥିଲେ। ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରର ଅନୁମତି ମିଳିଥିଲା। ଏଥିରେ ଦିଲ୍ଲୀରେ ତାଙ୍କର କେତେ ମୁଠା ଟାଣ (ପକଡ) ରହିଛି ତାହା ସ୍ପଷ୍ଟ ବୁଝାପଡୁଛି। ଏହା ପରେ ଦିଲ୍ଲୀର କେତେକ ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ଏକ ଇଂଲିଶ ଲିଫ୍ ଲେଟ୍ ଜରିଆରେ ସୁଜାତାଙ୍କ କୃତିତ୍ୱ ବଣ୍ଟନ କରାଯାଇଥିଲା।

ଲିଫ୍ ଲେଟ୍‌ରେ ଉଲ୍ଲେଖ ରହିଛି, ସେ ଜଣେ ମହିଳା; ଯିଏ ସଦାସର୍ବଦା ମହିଳାଙ୍କୁ ସଶକ୍ତୀକରଣ କରିବାର ଲକ୍ଷ୍ୟ ରଖିଥିଲେ। ୨୦୦୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ଭାବରେ ସୁଜାତା ଯୋଗଦେଇଥିଲେ ଏବଂ ଆଇଏଏସ୍ ଏକାଡେମୀରେ ସେ ସ୍ୱର୍ଣ୍ଣପଦକ ବିଜେତା ଥିଲେ।

ନକ୍ସଲ ପ୍ରଭାବିତ ସୁନ୍ଦରଗଡ଼ ଜିଲାରେ ଜିଲାପାଳ ଭାବେ ସୁଜାତା କାମ କରୁଥିବାବେଳେ ସେ ଏକ ନୂଆ ପଦକ୍ଷେପ ନେଇଥିଲେ। ସୁନ୍ଦରଗଡ଼ ଜିଲାରେ ବିଦ୍ୟାଳୟରେ ଡ୍ରପ୍ ଆଉଟ୍ ହାର କମାଇବା ପାଇଁ ୨୦୦୫ରେ ବ୍ୟାଙ୍କ ପ୍ରୋତ୍ସାହନରେ ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କ ପାଇଁ ସାଇକେଲ ଯୋଗାଇବାର ବ୍ୟବସ୍ଥା ଆରମ୍ଭ କରିଥିଲେ। ସେତେବେଳେ ଝିଅମାନଙ୍କ ପାଇଁ ବିଦ୍ୟାଳୟକୁ ଯିବା ରାସ୍ତା ଅତ୍ୟନ୍ତ ଦୁର୍ଗମ ଥିଲା, ବିଶେଷ କରି ଅଷ୍ଟମ ଶ୍ରେଣୀ ପରେ ଜନଜାତି ଝିଅମାନେ ବିଦ୍ୟାଳୟ ଛାଡ଼ି ଦେଉଥିଲେ। ଏହାକୁ ନେଇ ସେ ସାଇକେଲ ଯୋଜନା ଆରମ୍ଭ କରିଥିଲେ। ଏହାର ମୁଖ୍ୟ ମନ୍ତ୍ର ଥିଲା 'ଚଳନଶୀଳତା ହେଉଛି ସଶକ୍ତୀକରଣ'। ଏହି ସରଳ ପଦକ୍ଷେପ ଯୋଗୁ ଛାତ୍ରୀମାନଙ୍କ ଶିକ୍ଷା ଅବ୍ୟାହତ ରହିଲା ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ସଶକ୍ତ କରିଥିଲା। ପରେ ଏହି ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇଥିଲା।

ପରବର୍ତ୍ତୀ ସମୟରେ ସେ 'ଫୁଟବଲ୍ କଲେକ୍ଟର' ଭାବେ ଜଣାଶୁଣା ଥିଲେ, କାରଣ ସେ ଝାଡ଼ଖଣ୍ଡ ଓ ଛତିଶଗଡ଼ ସୀମାନ୍ତ ଦୂରବର୍ତ୍ତୀ ଗ୍ରାମଗୁଡ଼ିକୁ ଫୁଟବଲ୍ ଓ ହକି ସାମଗ୍ରୀ ବଣ୍ଟନ କରୁଥିଲେ। ଯୁବବର୍ଗଙ୍କୁ ଖେଳ ପାଇଁ ପ୍ରୋତ୍ସାହନ ମିଳୁଥିବାରୁ ସେ ଏହାକୁ ସ୍ୱାଗତ କରୁଥିଲେ। ଫଳରେ ନକ୍ସଲ ଅପରାଧ ବା ମାଦକଦ୍ରବ୍ୟରୁ ଯୁବବର୍ଗ ଦୂରେଇ ରହୁଥିଲେ। ୨୦୦୬ରେ ସୁନ୍ଦରଗଡ଼ ଜିଲାରେ ମଧ୍ୟାହ୍ନଭୋଜନ ଯୋଜନାରେ ଅଣ୍ଡାକୁ ସାମିଲ କରିଥିଲେ ବୋଲି ଲିଫ୍‌ଲେଟ୍‌ରେ ଉଲ୍ଲେଖ ରହିଛି।

ପରେ ସେ କଟକ ଜିଲାପାଳ ଓ ମିଶନ ଶକ୍ତି ନିର୍ଦ୍ଦେଶିକାରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଭାବରେ କାର୍ଯ୍ୟ କରିଛନ୍ତି। ସେହି ସମୟରେ, ସେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିଥିବା ଲିଫ୍‌ଲେଟ୍‌ରେ ଉଲ୍ଲେଖ ରହିଛି; ଯାହା ସବୁ ସମ୍ଭବତଃ ସରକାରୀ ଅଫିସର କରିବା କଥା। ତେବେ ଏହି ଲିଫ୍‌ଲେଟ୍ ବଣ୍ଟନକୁ ନେଇ ସୃଷ୍ଟି ହୋଇଥିବା କୌତୂହଳ ଏବେ ନିକଟରେ ଓଡ଼ିଶାରେ ଆସି ପହଞ୍ଚିଛି।

# ବିଦ୍ୟାଳୟରେ କୁନି ଶିଶୁଙ୍କୁ ବର୍ଣ୍ଣବୋଧ ବାଣ୍ଟିଲେ ମନ୍ତ୍ରୀ, ଏମ୍‌ପି

## ଓଡ଼ିଆ ଭାଷା ଜ୍ଞାନ ବୃଦ୍ଧିରେ ବର୍ଣ୍ଣବୋଧର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୭।୪(ସୁଚିସ୍ମିତା ସାହୁ)

ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସ ସୋମବାର ସାରା ରାଜ୍ୟରେ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାରମ୍ଭର ଆଦ୍ୟ ପୁସ୍ତକ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ରଚିତ 'ବର୍ଣ୍ଣବୋଧ'କୁ ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁଙ୍କୁ ପ୍ରଦାନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ ଜିଲା ନିମାପଡାସ୍ଥିତ ସାଇଁସ ଶାସନ ପଞ୍ଚାୟତର ଏସ୍.ଏସ୍.ପି ଉଚ୍ଚ ବିଦ୍ୟାଳୟରେ ଶିଶୁମାନଙ୍କୁ ବର୍ଣ୍ଣବୋଧ ପୁସ୍ତକ ବାଣ୍ଟିଥିଲେ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲା ଉମରକୋଟର ଭାଲୁଗୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବର୍ଣ୍ଣବୋଧ ବଣ୍ଟନ ଉତ୍ସବରେ ଯୋଗଦେଇଥିଲେ। ଓଡ଼ିଆ ଅକ୍ଷର ଚିହ୍ନିବା, ଲେଖିବା ଓ ଭାଷା ଜ୍ଞାନକୁ ବୃଦ୍ଧି କରିବାରେ ବର୍ଣ୍ଣବୋଧର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଇଥିବା ବର୍ଣ୍ଣବୋଧ ବହିକୁ ବିଦ୍ୟାଳୟର କୁନି କୁନି ପିଲାଙ୍କୁ ବଣ୍ଟନ କରାଯାଉଛି ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ।



ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲା ଉମରକୋଟର ଭାଲୁଗୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ବର୍ଣ୍ଣବୋଧ ପ୍ରଦାନ କରୁଛନ୍ତି।

ବର୍ଣ୍ଣବୋଧ ଉତ୍ସବକୁ ନେଇ ଉଚ୍ଚଶିକ୍ଷା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସ ଅବସରରେ ରାଜ୍ୟର ଅନେକ ସ୍ଥାନରେ ବିଶେଷକରି ଉପାନ୍ତ ଅଞ୍ଚଳ, ଯେଉଁଠି ଅନ୍ୟ ଭାଷାର ପ୍ରଭାବ ରହୁଛି, ସେଠାରେ ପିଲାମାନଙ୍କୁ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆମ ଭାଷାରେ ଅଧ୍ୟୟନ ଓ ଏହାର ବ୍ୟବହାର ବୃଦ୍ଧି ନିମନ୍ତେ ଏହି ପଦକ୍ଷେପ ସମୟାନୁକ୍ରମେ ଫଳପ୍ରଦ ହେବ ବୋଲି ସେ କହିଛନ୍ତି। ସେହିପରି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନୀଳଗିରିରେ ଆୟୋଜିତ ଉତ୍ସବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ବହି ବାଣ୍ଟିଥିଲେ। ଏଥିସହିତ ସେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଏହି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ସେହିପରି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସୀମାନ୍ତବର୍ତ୍ତୀ ଅଞ୍ଚଳସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆର. ଏସ. ସି-୧୨ ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟ କାଦଗୁମ୍ମାଠାରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଛି।

ଅନ୍ୟପକ୍ଷରେ ବର୍ଣ୍ଣବୋଧ ବଣ୍ଟନ ଉତ୍ସବ ଅବସରରେ ସମସ୍ତ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁ ଓ ବିଦ୍ୟାଳୟରେ ଥିବା ପାଠାଗାରକୁ ବର୍ଣ୍ଣବୋଧ ପୁସ୍ତକ ପ୍ରଦାନ କରାଯାଇଛି। ବିଶେଷ ଭାବରେ ଉପାନ୍ତ ଅଞ୍ଚଳରେ ରହିଥିବା ବିଦ୍ୟାଳୟଗୁଡ଼ିକରେ ବର୍ଣ୍ଣବୋଧ ବଣ୍ଟନ ଉତ୍ସବ ପାଳିତ ହୋଇଛି। ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଓଡ଼ିଆ ପକ୍ଷ ପାଳନର ଏହି ଉତ୍ସବରେ ସାମିଲ ହୋଇଥିଲେ।

# ଚଳିତ ମାସରେ ସ୍ୱୟଂସହାୟକ ଗୋଷ୍ଠୀର ପୁନର୍ଗଠନ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୪(ସୁନିତ୍ ମିଶ୍ର)

■ବଦଳିବେ ସଭାପତି ଓ ସମ୍ପାଦକ
■ ବିନା ରେଜିଷ୍ଟ୍ରେଶନରେ ଏସ୍‌ଏଚ୍‌ଜିକୁ ଯାଇଛି ବହୁ କୋଟି ଟଙ୍କା
■ ରାଜନୈତିକ ଉଦ୍ଦେଶ୍ୟ ରଖି ଭାଜପା ସରକାର ମହିଳାଙ୍କୁ ବ୍ୟବହାର କରୁଛନ୍ତି: ପ୍ରମିଳା

ସ୍ୱୟଂ ସହାୟକ ଗୋଷ୍ଠୀ ଚଳିତ ମାସରେ ପୁନର୍ଗଠନ ହେବ। ଏହା ପର ମାସରେ ଜିପିଏଲ୍‌ଏଫ୍, ସିପିଏଲ୍ ଓ ବିଏଲ୍‌ଏଫ୍‌ଙ୍କୁ ଜିଲା ଓ ରାଜ୍ୟସ୍ତରରେ ନୂଆ ନିଯୁକ୍ତି ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ପରିଡ଼ା କହିଛନ୍ତି, ପୂର୍ବ ସରକାରରେ ବହୁ ମହିଳା ଏସ୍‌ଏଚ୍‌ଜିରୁ ବଞ୍ଚିତ ଅଛନ୍ତି। ଏବେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ସବୁ ଘରକୁ ଯୋଡ଼ିବାକୁ ଆରମ୍ଭ କରିଛନ୍ତି। ପୂର୍ବରୁ ରାଜନୈତିକ ଉଦ୍ଦେଶ୍ୟ ରଖି ଲୋକଙ୍କୁ ଗ୍ରୁପ୍ ସହ ଯୋଡ଼ା ଯାଇଥିଲା। ଏବେ ସମସ୍ତଙ୍କୁ ଜିପିଏଲ୍ ନିର୍ବାଚନରେ ଭାଗନେବାକୁ ସୁଯୋଗ ମିଳିବ। ପୂର୍ବରୁ ଯେଉଁମାନେ ସଭାପତି ଓ ସମ୍ପାଦକ ଅଛନ୍ତି, ଯେଉଁମାନେ ୨ଥର ୪ ବର୍ଷରୁ ଅଧିକ ରହି ସାରିଛନ୍ତି ସେମାନେ ଆଉ ରହିପାରିବେ ନାହିଁ। ପୂର୍ବରୁ ଯେଉଁମାନେ ସଭାପତି ଓ ସମ୍ପାଦକ ଅଛନ୍ତି, ସେମାନଙ୍କୁ ବାହାର କରି ନୂଆ ଲୋକ ରହିବେ। ପୂର୍ବ ସରକାରରେ ବିନା ରେଜିଷ୍ଟ୍ରେଶନରେ ଏସ୍‌ଏଚ୍‌ଜିକୁ ବହୁ କୋଟି ଟଙ୍କା ଦିଆଯାଇଛି। ରେଜିଷ୍ଟ୍ରେଶନ ନ ଥିବାରୁ ଅଡିଟ୍ ହୋଇନାହିଁ। ଯେଉଁଠି ରେଜିଷ୍ଟ୍ରେଶନ ଓ ଅଡିଟ ନାହିଁ ତା'ର ଉଦ୍ଦେଶ୍ୟ କ'ଣ ଜଣାପଡୁଛି ବୋଲି ପ୍ରଭାତୀ କହିଛନ୍ତି।

ପ୍ରଭାତୀଙ୍କ ଏଭଳି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ରାଜନୈତିକ ଉଦ୍ଦେଶ୍ୟ ରଖି ଭାଜପା ସରକାର ମହିଳାମାନଙ୍କୁ ବ୍ୟବହାର କରିବାକୁ ଚାହୁଁଛନ୍ତି। ପୂର୍ବରୁ ଯେଉଁମାନେ ଭଲ କାମ କରି ଲକ୍ଷପତିଦିଦି ସୃଷ୍ଟି କରିଛନ୍ତି ସେମାନଙ୍କୁ ଅପମାନ ଦେବା ପାଇଁ ଏବଂ ମହିଳା ସଙ୍ଗଠନ ଭାଙ୍ଗିବା ଲାଗି ଓ ସେମାନଙ୍କୁ ଆତ୍ମସମ୍ମାନ ନଷ୍ଟକରିବାକୁ ସରକାର ଏଭଳି ବିଧିବଦ୍ଧ ଯୋଜନା କରିଛନ୍ତି। ବିଜେଡି ଯଦି ରାଜନୈତିକ ଉଦ୍ଦେଶ୍ୟ ରଖି ଏସବୁ ପରିବର୍ତ୍ତନ କରିଥିଲା ଏବେ ଭାଜପା କେଉଁ ଉଦ୍ଦେଶ୍ୟ ରଖି ଏପରି କରୁଛି ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି।

# ଜଳୁଛି ସ୍ୱର୍ଣ୍ଣଚୂଡ଼ ପାହାଡ଼ର ଚାଲଣାପାଳ ଜଙ୍ଗଲ

ନୀଳଗିରି, ୭।୪(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ରେଞ୍ଜ ଅଧୀନ ସ୍ୱର୍ଣ୍ଣଚୂଡ ପାହାଡ଼ ଚାଲଣାପାଳ ଜଙ୍ଗଲରେ ନିଆଁ ଲାଗିଛି। ଭୟଙ୍କର ଜଙ୍ଗଲ ନିଆଁରେ ବହୁ ମୂଲ୍ୟବାନ ବୃକ୍ଷ ଜଳିପୋଡ଼ି ନଷ୍ଟ ହେବାକୁ ବସିଛି। ପବନର ବେଗ ବଢିବା ସହ ନିଆଁ ବ୍ୟାପିବାରେ ଲାଗିଛି। ଆଖି ପିଛୁଳାକେ ଆଗକୁ ଆଗକୁ ମାଡି ଚାଲିଛି ନିଆଁ। ଫଳରେ ବନ୍ୟ ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ଦେଖାଯାଇଛି।

ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଏ ସମ୍ପର୍କରେ ଜଣାପଡ଼ିଥିଲା। ପବନ ଯୋଗୁ ନିଆଁର ପ୍ରକୋପ ଅଧିକ ରହିଥିଲା। ଫଳରେ ସନ୍ଧ୍ୟା ସୁଦ୍ଧା ଏକର ଏକର ଜଙ୍ଗଲର ଶହ ଶହ ଗଛ ପୋଡ଼ିଯାଇଥିଲା। ଖବର ପାଇ ନୀଳଗିରି ବନ ବିଭାଗର ୧୦ଜଣ ବନ କର୍ମଚାରୀ ପହଞ୍ଚି ବ୍ଲୟର ଦ୍ୱାରା ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ହେଲେ ସଫଳ ହୋଇ ନ ଥିଲେ। ଏହି ଖବର ପ୍ରଚାରିତ ହେଉଥିବା ବେଳେ ନିଆଁ ଲିଭାଇବାରେ ସହଯୋଗର ହାତ ବଢାଇଥିଲେ ନୀଳଗିରି ବ୍ଲକ ଅଧୀନ ଗୋପୀନାଥପୁର ଅଞ୍ଚଳର ମହାବୀର ଫାଉଣ୍ଡେସନ ବିଦ୍ୟାଧର ବାରିକଙ୍କ ସଂଗଠନର ସକ୍ରିୟ ସଦସ୍ୟମାନେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଏସ୍ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ ଛକ, ସମୟ: ସକାଳ ୯ଟା ୩୦।
- ଶିକ୍ଷା ଅଧିକାର ସମ୍ମେଳନ କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ରାମଲୀଳାର ନାଟକ 'ଶ୍ରୀରାମ ଜନ୍ମ', ସ୍ଥାନ: ସୀତା ରାମେଶ୍ୱର ମନ୍ଦିର ପରିସର, ଗୋତଲବିନ୍ଧା, ସମୟ: ରାତି ୧୧ଟା।
- ଶ୍ରୀ ପତିତପାବନ ରାମଲୀଳା ନାଟ୍ୟ ପରିଷଦର ନାଟକ 'ସୀତା ବିବାହ', ସ୍ଥାନ: ପତିତପାବନ ମନ୍ଦିର ପରିସର, କାକରୁଦ୍ରପୁର, ସମୟ: ରାତି ୧୧ଟା।
- ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ୪୭ତମ ବାର୍ଷିକ ରାମଲୀଳାର ନାଟକ 'ଗଙ୍ଗା ସ୍ନାନ', 'ନୈକା ଯାତ୍ରା ଓ ତାଡ଼କା ବଧ', ସ୍ଥାନ: ରାମଲୀଳା ପଡ଼ିଆ, ବେଣ୍ଟପୁର, ସମୟ: ରାତି ୧୧ଟା।
- ରାମଲୀଳାର ନାଟକ 'ଶିବ ଧନୁ ଭଙ୍ଗ ଓ ସୀତା ବିବାହ' ସ୍ଥାନ: ରାମଲୀଳା ପଡ଼ିଆ, ବଇଚୁଆ ଗ୍ରାମ, ସମୟ: ରାତି ୧୧ଟା।

## କଟକ
- ଏସ୍ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: କଚେରୀ ଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଚିନ୍ମୟ ମିଶନ କଟକ ଆନୁକୂଲ୍ୟରେ ସ୍ୱାମୀ ସଦାନନ୍ଦ ସରସ୍ୱତୀଙ୍କ ସୁନ୍ଦରାକାଣ୍ଡ ପ୍ରବଚନ, ସ୍ଥାନ: ଫିରିଙ୍ଗିବଜାର ଚିନ୍ମୟ ମିଶନ ପରିସର, ସମୟ : ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଶ୍ରୀରାମଚରିତ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୬ଟା।
- ମା' ତାରିଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: କଡ଼ାମଲ୍ଲ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୭ଟା।
- ଶ୍ରୀଜଗନ୍ନାଥ ବିଗ୍ରହ ପ୍ରତିଷ୍ଠାର ଅଷ୍ଟମ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, କନ୍ତିଆ, ଜଟଣୀ, ସମୟ: ସକାଳ ୭ଟା।
- ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ରାମାୟଣ ନାଟ୍ୟ ଉତ୍ସବ, ସ୍ଥାନ: ବାଘମାରୀ ତଳସାହି, ସମୟ: ରାତି ୮ଟା।
- ରାମାୟଣ ନାଟ୍ୟ ମହୋତ୍ସବ, ସ୍ଥାନ: କଡ଼ାମଲ୍ଲ, ବେଗୁନିଆ ଉପକଣ୍ଠ,ସମୟ: ରାତି ୮ଟା।

## ବାଲେଶ୍ୱର
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚମ୍ପିୟାନସିପ୍ ଦ୍ୱିତୀୟ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୭ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ସକାଳ ୮ଟା।
- ସ୍ଥାନ: ଶାନ୍ତିଲତା ମହାବିଦ୍ୟାଳୟ, ଉଇଚିକିରି, ବାଲେଶ୍ୱର, ସମୟ: ସକାଳ ୯ଟା।
- ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଭସାଣି ଶୋଭାଯାତ୍ରା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ନଗର ଶୋଭାଯାତ୍ରା, ସ୍ଥାନ: ମେଡିକାଲ ପଡ଼ିଆ, ଧାମନଗର, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ଧାମନଗର ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ୍‌ବ୍ୟାଙ୍କ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍‌ଶ୍ରୀ ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଷେଣ୍ଡେତିରା, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ବିଜୟା ଦଶମୀ ମହାଯଜ୍ଞ ସମିତିର ନଗର ସଂକୀର୍ତ୍ତନ, ପୂର୍ଣ୍ଣାହୁତି ଓ ରାବଣ ପୋଡ଼ି, ସ୍ଥାନ: ମେଳଣ ପଡ଼ିଆ, ଧାମନଗର, ସମୟ: ଅପରାହ୍ନ ୩ଟା।
- ଶ୍ରୀ ବାସୁଦେବଜୀଉଙ୍କ ଯଜ୍ଞ ପାଇଁ ଘଟୋତ୍ତଳନ, ସ୍ଥାନ: ସଙ୍ଗ୍ୟା ମହାଦେବସାହି, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।ହ୍

## କେନ୍ଦୁଝର
- ସତ୍ୟନାରାୟଣ ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାପୀଠ ପରିସର, ଢେଙ୍କିକୋଟ, ସମୟ: ସକାଳ ୮ ଟା।

## ମୟୂରଭଞ୍ଜ
- ସିଏମ୍ ଟ୍ରଫି-୨୦୨୫ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ ପଡ଼ିଆ, ସମୟ: ସକାଳ ୮ଟା।
- ମା' ମଙ୍ଗଳାଙ୍କ କଳସ ଶୋଭାଯାତ୍ରା, ସ୍ଥାନ: ଟକଟପୁର ପାତାଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ବାରିପଦା, ସମୟ: ସକାଳ ୯ଟା।
- ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଧୁବନ ମିନି ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୩ଟା।
- କରଞ୍ଜିଆ ମହୋତ୍ସବ, ସ୍ଥାନ: ମିଳନ ପଡ଼ିଆ, କରଞ୍ଜିଆ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ସକାଳ ୮ ଟା।
- ରକ୍ତ ଦାନ ଶିବିର,ସ୍ଥାନ: ପିପୁଲ୍ସ କଲେଜ ବୁଗୁଡ଼ା, ସମୟ: ସକାଳ ୯ଟା।
- ଅଷ୍ଟଦଣ୍ଡ ମହାମିଳନ, ସ୍ଥାନ: ଆସିକା ବ୍ଲକ ସନ୍ଧିନୂଆପଲ୍ଲୀ, ନିରଞ୍ଜନ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚୁଦଣ୍ଡ ମହାମିଳନ,ସ୍ଥାନ: ବୁଗୁଡ଼ା ଜଗତପାଟଣା, ସମୟ: ମଧ୍ୟାହ୍ନ ୧୨ଟା।

## କନ୍ଧମାଳ
- ପଞ୍ଚଦଣ୍ଡ ମିଳନ ସମାରୋହ, ସ୍ଥାନ: ସିମନବାଡ଼ି, ସମୟ: ପୂର୍ବାହ୍ନ ୧୦ ଟାରୁ ଆରମ୍ଭ।
- ଅଷ୍ଟଶମ୍ଭୁ ମିଳନ, ସ୍ଥାନ: କ. ନୂଆଗାଁ ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ହେଲ୍‌ଥ ଅର୍ଗାନାଇଜେଶନ(ପିଏଚ୍‌ଓ) ପକ୍ଷରୁ ସୁରକ୍ଷିତ ମାତୃତ୍ୱ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି ହାଇସ୍କୁଲ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାରେ ରାଜା ଦଶରଥଙ୍କ ଦରବାର, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ୩ୟ ଦିବସରେ ଠାକୁରଙ୍କର ଅହଲ୍ୟା ଉଦ୍ଧାରଣ ବେଶ, ସ୍ଥାନ: ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ରାମନବମୀ ଯାତ୍ରା ଅବସରରେ ରାମ ଚରିତ ମାନସ ପାରାୟଣର ତୃତୀୟ ଦିବସ, ସ୍ଥାନ: ନୟାଗଡ଼ ତ୍ରୀନାଥ ଛକସ୍ଥିତ ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବାର୍ଷିକ କ୍ରୀଡା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ:ସନ୍ଧ୍ୟା ସାଢ଼େ ୭ଟା।
- ବୈଷ୍ଣବ ଯଜ୍ଞର ଶୁଭାରମ୍ଭ, ସ୍ଥାନ:ନୂଆଗାଁ ବ୍ଲକ୍ ଚାହାଳି ପଞ୍ଚାୟତ ଢ଼େଙ୍କେଣା ରଘୁନାଥ ଜୀଉ ମଠ, ସମୟ:ସକାଳ ୮ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ:ଓଡ଼ଗାଁ ରକ୍ତ କେନ୍ଦ୍ର ନୟାଗଡ଼, ସମୟ:ପୂର୍ବାହ୍ନ ୯ଟା।

## ରାୟଗଡ଼ା
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୯ ଟା।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଅଯୋଧ୍ୟା- ବାରଣାସୀ ଅଭିମୁଖେ ଯାତ୍ରା, ସ୍ଥାନ: ରାୟଗଡା ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ ଟା।
- ଓକିଲ ସଂଘର ସାଧାରଣ ପରିଷଦ ବୈଠକ, ସ୍ଥାନ: ଓକିଲ ସଂଘ ସମ୍ମିଳନୀ କକ୍ଷ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ବନଦୁର୍ଗାଙ୍କ ଅଗ୍ନି ଯାତ୍ରାର ନିଆଁ ମଡା ପର୍ବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନିକଟ, ବନ ଦୁର୍ଗା ମନ୍ଦିର, ଗୁଣପୁର, ସମୟ: ସନ୍ଧ୍ୟା ୭ଟା।
- ମା' ଗଙ୍ଗା ଦେବୀ ଠାକୁରାଣୀଙ୍କ ଘଣ୍ଟ ଯାତ୍ରା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଟିକିରି, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର
- ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ ଅଭିଯାନ, ସ୍ଥାନ: ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୯ଟା।

## କୋରାପୁଟ
- ଓଡ଼ିଆ ପକ୍ଷ ୨୦୨୫ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଶମନ୍ତପୁର, ସମୟ: ସକାଳ ୯ ଟା।
- ଏମ୍‌ଏସ୍‌ପି ଏବଂ ଏମ୍‌ଏଫ୍‌ପି ପ୍ରଚାର ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଦକ୍ଷିଣାଞ୍ଚଳ ନାଟ୍ୟ ମହୋତ୍ସବ ଦ୍ୱିତୀୟ ଦିବସ, ସ୍ଥାନ : କୋରାପୁଟ ସାଂସ୍କୃତିକ ପରିଷଦ, ସମୟ: ସନ୍ଧ୍ୟା ୬ ଟା।
- ପଞ୍ଚପଇମାଳି ନାଟ୍ୟ ମହୋତ୍ସବ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନାଲ୍‌କୋ କ୍ଲବ ଦାମନଯୋଡ଼ି, ସମୟ: ସନ୍ଧ୍ୟା ୭ଟା।

## ମାଲକାନଗିରି
- ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଏଫ୍‌ଏଲ୍‌ସି ହଲ୍, ସମୟ: ସକାଳ ୯ ଟା।
- ମାଲକାନଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ: ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ରକ୍ତଭଣ୍ଡାର, ସମୟ : ସକାଳ ୯ଟା।
- ଶ୍ରୀରାମ ନବମୀ ଉତ୍ସବରେ ବେଶ କାର୍ଯ୍ୟକ୍ରମ, ସ୍ଥାନ: ରାମଜୀ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ରାମଲୀଳା ମହୋତ୍ସବ, ସ୍ଥାନ : ବିଶାଳଖିଣ୍ଡା ଗ୍ରାମ, ସମୟ : ସନ୍ଧ୍ୟା ୭ଟା।
- ରାମଲିଳା ଉତ୍ସବ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ବନଦୁର୍ଗା ମହୋତ୍ସବ, ସ୍ଥାନ: ଲୋୟର ସୁକ୍‌ତେଲ ଡ୍ୟାମ୍ ସାଇଟ୍, ମାଗୁରବେଡା, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ରକ୍ତଦାନ ଶିବିର,ସ୍ଥାନ:ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ,ସମୟ: ସକାଳ ୧୦ଟା।
- ରାମନବମୀର ଦ୍ୱିତୀୟ ସନ୍ଧ୍ୟାରେ ପୁରୀରୁ ଆଗତ ପଣ୍ଡିତ ଗୌରହରି ଦାଶ ମହାରାଜଙ୍କ ଦ୍ୱାରା ରାମାୟଣ ଉପରେ ପ୍ରବଚନ କାର୍ଯ୍ୟକ୍ରମ,ସ୍ଥାନ :ରାମଜୀ ମନ୍ଦିର ସୁନ୍ଦରଗଡ,ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ମା' ସମଲେଶ୍ୱରୀ ଓ ଶାଳକା ଦେବୀଙ୍କ ନବ କଳେବର ଉତ୍ସବ, ସ୍ଥାନ: କୁରୁଆଁ, ବରଗଡ଼, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବର ଆନ୍ଧ୍ର କ୍ୟାମ୍ପ, କଣ୍ଟସ୍ଥ, ବରଗଡ଼,ସମୟ: ସକାଳ ୯ଟା।
- ସି.ଏମ୍ ଟ୍ରଫି ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ, ବରଗଡ଼, ସମୟ: ଅପରାହ୍ନ ୩ଟା ୩୦।
- ଜିଲା ଭାରତ ସ୍କାଉଟ୍ସ, ଗାଇଡ୍ସ କ୍ୟାମ୍ପୋରୀ, ସ୍ଥାନ:ସରକାରୀ ହାଇସ୍କୁଲ, ଭଟଲି, ସମୟ: ସନ୍ଧ୍ୟା ୫ଟା।
- ସର୍ବଭାରତୀୟ ରାତ୍ରିକାଳୀନ କ୍ରିକେଟ, ସ୍ଥାନ: ଜଜ୍ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଓଡ଼ିଆ ପକ୍ଷ ପାଳନ ଅବସରରେ ରେଡ୍‌କ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ କପ୍ ଦ୍ୱିତୀୟ ମ୍ୟାଚ୍, ସ୍ଥାନ: ସ୍ପୋର୍ଟସ ହଷ୍ଟେଲ ପଡିଆ ଭବାନୀପାଟଣା, ସମୟ: ପୂର୍ବାହ୍ନ ୮ଟା।

## ବୌଦ୍ଧ
- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ତୃତୀୟ ଦିବସ ନାଟକ ସୀତାବିବାହ ଓ ବନବାସ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ତୃତୀୟ ଦିବସ ନାଟକ ଧନୁଭଗ୍ନ ଓ ସୀତାବିବାହ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

## ଦେବଗଡ଼
- ରକ୍ତଦାନ ଶିବିର, ସ୍ଥାନ:ମୁଖ୍ୟ ଚିକିତ୍ସାଳୟ,ବ୍ଲଡ ବ୍ୟାଙ୍କ, ଦେବଗଡ,ସମୟ:ସକାଳ ୮ଟା।
- ଆନ୍ତଃ କ୍ଲବ ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ ଫର୍ ସିଏମ ଟ୍ରଫି, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ,ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ:ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ରାମ ନବମୀ ମହୋତ୍ସବ ପାଳନ, ସ୍ଥାନ: ଗୋପାଳଜୀ ମନ୍ଦିର,ଦେବଗଡ,ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ମହୋତ୍ସବ ପାଳନ ଅବସରରେ ପ୍ରବଚନ କାର୍ଯ୍ୟକ୍ରମ ଓ ସମୂହ ହନୁମାନ ଚାଳିଶା ପାଠ,ସ୍ଥାନ: ଗୋପାଳଜୀ ମନ୍ଦିର,ଦେବଗଡ,ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର,ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ରକ୍ତ ଭଣ୍ଡାର, ସମୟ: ସକାଳ ୯ଟା।
- ତରଭା ବ୍ଲକ ସରଗଜରେ ରାମନବମୀର ତୃତୀୟ ଦିବସ ଓ ରାମ ବନବାସ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ସ୍ଥିତ ମଣ୍ଡପ, ସମୟ: ସକାଳ ୯ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ତୃତୀୟ ଦିବସରେ ତୁଳସୀ ରାମାୟଣ ପଠନ ଓ ନଟକ ପରିବେଷଣ, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୮ଟା।
- ତରଭା ବ୍ଲକ ନକଟିକନା ଗାଁରେ ରାମଲୀଳାର ତୃତୀୟ ସନ୍ଧ୍ୟା ଓ ରାମ ବନବାସ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ, ସମୟ: ପୂର୍ବାହ୍ନ ୯ଟା ୪୦।
- ଓଡ଼ିଆ ଭାଷା ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୯ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ବଡମହେଶ୍ୱର ଗାଁ, ସମୟ: ସକାଳ ୮ଟା ୪୫।
- ଷୋହଳପ୍ରହର ନାମଯଜ୍ଞ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଦଳଦଳି ଗାଁ, ସମୟ: ଅପରାହ୍ନ ୫ଟା ୨୦।
- ପ୍ରଭୁଦାସ ଶ୍ରୀ ଶ୍ରୀ ଅନନ୍ତ ଚରଣ ଆଚାର୍ଯ୍ୟଙ୍କ ସ୍ୱଧର୍ମଚେତନା ରାମକଥା କାର୍ଯ୍ୟକ୍ରମ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ଦୁର୍ଗାମଣ୍ଡପ ସାପ୍ତାହିକ ବଜାର ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଖଡିଆଳ ବ୍ଲକ ରାଣୀମୁଣ୍ଡା ପଞ୍ଚାୟତ ସମାଡପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ର ବନ୍ଧୁଙ୍କ ସହଯୋଗରେ ନୂଆ କରି କାମଟିଏ ଆରମ୍ଭ କରିବାକୁ ମନ ବଳାଇବେ। କର୍ମକ୍ଷେତ୍ରରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବେ। ବନ୍ଧୁ, ପରିବାର କ୍ଷେତ୍ରରେ ବୁଝାମଣାର ଅଭାବ କାରଣରୁ ତିକ୍ତତା ସୃଷ୍ଟି ହେବ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ସମସ୍ୟା ଭିତରେ ଉବୁଟୁବୁ ହୋଇପାରନ୍ତି।

**ବୃଷ** ଆଜି କୌଣସି କାମ ସହଜରେ ହୋଇପାରିବ ନାହିଁ। ଦୀର୍ଘ ଦିନରୁ ଭଲ ପାଉଥିବା ବନ୍ଧୁଟି ପରିସ୍ଥିତି ଚାପରେ ପଡ଼ି ଦୂରେଇଯିବା କାରଣରୁ ମନ କେବଳ ଅତୀତକୁ ଖୋଜି ବୁଲିବ। ରୋହିଣୀ ନକ୍ଷତ୍ରର ବନ୍ଧୁଙ୍କ ପରାମର୍ଶରେ ଆଧ୍ୟାତ୍ମିକତା କାର୍ଯ୍ୟରେ ରୁଚି ବଳିବ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବାଜନିତ ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**ମିଥୁନ** ଅନୁକୂଳ ଗ୍ରହଜନିତ ଆଜି ଯେଉଁ କାମରେ ହାତ ଦେବେ, ତାହା ବେକାର ଯିବ ନାହିଁ। ଆଜିର କର୍ମକ୍ଷେତ୍ରରୁ ଫେରିବା ବାଟରୁ କୌଣସି ନୂଆ ଜିନିଷ ଘରକୁ ଆଣିପାରନ୍ତି। ଏଜେନ୍‌ସିପ୍, କଳା, ସାହିତ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। ଆର୍ଦ୍ରା ନକ୍ଷତ୍ର ପରିସ୍ଥିତିବଶତଃ ହଠାତ୍ ବହୁତ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହୋଇପାରନ୍ତି।

**କର୍କଟ** ଆଜି ସମସ୍ତ ଆଶା ଓ ଅଭିଳାଷ ପୂରଣ ହୋଇଯିବାର ଗ୍ରହ ସମ୍ପର୍କରୁ ସୂଚନା ରହିଛି। ବିଭିନ୍ନ ସମସ୍ୟା ବିଜଡ଼ିତ ମନ ମାନସିକ ସନ୍ତୁଳନକୁ ରକ୍ଷା କରିବାରେ ସାହାଯ୍ୟ କରିବ। କିଛି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଅର୍ଥର ଆବଶ୍ୟକତାକୁ ବନ୍ଧୁ ପୂରଣ କରିବେ। ପୁନର୍ବସୁ ନକ୍ଷତ୍ର ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ପଡ଼ୋଶୀ ସାହାଯ୍ୟ କରିପାରନ୍ତି। ଆର୍ଥିକ ଅନଟନ ରହିଥିଲେ ମଧ୍ୟ କାମ ଅଟକି ରହିବ ନାହିଁ। ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ରର କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଦୂର ହୋଇପାରେ।

**କନ୍ୟା** ଉପରିସ୍ଥଙ୍କ ସହାନୁଭୂତିରୁ ଯାହା ପାଇବା କଥା, ତାହା ଠିକ୍ ସମୟରେ ପାଇପାରିବେ। ଋଣ ସୂତ୍ରରେ ଅର୍ଥ ପାଇବା ସକାଶେ ବହୁତ ଚେଷ୍ଟା କରି ସଫଳ ହେବେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ କ୍ରମାଗତ ସମସ୍ୟା ବଢ଼ିପାରେ। ଚିତ୍ରା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ନେଗେଟିଭ୍ ଚିନ୍ତାଧାରା ମନକୁ ଆକ୍ରାନ୍ତ କରିବ।

**ତୁଳା** ସମସ୍ୟା ସମାଧାନ ଦିଗରେ ପଡ଼ୋଶୀଙ୍କ ସହାୟତା ପାଇବେ। ସ୍ୱାତୀ ନକ୍ଷତ୍ରର ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଆତ୍ମୀୟଙ୍କ ସ୍ୱାର୍ଥ ହାସଲ ନ ହୋଇ ପାରିବାରୁ ସେମାନେ ସମାଲୋଚନା କରିପାରନ୍ତି। ବହୁ ଦିନରୁ ଆଶା କରିଥିବା କାମଟିରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟ ହେବ।

**ବିଚ୍ଛା** ମୂଲ୍ୟହୀନ କଥାକୁ ଗୁରୁତ୍ୱଦେଇ ଅଯଥାରେ ସମୟର ଅପଚୟ କରି ମନସ୍ତାପ କରିପାରନ୍ତି। ଧର୍ମ ସଙ୍କଟରେ ପଡ଼ି କ'ଣ କରିବେ କିମ୍ବା ନ କରିବେ ଏହି ପରିସ୍ଥିତି ସୃଷ୍ଟି ହୋଇପାରେ। କୌଣସି ନୀଚ ଜାତିର ବ୍ୟକ୍ତି ବିଶେଷ ପରୋକ୍ଷ ଭାବେ ସମାଲୋଚନା କରିପାରନ୍ତି। ଅନୁରାଧା ନକ୍ଷତ୍ର ସକାଶେ ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ଧନୁ** ଆପଣ ଯାହା ଯେମିତି ଚିନ୍ତା କରୁଛନ୍ତି ଆଜିର କାମ ଠିକ୍ ସେହିପରି ହେବ। ନୂତନ କାମରେ ମନ ଦେବେ ଏବଂ ଆଶାନୁରୂପ ସଫଳତା ହାସଲ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ହିତୈଷୀଙ୍କ ଗଠନମୂଳକ ପରାମର୍ଶ ଓ ଦିଗ୍‌ଦର୍ଶନରୁ ଉପକୃତ ହେବେ। ହୋଟେଲ, ଦୋକାନ, ବ୍ୟବସାୟ ପ୍ରଭୃତି ଆଶା କରୁଥିବା ଫଳ ଅବଶ୍ୟ ପାଇବେ।

**ମକର** ଆପଣଙ୍କ କାର୍ଯ୍ୟଦକ୍ଷତା କର୍ମକ୍ଷେତ୍ରରେ ବ୍ୟକ୍ତିତ୍ୱକୁ ଶୀର୍ଷ ସ୍ଥାନକୁ ନେବାରେ ସାହାଯ୍ୟ କରିବ। ଘରୋଇ କଥାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ପଡ଼ୋଶୀଙ୍କ ସହାନୁଭୂତି ଯୋଗୁ କାମ ସମ୍ପନ୍ନରେ ଅସୁବିଧା ହେବ ନାହିଁ। ଯାତ୍ରା, ବାଣିଜ୍ୟ ଏବଂ ବନ୍ଧୁଙ୍କ ସହିତ ଆଲୋଚନା ଶ୍ରବଣା ପାଇଁ ମନ୍ଦ ହେବନି।

**କୁମ୍ଭ** ଆଜି ଧନିଷ୍ଠା ନକ୍ଷତ୍ରର ମୁହଁଜୋର୍ ହେତୁ କୌଣସି କାମ ଅଟକିବ ନାହିଁ। ନିଜର ପ୍ରାଧାନ୍ୟକୁ ଜାହିର କରିବାକୁ ଯାଇ ଆଶ୍ଚର୍ଯ୍ୟଜନକ ଭାବରେ ସଫଳତା ପାଇପାରନ୍ତି। ଗଣ୍ଡଗୋଳିଆ ପରିସ୍ଥିତିରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଆନୁଷ୍ଠାନିକ କିମ୍ବା ସତ୍‌ସଙ୍ଗ ପ୍ରତି ମନ ବଳିବ। ସାହିତ୍ୟ କ୍ଷେତ୍ରରୁ ସୁଫଳ ପାଇବେ।

**ମୀନ** କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି, ବାସ୍ତବରେ ସେପରି କିଛି ହେବନି। ରେବତୀ ନକ୍ଷତ୍ରର ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବ। ହଜି ଯାଇଥିବା ବ୍ୟକ୍ତି, ଚୋରି ଯାଇଥିବା ଜିନିଷର ଖବର ପାଇପାରନ୍ତି। ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ବ୍ୟବସାୟିକ ଦୃଷ୍ଟିକୋଣରୁ ଆଜି ଦିନଟି ବହୁତ ଭଲ ରହିବ।

ଆଜି ଏପ୍ରିଲ ୮ ତାରିଖ, ବିଶ୍ୱ ପରମ୍ପରା ଦିବସ, ଚୈତ୍ର ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ କାମଦା ଏକାଦଶୀ ମଙ୍ଗଳବାର, ଶ୍ରୀମନ୍ଦିରରେ ସୀତା ବିବାହ, ମଙ୍ଗଳବାର ଓଷା ଶେଷ, ରାଶି/ନକ୍ଷତ୍ର- ସକାଳ ଘ.୦୭।୫୫ମି. ଗତେ ମଘା/ସିଂହ ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୮।୪୩ ଗତେ ଘ.୧୦।୩୪ ମଧ୍ୟେ, ଘ.୦୧।୦୨ ଗତେ ଘ.୦୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୩ ଗତେ ଘ.୦୪।୨୬ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଭାରତୀୟ ଷ୍ଟକ୍ ବଜାର...

ବା ୨.୯୫% ହ୍ରାସ ପାଇ ୭୩,୧୩୭.୯୦ ପଏଣ୍ଟ ରହିଛି। ଗତ ୧୦ ମାସ ମଧ୍ୟରେ ଗୋଟିଏ ଦିନରେ ଏହା ସର୍ବାଧିକ ହ୍ରାସ। କ୍ରମାଗତ ତୃତୀୟ ଦିନ ପାଇଁ ସେନ୍‌ସେକ୍ସ ନିମ୍ନଗାମୀ ହୋଇଥିବାବେଳେ ସୋମବାର କାରବାର ଆରମ୍ଭରେ ଏହା ସର୍ବାଧିକ ୩,୯୩୯.୬୮ ପଏଣ୍ଟ ବା ୫.୨୨ ପ୍ରତିଶତ ହ୍ରାସ ପାଇ ୭୧,୪୨୫.୦୧ ପ୍ରତିଶତରେ ପହଞ୍ଚିଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି ୭୪୨.୮୫ ପଏଣ୍ଟ ବା ୩.୨୪ ପ୍ରତିଶତ ହ୍ରାସ ପାଇ ୨୨,୧୬୧.୬୦ ପଏଣ୍ଟରେ ବନ୍ଦ ରହିଛି। ଦିନ ମଧ୍ୟରେ ନିଫ୍ଟି ସର୍ବାଧିକ ୧,୧୬୦.୮ ପଏଣ୍ଟ ବା ୫.୦୬ ପ୍ରତିଶତ ହ୍ରାସ ପାଇ ୨୧,୭୪୩.୬୫ ପଏଣ୍ଟରେ ପହଞ୍ଚିଥିଲା। ୱାଲ୍ ଷ୍ଟ୍ରିଟ୍ ସମେତ ଜାପାନ, ସିଙ୍ଗାପୁର ଏବଂ ଚାଇନା ଷ୍ଟକ୍ ମାର୍କେଟ ପରେ ଭାରତୀୟ ଶେୟାର ବଜାର କ୍ଷତିଗ୍ରସ୍ତ ହୋଇଛି। ଚାଇନା ଏବଂ ଜାପାନର ସୂଚକାଙ୍କ ଯଥାକ୍ରମେ ୧୦ ଏବଂ ୮ ପ୍ରତିଶତ ହ୍ରାସ ପାଇଛି। ଗତ ଶୁକ୍ରବାର ଆମେରିକାର ଏସ୍ ଆଣ୍ଡ ପି ୫୦୦ ପାଖାପାଖି ୬ ପ୍ରତିଶତ ହ୍ରାସ ପାଇଥିବାବେଳେ ନାସଡାକ୍ ୫.୮୨ ପ୍ରତିଶତ ଏବଂ ଡୋ ଜନ୍ସ ୨,୦୦୦ରୁ ଊର୍ଦ୍ଧ୍ୱ ପଏଣ୍ଟ ବା ୫.୫୦ ପ୍ରତିଶତ ହ୍ରାସ ପାଇଥିଲା। ମାନ୍ଦାବସ୍ଥା ଆଶଙ୍କାରେ ସୋମବାର କାରବାର ଆରମ୍ଭରେ ଡୋ ଜେନ୍ସ ଏବଂ ଏସ୍ ଆଣ୍ଡ ପି ୫୦୦ ସୂଚକାଙ୍କ ୪ ପ୍ରତିଶତ ହ୍ରାସ ପାଇଛି। ସେହିପରି କାରବାର ଆରମ୍ଭରୁ ଜାପାନର ନିକେଇ ୨୨୫ ଇଣ୍ଡେକ୍ସ ପାଖାପାଖି ୯ ପ୍ରତିଶତ ହ୍ରାସ ପାଇଥିବାବେଳେ ଜାପାନ ଫ୍ୟୁଚର୍ସ ଟ୍ରେଡିଂ ବନ୍ଦ ହୋଇଯାଇଥିଲା। ସେହିପରି ହଂକଂର ହାଙ୍ଗ୍ ସେଙ୍ଗ ଇଣ୍ଡେକ୍ସ ୮ ପ୍ରତିଶତ ହ୍ରାସ ପାଇଥିଲା। ସେହିପରି ୟୁରୋପୀୟ ଶେୟାର ମାର୍କେଟଗୁଡ଼ିକ ମଧ୍ୟ ଅତ୍ୟଧିକ ବିକ୍ରି ଚାପର ସମ୍ମୁଖୀନ ହୋଇଥିବାବେଳେ ସୂଚକାଙ୍କ ୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। କୋଭିଡ୍-୧୯ ପରଠାରୁ ଏହା ଷ୍ଟକ୍ ମାର୍କେଟରେ ସବୁଠୁ ଖରାପ ସପ୍ତାହ ବୋଲି କୁହାଯାଉଛି।

ଭାରତୀୟ ନିବେଶକଙ୍କ ପାଇଁ ଏହା ଥିଲା କଳା ସୋମବାର। ଶେୟାର ବଜାର ହ୍ରାସ ଯୋଗୁ ନିବେଶକମାନେ ୧୪ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ସହିଥିବା କୁହାଯାଉଛି। ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ମୂଲ୍ୟ ୧୪,୦୯,୨୨୫.୭୧ କୋଟି ଟଙ୍କା ହ୍ରାସ ପାଇ ୩,୮୯,୨୫,୬୬୦.୭୫ କୋଟି ଟଙ୍କା (୪.୫୪ ଟ୍ରିଲିୟନ ଡଲାର) ରହିଛି। କେବଳ ହିନ୍ଦୁସ୍ତାନ ୟୁନିଲିଭରକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ସେନ୍‌ସେକ୍ସ ଶେୟାର କ୍ଷତିରେ ଶେଷ ହୋଇଛି। ଟାଟା ଷ୍ଟିଲ୍ ଶେୟାର ସର୍ବାଧିକ ୭.୩୩ ପ୍ରତିଶତ କମିଥିବାବେଳେ ଲାର୍ସନ ଆଣ୍ଡ ଟୁବ୍ରୋର ୫.୭୮ ପ୍ରତିଶତ ହ୍ରାସ ପାଇଛି। ଟାଟା ମୋଟର୍ସ, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଇନ୍‌ଫୋସିସ, ଆକ୍ସିସ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ସିଏଲ୍ ଟେକ୍ନୋଲୋଜି ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମଧ୍ୟ ବଡ଼ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ବିଏସ୍‌ଇର ସେକ୍ଟର ଅନୁଯାୟୀ ସୂଚକାଙ୍କ ଦେଖିଲେ ମେଟାଲ ସେକ୍ଟର ୬.୨୨%, ରିୟଲିଟି ୫.୬୯%, ସାମଗ୍ରୀ ୪.୬୮%, ଶିଳ୍ପ ୪.୫୭%, ଅଟୋମୋବାଇଲ ୩.୭୭%, ବ୍ୟାଙ୍କ୍ ସେକ୍ଟର ୩.୩୭%, ଆଇଟି ୨.୯୨%, ଟେକ୍ନୋଲୋଜି ୨.୮୫% ଏବଂ ବିଏସ୍‌ଇ ଫୋକସ୍‌ରେ ଥିବା ଆଇଟି ସୂଚକାଙ୍କ ୨.୬୩% ହ୍ରାସ ପାଇଛି।

ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ୪ରେ ସେନ୍‌ସେକ୍ସ ସର୍ବାଧିକ ୪,୩୮୯.୭୩ ପଏଣ୍ଟ ବା ୫.୭୪ ପ୍ରତିଶତ ହ୍ରାସ ପାଇ ୭୨,୦୭୯.୦୫ରେ କାରବାର ବନ୍ଦ ହୋଇଥିଲା। ସେଦିନ କାରବାର ମଧ୍ୟରେ ସର୍ବାଧିକ ହ୍ରାସ ଥିଲା ୬,୨୩୪.୩୫ ପଏଣ୍ଟ ବା ୮.୧୫ ପ୍ରତିଶତ। ସେହିପରି ନିଫ୍ଟି ମଧ୍ୟ ସର୍ବାଧିକ ୧,୩୭୯.୪୫ ପଏଣ୍ଟ ବା ୫.୯୩ ପ୍ରତିଶତ ହ୍ରାସ ପାଇ କାରବାର ଶେଷ ବେଳକୁ ୨୧,୮୮୪.୫୦ ପଏଣ୍ଟରେ ରହିଥିବାବେଳେ ଦିନ ମଧ୍ୟରେ ସର୍ବାଧିକ ୧,୯୮୨.୪୫ ପଏଣ୍ଟ ବା ୮.୫୨ ପ୍ରତିଶତ ହ୍ରାସ ପାଇଥିଲା।

## ମୁନା ଖାଁ ବଦଳିଲେ...

ସମୟରେ ରୋକିବାରେ ପାଣ୍ଡିଆନ୍ ସପକ୍ଷବାଦୀ ନେତାମାନେ ଫେଲ୍ ହୋଇଥିଲେ। ନବୀନ କିଛି ସମୟ ସଂଖ୍ୟାଲଘୁ କର୍ମୀମାନଙ୍କ ସହ କଥା ହେବାପରେ ସେମାନେ ବାହାରକୁ ଆସିଥିଲେ। ଜଣେ କର୍ମୀ ବାହାରକୁ ଆସିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଥିଲେ, ପାଣ୍ଡିଆନ୍ ଓଡ଼ିଶାରୁ ବାହାରି ତାମିଲନାଡୁ ପଳାନ୍ତୁ। ବିଜେଡିର ନେତା ଜଣେ, ସେ ହେଉଛନ୍ତି ନବୀନ ପଟ୍ଟନାୟକ। ଓଡ଼ିଶାରେ ଦଳର କର୍ମୀମାନଙ୍କୁ ଓ ବିଜେଡିକୁ ଭି.କେ. ପାଣ୍ଡିଆନ୍ ଦରକାର ନାହାନ୍ତି। ସସ୍ମିତ ପାତ୍ରଙ୍କୁ ଦଳରୁ ବହିଷ୍କାର କରାଯାଉ। ଦଳର ସଭାପତି ୨ ଦିନ ଭିତରେ ଏ କଥାକୁ ସ୍ପଷ୍ଟ କରିବାକୁ ସମୟ ନେଇଛନ୍ତି ବୋଲି କର୍ମୀ ଜଣକ କହିଛନ୍ତି। ମୁନା ଖାଁ କହିଥିଲେ, ନବୀନବାବୁ ପ୍ରତିଶ୍ରୁତି ଦେଇଛନ୍ତି ଖୁବ୍‌ଶୀଘ୍ର ଏହି କଥାର ସମାଧାନ କରାଯିବ। ଲୋକମାନେ ଯାହା ଦାବି ରଖିଲେ ସେକଥା ନବୀନବାବୁ ଶୁଣିଛନ୍ତି। ଲୋକଙ୍କ ଯାହା ଦାବି, ତାଙ୍କର ସେଇ ଦାବି ବୋଲି ମୁନା କହିଛନ୍ତି।

ଏହାପରେ ଦଳର କେତେଜଣ ନେତା ଶଙ୍ଖ ଭବନରେ ବୈଠକ କରିବା ପରେ ଆରମ୍ଭ ହୋଇଥିଲା ଅପରେଶନ ଦେବାଶିଷ। ୨ ଦିନ ତଳେ ଦେବାଶିଷ ରଖିଥିବା ପ୍ରତିକ୍ରିୟାର କାଉଣ୍ଟର କରିବାକୁ ବିଜେଡିର ୪ ଜଣ ରାଜ୍ୟ ସଭା ସଦସ୍ୟ ଆଗେଇ ଆସିଥିଲେ। ସମସ୍ତଙ୍କ ମୁହଁରୁ ଏକକାଳୀନ ଏବଂ ଏକପ୍ରକାର କଥା ଦେବାଶିଷଙ୍କ ବିରୋଧୀ ମନ୍ତବ୍ୟ ଦେଖିବାକୁ ମିଳିଥିଲା, ଯେପରି ଏହା ସମ୍ପୂର୍ଣ୍ଣ ପ୍ରାୟୋଜିତ ସେକଥା ଜଳ ଜଳ ହୋଇ ଦିଶୁଥିଲା। ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ବିଜେଡିର ନିଷ୍ପତ୍ତି ସବୁବେଳେ ଦଳର ସଭାପତି ନିଅନ୍ତି। ଦେବାଶିଷ ସାମନ୍ତରାୟ କାହିଁକି ବିଭ୍ରାନ୍ତି କରୁଛନ୍ତି ସେକଥା ଜାଣିନାହିଁ। ରାଜ୍ୟ ସଭାରେ ଦଳର ନେତା ହେଉଛନ୍ତି ସସ୍ମିତ ପାତ୍ର। ସସ୍ମିତଙ୍କୁ ନିର୍ଦ୍ଦେଶ ନବୀନଙ୍କ ପାଖରୁ ଆସିବା ପରେ ସେ ପୋଷ୍ଟ କରିଛନ୍ତି। ପାଣ୍ଡିଆନ୍ ତ ୧୦ ମାସ ତଳୁ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି ବୋଲି ଘୋଷଣା କରିଛନ୍ତି। କାହିଁକି ତାଙ୍କ ବିଷୟରେ ଦେବାଶିଷ କହୁଛନ୍ତି ସେକଥା ବୁଝିପାରୁ ନ ଥିବା ଶୁଭାଶିଷ କହିଛନ୍ତି। ମାନସ ମଙ୍ଗରାଜ ତାଙ୍କ ସୋସିଆଲ ମିଡିଆରେ ପୋଷ୍ଟକରି ଲେଖିଛନ୍ତି, ୧୦ ମାସ ପୂର୍ବରୁ ସନ୍ନ୍ୟାସ ନେଇସାରିଥିବା ଭି.କେ. ପାଣ୍ଡିଆନ୍‌ଙ୍କୁ ୱକ୍ଫ ବିଲ୍ କଥାରେ ଦେବାଶିଷ ସାମନ୍ତରାୟ ଟାର୍ଗେଟ କରିବା ଦୁର୍ଭାଗ୍ୟଜନକ। ଯଦି କିଛି ପ୍ରଶ୍ନ ରହିଛି ସେକଥା ଦଳୀୟ ବ୍ୟବସ୍ଥାରେ ଉଠାଇବା କଥା। କିଛି ନ୍ୟସ୍ତ ସ୍ୱାର୍ଥ ରଖି ସାମନ୍ତରାୟ ଏପରି କରୁଥିବା ମାନସ କହିଛନ୍ତି। ଏମ୍‌ପି ନିରଞ୍ଜନ ବିଶି କହିଛନ୍ତି, କିଛି ଅଭିସନ୍ଧି ରଖି ଦେବାଶିଷ ଏ କଥା କହୁଥିବା ତାଙ୍କର ଦୃଢ ଧାରଣା ସୃଷ୍ଟି ହେଉଛି। ପାଣ୍ଡିଆନ୍ ବହୁଦିନ ହେଲା ରାଜନୀତିରେ ନ ଥିବା ସେ କହିଛନ୍ତି। ପୁଲ୍‌ୱାମା ଶହୀଦ ମନୋଜ କୁମାର ବେହେରାଙ୍କ କକାଙ୍କୁ ଦେବାଶିଷ ସାମନ୍ତରାୟ ଧକ୍କା ମାରିଥିଲେ। ସେତେବେଳେ ପାଣ୍ଡିଆନ୍ ତାଙ୍କୁ ଚାପ ପକାଇଥିଲେ ମନୋଜଙ୍କ କକାଙ୍କୁ କ୍ଷମା ମାଗିବା ଲାଗି। ସେହି ରାଗ ପାଣ୍ଡିଆନ୍‌ଙ୍କ ଉପରେ ରହିଥିଲା। ପୁନଶ୍ଚ ପାର୍ଲାମେଣ୍ଟରେ ଭୋଟଦାନ ରାତିରେ କୌଣସି କାରଣରୁ ଦେବାଶିଷ ଶୋଇ ପଡ଼ିଥିଲେ। ତେଣୁ ନିଜ ଭୁଲ୍‌କୁ ଲୁଚାଇବାକୁ ଅନ୍ୟକୁ ଦୋଷ ଦେଉଛନ୍ତି। ନବୀନ ନିବାସରେ ସେ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ସେଥିରୁ ସେ ନିବୃତ ରୁହନ୍ତୁ ବୋଲି ସୁଲତା କହିଛନ୍ତି।

ଏହି ଘଟଣା ପରେ ଦେବାଶିଷ ପାଲଟା ୪ ଜଣ ଯାକ ରାଜ୍ୟ ସଭା ସଦସ୍ୟଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି,ଏମାନେ ସବୁ ପାଣ୍ଡିଆନ୍‌ଙ୍କ ଦୟାରେ ଦଳକୁ ଆସିଛନ୍ତି। ଯେଉଁ ଏମ୍‌ପିମାନେ ଏବେ ମୁହଁ ଖୋଲୁଛନ୍ତି ଏପର୍ଯ୍ୟନ୍ତ କାହିଁକି ଚୁପ୍ ଥିଲେ। ଏମାନେ ନବୀନଙ୍କ ଚେଲା ନୁହନ୍ତି କି ତାଙ୍କୁ ଭଲ ମଧ୍ୟ ପାଆନ୍ତି ନାହିଁ। ରବିବାର ରାଜ୍ୟର କେତେଜଣ ସିଧାସଳଖ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟକଲେ, ସେହି କଥାରେ କେହି ଆଗକୁ ଆସିଲେନାହିଁ। ପାଣ୍ଡିଆନ୍‌ଙ୍କୁ ଯେତେବେଳେ ଟାର୍ଗେଟ କରାହେଲା ଏମାନଙ୍କୁ ସବୁ କଷ୍ଟ ହେଲା ବାହାରି ପଡ଼ିଲେ। ଏମାନେ ସବୁ ବିଜେଡିର ନୁହନ୍ତି ବରଂ ପାଣ୍ଡିଆନ୍ ଦଳର। ନବୀନଙ୍କ ବିନା ଅନୁମତିରେ କେବଳ ପାଣ୍ଡିଆନ୍ ତାଙ୍କ ନିଷ୍ପତ୍ତି ବଦଳାଇପାରିବେ। ଦଳକୁ ବଞ୍ଚାଇବା ଭଳି ସ୍ଥିତି ଏମାନେ ସୃଷ୍ଟି କରୁନାହାନ୍ତି ବରଂ ପାଣ୍ଡିଆନ୍‌ଙ୍କୁ ସୁରକ୍ଷା ଦେବାକୁ ଅଛନ୍ତି ବୋଲି ଦେବାଶିଷ କହିଛନ୍ତି।

ଅନ୍ୟପଟେ ନବୀନ ପଟ୍ଟନାୟକ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କୁ ଭେଟିବା ପରେ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି, ବିଜେଡି ସବୁବେଳେ ସଂଖ୍ୟାଲଘୁମାନଙ୍କ ସହ ରହିଛି ଏବଂ ରହିଥିବ। ସେମାନଙ୍କ ଉନ୍ନତି ଲାଗି ବିଜେଡି ସରକାରରେ ଥିବାବେଳେ ଅନେକ କାମ କରିଛି। ଧର୍ମ ନିରପେକ୍ଷ ଆଦର୍ଶରେ ବିଜେଡି ଅଟଳ ରହିଛି। ଏହି ଆଦର୍ଶ ଲାଗି ୨୦୦୯ରେ ଭାଜପା ମେଣ୍ଟରୁ ବାହାରିଯାଇଥିଲା ବୋଲି ସେ କହିଛନ୍ତି।

## ୨୨ରେ ସୁଭଦ୍ରା...

ଏହି ଟଙ୍କା ପ୍ରଦାନ କରାଯିବ। ରବିବାର ସୁଦ୍ଧା ୧ ଲକ୍ଷ ୭୦ ହଜାର ନୂଆ ହିତାଧିକାରୀ ଆବେଦନ କରିଛନ୍ତି। ଏମାନଙ୍କ ମଧ୍ୟରୁ ଯେଉଁମାନେ ଯୋଗ୍ୟ ସେମାନଙ୍କୁ ଟଙ୍କା ମିଳିବ। ଦ୍ୱିତୀୟ କିସ୍ତିରେ ବାଦ୍ ପଡ଼ିଥିବା ୧ ଲକ୍ଷ ମହିଳା ଏବଂ ଏବେର ୧ ଲକ୍ଷ ୭୦ ହଜାରରୁ ଯେଉଁମାନେ ବାଦ୍ ପଡିବେ ସେମାନେ କାହିଁକି କଟିଲେ ତା'ର ପ୍ରଥମେ ସର୍ଭେ ହେବ।

## ରନ୍ଧନ ଗ୍ୟାସ୍...

ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ପୁରୀ ସୂଚନା ଦେଇଛନ୍ତି। ତେବେ ସ୍ଥାନୀୟ ଟିକସ ଅନୁଯାୟୀ ବିଭିନ୍ନ ରାଜ୍ୟରେ ଏଲ୍‌ପିଜି ଦର ଭିନ୍ନ ଭିନ୍ନ ରହିବ। ଗତବର୍ଷ ମାର୍ଚ୍ଚରେ ଏଲ୍‌ପିଜି ଦର ୧୦୦ ଟଙ୍କା ହ୍ରାସ ପାଇଥିଲା। ଏଣିକି ଏଲ୍‌ପିଜି ଦର ପ୍ରତି ୧୫ରୁ ୩୦ ଦିନ ମଧ୍ୟରେ ସମୀକ୍ଷା କରାଯିବ ବୋଲି ପୁରୀ କହିଛନ୍ତି। ଏଥିସହିତ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି କରିଛନ୍ତି। ତେବେ ପେଟ୍ରୋଲ, ଡିଜେଲରେ ଖୁଚୁରା ଦର ଅପରିବର୍ତ୍ତିତ ରହିବ। କାରଣ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଇଥିବାରୁ ଭାରତୀୟ ବଜାରରେ କମିବାକୁ ଥିବା ଦରରେ ଏହା ଆଡଜଷ୍ଟ ହୋଇଯିବ। ପେଟ୍ରୋଲ ଉପରେ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ୧୧ଟଙ୍କାରୁ ୧୩ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଡିଜେଲ ଉପରେ ୮ ଟଙ୍କାରୁ ୧୦ ଟଙ୍କାକୁ ବୃଦ୍ଧି ହୋଇଛି। ଏହାକୁ ମିଶାଇ ପେଟ୍ରୋଲ ଉପରେ କେନ୍ଦ୍ର ସରକାରଙ୍କ ମୋଟ ଟିକସ ପରିମାଣ ଲିଟର ପ୍ରତି ୧୯ ଟଙ୍କା ୯୦ ପଇସାରୁ ବଢ଼ି ୨୧ ଟଙ୍କା ୯୦ ପଇସା ହୋଇଛି। ସେହିପରି ଡିଜେଲ ଉପରେ ମୋଟ ଟିକସ ପରିମାଣ ୧୫ ଟଙ୍କା ୮୦ ପଇସାରୁ ୧୭ ଟଙ୍କା ୮୦ ପଇସାକୁ ବଢ଼ିଛି।

## କେନ୍ଦ୍ର ରାଜ୍ୟ ଲୋକଙ୍କୁ ଠକୁଛି: ଭକ୍ତ

ଭୁବନେଶ୍ୱର,୭।୪(ରବିନାରାୟଣ ଜେନା)

କେନ୍ଦ୍ର ତଥା ରାଜ୍ୟର ଭାଜପା ସରକାର କେବଳ ଲୋକଙ୍କୁ ଠକିବା ଜାଣିଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଏଲ୍‌ପିଜି ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧିକୁ ନେଇ ଭକ୍ତ କହିଛନ୍ତି, କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନା ଆରମ୍ଭ କରି ରିହାତିରେ ହାଣ୍ଡିଶାଳକୁ ଗ୍ୟାସ୍ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ଦର ୮୭୯ ଟଙ୍କାରେ ପହଞ୍ଚିଲାଣି। ଯେଉଁ ଗରିବମାନେ ଏଲ୍‌ପିଜି ନେଇଛନ୍ତି ଏବେ ସେମାନେ ମୁଣ୍ଡରେ ହାତ ଦେଉଛନ୍ତି। ଭାଜପା ସରକାର କେବଳ ଲୋକଙ୍କୁ ଭଣ୍ଡାଇବା ଜାଣିଛି ବୋଲି ଭକ୍ତ କହିଛନ୍ତି।

DSPL-19

ODISHA
NEW OPPORTUNITIES

FICCI



**Shri Narendra Modi**
Prime Minister



**Shri Mohan Charan Majhi**
Chief Minister, Odisha

# Memorandum of Understanding(MoU) Signing Ceremony

**Indian Oil Corporation Ltd.**
Mega Dual Feed Cracker (DFC) and all its Downstream Units
Paradip, Odisha

**Indian Strategic Petroleum Reserves Limited.**
Crude Oil Storage Facility
Chandikhol, Odisha

**Petronet LNG Limited.**
LNG Terminal
Gopalpur, Odisha

**08 April 2025 | 10:30 AM**

**Taj Palace**
2 Sardar Patel Marg Diplomatic Enclave,
New Delhi, 110 021

## OPPORTUNITIES

1. TOP ACHIEVER STATE IN BRAP 2022 FOR EODB
2. BEST IN CLASS POLICY INCENTIVES - IPR 2022
3. RELIABLE & CHEAPER POWER
4. REGULATORY CERTAINTY & PEACEFUL INDUSTRIAL ENVIRONMENT



## ODISHA

5. STRATEGIC PORTS & PORT-BASED INFRASTRUCTURE
6. PLENTIFUL RAW MATERIAL AVAILABILITY
7. READY TO MOVE SECTORAL CLUSTERS, MSME PARKS
8. SKILLED MANPOWER, WORLD-CLASS SKILLING INFRASTRUCTURE

**"Odisha is poised to become the Chemicals and Petrochemicals Hub of India."**

OIPR-14005/13/0052/2425

**INVEST IN ODISHA, INVEST IN FUTURE**

Follow us on @InvestInOdisha /InvestOdisha

**FOR INQUIRY PLEASE CONTACT**

Mr. Akshay Belwalkar
akshay.belwalkar@ficci.com
Mob-76661 98007

Mr. Rajib Dhal,
Chief General Manager, IPICOL
rajibdhal@investodisha.org
Mob-99553 27527

Scan To Register

*On spot registration would be allowed subject to availability

ଅର୍ଥ ଏକ ସାମୂହିକ ସମ୍ପଦ। ଯେଉଁମାନଙ୍କର ରହିଛି ଏକ ସମନ୍ୱିତ, ସାଧାରଣ ଓ ବିଶ୍ୱଜନୀନ ଦୃଷ୍ଟି – ସେହିମାନଙ୍କ ଦ୍ୱାରା ଅର୍ଥ ବିନିଯୋଗ ହେବା ଉଚିତ। .. ଯଦି ତୁମେ ଅର୍ଥର ଯଥା ବିତରଣ ବା ପ୍ରସାରଣର ଯନ୍ତ୍ର ହୋଇପାରିବ ଏବଂ ଅର୍ଥର ସଦ୍‌ବ୍ୟବହାର କରିପାରିବ–ତେବେ ଅର୍ଥ ତୁମ ପାଖକୁ ଆସିବ। –ଶ୍ରୀମା

-କାମଦା ଏକାଦଶୀ ଉପବାସ, ସୀତା ବିବାହ, ହଳ ନିଷେଧ

# ଅପେକ୍ଷା କରି ବସିଛନ୍ତି

ତାମିଲନାଡୁର ଥୁଟୁକୁଡ଼ି ଜିଲାରେ ଏକ ପୋଲିସ ହାଜତ ମୃତ୍ୟୁ ଘଟଣାର ୨୫ ବର୍ଷ ପରେ ସ୍ଥାନୀୟ ଅଦାଲତ ଜଣେ ପୋଲିସ ଡିଏସ୍‌ପି ଓ ଇନ୍ସପେକ୍ଟରଙ୍କ ସମେତ ୯ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏପ୍ରିଲ ୬ରେ ଥୁଟୁକୁଡ଼ି ଅତିରିକ୍ତ ଜିଲା ଦୌରାଜଜ୍ ପି. ଥନ୍‌ଧାବନ ଏହି ରାୟ ଶୁଣାଇଥିଲେ। ମାମଲାଟି ଥିଲା ୧୭ ସେପ୍ଟେମ୍ବର ୧୯୯୯ର। ଏହିଦିନ ଲୁଣମରା କାମ କରୁଥିବା ସି. ଭିନ୍‌ସେଣ୍ଟ ନାମକ ବ୍ୟକ୍ତିଙ୍କୁ ଏକ ଅଭିଯୋଗ କ୍ରମେ ଥାଲାମୁଥୁ ନଗର ପୋଲିସ ଷ୍ଟେଶନ ହେପାଜତକୁ ଅଣାଯାଇଥିଲା। ତା'ପରଦିନ ଅର୍ଥାତ୍ ସେପ୍ଟେମ୍ବର ୧୮ରେ ତାଙ୍କର ହାଜତରେ ମୃତ୍ୟୁ ଘଟିଥିଲା। ଭିନ୍‌ସେଣ୍ଟଙ୍କ ସ୍ତ୍ରୀ ଭି.କୃଷ୍ଣାମଲ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ରେଭିନ୍ୟୁ ଡିଭିଜନାଲ ଅଫିସର(ଆରଡିଓ) ତଦନ୍ତ ପରେ ୧୦ ଜଣ ପୋଲିସ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା ଏବଂ ସେତେବେଳର ସବ୍‌ଇନ୍ସପେକ୍ଟରଙ୍କୁ ଅଭିଯୋଗ ତାଲିକାରୁ ବାଦ୍ ଦିଆଯାଇଥିଲା। ପରେ କୃଷ୍ଣାମଲ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ପରେ ୨୦୦୭ରେ ପ୍ରଥମ ଅଭିଯୁକ୍ତ ଭାବେ ରାମକ୍ରିଷ୍ଣନଙ୍କୁ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯିଏ ଏବେ ଦୋଷୀ ହୋଇଥିବା ପୋଲିସ ଡିଏସ୍‌ପି ଭାବେ କାର୍ଯ୍ୟରତ। ପରେ ୧୧ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲାର ବିଚାର ହୋଇଥିଲା। ୨ଜଣ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ଦୋଷମୁକ୍ତ କରାଯାଇଥିବାବେଳେ ଯେଉଁ ୯ ଜଣ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ୭ ଜଣ ଅବସର ନେଇ ସାରିଲେଣି। ଥୁଟୁକୁଡ଼ିର ଏହି ହାଜତ ମୃତ୍ୟୁ ମାମଲା ବିଳମ୍ବିତ ବିଚାରର ଏକମାତ୍ର ଦୃଷ୍ଟାନ୍ତ ନୁହେଁ। ଦେଶର ବିଭିନ୍ନ ରାଜ୍ୟରେ ହାଜତ ମୃତ୍ୟୁ ଘଟଣା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ୨୦୨୩ରେ ଲୋକସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୨୦୧୬–୨୦୨୨ ଫେବୃଆରୀ ସୁଦ୍ଧା ଦକ୍ଷିଣ ଭାରତରେ ଘଟିଥିବା ହାଜତ ମୃତ୍ୟୁ ମଧ୍ୟରେ ତାମିଲନାଡୁରେ ସର୍ବାଧିକ ୪୭୮ଟି ହୋଇଥିବାବେଳେ ଉତ୍ତର ଭାରତରେ ଯଥେଷ୍ଟ ଅଧିକ ହୋଇଥିଲା। ଏହି ଅବଧିରେ ଭାରତରେ ମୋଟ ୧୧,୪୧୯ଟି ହାଜତ ମୃତ୍ୟୁ ଘଟିଥିଲା।

> ପୋଲିସ ସାଙ୍ଗରେ ସବୁବେଳେ ମିଳିମିଶି ରହୁଥିବା ନିମ୍ନ ଅଦାଲତଗୁଡ଼ିକ ନିଜ ଆଡୁ କେବେହେଲେ ପୋଲିସ ଦ୍ୱାରା ଘଟାଯାଉଥିବା ଅପରାଧକୁ ଖୋଳତାଡ଼ କରନ୍ତି ନାହିଁ। ଅନ୍ୟପଟେ ସାଧାରଣ ନାଗରିକଙ୍କ ପାଇଁ ଯେଉଁ କଠୋର ମନୋଭବ ରହେ, ସେହି ମନୋଭାବ ନିମ୍ନ ଅଦାଲତ ତରଫରୁ ପୋଲିସର ମାତ୍ରାଧିକ କାର୍ଯ୍ୟ ପାଇଁ ରହେନାହିଁ; ଯାହାଫଳରେ ଭାରତରେ ହାଜତ ମୃତ୍ୟୁ ଏକ ସାଂଘାତିକ ମନୋଭାବର ପରିଚୟ ପାଲଟିଗଲାଣି।

ଦେଖାଯାଏ ଦେଶରେ ଯେଉଁ ହାରରେ ହାଜତ ମୃତ୍ୟୁ ଘଟୁଛି ସେହି ଅନୁପାତରେ ପୋଲିସ କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହାର ମୁଖ୍ୟ କାରଣ ହେଉଛି ସେହି ହାଜତ ମୃତ୍ୟୁ ସମ୍ପର୍କିତ ତଦନ୍ତକୁ ସେହି ସ୍ଥାନୀୟ ପୋଲିସ କରୁଥିବା ହେତୁ ନିଜର ବନ୍ଧୁମାନଙ୍କୁ ଦଣ୍ଡିତ ହେବାକୁ ଦିଅନ୍ତି ନାହିଁ। ତତ୍‌ସହିତ ପୋଲିସ ସାଙ୍ଗରେ ସବୁବେଳେ ମିଳିମିଶି ରହୁଥିବା ନିମ୍ନ ଅଦାଲତଗୁଡ଼ିକ ନିଜ ଆଡୁ କେବେହେଲେ ପୋଲିସ ଦ୍ୱାରା ଘଟାଯାଉଥିବା ଅପରାଧକୁ ଖୋଳତାଡ଼ କରନ୍ତି ନାହିଁ। ଅନ୍ୟପଟେ ସାଧାରଣ ନାଗରିକଙ୍କ ପାଇଁ ଯେଉଁ କଠୋର ମନୋଭବ ରହେ, ସେହି ମନୋଭାବ ନିମ୍ନ ଅଦାଲତ ତରଫରୁ ପୋଲିସର ମାତ୍ରାଧିକ କାର୍ଯ୍ୟ ପାଇଁ ରହେନାହିଁ; ଯାହାଫଳରେ ଭାରତରେ ହାଜତ ମୃତ୍ୟୁ ଏକ ସାଂଘାତିକ ମନୋଭାବର ପରିଚୟ ପାଲଟିଗଲାଣି। ଯେଉଁ ପୋଲିସ ଅଫିସର ବାଡେଇକରି ମାରିଦେଇପାରୁଛି ତାହାର ସେହି ବ୍ୟବସ୍ଥାରେ ସମ୍ମାନ ଓ ଗୁରୁତ୍ୱ ବୃଦ୍ଧିପାଉଛି।

ତେବେ ସାଧାରଣରେ ହାଜତ ମୃତ୍ୟୁ ଘଟଣାଗୁଡ଼ିକରେ ପୋଲିସ ବିରୋଧରେ କମ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ରିପୋର୍ଟରୁ ସ୍ପଷ୍ଟ ହୁଏ। ଏନ୍‌ଏଚ୍‌ଆର୍‌ସି ତଥ୍ୟ ମୁତାବକ ୨୦୧୭ରୁ ୨୦୨୧ ପାଞ୍ଚବର୍ଷରେ ବିଚାରବିଭାଗୀୟ ତଥା ପୋଲିସ ହାଜତ ମୃତ୍ୟୁ ଘଟଣାରେ କେବଳ ୨୧ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହାଜତରେ ମୃତ୍ୟୁ ହେଲେ ଘଟଣାଟିକୁ ପରିବାର ଲୋକେ କିମ୍ବା ମାନବ ଅଧିକାର କର୍ମୀମାନେ ଅଭିଯୋଗ ଆଣିଲେ ମଧ୍ୟ ଅନେକ ସମୟରେ ତାହାକୁ ବିଭିନ୍ନ ଆଳରେ ଚାପି ଦିଆଯାଉଛି। ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ, ନିକଟରେ ହୀରାକୁଦ ପୋଲିସ ହେପାଜତରେ ଥିବା ଜଣେ ଯୁବକଙ୍କର ମୃତ୍ୟୁ ଅଭିଯୋଗକୁ ନେଇ ସମ୍ବଲପୁର ସହରରେ ଉତ୍ତେଜନା ଦେଖାଯାଇଥିଲା। ରାଜ୍ୟର ବିଭିନ୍ନ ଥାନାରେ ବାରମ୍ବାର ଏଭଳି ହାଜତ ନିର୍ଯାତନା କିମ୍ବା ମୃତ୍ୟୁ ଖବର ପ୍ରକାଶ ପାଇଆସୁଛି। ଜୁଲାଇ ୨୦୨୪ରେ ବିଧାନସଭାରେ ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି ଯେ, ରାଜ୍ୟରେ ୨୦୧୪ରୁ ୨୦୨୩ ମଧ୍ୟରେ ୪୮ଟି ହାଜତ ମୃତ୍ୟୁ ଘଟିଛି। ତେବେ ଏହିସବୁ ଘଟଣାରେ କେତେଜଣ ପୋଲିସଙ୍କ ଉପରେ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ସେଥିମଧ୍ୟରୁ କେତୋଟି ମାନବ ଅଧିକାର କମିଶନରେ ଅଭିଯୋଗ ହୋଇଛି, କେତେ ଜଣ ନ୍ୟାୟ କିମ୍ବା କ୍ଷତିପୂରଣ ପାଇଛନ୍ତି, ତାହାର ସବିଶେଷ ତଥ୍ୟ ସାଧାରଣରେ ପ୍ରକାଶ ପାଉନାହିଁ। ତେବେ ତାମିଲନାଡୁ ଘଟଣାରେ ଭିନ୍‌ସେଣ୍ଟଙ୍କ ସ୍ତ୍ରୀଙ୍କ ଲଢ଼େଇ ଯୋଗୁ ଏକ ଭିନ୍ନ ପରିସ୍ଥିତି ସୃଷ୍ଟି ହେଲା। ଦୀର୍ଘକାଳ ଲଢ଼େଇକରି ଜଣେ ମହିଳା ତାଙ୍କ ଲକ୍ଷ୍ୟରେ ପହଞ୍ଚିପାରିଛନ୍ତି ଏବଂ ତାହା ପ୍ରତିଟି କ୍ଷେତ୍ରରେ ଅନୁକରଣୀୟ। କିନ୍ତୁ ମନେରଖିବାକୁ ହେବ ଯେ, ଏହା ମାତ୍ର ଟ୍ରାଏଲ କୋର୍ଟ ସ୍ତରର ବିଜୟ। ଏହା ପରେ ଆହୁରି ଅନେକ ପାହାଚ ରହିଛି ଏବଂ ପ୍ରତ୍ୟେକ ପାହାଚରେ ଜଷ୍ଟିସ ଯଶଓ୍ୱନ୍ତ ଭର୍ମାଙ୍କ ଭଳି ଲୋକ ନ୍ୟାୟ ଦେବା ପାଇଁ ଅପେକ୍ଷା କରି ବସିଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 7 | | 5 | |
| | | | | | | 4 | 9 | |
| | | 7 | | | 2 | | | |
| | | | 2 | | 9 | 8 | | |
| | | 2 | 8 | 5 | | | 4 | |
| | | 3 | | | | | | 6 |
| | 2 | 8 | | 1 | | 9 | | 5 |
| | | | | | 4 | | | |
| 6 | | | | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 7 | 9 | 8 | 2 | 1 | 3 | 5 |
| 2 | 5 | 9 | 4 | 3 | 1 | 8 | 6 | 7 |
| 1 | 3 | 8 | 7 | 6 | 5 | 9 | 2 | 4 |
| 4 | 8 | 1 | 2 | 7 | 3 | 6 | 5 | 9 |
| 5 | 7 | 2 | 1 | 9 | 6 | 3 | 4 | 8 |
| 9 | 6 | 3 | 5 | 4 | 8 | 7 | 1 | 2 |
| 7 | 2 | 5 | 6 | 1 | 9 | 4 | 8 | 3 |
| 8 | 9 | 6 | 3 | 5 | 4 | 2 | 7 | 1 |
| 3 | 1 | 4 | 8 | 2 | 7 | 5 | 9 | 6 |

ଗତକାଲିର ଉତ୍ତର

# ତିନି ଲଫାପା ଉପାଖ୍ୟାନ



ପ୍ରମୋଦ ଧଳ

ସାଧାରଣତଃ ବିଭିନ୍ନ କଲେଜସ୍ତରରେ ନେତୃତ୍ୱ ନେଉଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ରାଜନେତାମାନେ ଆସିଥାନ୍ତି। ତାହା ବ୍ୟତୀତ ସମାଜରେ କିଛି ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ପିଲାମାନେ ହେଉ ବା ପ୍ରକୃତ ସମାଜସେବୀ ପରିବାର ପୃଷ୍ଠଭୂମିରୁ ଆସି ରାଜନୀତିରେ ଯୋଗଦେଇଥାନ୍ତି। ଆହୁରି ମଧ୍ୟ ଦେଶର ପ୍ରାୟ ସମସ୍ତ ରାଜରାଜୁଡ଼ା ପରିବାରର କିଛି ବୁଦ୍ଧିଆ ଲୋକ ରାଜଗାଦି ଚାଲିଯିବା ପରେ, ରାଜାରୁ ମନ୍ତ୍ରୀ ହୋଇ ଶାସନ କରିବା ଶ୍ରେୟ ମଣିଲେ; ଯେହେତୁ ଆଜିକାଲି ରାଜନୀତି କରିବା ହେଉଛି ଦେଶର ସବୁଠାରୁ ଲାଭଜନକ ବେପାର, ତେଣୁ ସେଥିରେ ପ୍ରତିଯୋଗିତା ବୃଦ୍ଧିପାଇଛି। ରାଜନୀତିରେ ଆସିବାକୁ ଆଉ କୌଣସି ପୃଷ୍ଠଭୂମିର ମାନଦଣ୍ଡ ଖୋଜିବାକୁ ଦରକାର ପଡୁନାହିଁ । ପାଖରେ ଗୁଡ଼ାଏ ପଇସା ଥିବା ନିହାତି ଦରକାର, କାରଣ ସର୍ବନିମ୍ନ ବିନିଯୋଗ ଅର୍ଥ ନ ଥିଲେ ରାଜନୀତିରେ ସ୍ଥାନ ପାଇବା ଅସମ୍ଭବ। ଜନତା ବି ପଇସା ନ ଥିବା କୌଣସି ଭଦ୍ରଲୋକ ପ୍ରାର୍ଥୀଙ୍କୁ ଆଡ଼ ଆଖିରେ ଚାହାନ୍ତି ନାହିଁ, ଭୋଟଦେବା ତ ଦୂରର କଥା।

କେତେକେ ମାଷ୍ଟର, ଠିକାଦାର, ବିଦ୍ୟା ବେପାରୀ, କିରାଣି , ମାଛ ବେପାରୀ, ମଦ ବେପାରୀ ଓ କିଛି ପୂଜାପାଠ କରୁଥିବା ତଥା ବିପୁଳ ଅର୍ଥ ବିନିଯୋଗ କରିବାକୁ ସକ୍ଷମ ବ୍ୟକ୍ତି ନିର୍ବାଚନ ଲଢ଼ି ଅନାୟାସରେ ଜିତି ସରକାର ଗଠନ କରିପାରୁଛନ୍ତି। ଅନେକଙ୍କର ପ୍ରଶାସନର କାର୍ଯ୍ୟକାରିଣୀ ସମ୍ପର୍କରେ ଜ୍ଞାନ ଶୂନ୍ୟ। ଏମାନଙ୍କ ଅବସ୍ଥା ଦେଖି ଗୋଟିଏ ରାଜନୀତି ଗପ ମନେପଡୁଛି: ନିର୍ବାଚନରେ କୌଣସି ପରିସ୍ଥିତିରେ ଜିତି ସରକାର ଗଠନ କରିଥିବା ଗୋଟିଏ ଦଳର ମୁଖିଆ ଦିନେ ସୀତାବଲ୍ଲଭ ବାବୁଙ୍କ ପରି ଜଣେ ଦକ୍ଷ ରାଜନେତାଙ୍କ ପାଖକୁ ଯାଇ କିଛି ପରାମର୍ଶ ଭିକ୍ଷା କଲେ। ଏତେ ଅସଜଡ଼ା ଅମଲାମାନଙ୍କୁ ନେଇ କେମିତି ରାଜ୍ୟ ଚଳେଇବେ ସେ ନେଇ ଉପଦେଶ ମାଗିଲେ । କହିଲେ, କେତେଦିନ ଏ ଅମଲାଙ୍କୁ ବାପରେ ଧନରେ କହି ରାଜ୍ୟ ଶାସନ ଚଳେଇବେ? ସୀତାବଲ୍ଲଭ ବାବୁ କହିଲେ, ପୃଥିବୀର ସବୁ ଜନସାଧାରଣ ପ୍ରାୟତଃ ଗୋଟିଏ ପ୍ରକାରର! ତେଣୁ ତାଙ୍କୁ ନିୟନ୍ତ୍ରଣ କରିବା ଭାରି ସହଜ, ସେମାନେ ବେଶି କିଛି ମନେରଖନ୍ତି ନାହିଁ, ଯାହା ବି କିଛି ମନେଥାଏ ମଦ ମାଂସ ଟିକେରେ ସମ୍ପୂର୍ଣ୍ଣ ଭୁଲିଯାଆନ୍ତି! ଆସିଛ ଯେତେବେଳେ ମୁଁ ଗୋଟିଏ ସିକ୍ରେଟ ଉପାୟ କହିବି, କାହାରିକୁ କିଛି ନ କହି ଆରାମରେ ପାଞ୍ଚବର୍ଷ ଚଲେଇଦେବ, ପୁଣି ପରେ ଦେଖିବା! ଏତିକି କହି ପୂର୍ବରୁ ରଖିଥିବା ତିନୋଟି ସିଲ୍‌ଦିଆ ଲଫାପାକୁ ଗୋଟିଏ ବଡ଼ ଲଫାପାରେ ବନ୍ଦ କରି ତାଙ୍କ ହାତକୁ ବଢ଼େଇଦେଇ କହିଲେ, "ଯେତେବେଳେ କ'ଣ କରିବେ,




କିଛି ବୁଦ୍ଧି ବାଟ ଦିଶିବ ନାହିଁ, ସେତିକିବେଳେ ପ୍ରଥମଟିକୁ ଖୋଲି ପଢ଼ିବେ ଓ ସେହି ଅନୁସାରେ କାର୍ଯ୍ୟ ଆରମ୍ଭ କରିବେ"! ଯାହାହେଉ ଗୁରୁମନ୍ତ୍ର ପାଇ ବଡ଼ ଆନନ୍ଦରେ ଫେରିଲେ ମୁଖିଆ ।

ନିର୍ବାଚନ ଜିତିବା ପରେ କିଛିଦିନ ଚାଲିଗଲା। କେଉଁ କାମ କରିବେ, କେମିତି କରିବେ ବୁଝିବା କଷ୍ଟ ହେଉଥାଏ। ବଡ ଚିନ୍ତାରେ ଥାନ୍ତି ନେତାଙ୍କ ନେତା। ମନେପଡ଼ିଲା ସୀତାବଲ୍ଲଭ ବାବୁ ଦେଇଥିବା ଲଫାପା, ସାଙ୍ଗେ ସାଙ୍ଗେ ଆଲମୀରାରୁ ବାହାର କରି ସେ ବଡ଼ ଲଫାପାଟିକୁ ଖୋଲି ଦେଖିଲେ ସେଥିରେ ସମୁଦାୟ ତିନୋଟି ଲଫାପା ଅଛି। ପ୍ରଥମ ଲଫାପା ଉପରେ ଲେଖା ଅଛି, 'ଓପନ ଓଁଲି ୱେନ ୟୁ ଆର୍ କନଫ୍ୟୁଜ୍ଡ' , ଅର୍ଥାତ ଯେତେବେଳେ କ'ଣ କରିବେ, କ'ଣ ନ କରିବେ ଏବଂ ଦ୍ୱନ୍ଦ୍ୱରେ ପଡ଼ିବେ, ସେତିକିବେଳେ ପ୍ରଥମ ଲଫାପାଟି ଖୋଲି ପଢ଼ିବେ ଏବଂ ସେଥିରେ ଲେଖାଥିବା ନିର୍ଦ୍ଦେଶାବଳୀ ଅନୁସରଣ କରି ସେହି ଅନୁସାରେ କାମ ଆରମ୍ଭ କରିବେ। ଖୁସିରେ କେବଳ ସେହି ଲଫାପାଟି ଖୋଲି ପଢ଼ିଲେ, ସେଥିରେ ଲେଖାଥିଲା, 'ବ୍ଲେମ ୟୋର୍ ପ୍ରେଡିସେସର' ଅର୍ଥାତ୍ ସରକାରୀ କଳର ସମସ୍ତ ଦୋଷ ତ୍ରୁଟି ପୂର୍ବ ସରକାର ଉପରେ ଲଦି ଦିଆଯାଉ। ଏହାପରେ ଆଉ କିଏ ସମ୍ଭାଳେ, ଶହେ ସିଂହର ବଳ ନେଇ ଚିତ୍କାର କରିବାକୁ ଆରମ୍ଭ କରିଦେଲେ, ଖଣି ଦୁର୍ନୀତି, ପାଣି ଦୁର୍ନୀତି, ଚିଟ୍‌ଫଣ୍ଡ ଦୁର୍ନୀତି, ତାମିଲି ଦୁର୍ନୀତି, ତେଲୁଗୁ ଦୁର୍ନୀତି ସବୁର ଗୋଟି ଗୋଟି କରି ପର୍ଦ୍ଦାଫାଶ ହେବ, ଆମ ସରକାରରେ ଦୁର୍ନୀତିର ସ୍ଥାନ ନାହିଁ, ଦୁର୍ନୀତିରେ ବୁଡ଼ିଥିବା ମନ୍ତ୍ରୀ ଯନ୍ତ୍ରୀ ତନ୍ତ୍ରୀ ସମସ୍ତଙ୍କୁ ଜେଲରେ ଭର୍ତ୍ତି କରାଯିବ। ସବୁ ଖବରକାଗଜର ପ୍ରଥମ ପୃଷ୍ଠା ଭର୍ତ୍ତି ହୋଇଗଲା ଏମିତି ଖବର ସବୁ। ଜନସାଧାରଣରେ ଉତ୍ସାହ ଖେଳିଗଲା, ଭାବିଲେ ଏଥର ପ୍ରଥମ ଥର କରି ଠିକ ଦଳକୁ କ୍ଷମତା ଦେଇଛନ୍ତି, କେହି ଦୁର୍ନୀତିଗ୍ରସ୍ତ ଆଉ ତ୍ରାହି ପାଇବେ ନାହିଁ ଏଥର! କିଛି କିଛି ପିଅନ, ଚପରାସୀ, କିରାଣି ଓ ବନରକ୍ଷୀମାନଙ୍କୁ ଗିରଫ କରି ଉଦାହରଣ ମଧ୍ୟ ସୃଷ୍ଟି କରିଦେଲେ, କାରଣ ଚୂନାମାଛ ସବୁବେଳେ ସୁଆଦିଆ। ସରକାର ଖୁସ, ଖବର ସରବରାହ ସଂସ୍ଥା ଖୁସ ଓ ଜନତା ବି ଖୁସ!! ଏମିତିରେ ଚାଲିଗଲା ବର୍ଷେ ଦେଢ଼ବର୍ଷ।

ପରେ କିଛି ବୁଦ୍ଧିଜୀବୀ ପ୍ରଶ୍ନ କଲେ, ସବୁତ ସେମାନେ ନଷ୍ଟ ଭ୍ରଷ୍ଟ କରି ଚାଲିଗଲେ କିନ୍ତୁ ଏମାନେ କ'ଣଟା ଉପାଡ଼ି ଦେଲେ? ଏମିତି ସମାଲୋଚନାର ସ୍ୱର ଉତ୍ତୋଳନ ବି ହେଲାଣି!! ବ୍ୟସ୍ତ ହୋଇପଡ଼ିଲେ ମୁଖିଆ, ସତରେ ତ କିଛି କାମ କାହିଁକି ହୋଇପାରୁନି? କ'ଣ କରାଯାଇପାରିବ ଭାବୁ ଭାବୁ ସୀତାବଲ୍ଲଭ ବାବୁଙ୍କ କଥା ମନେପଡ଼ିଗଲା। ଆଲମୀରା ଖୋଲି ଦ୍ୱିତୀୟ ଲଫାପାଟି ଦେଖିଲେ, ତା' ଉପରେ ଲେଖାଥିଲା, ଟେଲ ଟଲ ଟକ୍ସ, ଅର୍ଥାତ୍ ବଡ଼ ବଡ଼ କଥା ପ୍ରତିଜ୍ଞା କରାଯାଉ, ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକ ଘୋଷଣା କରାଯାଉ ଏବଂ ସେସବୁ ସମସ୍ତ ଖବରକାଗଜର ପ୍ରଥମ ପୃଷ୍ଠା ବଡ଼ ବଡ଼ ବିଜ୍ଞାପନରେ ଭରିଦିଆଯାଉ। ଆଡ଼ମ୍ବର ପର୍ବ ଆରମ୍ଭ ହୋଇଗଲା, ରାସ୍ତା ଘାଟରେ ବିରାଟ ବିରାଟ ହୋର୍ଡିଂରେ ଲାଗିଗଲା,ଅନେକ ହଜାର 'ଏମଓୟୁ' ଦସ୍ତଖତ ହୋଇଗଲା, ଜାଗା ଜାଗାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଫଳକ ଲାଗିଗଲା। ଭକୁଆ ଜନତା ଆନନ୍ଦରେ ବିଭୋର ହୋଇଗଲେ, କିଛି ପୁରୁଣା ବନ୍ଦ ପଡ଼ିଥିବା କଳକାରଖାନାର ଚିମିନିରେ କାଠ ଜଳେଇ ଧୂଆଁ ବାହାର କରି ଲୋକମାନଙ୍କୁ ଦେଖେଇଦେଲେ। ଜନତା ଖୁସ୍, ମୁଁ ଖୁସ୍, ସରକାର ବି ଖୁସ୍!!

ଏମିତିରେ ପୁଣି ଦୁଇବର୍ଷ ଖାଲି ଭାଗ ଦୌଡ଼ରେ ଚାଲିଗଲା। ସରକାର ଆସିବାର ପ୍ରାୟ ସାଢ଼େ ତିନିବର୍ଷ ବିତିଗଲା କିନ୍ତୁ କେବଳ ଘୋଷଣାରେ ସବୁ ସୀମିତ ରହିଗଲା। ଆଉ ମାତ୍ର ଦେଢ଼ବର୍ଷ ସମୟ ଭିତରେ କରିବେ କ'ଣ। କାମଦାମ ହୋଇଥିଲେ ସିନା କର୍ମୀମାନେ କିଛି ରୋଜଗାର କରିଥାନ୍ତେ! କର୍ମୀମାନେ ବିଦ୍ରୋହ ଆରମ୍ଭ କରିଦେଲେ। ସମାଲୋଚନା ହେଲା ଯେ କେବଳ କିଛି ମାଗଣା ଭତ୍ତା ଘୋଷଣା ବ୍ୟତୀତ ଏ ସରକାର କଲେ କ'ଣ ? ହୋ ହଲ୍ଲା ଆରମ୍ଭ ହୋଇଗଲା । ମୁଖିଆ ପୁଣିଥରେ ଚିନ୍ତାରେ ପଡ଼ି ସାଇତି ରଖିଥିବା ଶେଷ ତିନି ନମ୍ବର ଲଫାପା ମନେପଡ଼ିଗଲା। ଅବିଳମ୍ବେ ଆଲମୀରା ଖୋଲି ଦେଖିଲେ, ସେଥିରେ ଲେଖା ଥିଲା, ଇଟ୍ସ ହାଇ ଟାଇମ, ୟୁ ମଷ୍ଟ ପ୍ରିପେୟାର ଥ୍ରୀ ଏନ୍‌ଭେଲୋପ ଲାଇକ ଦିସ୍ ଆଣ୍ଡ ଫଲୋ ଦି ଡିଟେଲ ଇନଷ୍ଟ୍ରକ୍‌ଷ୍ଟଶନ ଇନ୍‌ସାଇଡ୍। ଅର୍ଥାତ, ସମୟ ଆସିଗଲା ଏମିତି ଆଉ ତିନୋଟି ଲଫାପା ପ୍ରସ୍ତୁତ କରି ରଖିଦିଅ, ଆଉ କାହା କାମରେ କେତେବେଳେ ଆସିପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେତେଶୀଘ୍ର ବିଭିନ୍ନ ଟେଣ୍ଡର ଆରମ୍ଭ କରି ଯଥାସମ୍ଭବ ଅର୍ଥ ଠୁଳ କରାଯାଇ ଆସନ୍ତା ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ଗଣତନ୍ତ୍ରରେ ପରିମାଣ ଗୁରୁତ୍ୱପୂର୍ଣ୍ଣ, ଗୁଣାତ୍ମକ ନୁହେଁ। ଯେହେତୁ ଆମ ଦେଶରେ ଭକୁଆଙ୍କ ସଂଖ୍ୟା ମାତ୍ରାଧିକ ଓ ଯେହେତୁ 'ଅତ୍ୟଧିକ ଗଣତନ୍ତ୍ର' ବ୍ୟବସ୍ଥା ପ୍ରଚଳନ ହୋଇଆସୁଛି ତେଣୁ ପ୍ରାୟ ସମସ୍ତ ରାଜନୈତିକ ଦଳମାନେ ସରକାର ଚଳେଇବାର ଏହି ତିନିଟି ଲିଫାପା ଫର୍ମୁଲାକୁ ଆପଣେଇ ନେଇଛନ୍ତି, ଏଥିରୁ ମୁକ୍ତି ନାହିଁ!!

**ଆଡ୍‌ଭୋକେଟ୍, ଓଡ଼ିଶା ହାଇକୋର୍ଟ**
**ମୋ: ୭୦୦୮୮୧୦୧୧୨**

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଜାତୀୟ ଶିକ୍ଷା ନୀତି–୨୦୨୦ ଆଧାରରେ ୨୦୨୫–୨୬ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଖୋଲାଯିବ ; ଯେଉଁଠି ୫ ରୁ ୬ ବର୍ଷ ବୟସର ପିଲାମାନେ ପ୍ରି–ସ୍କୁଲ ଶିକ୍ଷା ଗ୍ରହଣ କରିବେ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକାରଣ କର୍ତ୍ତୃପକ୍ଷ (ଓସେପା) ପକ୍ଷରୁ ସମସ୍ତ ଜିଲାର ଜିଲାପାଳଙ୍କୁ ଅବଗତ କରାଯାଇଛି।ମାତ୍ର ସେହି ଅନୁଯାୟୀ ଭିତ୍ତିଭୂମି ଓ ମାନବ ସମ୍ବଳ ଅର୍ଥାତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସଂଖ୍ୟାରେ କୌଣସି ଉନ୍ନତି କରାଯିବ ନାହିଁ ବୋଲି ମଧ୍ୟ ନିର୍ଦ୍ଦେଶ ଆସିଛି।ଏ ନେଇ ଶିକ୍ଷକ ଏବଂ ଅଭିଭାବକମାନେ 'ଶିଶୁ ବାଟିକା'ର ସଫଳତାକୁ ନେଇ ସନ୍ଦିହାନ ହୋଇ ଉଠିଛନ୍ତି।ପୁଣି ଏହି ଶିଶୁ ବାଟିକା ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୪ଟା ଯାଏ ଚାଲିବ।ଆଲୋଚନାର ବିଷୟ ଏହା ଯେ ଯେଉଁଠି ବିଦ୍ୟାଳୟରେ ପୂର୍ବରୁ ୧ମ ରୁ ୫ମ ଶ୍ରେଣୀ ପିଲାଙ୍କ ପାଇଁ ଯଥେଷ୍ଟ ପରିମାଣର ଶିକ୍ଷକ ଶିକ୍ଷୟିତ୍ରୀ ନାହାନ୍ତି, ସେଠି ବାଲ୍ ବାଟିକା ମାଧ୍ୟମରେ ଯୋଗ ଦେବାକୁ ଯାଉଥିବା କୋମଳମତି ପିଲାଙ୍କୁ ପାଠ ପଢ଼େଇବ କିଏ? ଶ୍ରେଣୀ କୋଠରି ଅଭାବ ହେଉଥିବା ବେଳେ ଏହି ପିଲାମାନେ ପାଠ ପଢ଼ିବେ କେଉଁଠି?

ତଥ୍ୟ ରହିଛି ଯେ ଜାତୀୟ ଶିକ୍ଷା ନୀତି ୨୦୨୨ ରୁ ଲାଗୁ ହୋଇଥିଲେ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଓଡ଼ିଶାର କେନ୍ଦ୍ର ବିଦ୍ୟାଳୟଗୁଡ଼ିକରେ ଏପର୍ଯ୍ୟନ୍ତ ବାଲ୍ ବାଟିକା ଖୋଲିପାରି ନାହିଁ।ଏବେ ପୁଣି ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିଶୁ ବାଟିକା ଖୋଲିଲେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପରେ କ'ଣ ଚାପ ପଡ଼ିବ ନାହିଁ ? ପୂର୍ବରୁ ଗୋଟିଏ ଶ୍ରେଣୀ କୋଠରିରେ ଏକାଧିକ ଶ୍ରେଣୀର ପାଠପଢ଼ା ଚାଲିଛି। ମାତ୍ର ଦୁଇଟି ଶ୍ରେଣୀଗୃହ ଏବଂ ୨–୩ ଶିକ୍ଷକଙ୍କ ଦାୟିତ୍ୱରେ ଚାଲୁଥିବା ବିଦ୍ୟାଳୟଗୁଡ଼ିକ ନୂଆ ଭାବରେ ଯୋଗ ଦେଇଥିବା ଶିଶୁ ବାଟିକା ପିଲାଙ୍କର ଶିକ୍ଷାଗତ ଆବଶ୍ୟକତା ପୂରଣ କରିବେ କେମିତି?

ମୋର ଜଣେ ବନ୍ଧୁ ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ।ତାଙ୍କ ସହ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବା ସମୟରେ ସେ ଯାହା କହିଲେ, ତାହା ଶୁଣି ମୁଁ ନିରାଶ ହେଲି।ମୋର ବନ୍ଧୁ ମଧ୍ୟ ଏହି ବ୍ୟବସ୍ଥାରେ ଖୁସି ନୁହନ୍ତି କାରଣ ସେ ଦେଖୁଛନ୍ତି ପିଲାଙ୍କ ସମସ୍ୟା, ହେଲେ ଏହାର ସମାଧାନ ନ ଥିବା ଜାଣି ମୋଠାରୁ ଅଧିକ ସେ ମର୍ମାହତ ବୋଲି ଜାଣିଲି।

ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ୫ଟି ଶ୍ରେଣୀ ପାଇଁ ନିଯୁକ୍ତି ପାଉଛନ୍ତି ୩ ଜଣ ଶିକ୍ଷକ।ସୁତରାଂ ବାଧ ହୋଇ ୧ମ, ୨ୟ ଏବଂ ୩ୟ ଶ୍ରେଣୀ ପିଲାଙ୍କୁ ଜଣେ ଶିକ୍ଷକ ପଢ଼ାଉଛନ୍ତି।ଏକକାଳୀନ ଜଣେ ତ ଆଉ ତିନୋଟି ଶ୍ରେଣୀରେ ଉପସ୍ଥିତ ହୋଇପାରିବେ ନାହିଁ ; ତେଣୁ ଗୋଟିଏ କକ୍ଷରେ ଭାଗ ଭାଗ ହୋଇ ତିନୋଟି ଯାକ ଶ୍ରେଣୀର ପିଲାଙ୍କୁ ପଢ଼େଇବା ଜଣେ ଶିକ୍ଷକ ପାଇଁ କେତେ କଷ୍ଟକର ହୋଇଥିବ ବୁଝିବା କଥା! ସେଥିରେ ପୁଣି ଯଦି ଜଣେ ଶିକ୍ଷୟିତ୍ରୀ ନିୟୋଜିତ ହୋଇଥିବେ ଏବଂ ସେ ପ୍ରସବକାଳୀନ କିମ୍ବା ମାତୃତ୍ୱଲାଭ ଜନିତ ଛୁଟି ନେବେ, ତେବେ ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା ୨।ଆହୁରି ପାଠକ ଜାଣି ଆଶ୍ଚର୍ଯ୍ୟ ହେବେ



ଯେ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କ୍ଲର୍କ ଓ ପିଅନ ନିଯୁକ୍ତି ପାଆନ୍ତି ନାହିଁ।ଏବେ ଜାଣିବାର ବିଷୟ ଏହା ଯେ, ବିଦ୍ୟାଳୟରେ ସଫାସଫି କାମ କରିବାର ଦାୟିତ୍ୱ ନିଏ କିଏ? ଶିକ୍ଷକ ଶିକ୍ଷୟିତ୍ରୀ କିମ୍ବା ସେ କୁନିକୁନି ପିଲାମାନେ! ବିଚାର କରନ୍ତୁ ଯେଉଁ ସମୟରେ ପିଲାମାନେ ଖେଳିବା, ଶିଖିବା ଭଳି ଆମୋଦଦାୟକ କାମରେ ନିୟୋଜିତ ହେବା କଥା ; ସେମାନେ ବିଦ୍ୟାଳୟକୁ ପରିଷ୍କାର କରିବା କାମରେ ସମୟ ବିତାଉଛନ୍ତି।ଏ ହେଉଛି ସରକାରୀ ବିଦ୍ୟାଳୟଗୁଡ଼ିକର ପ୍ରାଥମିକ ଶିକ୍ଷାର ଚିତ୍ର।ଯେଉଁ ସମୟଟି ଛାତ୍ର ଜୀବନର ମୂଳଦୁଆ ବୋଲି କୁହାଯାଏ, ତାହା କେଉଁ ପରିସ୍ଥିତି ଦେଇ ଗତି କରୁଛି, ଆକଳନ କରାଯାଉ।

ଶିକ୍ଷା ଆରମ୍ଭର ପ୍ରାରମ୍ଭିକ ପର୍ଯ୍ୟାୟ ଯଦି ଦୁର୍ବଳ ହୁଏ ; ପରବର୍ତ୍ତୀ ସମୟରେ ଯୋଜନା ପରେ ଯୋଜନା କଲେ ଆଉ କି ଲାଭ? ସେମାନଙ୍କ ବହୁମୂଲ୍ୟ ସମୟ (୫ ବର୍ଷ) ତ ନଷ୍ଟ ହୋଇସାରିଛି, ପରେ ଆଉ ଯେତେ ଚେଷ୍ଟା କଲେ କ'ଣ ହେବ! କିଛିଦିନ ତଳେ ଆହୁରି ଏକ ତଥ୍ୟ ପ୍ରତିଟି ଖବରକାଗଜ ଏବଂ ଗଣମାଧ୍ୟମରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ତାହା ହେଉଛି ସରକାରୀ ବିଦ୍ୟାଳୟର ନବମ ଶ୍ରେଣୀର ଅଧାରୁ ଅଧିକ ପିଲା ଗଣିତର ସାଧାରଣ ମିଶାଣ, ଫେଡ଼ାଣ, ଗୁଣନ, ହରଣ କରିପାରୁନାହାନ୍ତି, ଓଡ଼ିଆରେ ସମ୍ପୂର୍ଣ୍ଣ ଧାଡ଼ି ଏବଂ ଇଂଲିଶର ଶବ୍ଦ ପଢ଼ିବା ବି ତାଙ୍କ ପାଇଁ କଷ୍ଟକର।

ସରକାର ଏ ଦିଗରେ ଦୃଷ୍ଟି ଦେବା ନିହାତି ଆବଶ୍ୟକ।ପ୍ରଥମେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ହେଉଛି ପ୍ରାଥମିକତା । ଗୋଟିଏ ପଟେ ପିଲାଙ୍କୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ବିନା ପରୀକ୍ଷା କରାଯାଇ ପାସ୍ କରେଇ ଦିଆଯାଉଛି, ଅନ୍ୟପଟେ ଦଶମ ବୋର୍ଡ ପରୀକ୍ଷାରେ ୮୦% ପିଲା ପରୀକ୍ଷାରେ ପାସ୍ କରିବାର ଏକ କଷ୍ଟକର ଲକ୍ଷ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପରେ ଲଦି ଦିଆଯାଉଛି।ନବମ ଶ୍ରେଣୀର ୨୫% ପିଲା ଓଡ଼ିଆ ଓ ଇଂଲିଶରେ ଧାଡ଼ିଟିଏ ଲେଖିବା ତ ଦୂରର କଥା ଶବ୍ଦ ଉଚ୍ଚାରଣ କରିବାକୁ ମଧ୍ୟ ସମର୍ଥ ହେଉ ନ ଥିବା ବେଳେ ଦଶମ ବୋର୍ଡରେ ନିର୍ଦ୍ଦିଷ୍ଟ ପାସ୍ ହାରର ଲକ୍ଷ୍ୟ କେମିତି ଦିଆଯାଉଛି, ତାହା ଆଶ୍ଚର୍ଯ୍ୟର ବିଷୟ!

ଶିକ୍ଷା ବିଭାଗ ଏ ଦିଗରେ ଯଥାଶୀଘ୍ର ଚିନ୍ତାକରି କିଛି ପଦକ୍ଷେପ ନେବା ଜରୁରୀ।ସମସ୍ୟା ବିଷୟରେ ଶିକ୍ଷା ଅଧିକାରୀ, ପ୍ରଶାସନ ସମସ୍ତେ ଅବଗତ, ଏଣୁ ସମାଧାନ ବି ନିଶ୍ଚୟ ରହିଥିବ।ଆବଶ୍ୟକତା ଅଛି, ତାକୁ କାର୍ଯ୍ୟକାରୀ କରିବା।ପ୍ରାଥମିକ ବିଦ୍ୟାଳୟରେ ୩ ପରିବର୍ତ୍ତେ ୫ ଶିକ୍ଷକ ନିଯୁକ୍ତ ହେବା ଆବଶ୍ୟକ, କାରଣ ଛୋଟ ପିଲାଙ୍କୁ ଅଧିକ ଧ୍ୟାନ ଓ ଯତ୍ନ ଦେବାର ଆବଶ୍ୟକତା ଥାଏ।ପ୍ରତି ବିଦ୍ୟାଳୟରେ ଗୋଟିଏ ଶ୍ରେଣୀ ପାଇଁ ଅନ୍ତତଃ ଗୋଟିଏ ଶ୍ରେଣୀଗୃହ ନିଶ୍ଚିତ ରୂପେ ରହିବା ଆବଶ୍ୟକ।ସରକାରଙ୍କ ଘୋଷଣା ଅନୁସାରେ ଯଦି ବିଦ୍ୟାଳୟଗୁଡ଼ିକରେ ଶିଶୁ ବାଟିକା ଖୋଲାଯାଉଛି, ତଦନୁଯାୟୀ ମାନବ ସମ୍ବଳ ଏବଂ ଭିତ୍ତିଭୂମିର ବ୍ୟବସ୍ଥା ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉ।

**ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮**

## ଏଇ ଭାରତରେ

କମ୍ ବୟସରେ ସ୍ୱାମୀଙ୍କୁ ହରାଇବା ପରେ ଧୈର୍ଯ୍ୟହରା ନ ହୋଇ ଜଣେ ଜୀବନରେ କିଭଳି ସଶକ୍ତ ହୋଇପାରନ୍ତି ତାହାର ବଳିଷ୍ଠ ଦୃଷ୍ଟାନ୍ତ ହେଉଛନ୍ତି ଗୁଣ୍ଟୁର ନିବାସୀ କୋଣ୍ଡା ଉଷାରାଣୀ। ନୁଟାକି ଗାଁରେ ଜନ୍ମିତ କୋଣ୍ଡା ୧୦ମ ଶ୍ରେଣୀରୁ ପାଠ ଛାଡ଼ି ଦେଇଥିଲେ ଓ ୧୭ ବର୍ଷ ବୟସରେ ବିବାହ କରିଥିଲେ। ବିବାହର ତିନି ବର୍ଷ ମଧ୍ୟରେ ସେ ଦୁଇ ପୁତ୍ର ସନ୍ତାନ ଜନନୀ ହେବା ପରେ ତାଙ୍କ ସ୍ୱାମୀଙ୍କର ଦୁର୍ଘଟଣାରେ ମୃତ୍ୟୁଘଟିଥିଲା। କୋଣ୍ଡା ଘର ଚଲାଇବା ଓ ଭବିଷ୍ୟତରେ ପିଲାଙ୍କୁ ପଢାଇବା ଲାଗି ସେ ଜୈବିକ ପଦ୍ଧତିରେ ପ୍ରଥମେ ହଳଦୀ ଚାଷ କରିଥିଲେ। ପରେ ବିଭିନ୍ନ ଚାଷ କରିବା ସହ ଜୈବିକ ଖତ ତିଆରି କଲେ। ଏବେ ସେ ଜୈବିକ ଖତ, ମଞ୍ଜି ଓ କୀଟନାଶକ ଚାଷୀମାନଙ୍କୁ କମ୍ ମୂଲ୍ୟରେ ବିକ୍ରି କରୁଛନ୍ତି। କେବଳ ଏତିକି ନୁହେଁ , ସେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୫୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଜୈବିକ ଚାଷ ପ୍ରତି ଆକୃଷ୍ଟ କରିବା ସହ ସେମାନଙ୍କ ଜୈବିକ ଉତ୍ପାଦକୁ ବିକ୍ରି କରାଇବାରେ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଏପ୍ରିଲ ୧୯୭୬

- ଶିକ୍ଷାମନ୍ତ୍ରୀ ଯଦୁନାଥ ଦାଶ ମହାପାତ୍ର ବିଧାନସଭାରେ ଆଗତ କରିଥିବା ବିଶ୍ୱବିଦ୍ୟାଳୟ ଆଇନ ସଂଶୋଧନ ବିଲ୍ ବିଧାନସଭାରେ ଗୃହୀତ।
- ବିହାରର ରୋହତାଶ ଜିଲାର ଦେଓ ମାର୍କଣ୍ଡେୟ ନାମକ ସ୍ଥାନରେ ପ୍ରାକ୍ ମୌର୍ଯ୍ୟ ଯୁଗର ଧ୍ୱଂସାବଶେଷ ଆବିଷ୍କୃତ।
- ଗୁଜରାଟରେ ଏକ ଲୋକପ୍ରିୟ ମନ୍ତ୍ରିମଣ୍ଡଳ ଗଠନ ଲାଗି କଂଗ୍ରେସ ବ୍ୟବସ୍ଥାପକ ଦଳ ସାମର୍ଥ୍ୟ ବା ଆବଶ୍ୟକୀୟ ସଂଖ୍ୟାଗରିଷ୍ଠତା ହାସଲ କରିପାରିଛି।

## ଚିରନ୍ତନୀ

ମୂର୍ଚ୍ଛିତ ଏ ଧରଣୀ ପରେ
ସେ ଗତି କ୍ଷୀଣ ଚେତନା ଭରେ
ମୃତ୍ୟୁ ସମ ଜଡ଼ତା ରାଶି
ନିମିଷେ ଦିଏ ଢାଳି
ସହଜ ଗତି ଯା'ନ୍ତି ଚଳି ବାଳୀ।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସଡ଼କ ସୁରକ୍ଷା ସଚେତନତା ପ୍ରହସନ

ମହାଶୟ,

ରାଜ୍ୟରେ ଦୈନନ୍ଦିନ ସଡ଼କ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିଲେ ମଧ୍ୟ ବାସ୍ତବକ୍ଷେତ୍ରରେ ଦୁର୍ଘଟଣା ରୋକିବାକୁ ବିଭାଗୀୟ ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି। ଦୁର୍ଘଟଣାରେ ଅନେକ ପରିବାର ସମୂଳେ ଲୋପ ପାଇଯାଉଥିବା ବେଳେ ବିକଳାଙ୍ଗଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଦୁର୍ଘଟଣା ରୋକିବାକୁ ପ୍ରତ୍ୟେକ ବର୍ଷ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ପାଇଁ ରାଜ୍ୟ ସରକାର ବିପୁଳ ଅର୍ଥ ବ୍ୟୟ କରୁଥିଲେ ମଧ୍ୟ ଦୁର୍ଘଟଣାକୁ ରୋକାଯାଇ ପାରୁନାହିଁ। ଏପରିକି ଦୁର୍ଘଟଣା ହ୍ରାସ ବଦଳରେ ବୃଦ୍ଧି ପାଉଛି। ବିଶେଷକରି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ବୃଦ୍ଧିକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିଥିଲେ । କେବଳ ଏତିକି ନୁହେଁ, ସଡ଼କ ସୁରକ୍ଷା ଆଇନକୁ କଡ଼ାକଡ଼ି ପାଳନ ପାଇଁ କେନ୍ଦ୍ର ସରକାରଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାକୁ ଠିକ ଭାବେ ପାଳନ କରାଯାଉନାହିଁ। ଫଳରେ ସଡ଼କ ସୁରକ୍ଷା ସଚେତନତା ପ୍ରହସନ ପାଲଟିଛି। ଅନ୍ୟପକ୍ଷେ ଦ୍ରୁତ ଗାଡ଼ିଚାଳନା, ରଙ୍ଗ ସାଇଡ୍ ଡ୍ରାଇଭିଂ, ଓଭରଲୋଡ, ଓଭରଟେକ୍, ରଙ୍ଗବେରଙ୍ଗ ହେଡ୍‌ଲାଇଟ, ଟ୍ରାଫିକ ନିୟମ ଉଲ୍ଲଂଘନ ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି।

**–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସହରରେ ବାଲି ଚାଲାଣ ବନ୍ଦ, ନିର୍ମାଣ କାର୍ଯ୍ୟ ଠପ୍

**ରାୟଗଡ଼ା,୭।୪(ଆଶିଷ ରଞ୍ଜନ ପଣ୍ଡା)**

ଗତ ୧ ମାସରୁ ଊର୍ଦ୍ଧ୍ୱ ହେଲାଣି ରାୟଗଡ଼ା ସହରରେ ବାଲି ଚାଲାଣ ବନ୍ଦ ରହିଛି । ଫଳରେ ସରକାରୀ ଓ ବେସରକାରୀ ସମସ୍ତ ନିର୍ମାଣ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି । ଏ ନେଇ ଖଣି ବିଭାଗ ଓ ଜିଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏହିଭଳି ପରିସ୍ଥିତି ଉପୁଜିଛି ବୋଲି ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣିରେ ଟ୍ରାକ୍ଟର ମାଲିକ ସଂଘ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ଖଣି ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପାରୁଲ ପଟୱାରି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷେ ଏହାପୂର୍ବରୁ ବହୁବାର ଖଣି ବିଭାଗ ଅଧିକାରୀ ଓ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏହାର କୌଣସି ସମାଧାନ ବାହାରି ନ ଥିବା ଟ୍ରାକ୍ଟର ମାଲିକ ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି ।

ଘଟଣାରୁ ପ୍ରକାଶ, ରାୟଗଡ଼ା ସହର ପାର୍ଶ୍ୱ ଦେଇ ଆନ୍ଧ୍ରପ୍ରଦେଶକୁ ଯାଇଥିବା ନାଗାବଳୀ ନଦୀର ବିଭିନ୍ନ ବାଲିଘାଟକୁ ମାଇନିଂ ବିଭାଗ ପକ୍ଷରୁ ଲିଜ୍‌ରେ ଦିଆଯାଇଛି । ହେଲେ ଉକ୍ତ ବାଲିଘାଟ ମାଲିକ ବାଲି ନେଉଥିବା ଟ୍ରାକ୍ଟରଠାରୁ କର ଆଦାୟ କରୁଥିଲେ ମଧ୍ୟ ସେମାନଙ୍କୁ ରୟାଲଟି ବାବଦର ଫର୍ମ ଦେଉନାହାନ୍ତି । ଫଳରେ ଟ୍ରାକ୍ଟର ବାଲି ନେଇ ଯିବାବେଳେ ମାଇନିଂ ବିଭାଗ ଓ ପୋଲିସ ଟ୍ରାକ୍ଟରଗୁଡ଼ିକୁ ରୟାଲଟି ଫର୍ମ ମାଗୁଛନ୍ତି । ହେଲେ ରୟାଲଟି ଫର୍ମ ନ ଥିବା ନ ଥିବାରୁ ୨୦ହଜାରରୁ ଆରମ୍ଭକରି ୩୦ ହଜାର ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡୁଛି ବୋଲି ଟ୍ରାକ୍ଟର ମାଲିକ ସଂଘ ଅଭିଯୋଗ କରିଛି। ଅନ୍ୟପକ୍ଷେ ଟ୍ରାକ୍ଟର ନ ଚାଲିବା ଯୋଗୁ ଗାଡ଼ି ମାଲିକ ଫାଇନାନ୍ସ ବାନ୍ଧିବାରେ ଅସମର୍ଥ ହେଉଥିବା ବେଳେ ଡ୍ରାଇଭର ଓ ଦିନ ମଜୁରିଆଙ୍କୁ କାମ ମିଳୁ ନ ଥିବାରୁ ଆର୍ଥିକ ଅନଟନର ଶିକାର ହେଉଛନ୍ତି । ଅନ୍ୟପଟେ ବାଲିଘାଟ ଲିଜ୍‌ଧାରୀ ଟିପ୍ପରକୁ ୬ ସିଏମ ବାଲିର ରୟାଲଟି ଫର୍ମ ଦେଇ


ଟ୍ରାକ୍ଟର ମାଲିକ ସଂଘ ସଭାପତି ଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି।

**ଚିନ୍ତାରେ ଟ୍ରାକ୍ଟର ମାଲିକ ସଂଘ, ଜିଲା ପ୍ରଶାସନର ଦ୍ୱାରସ୍ଥ**

୧୮ସିଏମ୍ ବାଲି ବିକ୍ରି ଅଧିକା ମୁନାଫା ପାଉଥିବା ଯୋଗୁ ଟ୍ରାକ୍ଟରକୁ ରୟାଲଟି ଫର୍ମ ଦେଉ ନ ଥିବା ଟ୍ରାକ୍ଟର ମାଲିକ ସଂଘ ଅଭିଯୋଗ କରିଛି। ତେବେ ଏ ନେଇ ଜଣେ ବାଲିଘାଟ ଲିଜ୍‌ଧାରୀ ନିଜ ନାମ ଗୋପନ ରଖି କହିଛନ୍ତ, ପୂର୍ବରୁ ବାଲି ରାଜସ୍ୱ ବିଭାଗ ଅଧୀନରେ ରହିଥିବା ବେଳେ ଅଫ୍‌ଲାଇନ୍‌ରେ ଆବେଦନ ହେଉଥିଲା। ଫଳରେ ବିଡର ସହଜରେ ଉପଯୁକ୍ତ ଦରରେ ରୟାଲଟି ବାନ୍ଧିପାରୁଥିଲା ଏବଂ ବାଲି ଦର କମ୍ ରହୁଥିଲା । ହେଲେ ଏବେ ବାଲି ମାଇନ୍ସ ବିଭାଗକୁ ଚାଲିଯିବା ପରେ ଅନ୍‌ଲାଇନ ମାଧ୍ୟମରେ ବିଡିଂ ହେଉଛି । ଫଳରେ ବିଡର ଅନ୍‌ଲାଇନରେ ଆବେଦନ କରି ପ୍ରତିଯୋଗିତାରେ ଯେଉଁ ବିଡର ଅଧିକ ଦର ଦେବା ପାଇଁ ରାଜି ହେଉଛନ୍ତି ସେ ବାଲିଘାଟ ଲିଜ୍ ପାଉଛନ୍ତି । ଫଳରେ ପୂର୍ବରୁ ୯୯ଟଙ୍କା, ୨୦୦ ଟଙ୍କା ସିଏମ୍ ପ୍ରତି ରହୁଥିବା ବେଳେ ବର୍ତ୍ତମାନ ତାହା ସିଏମ୍ ପ୍ରତି ୯୯, ୨୦୦, ୧୦୫୭ ଠାରୁ ୨୭୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହାଦ୍ୱାରା ଟ୍ରାକ୍ଟର ମାଲିକ ୨.୫ସିଏମ୍ ବାଲି ପାଇଁ ପ୍ରାୟ ୪୦୦୦ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିବାକୁ ପଡ଼ିବ । ଅନ୍ୟପଟେ ରୟାଲଟି ଫର୍ମ ନ ଥିଲେ ଜରିମାନା ପଡୁଛି। ଫଳରେ ଏବେ ରାୟଗଡ଼ା ସହରରେ ଆଉ ବାଲି ମିଳୁନାହିଁ । ଲୋକେ ନିର୍ମାଣ କାର୍ଯ୍ୟବନ୍ଦ କରି ଚାହିଁ ରହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହଠାରୁ ଆରମ୍ଭକରି ବିଭିନ୍ନ ସରକାରୀ କାର୍ଯ୍ୟ ମଧ୍ୟ ଠପ୍ ହୋଇପଡ଼ିଛି । ତେଣୁ ଏ କ୍ଷେତ୍ରରେ ଜିଲା ପ୍ରଶାସନ ହସ୍ତକ୍ଷେପକରି ସମସ୍ୟାର ସମାଧାନ କରିବା ଆବଶ୍ୟକ ବୋଲି ଟ୍ରାକ୍ଟର ମାଲିକ ସଂଘର ସଭାପତି ପଦ୍ମନାଭ ଦାସ ଓ ଅନ୍ୟମାନେ ଦାବି କରିଛନ୍ତି । ଏ ନେଇ ରାୟଗଡ଼ା ମାଇନିଂ ଅଫିସର ପର୍ଶୁରାମ ପ୍ରଧାନଙ୍କୁ ତାଙ୍କ ମୋବାଇଲ ନମ୍ବର ୯୦୪୦୦୦୧୧୪୯ରେ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇ ନ ଥିବାରୁ ଯୋଗାଯୋଗ ସମ୍ଭବପର ହୋଇପାରିନାହିଁ ।

# ୧୭ ଅଭିଯୋଗ ଶୁଣିଲେ ବିଡିଓ


ବିଡିଓ ଶୁଚିସ୍ମିତା ବେହେରାଙ୍କ ସହ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

**ଗୁଡାରି, ୭।୪ (ପ୍ରମୋଦ କୁମାର ପତି)**

ଗୁଡ଼ାରି ବ୍ଲକ୍ ଅନ୍ତର୍ଗତ ମଧୁବନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ବିଡିଓଙ୍କ ଉପସ୍ଥିତିରେ ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶୁଚିସ୍ମିତା ବେହେରା ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ୧୭ଟି ସାମୂହିକ ଅଭିଯୋଗ ଶୁଣିଥିଲେ। ସମସ୍ତ ଅଭିଯୋଗ ଶୁଣିବା ପରେ ସମସ୍ୟାର ଶୀଘ୍ର ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ପଞ୍ଚାୟତର ସମସ୍ତ ଗ୍ରାମରେ ପାନୀୟ ଜଳର ବ୍ୟବସ୍ଥା ଓ ବିଭିନ୍ନ ଛକ ସ୍ଥାନରେ ଆବଶ୍ୟକ ଜଳଛତ୍ର ଖୋଲିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ମେଡିକାଲ ଅଧିକାରୀ ସ୍ୱାଗତ ସ୍ୱାଇଁ, ସହକାରୀ ଯନ୍ତ୍ରୀ ସସ୍ମିତା ଶବର, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ସୀମାଞ୍ଚଳ ପଣ୍ଡା, ଜିପିଡିଓ କିଶୋର ସାହୁଙ୍କ ସମେତ ବ୍ଲକ୍‌ସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମଧୁବନ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ପାଇକ ପରିଚାଳନା କରିଥିଲେ।

# ଶିରିଡ଼ି ସାଇ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା

**ମୁନିଗୁଡା,୭।୪ (ନନ୍ଦ କିଶୋର ପଟ୍ଟନାୟକ)**

ମୁନିଗୁଡ଼ାର ପାଇକସାହିସ୍ଥିତ ନୂତନ ଶିରିଡ଼ି ସାଇ ମନ୍ଦିରର ପ୍ରତିଷ୍ଠା ନିମନ୍ତେ ସୋମବାର ଗଙ୍ଗା ଆବାହନ ସହ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୁଣପୁରରୁ ମୁଖ୍ୟ ପୁରୋହିତ ରାମପା ବିଶ୍ୱାନନ୍ଦ ଶାସ୍ତ୍ରୀଙ୍କ ପୌରୋହିତ୍ୟରେ ମୁନିଖୋଲସ୍ଥିତ ସକଟାନାଳ ନିକଟରେ ରୀତିନୀତି ଅନୁସାରେ କଳସ ସ୍ଥାପନ କରି ସଂକଳ୍ପ କରାଯିବା ପରେ ବୈଦିକ ମନ୍ତ୍ରପାଠ କରି ସୂର୍ଯ୍ୟପୂଜା,ଗଙ୍ଗା ଆବାହନ କରାଯାଇଥିଲା। ପରେ ମନ୍ଦିର ପ୍ରତିଷ୍ଠା କମିଟିର ପ୍ରମୁଖ କେ. ସତ୍ୟନାରାୟଣ ବାବୁଜୀ ଓ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ମିଳିତ ସଂଯୋଜନାରେ ସ୍ଥାନୀୟ ମୁନିଖୋଲ ନାଳ ପରିସରରୁ ପାରମ୍ପରିକ ବାଦ୍ୟ ସହ ବହୁ ସଂଖ୍ୟାରେ ମହିଳା ମୁଣ୍ଡରେ କଳସ ଧରି ସହର ପରିକ୍ରମା କରି ନୂତନ ମନ୍ଦିରଠାରେ ପହଞ୍ଚିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରୋହିତ ଭାବେ ରାମପା ବେନୁଗୋପାଳ ଶର୍ମା, ଶ୍ରୀନିବାସ ଶର୍ମା, ଚନ୍ଦ୍ରଶେଖର ଶର୍ମା ଓ ସାଇ ଯୋଗଦତ୍ତ ଶର୍ମା ପ୍ରମୁଖ ସମସ୍ତ ପୂଜାରେ ସହଯୋଗ କରିଥିଲେ । ୯ ତାରିଖରେ ସମ୍ପନ୍ନ ହେବାକୁ ଥିବା ଏହି ଉତ୍ସବରେ ମନ୍ଦିର ପରିସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପ୍ରତିଷ୍ଠା କମିଟିର ପ୍ରମୁଖ କେ.ସତ୍ୟନାରାୟଣ ବାବୁଜୀ କହିଛନ୍ତି । ପ୍ରତିଷ୍ଠା ଉତ୍ସବକୁ ରାଜେଶ, ନରେଶ, ଚାଣ୍ଟି, ଆଶିଷ ଗୁପ୍ତା, ବୁଜି, ରାମବାବୁ,ଭାରତବନ୍ଧୁ ନାୟକ, ଅରକ୍ଷିତ ମାର୍ଥାଙ୍କ ସମେତ ବିଜୁ ପଟ୍ଟନାୟକ ଯୁବ ସଂସଦର ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରୁଛନ୍ତି।


ଢୋଲ, ମୃଦଙ୍ଗ ତାଳେ ତାଳେ ମହିଳାମାନେ କଳସଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ଜିଲା ମୁଖ୍ୟ ଚିକିତ୍ସାଳୟ ଠିକା କର୍ମଚାରୀଙ୍କ ଧାରଣା

**ରାୟଗଡ଼ା,୭।୪(ଆଶିଷ ରଞ୍ଜନ ପଣ୍ଡା)**

**୩ ମାସର ଦରମା ମିଳି ନ ଥିବା ଅଭିଯୋଗ**

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଠିକା କର୍ମଚାରୀ ସୋମବାର କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବା ସହ ମେଡିକାଲ ସମ୍ମୁଖରେ ଧାରଣାରେ ବସିଛନ୍ତି। ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସଫେଇ, ପ୍ଲମ୍ବର ଓ ବିଦ୍ୟୁତ୍ କର୍ମଚାରୀଙ୍କୁ ୩ ମାସର ଦରମା ମିଳି ନ ଥିବାରୁ ଏହାର ପ୍ରତିବାଦରେ ସେମାନେ ଆନ୍ଦୋଳନ କରୁଥିବା କହିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ସେମାନଙ୍କ ସମସ୍ୟାର ସମାଧାନ ନ ହୋଇଛି, ସେ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଠିକା କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ସେପଟେ ଠିକା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡିଯାଇଛି।

ଠିକା କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ସେମାନେ ଆଇଆଇଏସ୍‌ଏସ୍ ସଂସ୍ଥା ଅଧୀନରେ ଆଉଟସୋର୍ସ ଭାବେ କାର୍ଯ୍ୟ କରୁଥିବାବେଳେ ଠିକ୍ ସମୟରେ ଦରମା ପାଉଥିଲେ। ହେଲେ ଏବେ ସିଓଏମ୍‌ଏସ୍ ନାମକ ସଂସ୍ଥା ଆଉଟସୋର୍ସ ଦାୟିତ୍ୱ ନେବାପରେ ଠିକ୍ ସମୟରେ ଦରମା ମିଳୁନାହିଁ। ଏଭଳିକି ସଫେଇ ପାଇଁ ବ୍ୟବହୃତ ବ୍ରଶ୍ ସହ ଅନ୍ୟ ସାମଗ୍ରୀ ଦେଉ ନ ଥିବା ସଫେଇ କର୍ମଚାରୀ ଅଭିଯୋଗ କରିଛନ୍ତି। ସେହିଭଳି ଜଳଯୋଗାଣ କାର୍ଯ୍ୟ ପାଇଁ ଆବଶ୍ୟକ ସାମଗ୍ରୀ ପ୍ରଦାନ କରୁ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଠିକା କର୍ମଚାରୀ ଭାବେ ପ୍ରାୟ ୭୦ ଜଣ କର୍ମଚାରୀ କାର୍ଯ୍ୟ କରୁଥିବାବେଳେ ସମସ୍ତେ ଗରିବ ଶ୍ରେଣୀର। କିନ୍ତୁ ସେମାନଙ୍କୁ ଦୀର୍ଘ ୩ ମାସ ହେଲାଣି ଦରମା ମିଳି ନ ଥିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ବାରମ୍ବାର ଏ ନେଇ ସମ୍ପୃକ୍ତ ସଂସ୍ଥା ମ୍ୟାନେଜରଙ୍କୁ ଅଭିଯୋଗ ପରେ ମଧ୍ୟ ଦରମା ନ ଦେଇ ମାସ ପରେ ମାସ ଗଡେଇ ଚାଲିଛନ୍ତି। ତେଣୁ ଶେଷରେ ପ୍ରତିବାଦ କରି କାର୍ଯ୍ୟ ବନ୍ଦ ଡାକରା ଦେଇଥିବା ଠିକା କର୍ମଚାରୀମାନେ କହିଛନ୍ତି। ଏନେଇ ସଂପୃକ୍ତ ଠିକା ସଂସ୍ଥା କର୍ମଚାରୀଙ୍କ ମତାମତ ମିଳିପାରିନାହିଁ।


ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଧାରଣାରେ ବସିଥିବା ଠିକା କର୍ମଚାରୀ।

# ଶ୍ରୀରାମ ଯୁବ ଏକତାର ବାର୍ଷିକ ଉତ୍ସବରେ ଭଲିବଲ୍ ମ୍ୟାଚ୍

**ଟିକିରି, ୭।୪ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ପୋଡ଼ାପାଡ଼ି ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡଗାଁ ଶ୍ରୀରାମ ଯୁବ ଏକତା ବାର୍ଷିକ ଉତ୍ସବ ୩ ଦିନ ଧରି ପାଳିତ ହୋଇଯାଇଛି। ଶ୍ରୀରାମ ନବମୀ ତଥା ବାର୍ଷିକ ଉତ୍ସବର ପ୍ରଥମ ଦିନରେ ଏକ ଭଲିବଲ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏହି ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଥିଲେ। ପ୍ରଥମ ଦିନରେ ମୁଣ୍ଡାଗାଁ ଓ ନକଟିଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତେବେ ୧୬ଟି ଦଳକୁ ପଛରେ ପକାଇ ପୁହୁଣ୍ଡି ଦଳ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଶ୍ରୀରାମ ଯୁବ ଏକତାର ବରିଷ୍ଠ ସଦସ୍ୟ ରମାକାନ୍ତ ପାତ୍ର, ପୂର୍ବତନ ସଭାପତି ଓ ସମ୍ପାଦକ ନିଲୁ ପାତ୍ର, ସୁଶାନ୍ତ ପ୍ରଧାନୀ, ଲାବଣ୍ୟ ନାଏକ ଏବଂ କାର୍ଯ୍ୟରତ ସଭାପତି ନରେନ୍ଦ୍ର ଗୌଡ଼, ବିଶିକେଶନ ପ୍ରଧାନୀ, ଉପ ସଭାପତି ରାଘବ ନାଏକ ଉପସ୍ଥିତ ଥିଲେ।

ସେହିପରି ଶ୍ରୀରାମ ନବମୀ ସନ୍ଧ୍ୟାରେ ୨୧ଟି ଦଳକୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଂସାରିଗୁଡ଼ାସ୍ଥିତ ଆଦିତ୍ୟ ଆଲୁମିନା ପ୍ରକଳ୍ପର ସିଏସ୍‌ଆର ମୁଖ୍ୟ ତନ୍ମୟ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟୁନା ବାହିନୀପତି ଓ ନୀଳାଦ୍ରି ବିହାରୀ ପାତ୍ର ଓ ଶ୍ରୀରାମ ଯୁବ ଏକତାର ପୂର୍ବତନ ସଦସ୍ୟ ପଦ୍ମନାଭ ମହାନ୍ତି, ରମେଶ ପ୍ରଧାନ, ରତ୍ନାକର ନାଏକ, ଗୋବିନ୍ଦ ଚନ୍ଦ୍ର ନାଏକ, ଅଜୟ ମହାନ୍ତି, ପ୍ରଦୀପ ନାୟକ, ବିଜୟ ମହାନ୍ତି, ହର ପ୍ରସାଦ ଗଉଡ, ସୁରେଶ ଦଣ୍ଡ ସେନା, ପୁରସ୍ତମ ନାୟକ, ଜିତୁ ପାତ୍ର ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ଶ୍ରୀରାମଚରିତ ପାରାୟଣ, ପ୍ରବଚନ

**ପଦ୍ମପୁର, ୭।୪ (ପ୍ରଶାନ୍ତ କୁମାର କର)**

ପଦ୍ମପୁରର ପ୍ରସିଦ୍ଧ ଶୈବପୀଠ ନୀଳକଣ୍ଠେଶ୍ୱର ମନ୍ଦିର ପାର୍ଶ୍ୱରେ ଥିବା ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ରାମନବମୀଠାରୁ ୯ଦିନ ବ୍ୟାପୀ ଶ୍ରୀରାମଚରିତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରବିବାର ଶ୍ରୀ ରାମଚନ୍ଦ୍ର ମହାପ୍ରଭୁଙ୍କ ଜନ୍ମନୀତି, ଅଭିଷେକ, ହୋମଯଜ୍ଞ ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଏହାପରେ ପ୍ରତ୍ୟେକ ଦିନ ମହନ୍ତ ଶ୍ରୀ ମଦନ ଗୋପାଳ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଧୁସନ୍ଥଙ୍କ ଗହଣରେ ସନ୍ଥ ଚରଣ ଦାସ ମହାରାଜଙ୍କ ଦ୍ୱାରା ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସୋମବାରଠାରୁ ପ୍ରବଚନ ପ୍ରବକ୍ତା ଶ୍ୟାମାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ପ୍ରଥମ ଦିନ ପ୍ରବଚନ ପ୍ରସଙ୍ଗ ଭୂମିକା ଉପରେ, ଦ୍ୱିତୀୟ ଦିନ ଶିବପାର୍ବତୀ ବିବାହ, ତୃତୀୟ ଦିନ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମ, ୪ର୍ଥ ଦିନ ପ୍ରଭୁ ରାମଚନ୍ଦ୍ରଙ୍କ ବାଲ୍ୟଲୀଳା,୫ମ ଦିନ ରାମସୀତାଙ୍କ ବିବାହ ଉତ୍ସବ, ୬ଷ୍ଠ ଦିନ ରାମଚନ୍ଦ୍ରଙ୍କ ବନବାସ, ୭ମଦିନ କେଉଟ ଚରିତ୍ର , ୮ମ ଦିନ ପବିତ୍ର ମହାବିଷୁବ ସଂକ୍ରାନ୍ତି ପଡୁଥିବା( ୧୪ ତାରିଖ) ଯୋଗୁ ଏହିଦିନ ହନୁମାନ ଜୟନ୍ତୀ ସହ ସାଧୁସନ୍ଥଙ୍କ ନଗର ପରିକ୍ରମା ଓ ଭରତ ମିଳନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୧୫ ତାରିଖ ତଥା ଅନ୍ତିମ ଦିବସରେ ଶ୍ରୀହନୁମାନଙ୍କ କଥା ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଏହି ସମସ୍ତେ କାର୍ଯ୍ୟକ୍ରମକୁ ପଦ୍ମପୁର ଶ୍ରୀରାମ ମନ୍ଦିର ପରିଚାଳନା କମିଟି ତରଫରୁ ପ୍ରତ୍ୟେକ ଦିନ ଶତାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି।


ଶ୍ୟାମାନନ୍ଦ ଦାସ ମହାରାଜ ଓ ତାଙ୍କ ସହଯୋଗୀ ପ୍ରବଚନ ଦେଉଛନ୍ତି ।

# ମା' ଭୈରବୀ ମନ୍ଦିର ପ୍ରତିଷ୍ଠା, ରତ୍ନମୁଦ ସ୍ଥାପନ

**ବିଷମକଟକ, ୭।୪(ପ୍ରସନ୍ନ କୁମାର ପଣ୍ଡା)**

ବିଷମକଟକ ବ୍ଲକ୍ ଅନ୍ତର୍ଗତ ଚାଚରାଗୁଡା ପଞ୍ଚାୟତର ଗରଡ଼ି ଗ୍ରାମଠାରେ ମା' ଭୈରବୀ ମନ୍ଦିର ପ୍ରତିଷ୍ଠା ଓ ରତ୍ନମୁଦ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାୟ ୩ ଦିନ ଧରି ହୋମଯଜ୍ଞ, ପୂଜାପାଠ କରାଯାଇଥିଲା। ବିଷମକଟକ ବ୍ଲକ୍‌ରୁ ବହୁ ଲୋକଙ୍କ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଭୈରବୀ ମନ୍ଦିର କମିଟି ତରଫରୁ ଆୟୋଜନ କରାଯାଇଥିଲା।


ଭୈରବୀ ମନ୍ଦିରର ରତ୍ନମୁଦ ସ୍ଥାପନ କରାଯାଇଛି ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**ରାୟଗଡ଼ା,୭।୪(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ସଦର ମହକୁମାସ୍ଥିତ ଜିଲା ପରିଷଦ ସଭାଗୃହରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ପି ସ୍ୱାତୀ ଏସ୍. କୁମାର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲାପାଳ ରମେଶ କୁମାର ଜେନା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ପାଢ଼ୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୫୦ଟି ଅଭିଯୋଗ ଜିଲାପାଳ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୧୨ଟି ଲୋକଙ୍କ ସାମୂହିକ ଅଭିଯୋଗ ରହିଥିଲା। ୬ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ରହିଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ଜଣଙ୍କୁ ୩୦ ହଜାର ଟଙ୍କା, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୫ ଜଣଙ୍କୁ ୬୧ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ ଜିଲାପାଳ। ବିଶେଷକରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମିଜମା, ପାରିବାରିକ ସମସ୍ୟା, ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ଅଙ୍ଗନୱାଡି ଗୃହ ନିର୍ମାଣ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକୁ ପାଇବା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

# ସ୍ୱାସ୍ଥ୍ୟ ସମସ୍ୟା ନେଇ ସଚେତନତା କାର୍ଯ୍ୟକ୍ରମ

**ଚନ୍ଦ୍ରପୁର, ୭।୪ (ବିଜୟ ପ୍ରସାଦ ଉଲାକା)**

ଚନ୍ଦ୍ରପୁର ବ୍ଲକ୍ ସଦର ମହକୁମାରେ ଥିବା ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରତ୍ୟୁଷ ମିଶ୍ର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଶ୍ରୀତମ ବଳିଆରସିଂ, ମହିଳା ସ୍ୱାସ୍ଥ୍ୟକର୍ମୀ ଅହଲ୍ୟା ଘାଣ୍ଟ ଉପସ୍ଥିତ ରହି ଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଅଂଶୁଘାତ, ମ୍ୟାଲେରିଆରୁ କିପରି ରକ୍ଷାପାରିବେ ସେ ସମ୍ପର୍କରେ ବୁଝାଥିଲେ। ଖରାଦିନେ ଓଆର୍‌ଏସ୍‌ର ବ୍ୟବହାର, କାଛୁକୁଣ୍ଡିଆରୁ କିପରି ଉପଶମ, କୁକୁର କାମୁଡିବା, ସାପ କାମୁଡିଲେ କ'ଣ ପ୍ରତିକାର କରାଯାଇପାରିବ ସେ ନେଇ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗ, ସହକାରୀ ଶିକ୍ଷକ ପ୍ରଦୀପ ଚୌଧୁରୀ, ପ୍ରଶାନ୍ତ ରତାନଲୁ, ମକର ତୁଇକା, ଦିଲେଶ୍ୱର ରାଓ ପ୍ରମୁଖ ଉପସ୍ଥିତି ରହି ସହଯୋଗ କରିଥିଲେ।


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ର।

# ମଦଦୋକାନ ସ୍ଥାନାନ୍ତର ଦାବିକଲେ ମହିଳା

**ରାୟଗଡ଼ା,୭।୪ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହରର ନ୍ୟୁକୋଲୋନିଠାରେ ଥିବା ୨ଟି ବିଦେଶୀ ମଦଦୋକାନ ସ୍ଥାନାନ୍ତର ପାଇଁ ଦାବିକରି ଉକ୍ତ ଅଞ୍ଚଳର ମହିଳାମାନେ ସୋମବାର ଜିଲାପାଳ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି । ତୁରନ୍ତ ଜନବସତି ଅଞ୍ଚଳରେ ଥିବା ବିଦେଶୀ ମଦଦୋକାନ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଜିଲାପାଳ ପାରୁଲ ପଟୱାରିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ସମସ୍ୟା ସମାଧାନ ପାଇଁ ଜିଲାପାଳ ପଟୱାରି ଅବକାରୀ ଅଧୀକ୍ଷକ ସନ୍ତୋଷ ଧଳସାମନ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ଜନବସତି ଅଞ୍ଚଳରେ ଅନେକ ବିଦ୍ୟାଳୟ ଓ ମନ୍ଦିର ରହିଛି। ତେବେ ଏହି ଅଞ୍ଚଳରେ ଥିବା ୨ ମଦଦୋକାନ ସକାଳ ୮ରୁ ଖୋଲା ହୋଇ ରାତି ୧୧ଟାରେ ବନ୍ଦ ହେଉଥିବାରୁ ଲୋକଙ୍କ ଯାତାୟାତ ବେଳେ ସମସ୍ୟା ସୃଷ୍ଟି ହେଉଛି। ଅନେକ ଅସାମାଜିକ ଲୋକ ରାଜରାସ୍ତା ଉପରେ ମଦ୍ୟପାନକରି ବିଭିନ୍ନ ବିଶୃଙ୍ଖଳା ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି। ନିଶାସକ୍ତ ଅବସ୍ଥାରେ ସର୍ବଦା ଗଣ୍ଡଗୋଳ ମଧ୍ୟ ଘଟୁଛି। ଏହାର କୁପ୍ରଭାବ ପିଲାଙ୍କ ଉପରେ ପଡୁଛି। ଏଭଳିକି ଲଗାତର ଦୁଇଟି ଲୁଟ ମଧ୍ୟ ନ୍ୟୁ କଲୋନି ରାସ୍ତାରେ ଘଟିଲାଣି। ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ପାଇଁ ପୂର୍ବରୁ ଅନେକ ଥର ଅବକାରୀ ବିଭାଗ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ତେଣୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମହିଳାମାନେ ଦାବି କରିଛନ୍ତି। ଜିଲାପାଳଙ୍କୁ ଦାବିପତ୍ର ଦେବା ସମୟରେ ବିଜୟଲକ୍ଷ୍ମୀ ସାହୁ, ପ୍ରତିଭା ମିଶ୍ର, କେ. ଦିବ୍ୟେଶ୍ରୀ, ଗୌରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


୨ ମହିଳା ଅବକାରୀ ବିଭାଗ ଅଧିକାରୀଙ୍କୁ ଦାବି ଜଣାଉଛନ୍ତି।

# ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିନରେ ବର୍ଣ୍ଣବୋଧ ବଣ୍ଟନ

ମାଲକାନଗିରି, ୭।୪(ଦୁର୍ଯ୍ୟୋଧନ ପାତ୍ର)


ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ସପ୍ତମ ଦିନ ସୋମବାର ଜିଲା ବ୍ୟାପୀ ବର୍ଣ୍ଣବୋଧ ଉତ୍ସବ ପାଳନ କରାଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ବର୍ଣ୍ଣବୋଧ ଉତ୍ସବ ପାଳନ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ ସଦର ମହକୁମାସ୍ଥିତ ବିବିଗୁଡା ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବେ ରହି ବର୍ଣ୍ଣବୋଧ ବଣ୍ଟନ କରିଥିଲେ। ପିଲାଙ୍କ ବିଦ୍ୟାରମ୍ଭର ଆଦ୍ୟ ପୁସ୍ତକ ବର୍ଣ୍ଣବୋଧ। ଏଥିରେ ସାମିଲହେବା ଏବଂ ଓଡ଼ିଆ ଭାଷାକୁ ବ୍ୟାପକ କରିବା ପାଇଁ ସମସ୍ତେ ଯତ୍ନବାନ୍ ହେବାର ଆବଶ୍ୟକତା ରହିଛି ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। କାର୍ଯ୍ୟକ୍ରମରେ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡା, ଶୈକ୍ଷିକ ସଂଯୋଜକ ଶେଷ ଶଙ୍କର ମହାଲିକ, ଶୈକ୍ଷିକ ପରାମର୍ଶଦାତା ସୀତାରାମ ଗୌଡ଼ ଓ ବାଳିକା ଶିକ୍ଷା ସଂଯୋଜିକା ଶକୁନ୍ତଳା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମରେ ସିନ୍ଧ୍ରିମାଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପଟଲା ଓ ବିବିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଚିତାରାଣୀ ମଣ୍ଡଳ ସମ୍ପୃକ୍ତ ବିଦ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୀମାନ୍ତରେ ଥିବା ଚିତ୍ରକୋଣ୍ଡା, ମୋଟୁ ନିକଟବର୍ତ୍ତୀ ବିଚ୍ଛିନ୍ନାଞ୍ଚଳରେ ଅବସ୍ଥିତ ବିଦ୍ୟାଳୟରେ ଓଡ଼ିଆ ଶିକ୍ଷାର ପ୍ରସାର ଓ ପିଲାଙ୍କ ମଧ୍ୟରେ ଏହା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବର୍ଣ୍ଣବୋଧ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମ ଆୟୋଜନ କରିବାରେ ଜିଲା ଶିକ୍ଷା ବିଭାଗ ସହଯୋଗ କରିଛି। ସମସ୍ତ ବ୍ଲକ୍‌ରେ ବ୍ଲକ୍ ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ପୁସ୍ତକ ବଣ୍ଟନ ସମ୍ପାଦନ କରାଯାଇଛି।


ପିଲାଙ୍କୁ ବର୍ଣ୍ଣବୋଧ ବଣ୍ଟନ କରାଯାଉଛି।

# ଇ-ଲାଇବ୍ରେରି, ଷ୍ଟାଡିୟମ ଗ୍ୟାଲେରି ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କୋରୁକୋଣ୍ଡା,୭।୪ (ଶିବଦତ୍ତ ସାହୁ)

ବାଲିମେଳା ସହରରେ ଏକ ଇ-ଲାଇବ୍ରେରି ଏବଂ ସହରର ଅଫିସର ଲାଇନରେ ଥିବା ଷ୍ଟାଡିୟମରେ ଗ୍ୟାଲେରି ନ ଥିବାରୁ ଅଧିକାଂଶ ଦିନ ଏଠାରେ ହେଉଥିବା ବିଭିନ୍ନ କ୍ରୀଡ଼ା ଏବଂ କାର୍ଯ୍ୟକ୍ରମ କରିବା ସମୟରେ ସେଠାକୁ ବାଲିମେଳା ସହର ସମେତ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଦର୍ଶକ ଓ କ୍ରୀଡାପ୍ରେମୀମାନେ ଖରା, ବର୍ଷା ଓ ଶୀତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କୁ ସାକ୍ଷାତକରି ଏହାର ସ୍ଥାୟୀ ସମାଧାନ କରିବାକୁ ନିବେଦନ କରିଥିଲେ। ତେବେ ବାଲିମେଳା ସହରବାସୀଙ୍କ ଉପରୋକ୍ତ ଦୁଇଟି ଦାବିକୁ ବିଧାୟକ ଖିଲ ଗୁରୁତର ସହ ନେଇ ରବିବାର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତକରି ଏ ସମ୍ପର୍କରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।


ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଭୁବନେଶ୍ୱରରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ବଢୁଛି ତାତି, ତରଭୁଜ ଆଣୁଛି ଆଶ୍ୱସ୍ତି

କୋରୁକୋଣ୍ଡା,୭।୪(ଶିବଦତ୍ତ ସାହୁ)

ବାଲିମେଳା ଓ କୋରୁକୋଣ୍ଡା ବ୍ଲକ୍ ଅଞ୍ଚଳରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ିଚାଲିଛି। ତେବେ ଏଥିରୁ ରକ୍ଷା ପାଇବା ପାଇଁ ଲୋକେ ଆଖୁରସଠାରୁ ଆରମ୍ଭକରି ଦହି, ତରଭୁଜ, ଫଳରସ ଏବଂ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାର ଥଣ୍ଡା ପାନୀୟ ଓ ମୃଦୁ ପାନୀୟ ବ୍ୟବହାର କରୁଛନ୍ତି। ଏହି ସମୟରେ ମାଲକାନଗିରି ଜିଲାର ବହୁ ଚାଷୀଙ୍କ ବିଲରେ ତରଭୁଜ ହୋଇଥାଏ। ସେହିପରି ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ବହୁ ମାତ୍ରାରେ ତରଭୁଜ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଛୋଟ ଛୋଟ ତରଭୁଜ ଗୋଟା ପିଛା ୨୦ ରୁ ୪୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛା। ମଧ୍ୟମ ଧରଣର ପ୍ରାୟ ୫୦ ରୁ ୮୦ ଟଙ୍କା ଏବଂ ବଡ ଆକାର ହୋଇଥିଲେ ଗୋଟାକ ୧୦୦ ରୁ ୧୩୦ ଟଙ୍କା ଦରରେ ବିକ୍ରି ହେଉଛି। ବର୍ତ୍ତମାନ ବଜାରରେ ଏହାର ଚାହିଦା ଅଧିକ ରହିଛି। ପ୍ରବଳ ଖରା ଓ ଗରମ ଯୋଗୁ ଲୋକେ ଏହାକୁ ଖାଇବାକୁ ପସନ୍ଦ କରୁଛନ୍ତି। ଏହାକୁ ଖରାଦିନେ ନିୟମିତ ଖାଇଲେ ଶରୀରରେ ଜଳୀୟ ଅଂଶ ନିୟନ୍ତ୍ରଣରେ ରହିଥାଏ। ଏଥିରେ ଔଷଧୀୟ ଗୁଣ ଥିବାରୁ ଏହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ

ମାଲକାନଗିରି, ୭।୪(ଦୁର୍ଯ୍ୟୋଧନ ପାତ୍ର)

ପର୍ଯ୍ୟଟନ ବିଭାଗ ପକ୍ଷରୁ ସୋମବାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ମାଲକାନଗିରି ଜିଲାର ତୀର୍ଥଯାତ୍ରୀଙ୍କୁ ନେଇ ଏକ ବସ୍ ରାୟଗଡ଼ା ଯାତ୍ରା କରିଛି। ଏହି ବସ୍‌କୁ ମାଲକାନଗିରି ବିଧାୟକ ନରସିଂହ ମାଡକାମି ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସାଇଁ ଉପସ୍ଥିତ ରହି ତୀର୍ଥ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଜିଲାପାଳ ଆଶିଷ ଈଶ୍ୱର ପାଟିଲ ବରିଷ୍ଠ ନାଗରିକଙ୍କ ସୁଖଦ ଯାତ୍ରା ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି। କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ନୂଆପଡା ଓ କଳାହାଣ୍ଡି ଜିଲାର ତୀର୍ଥ ଯାତ୍ରୀ ରାୟଗଡା ରେଳ ଷ୍ଟେସନରୁ ବାରାଣସୀ ଓ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ସୋମବାର ସମସ୍ତ ୭୫ ତୀର୍ଥ ଯାତ୍ରୀ ଓ ୨ ସହଯୋଗୀ ଅଧିକାରୀ ରାୟଗଡାରେ ପହଞ୍ଚିବେ। ମଙ୍ଗଳବାର ବାରାଣସୀ ଓ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ସମସ୍ତ ଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ତତ୍ତ୍ୱାବଧାନରେ ଏହି ତୀର୍ଥ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ହରେକୃଷ୍ଣ କର୍ଣ୍ଣିଆ ଓ ରଞ୍ଜନ ମହାନ୍ତି ଏଥିରେ ସହଯୋଗ କରିଥିଲେ। ସଦର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ ସନ୍ତୋଷ ବିଶ୍ୱାସ ଯାତ୍ରା ନିମନ୍ତେ ଆବଶ୍ୟକ ବୈଷୟିକ ସହାୟତା ଯୋଗାଇ ଦେଇଥିଲେ। ଜିଲା ରାଜସ୍ୱ କର୍ମଚାରୀ ସରୋଜ ନାୟକ ଓ ରବୀନ୍ଦ୍ର ନାୟକ ଏସ୍କର୍ଟ ଅଧିକାରୀ ଭାବେ ଯାତ୍ରା କରୁଛନ୍ତି।


ତୀର୍ଥଯାତ୍ରା ବସ୍ ନିକଟରେ ଯାତ୍ରୀମାନେ।

# ପୁରୀରେ ମହିଳା ଖବରଦାତାଙ୍କୁ ଦୁର୍ବ୍ୟବହାର, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର


ଖବରଦାତାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ମାଲକାନଗିରି, ୭।୪(ନୃସିଂହ ଚରଣ ମହାନ୍ତି)

ପୁରୀରେ କାର୍ଯ୍ୟରତ ମହିଳା ଖବରଦାତାଙ୍କୁ ମନ୍ଦିରର ପଣ୍ଡାଙ୍କ ଦୁର୍ବ୍ୟବହାର ଘଟଣାକୁ ନେଇ ଉତ୍କଳ ସାମ୍ବାଦିକ ସଂଘ ମାଲକାନଗିରି ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ସୋମବାର ପ୍ରଦାନ କରାଯାଇଛି। ରାଜ୍ୟରେ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ କଡ଼ାକଡ଼ି ଆଇନ ଲାଗୁ କରାଯାଇ ନ ଥିବାରୁ ଅନେକ ସମୟରେ ଖବର ପରିବେଷଣ ସମୟରେ ସାମ୍ବାଦିକମାନେ ଆକ୍ରୋଶର ଶିକାର ହେଉଛନ୍ତି। ତେଣୁ ପୁରୀରେ ଘଟିଥିବା ଘଟଣା ରାଜ୍ୟରେ ବାରମ୍ବାର ଘଟିଚାଲିଛି। ଏହାକୁ ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ପୁରୀ ଶ୍ରୀମନ୍ଦିର ସମ୍ମୁଖରେ କାର୍ଯ୍ୟରତ ଖବରଦାତା ଲିନୁ ନାୟକଙ୍କୁ ଦୁର୍ବ୍ୟବହାର ଓ ଅସଦାଚରଣ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ସାମ୍ବାଦିକମାନେ ଅନେକ ସମୟରେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ସୁରକ୍ଷା ପାଇଁ କୌଣସି କଠୋର ଆଇନ ପ୍ରଣୟନ ହେଉ ନ ଥିବାରୁ ଦିନକୁ ଦିନ ସାମ୍ବାଦିକଙ୍କ ପ୍ରତି ଏପରି ହିଂସା ବଢ଼ିବାରେ ଲାଗିଛି। ଏପରି ସ୍ଥିତିରେ ରାଜ୍ୟରେ ସାମ୍ବାଦିକଙ୍କୁ ସୁରକ୍ଷା ଯୋଗାଇବା ଜରୁରୀ ହୋଇପଡିଛି। ଅନ୍ୟ ରାଜ୍ୟରେ ସାମ୍ବାଦିକମାନଙ୍କୁ ଭତ୍ତା, ଋଣ ଛାଡ, ବିଭିନ୍ନ ସ୍ଥାନକୁ ଯାତ୍ରା ସମୟରେ ରିହାତି, ପେନ୍‌ସନ ଭଳି ଅନେକ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ତେବେ ଓଡ଼ିଶାରେ ମଧ୍ୟ ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷା ଆଇନ ଲାଗୁ କରିବା ସହ ପେନ୍‌ସନ, ବୀମା ରାଶି ବୃଦ୍ଧି କରିବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବିଗୁଡିକ ଲିଖିତ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ର, ସମ୍ପାଦକ ବି.ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ, କୋଷାଧ୍ୟକ୍ଷ ହୃଷୀକେଶ ସେଠୀଙ୍କ ସହ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ୭ ବର୍ଷ ହେଲା ପାଣି ପାଇବାରୁ ବଞ୍ଚିତ ୩ ଗାଁ

ମାଲକାନଗିରି,୭।୪(ଦୁର୍ଯ୍ୟୋଧନ ପାତ୍ର)

## ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ

କେତେଜଣ ଅସାଧୁ କର୍ମଚାରୀ ଓ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଗ୍ରାମବାସୀ ପାନୀୟ ଜଳରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ଏପରି ମାଲକାନଗିରି ସଦର ବ୍ଲକ୍ ସ୍ଥିତ ଗୌଡ଼ଗୁଡ଼ା ପଞ୍ଚାୟତ ବାଟପାଲ୍ଲୀ ଗ୍ରାମରେ ହୋଇଛି। ସୂଚନା ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରେ ୮୩.୫୬ ଲକ୍ଷ ଟଙ୍କାରେ ବାଟପାଲ୍ଲୀ ଗ୍ରାମ ଲାଗି ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ଟେଣ୍ଡର କରାଯାଇଥିଲା। ମାଲକାନଗିରିର ଏକ ଠିକା ସଂସ୍ଥା ଏହି କାମ ହାତକୁ ନେଇଥିବା ବେଳେ ଏହି କାର୍ଯ୍ୟ ବାଟପାଲ୍ଲୀରେ କରା ନ ଯାଇ ଗ୍ରାମଠାରୁ ୨ କି.ମି.ଦୂର ନିଳିମାରି ଗ୍ରାମରେ ହୋଇଥିଲା। ଏଥିସହ ଏହି କାର୍ଯ୍ୟ ଆରମ୍ଭ ହୋଇ ୭ ବର୍ଷ ବିତିଯାଇ କାର୍ଯ୍ୟ ଶେଷ ହୋଇଛି। ତେବେ ବାଟପାଲ୍ଲୀଠାରୁ ଏମ୍‌ଭି ୧୧ ଗ୍ରାମର ସମସ୍ତ ପରିବାରକୁ ଜଳ ଯୋଗାଣ ନିମନ୍ତେ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଜଳଯୋଗାଣ ନିମନ୍ତେ ୪୦ ହଜାର ଲିଟର କ୍ଷମତା ବିଶିଷ୍ଟ ଟାଙ୍କି ନିର୍ମାଣ କରାଯାଇ ଯୋଗାଇବାର ବ୍ୟବସ୍ଥା ରହିଛି। ତେବେ ନିଳିମାରିଠାରୁ ବାଟପାଲ୍ଲୀ ଗ୍ରାମ ୨ କି.ମି.ରୁ ଅଧିକ ହୋଇଥିବା ଯୋଗୁ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ବାଟପାଲ୍ଲୀ ଗ୍ରାମବାସୀ ପାନୀୟ ଜଳ ପାଇ ପାରିନାହାନ୍ତି। ବାଟପାଲ୍ଲୀ ଗ୍ରାମର ପ୍ରାୟ ୫୦ ପରିବାର ଏହି ପ୍ରକଳ୍ପରୁ ଜଳ ପାଇବା ବ୍ୟବସ୍ଥା ଥିବା ବେଳେ ଏମ୍‌ଭି ୧୧ ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇବାର ବ୍ୟବସ୍ଥା ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ୩ ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି। ଏଥି ନିମନ୍ତେ ପ୍ରତ୍ୟେକ ପରିବାରରେ ସ୍ୱତନ୍ତ୍ର ଟ୍ୟାପ୍ ଲଗାଯାଇଛି। ବର୍ତ୍ତମାନ ପ୍ରକଳ୍ପ ଅଚଳ ଥିବା ଯୋଗୁ ତିନୋଟି ଗ୍ରାମରେ କୌଣସି ପରିବାର ପାନୀୟଜଳ ପାଇ ପାରୁନଥିବା ଅଭିଯୋଗ ହୋଇଛି। ଏହି ପ୍ରକଳ୍ପ ନିର୍ମାଣ ସମୟରେ ନିଳିମାରିଠାରୁ ବାଟପାଲ୍ଲୀ ପର୍ଯ୍ୟନ୍ତ ଅଢେଇ କି.ମି.ଦୂର ୧୧୦ ଏମ୍‌ଏମ୍ ପାଇପ ବ୍ୟବହାର କରାଯାଇଛି। ତେବେ ୪୦ ହଜାର ଲିଟର ଟାଙ୍କିରୁ ଜଳ ନିଷ୍କାସନ ହେଲେ ସମସ୍ତ ଜଳ ଏହି ଅଢ଼େଇ କି.ମି.ପାଇପ ମଧ୍ୟରେ ରହିଯାଉଛି, ଯଦ୍ୱାରା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଅକାମୀ ବୋଲି ୩ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପଟି ବାଟପାଲ୍ଲୀ ଗ୍ରାମର ହୋଇଥିବା ବେଳେ କାହିଁକି ଓ କାହା ସ୍ୱାର୍ଥରେ ନିଳିମାରି ଗ୍ରାମରେ ନିର୍ମାଣ କରାଗଲା ସେ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଜିଲା ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରମାଞ୍ଚ କିଷାନଙ୍କୁ ପଚାରିବାରୁ ପ୍ରକଳ୍ପ ଠିକ୍ ଥିଲା। କେବେଠୁ ଅଚଳ ହୋଇଛି ସେ ବିଷୟରେ ଜାଣି ନ ଥିବା ବେଳେ ଯଥାଶୀଘ୍ର ଏହା କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।



# ମତ୍ସ୍ୟଜୀବୀ ସଚେତନ ହେଲେ ଖାଉଟି ଉପକୃତ ହେବେ

ମାଲକାନଗିରି, ୭।୪(ଦୁର୍ଯ୍ୟୋଧନ ପାତ୍ର)

## ସତୀଗୁଡା ଜଳଭଣ୍ଡାରରେ ୫୪୫୮୦ ଚିଙ୍ଗୁଡି ଯାଆଁଳ ଛଡାଗଲା

ମାଲକାନଗିରି ଜିଲାର କାଲିମେଳା, ବୃହତ୍ ଜଳ ଭଣ୍ଡାର ଏବଂ ସତୀଗୁଡା ମଧ୍ୟମ ଜଳଭଣ୍ଡାରରେ ୩୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବି ସୋସାଇଟି ମାଧ୍ୟମରେ ମାଛ ବ୍ୟବସାୟ କରି ଆସୁଛନ୍ତି। କିନ୍ତୁ ରାତିରେ ଜଳଭଣ୍ଡାରରୁ ମାଛଚୋରି ହେଉଥିବାରୁ ମାଛଚାଷୀଙ୍କ ଦୈନନ୍ଦିନ ବ୍ୟବସାୟ ବାଧାପ୍ରାପ୍ତ ହେଉଛି। ମତ୍ସ୍ୟଜୀବୀମାନେ ଯାଆଁଳର ସୁରକ୍ଷା ଏବଂ ଚୋରି କରୁଥିବା ବ୍ୟକ୍ତିଙ୍କ ଉପରେ ଦୃଷ୍ଟି ରଖି ସଚେତନ ହେଲେ ସେମାନଙ୍କର ଆର୍ଥିକ ଉନ୍ନତି ହେବା ସହ ଖାଉଟିମାନେ ମଧ୍ୟ ଦେଶୀ ମାଛ ପାଇ ପାରିବେ ବୋଲି ଜିଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସମସ୍ତ ମତ୍ସ୍ୟଜୀବୀ, ବିଭିନ୍ନ ବିଭାଗର ପଦାଧିକାରୀଙ୍କ ଉପସ୍ଥିତିରେ ୫୪୫୮୦ ଚିଙ୍ଗୁଡି ଯାଆଁଳ ସତୀଗୁଡା ଜଳଭଣ୍ଡାରରେ ଛାଡିଛନ୍ତି।

ମାଲକାନଗିରି ଜିଲାର ୩ ଫାର୍ମକୁ ମାଛ ଯାଆଁଳ ଛାଡିବାକୁ ସରକାରଙ୍କ ନିର୍ଦ୍ଦେଶ ଥିବା ବେଳେ ମାଥିଲି ରେଣୁ ଫିସ୍ ଫାର୍ମର ଏନ୍. ଲକ୍ଷ୍ମଣ ରାଓ ୫୪୫୮୦ ଚିଙ୍ଗୁଡି ଯାଆଁଳ ସତୀଗୁଡା ଜଳଭଣ୍ଡାରରେ ଛାଡିଥିବା ବେଳେ ବାଲିମେଳା ଜଳଭଣ୍ଡାରରେ ୧,୪୦,୦୦୦ ଯାଆଁଳ ଛାଡିଛନ୍ତି। ଯେଉଁ ଯାଆଁଳ ୬ ମାସ ମଧ୍ୟରେ ୨୦୦ ଗ୍ରାମରୁ ଊର୍ଦ୍ଧ୍ୱ ଓଜନ ହେବାସହ ଏହା ପୃଷ୍ଟିକର ଓ ସ୍ୱାଦିଷ୍ଟ ମାଛ ବୋଲି ମତ୍ସ୍ୟ ଅଧିକାରୀ ଗୌଡ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୁଲୁ କୁରାମୀ, କସମାସ୍ ଟାର୍କି, ମୁକେଶ ମାଝୀ, ସଂଗ୍ରାମ କିଶୋର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।


ସତିଗୁଡା ଜଳଭଣ୍ଡାରରେ ଛଡାଯିବାକୁ ଥିବା ଯାଆଁଳ ଦେଖାଉଛନ୍ତି।

# ଖଇରପୁଟ ମଣ୍ଡଳ ଭାଜପା ନୂତନ ସଭାପତି ହେଲେ ଜ୍ୟୋତି ରଞ୍ଜନ

ଗୋବିନ୍ଦପାଲୀ, ୭।୪(କାର୍ତ୍ତିକ ରଥ)

ଗୋବିନ୍ଦପାଲି ଜଗନ୍ନାଥ ମନ୍ଦିରରେ ଭାଜପା ଖଇରପୁଟ ମଣ୍ଡଳର ନୂତନ ସଭାପତି ଭାବେ ଜ୍ୟୋତି ରଞ୍ଜନ ବେହେରାଙ୍କ ନାମ ଘୋଷଣା କରିଛନ୍ତି ଭାଜପା ଜିଲା ସଭାପତି ଅଶୋକ କୁମାର ପରିଡ଼ା। ବେହେରା ଏହା ଆଗରୁ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି, ମଣ୍ଡଳ କୋଷାଧ୍ୟକ୍ଷ ଓ ଦୁଇଥର ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦାୟିତ୍ୱରେ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ପୂର୍ବତନ ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀ, ବ୍ଲକ ଏମ୍‌ପି ପ୍ରତିନିଧି ସିଦ୍ଧାର୍ଥ ଶଙ୍କର ରଥ, ଜିଲା ଏସ୍‌ଟି ମୋର୍ଚ୍ଚା ସାଧାରଣ ସମ୍ପାଦକ ସହଦେବ ଶିଶା ପ୍ରମୁଖ କାର୍ଯ୍ୟକର୍ତ୍ତା ନୂତନ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।



# ବିବାହ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର

ଡାବୁଗାଁ, ୭।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

## ଅଭିଯୁକ୍ତ ଗିରଫ

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭ ଦେଖାଇ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ନାବାଳିକା ଜଣଙ୍କ ଏବେ ୮ ମାସର ଗର୍ଭବତୀ ଅଛନ୍ତି।

ସୂଚନାନୁଯାୟୀ, ଡାବୁଗାଁ ଥାନା ଅଞ୍ଚଳର ୧୭ ବର୍ଷୀୟ ଜଣେ ନାବାଳିକାଙ୍କର ତାଙ୍କ ମାମୁ ପୁଅ ସହ ପ୍ରାୟ ୨ ବର୍ଷ ହେବ ପ୍ରେମ ସମ୍ପର୍କ ଥିଲା। ଯୁବକଜଣଙ୍କ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ଘଟଣା ସମ୍ପର୍କରେ ଜଣା ପଡ଼ିବା ପରେ ନାବାଳିକା ବିବାହ ପାଇଁ କହିଥିଲେ। ଯୁବକ ଜଣଙ୍କ ରାଜି ହେବା ସହ କିଛି ସମୟ ମାଗିଥିଲେ। ୬ମାସ ପରେ ମଧ୍ୟ ଯୁବକ ଜଣଙ୍କ ବିବାହ ପାଇଁ ଆହୁରି ସମୟ ମାଗିବାରୁ ନାବାଳିକା ଘଟଣା ସମ୍ପର୍କରେ ନିଜ ପରିବାରକୁ କହିଥିଲେ। ଯୁବକଙ୍କ ପରିବାର ଲୋକେ ଏହା ଜାଣି ତାଙ୍କୁ ଗ୍ରହଣ କରିବାକୁ ମନା କରିବା ପରେ ନାବାଳିକା ରବିବାର ରାତିରେ ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଥାନା କେସ୍ ନଂ ୬୬/୨୫ ରେ ଏକ ମାମଲା ରୁଜୁ କରିଛି। ସୋମବାର ସକାଳୁ ଯୁବକଙ୍କୁ ପୋଲିସ ଉଠାଇ ଆଣି ପଚରାଉଚରା କରିବାବେଳେ ସେ ନାବାଳିକାଙ୍କୁ ଗର୍ଭବତୀ କରାଇଥିବା ନେଇ ସ୍ୱୀକାର କରିଥିଲେ। ଯୁବକଙ୍କୁ ଡାକ୍ତରୀ ମାଇନା କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି। ନବରଙ୍ଗପୁର ପୋଲିସ ମୁଖ୍ୟାଳୟ ଏଚଆରପିସି ଇନ୍ସପେକ୍ଟର ସୁଶାନ୍ତା ସେବାୟିନୀ ହୋରୋ ଘଟଣାର ତଦନ୍ତ କରୁଛନ୍ତି ବୋଲି ଥାନାଧିକାରୀ ଗୋପାଳକୃଷ୍ଣ ଆଗୁପାତ୍ର ସୂଚନା ଦେଇଛନ୍ତି।

# ସେମିଳିଗୁଡ଼ା ଓସିସି ନଗରରେ ଦଣ୍ଡଯାତ୍ରା

ସୁନାବେଡା/ସେମିଳିଗୁଡା, ୭।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ମା' ମଙ୍ଗଳା ପୂଜା କମିଟି ପକ୍ଷରୁ ଓସିସି ନଗରରେ ଦଣ୍ଡଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ପକ୍ଷରୁ ନିମନ୍ତ୍ରଣ ପାଇ ସୁନାବେଡା ଏଇଏଫରୁ ୩୦ ଜଣିଆ ଦଣ୍ଡୁଆ ଦଳ ଧୂଳିଦଣ୍ଡ, ପାଣିଦଣ୍ଡ ଓ ଅଗ୍ନିଦଣ୍ଡ କରିଥିଲେ। ଦଣ୍ଡୁଆମାନେ ସେମିଳିଗୁଡା ସହରର ବିଭିନ୍ନ ସାହି ପରିକ୍ରମା କରିଥିଲେ। ଓସିସି ନଗର ଗାଁ ଭିତର ମୁଖ୍ୟ ରାସ୍ତାରେ ଧୂଳିଦଣ୍ଡ, ଦାମନଯୋଡିସ୍ଥିତ ମରିଚମାଳ ନଦୀରେ ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ହୋଇଥିଲା। ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ମା'ଦଣ୍ଡ କାଳୀଙ୍କ ସନ୍ଧ୍ୟା ଆରତୀ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଯାତ୍ରାରେ ମା' ମଙ୍ଗଳା ପୂଜା କମିଟି ସଭାପତି ସାଇ ପ୍ରସାଦ ଖୁଣ୍ଟିଆ, ବିଜୟ ବାଡ଼ତ୍ୟା, ନିଳାଞ୍ଚଳ ରାଉତ, ମଦନ ମୋହନ ପ୍ରଧାନ ଓ ଶିବରାମ ବେହେରା, ବାବୁଲି ବାଡ଼ତ୍ୟା, ସୁଶାନ୍ତ ସ୍ୱାଇଁ, ବିଶ୍ୱଜିତ ପାଢ଼ୀ, ଅର୍ଜୁନା ପାତ୍ର, ତ୍ରିଲୋଚନ ପଣ୍ଡା, ସନ୍ତୋଷ ସାହୁ ଓ ଭିକାରୀ ଜେନା ସହଯୋଗ କରିଥିଲେ।

# କୋରାପୁଟର ୧୬୮ ବରିଷ୍ଠ ନାଗରିକ ଯିବେ ଅଯୋଧ୍ୟା

କୋରାପୁଟ,୭।୪(ଅମିତାଭ ବେହେରା)

ଅଯୋଧ୍ୟା ଓ ବାରଣାସୀ ଯିବେ କୋରାପୁଟ ଜିଲାର ୧୬୮ ଜଣ ବରିଷ୍ଠ ନାଗରିକ। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନ ସମ୍ମୁଖରେ ଏହି ଅବସରରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା। କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲାର ୧୪ ବ୍ଲକ ଏବଂ ୪ ପୌରପାଳିକାରୁ ୧୬୮ ଜଣ ବରିଷ୍ଠ ନାଗରିକ ୪ ଟି ବସରେ ରାୟଗଡ଼ା ଯାତ୍ରା କରିଛନ୍ତି। ମଙ୍ଗଳବାର ସକାଳେ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା ଓ ବାରଣାସୀ ଯାତ୍ରା କରିବେ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନୀ ସୂଚନା ଦେଇଛନ୍ତି। ତୀର୍ଥଯାତ୍ରୀଙ୍କ ସହ ୫ ଜଣିଆ ଗାଇଡ ଟିମ ସେଠାକୁ ଯାଇଛନ୍ତି। ସେମାନେ ବରିଷ୍ଠ ନାଗରିକଙ୍କ ସୁବିଧା ଅସୁବିଧା ବୁଝିବେ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ପ୍ରକାଶ କରିଛନ୍ତି। ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଦ୍ଧା ଜେନା ଓ ମନୋରଞ୍ଜନ ନାୟକଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଜିଲାପାଳ ପତାକା ଦେଖାଇ ବସ୍ ଯାତ୍ରା ଶୁଭାରମ୍ଭ କରୁଛନ୍ତି।

# ସାମୂହିକ ଛୁଟିରେ ଯିବେ ଯୋଗାଣ ସହାୟକ

କୁନ୍ଦୁରା/ଜୟପୁର, ୭।୪ (ସନ୍ତୋଷ ପ୍ରହରାଜ/ ପବନ ପାଣିଗ୍ରାହୀ)

## ପ୍ରଭାବିତ ହେବ ଖାଉଟି ସାମଗ୍ରୀ ବଣ୍ଟନ

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଯୋଗାଣ ସହାୟକ ସଙ୍ଘ ପକ୍ଷରୁ ବିଭିନ୍ନ ଦାବିନେଇ ରାଜ୍ୟ ସଂଘ ସଭାପତି ସଞ୍ଜୀବ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ସାମୂହିକ ଛୁଟିରେ ଯିବା ନେଇ ବିଡିଓ କପିଳେଶ୍ୱର ତାଣ୍ଡିଙ୍କୁ ଲିଖିତ ଜଣାଇଛନ୍ତି। ୨୦୧୨-୧୩ରୁ ରାଜ୍ୟ ସରକାର ପ୍ରତି ପଞ୍ଚାୟତସ୍ତରରେ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ବଣ୍ଟନ ନିମନ୍ତେ ଯୋଗାଣ ସହାୟକ ପଦବୀ ପୂରଣ ଲାଗି ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୩ ରୁ ଏଯାବତ ରାଜ୍ୟରେ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ଯୋଗାଣ ସହାୟକ ନୀରବଛିନ୍ନ ସେବା ଯୋଗାଇ ଆସୁଛନ୍ତି। ପଦବୀ ସୃଷ୍ଟି କରିବା ସମୟରେ ତତ୍କାଳୀନ ସଚିବ ମଧୁସୂଦନ ପାଢୀଙ୍କ ଚିଠି ପ୍ରକାରେ ଚାକିରି ପାଇବାର ୬ ବର୍ଷ ପରେ ନିୟମିତ କରିବା ନେଇ ପ୍ରାବଧାନ ଥିବା ଉଲ୍ଲେଖ ରହିଥିଲା। କିନ୍ତୁ ଦୀର୍ଘଦିନ ପରେ ମଧ୍ୟ ଏହି ବ୍ୟବସ୍ଥାରେ ବ୍ୟତିକ୍ରମ ଦେଖାଯିବା ସହ ଯୋଗାଣ ସହାୟକଙ୍କୁ ସେମାନଙ୍କ ହକ ଦେବାରେ ତତ୍କାଳୀନ ସରକାର ବିଫଳ ହୋଇଥିବା ସଙ୍ଘ କହିଛି। କରୋନା ସମୟରେ ମଧ୍ୟ ନିଜ ଜୀବନକୁ ବାଜି ଲଗାଇ ସେବା ଦେଇଛନ୍ତି। ବିଭିନ୍ନ ସମୟରେ ରାଜ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ବହୁତ ଥର ନିୟମିତ କରିବା ସହ ଅନ୍ୟ ଦାବିଗୁଡିକ ଉପସ୍ଥାପନ କରିଥିବା ସତ୍ତ୍ୱେ ମଧ୍ୟ ସେ ସମୟରେ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ଯୋଗାଣ ସହାୟକମାନଙ୍କ ଭବିଷ୍ୟତ କଥା ଚିନ୍ତା କରିବାରେ ଅସମର୍ଥ ହୋଇଥିବା ସଙ୍ଘ କହିଛି। ୨୦୧୨-୧୩ ରେ ନିଯୁକ୍ତି ପାଇବା ସମୟରେ ଯୋଗାଣ ସହାୟକମାନଙ୍କୁ ଯେଉଁ ପ୍ରାପ୍ୟ ପ୍ରଦାନ କରାଯାଉଥିଲା ଏବଂ ବର୍ତ୍ତମାନ ଯାହା ରହିଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଏହାକୁ ନେଇ ଯୋଗାଣ ସହାୟକ ସଙ୍ଘ ବିଭିନ୍ନ ଦାବି ପୂରଣ ହେବା ପର୍ଯ୍ୟନ୍ତ ରାଜ୍ୟରେ ରହିଥିବା ସମସ୍ତ ଯୋଗାଣ ସହାୟକ ସମୂହ ଛୁଟିରେ ରହିବେ। ଫଳରେ ଖାଉଟି ସାମଗ୍ରୀ ବଣ୍ଟନ ବ୍ୟବସ୍ଥାରେ ବାଧା ଉପୁଜିବା ସୂଚନା ମିଳୁଛି।

ଜୟପୁର ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ସନିଆ ନାୟକଙ୍କୁ ଯୋଗାଣ ସହାୟକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ଦିନ ହେବ ଯୋଗାଣ ସହାୟକମାନେ ନିଜ ହକ ପାଇବାରୁ ବଞ୍ଚିତ ଥିବାରୁ ସଂଘ ଏଭଳି ନିଷ୍ପତ୍ତି ନେଇଥିବା କୋରାପୁଟ ଜିଲା ସଭାପତି ଡି. ସନ୍ତୋଷ କୁମାର ପ୍ରକାଶ କରିଛନ୍ତି। ଯୋଗାଣ ସହାୟକ ସଂଘର ଆନ୍ଦୋଳନ ଫଳରେ ପିଡିଏସ ସାମଗ୍ରୀ ବଣ୍ଟନ ଠପ ହୋଇଯିବା ଆଶଙ୍କା ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ଉପସଭାପତି ଚନ୍ଦନ ନାୟକ, ସମ୍ପାଦକ ପ୍ରଶାନ୍ତ ପଣ୍ଡାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଜୟପୁରରେ ଦାବିପତ୍ର ଦେବାକୁ ଆସିଥିବା ଯୋଗାଣ ସହାୟକ ସଂଘ ସଦସ୍ୟମାନେ।

# ଏଲ୍‌ପିଜି ଦରବୃଦ୍ଧି ଲଦିଦେଲା ଆର୍ଥିକ ବୋଝ

ସମସ୍ତ ପ୍ରକାର ଅତ୍ୟାବଶ୍ୟକ ଏବଂ ଅନ୍ୟାନ୍ୟ ଘରକରଣା ସାମଗ୍ରୀର ଦର ବଢ଼ିଚାଲିଥିବାବେଳେ ତାହା ଉପରେ ଲଗାମ ଲଗାଯାଇପାରୁନାହିଁ। ଏଥିଯୋଗୁ ଗରିବ ଓ ମଧ୍ୟବିତ୍ତ ପରିବାରର ଦୈନନ୍ଦିନ ଜୀବନ ଗୁରୁତର ପ୍ରଭାବିତ ହେଉଛି। ଖାଦ୍ୟ ବାବଦ ଖର୍ଚ୍ଚ ସଙ୍କୁଚିତ ହୋଇଯାଇଛି। ଏଭଳିସ୍ଥଳେ ଲୋକେ ଘରେ ବ୍ୟବହାର କରୁଥିବା ୧୪.୫ କେଜି ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ପିଛା କେନ୍ଦ୍ର ସରକାର ସୋମବାର ୫୦ ଟଙ୍କା ବୃଦ୍ଧି କରିଛନ୍ତି, ଯାହାକି ଲୋକଙ୍କୁ ପରିବାର ଚଳଣିରେ ହେଉଥିବା ଆର୍ଥିକ ଚାପକୁ ବଢ଼ାଇ ଦେଇଛି। ଏ ନେଇ ରାଜ୍ୟର ବିଭିନ୍ନ ସ୍ଥାନରୁ ଜୋର୍‌ଦାର ପ୍ରତିକ୍ରିୟା ପ୍ରକାଶ ପାଇଛି।

### ଗ୍ୟାସ୍ ସିଲିଣ୍ଡର ଦର ବୃଦ୍ଧି ଚିନ୍ତାଜନକ



ଅତ୍ୟାବଶ୍ୟକୀୟ ସାମଗ୍ରୀ ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ଗ୍ୟାସ ସିଲିଣ୍ଡର ବଢ଼ିବ ବୋଲି ଆଗରୁ ଜଣାପଡୁଥିଲା। ଜଣେ ସାଧାରଣ ଗୃହିଣୀ ଆବଶ୍ୟକ ସାମଗ୍ରୀକୁ ନେଇ ଘର ଚଳାଇବା ବେଳକୁ ପ୍ରତିଦିନ ଆବଶ୍ୟକ ଥିବା ରନ୍ଧନ ଗ୍ୟାସ ସିଲିଣ୍ଡର ଦର ବୃଦ୍ଧି ଚିନ୍ତାର ବିଷୟ। ସରକାର ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ କରିଦେଲେ। କିନ୍ତୁ ଏଭଳି ପରିସ୍ଥିତିରେ ରନ୍ଧନ ଗ୍ୟାସ ସିଲିଣ୍ଡର ଭଳି ଆବଶ୍ୟକ ସାମଗ୍ରୀର ଦର ବଢ଼ିବା ଚିନ୍ତାଜନକ।

**- ଡ. ପୁଷ୍ପଲତା ରଥ, ଗୃହିଣୀ, ଢେଙ୍କାନାଳ**



ପିଛା ୮୮୦ଟଙ୍କାରେ କ୍ରୟ କରିବାକୁ ପଡିବ। ଘରକୁ ଆଣି ଯୋଗାଣ କରୁଥିବା ବ୍ୟକ୍ତି ଆଉ ୫୦ଟଙ୍କା ନେଲେ ଏହା ୯୩୦ରେ ପହଞ୍ଚିବ। ବଡକଷ୍ଟରେ ମାସକୁ ଥରେ ଗୋଟିଏ ସିଲିଣ୍ଡର କରୁଥିବା ଆମପରି ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରର ଚଳଣି ଉପରେ ଏହା ଅଧିକ ଚାପ ସୃଷ୍ଟି କରିବ। ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ରୋଷେଇ ପାଇଁ ଗ୍ୟାସ କିଣିବାକୁ ବାଧ ହେବୁ। ଦର ବୃଦ୍ଧି ପୂର୍ବରୁ ସରକାର ସାଧାରଣ ଲୋକଙ୍କ ସ୍ୱାର୍ଥ ପ୍ରତି ଚିନ୍ତା କରିବାର ଥିଲା।

**- ବବିତା ପାଢୀ, ଗୃହିଣୀ, ହୀରାକୁଦ କଲୋନୀ, ସମ୍ବଲପୁର**

### ବୋଝ ଉପରେ ନଳିତା ବିଡ଼ା



କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍ ଦର ଉପରେ ୫୦ ଟଙ୍କା ବୃଦ୍ଧି କରିବା ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଗ୍ୟାସ୍ ଦର ବୃଦ୍ଧି ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ଖର୍ଚ୍ଚକୁ ଅଧିକ ବଢ଼ାଇଦେବ। ଗୃହିଣୀମାନଙ୍କ ଗୃହ ପରିଚାଳନା ଅଧିକ କଷ୍ଟକର ହେବ। ଦେଶରେ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ଦରଦାମ ବୃଦ୍ଧି ପାଇଚାଲିଥିବା ବେଳେ ଏବେ ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି ବେଶ୍ ବାଧିବ।

**- ସୋନମ ନାୟକ, ଶିକ୍ଷକପଡ଼ା, ଅନୁଗୋଳ**

### ଗୃହିଣୀମାନଙ୍କ ବଜେଟ୍ ବିଗିଡ଼ିବ



ଗତ ସାଧାରଣ ନିର୍ବାଚନ ବେଳେ ମହିଳା ସଶକ୍ତୀକରଣ ପାଇଁ ବହୁ ପ୍ରତିଶ୍ରୁତି ମିଳିଥିଲା। ଦରଦାମ ନିୟନ୍ତ୍ରଣ ପାଇଁ ମଧ ଭୋଟରଙ୍କୁ ଭରସା ଦିଆଯାଇଥିଲା। ନିର୍ବାଚନର ୧୦ ମାସ ନ ପୂରୁଣୁ ଏଲ୍‌ପିଜି ସିଲିଣ୍ଡର ଦରବୃଦ୍ଧି ଘୋଷଣା ହେବା ପରେ ମହିଳାମାନଙ୍କ ଉପରେ ଚଡ଼କ ପଡ଼ିଛି। ବର୍ତ୍ତମାନ ସିଲିଣ୍ଡର ପିଛା ୮୬୨ ଟଙ୍କା ଥିବାବେଳେ ଏହା ଆଗକୁ ଆହୁରି ବୃଦ୍ଧି ହେବ ବୋଲି ମନେ ହେଉଛି। ଦରବୃଦ୍ଧି ସାଧାରଣ ଲୋକଙ୍କୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିବ ଏବଂ ବିଶେଷ ଭାବେ ଗୃହିଣୀମାନଙ୍କ ବଜେଟ୍ ବିଗିଡ଼ିବ। ଏହାଦ୍ୱାରା ସ୍କୁଲଗୁଡିକରେ ମଧ୍ୟାହ୍ନଭୋଜନ ପ୍ରଭାବିତ ହେବ। ଏଥିପାଇଁ ସରକାର ଯତ୍ନବାନ ହେବା ଉଚିତ।

**- ବୀଣାପାଣି ପଟ୍ଟନାୟକ, ଗୃହିଣୀ, ଜଗଦା, ରାଉରକେଲା**

### ପରିବାର ଉପରେ ଆର୍ଥିକ ଚାପ ପଡ଼ିବ

ନିତ୍ୟ ବ୍ୟବହୃତ ସାମଗ୍ରୀର ଦରବୃଦ୍ଧି ଅତିଷ୍ଠ କରିଥିବା ବେଳେ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ଦର ୫୦ଟଙ୍କା ବଢ଼ିବା ପରିବାର ଉପରେ ଆର୍ଥିକ ବୋଝ ଲଦିଦେଲା ଭଳି। ଏବେ ସିଲିଣ୍ଡର

### ମଧ୍ୟବିତ୍ତଙ୍କ ଉପରେ ଚଡ଼କ



ଗ୍ୟାସ୍ ଦର ବୃଦ୍ଧି ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ। ଆଗରୁ ଆଳୁ, ପିଆଜ ଓ ବିଭିନ୍ନ ପନିପରିବା ଦର ବୃଦ୍ଧି ଯୋଗୁ ଲୋକେ ହନ୍ତସନ୍ତ ହେଉଥିଲେ। ଏଥିଯୋଗୁ ରୋଷେଇ ଘରେ ହାତଗଣତି ପରିବା ରଖିବାକୁ ପଡୁଥିଲା। ଏବେ ଗ୍ୟାସ୍ ଦର ବୃଦ୍ଧି ମଧ୍ୟବିତ୍ତଙ୍କ ଉପରେ ଏକପ୍ରକାର ଚଡ଼କ କହିଲେ ଅତ୍ୟୁକ୍ତି ହେବନାହିଁ। ଅତି ଆବଶ୍ୟକ ଜିନିଷର ଦରଦାମ ବୃଦ୍ଧି କରିବା ପୂର୍ବରୁ ମଧ୍ୟବିତ୍ତ ପରିବାରକୁ ଆଖିଆଗରେ ରଖିବା ପାଇଁ ସରକାରଙ୍କୁ ଅନୁରୋଧ।

**- ଐଶ୍ୱର୍ଯ୍ୟା ପ୍ରଧାନ (ଗୃହିଣୀ), ପୋଷ୍ଟାଲ କଲୋନି, ଭବାନୀପାଟଣା, କଳାହାଣ୍ଡି**

### ପ୍ରଭାବିତ ହେବେ ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ଶ୍ରେଣୀ



ପୂର୍ବରୁ ସମସ୍ତ ନିତ୍ୟାବଶ୍ୟକ ସାମଗ୍ରୀ ଦର ଦାମ ବଢ଼ିଥିଲା। ବର୍ତ୍ତମାନ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ପିଛା ୫୦ ଟଙ୍କା ବଢ଼ିଥିବାରୁ ସିଧା ପ୍ରଭାବ ରୋଷେଇ ଘରେ ପଡୁଛି, ଯାହାକି ବୋଝ ଉପରେ ନଳିତା ବିଡ଼ା ସଦୃଶ। ଏହା ଫଳରେ ମଧ୍ୟବିତ୍ତ ଓ ନିମ୍ନମଧମିତ୍ତ ଶ୍ରେଣୀର ଲୋକେ ବେଶୀ ପ୍ରଭାବିତ ହେବେ। ଗୃହିଣୀମାନଙ୍କ ବଜେଟ୍ ବିଗିଡ଼ିଯିବ।

**- ସୁଧା ପିଲେଇ (ଗୃହିଣୀ) ଉମରକୋଟ, ନବରଙ୍ଗପୁର**

### ସରକାର ଦର କମ୍ କରିବା ବଦଳରେ ବୃଦ୍ଧି କରିବା ଉପହାସ ସଦୃଶ

ଏବେ ସବୁ ସାମଗ୍ରୀ ମହାଙ୍ଗା ଥିବା ବେଳେ ରୋଷେଇ ଗ୍ୟାସ ସିଲିଣ୍ଡର ୫୦ ଟଙ୍କା ହଠାତ୍ ବୃଦ୍ଧି ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ପରିବାର ପାଇଁ କ୍ଷତିକାରକ। ପେଟ୍ରୋଲ ଓ ଡିଜେଲ ଦର ପାଖାପାଖି ୧୦୦। ତାହା କମିବାର ନାଁ ଧରୁନି। ଏହି ସମୟରେ ଗ୍ୟାସ୍ ଦର୍ ବୃଦ୍ଧି ଆମ୍ଭମାନଙ୍କ ଭଳି ଗରିବ ଲୋକଙ୍କ ପାଇଁ ମହଙ୍ଗା ମାଡ଼ ହୋଇଛି। ଏଣୁ ସରକାର ଏହି ସମୟରେ ଦର କମ କରିବା ବଦଳରେ ବୃଦ୍ଧି କରିବା ଆମମାନଙ୍କ ପାଇଁ ଉପହାସ ସଦୃଶ ହୋଇଛି। ଏଣୁ ସବୁ ସାମଗ୍ରୀର ଦରଦାମ କମ କରିବା ପାଇଁ ପଦକ୍ଷେପ ନେଲେ ସବୁ ବର୍ଗର ଲୋକେ ଉପକୃତ ହୋଇପାରିବେ।



**- ଅନିଲ ଶଙ୍କର, କ୍ଷୁଦ୍ର ବ୍ୟବସାୟୀ, ମୋଚିବନ୍ଧ ସାହି, କେନ୍ଦୁଝର ଟାଉନ**

### ପ୍ରଭାବିତ ହେବ ରୋଷେଇ ବଜେଟ



ସରକାରଙ୍କ ପକ୍ଷରୁ ସୋମବାର ଘରୋଇ ଗ୍ୟାସ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରାଯାଇଛି। ଏହାଦ୍ୱାରା ରୋଷେଇ ବଜେଟ ପ୍ରଭାବିତ ହେବ।

**- ସୁଚିତ୍ରା ଲେଙ୍କା, ଗୃହିଣୀ, କୋରାପୁଟ**

### ଅତିରିକ୍ତ ଆର୍ଥିକ ବୋଝ



ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଯେଗୁ ଲୋକେ ହଇରାଣ ହେଉଛନ୍ତି। ଏଭଳି ସ୍ଥଳେ ଗ୍ୟାସ୍ ଦର ବୃଦ୍ଧି ସେମାନଙ୍କ ପାଇଁ ଅତିରିକ୍ତ ଆର୍ଥିକ ବୋଝ ସୃଷ୍ଟି ହେବ। ସରକାର ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ କୌଣସି ଅନୁଧାନ ନ କରି ଗ୍ୟାସ୍ ଦର ବଢ଼ାଇ ଚାଲିଛନ୍ତି। ରୋଷେଇ ପାଇଁ ଗ୍ୟାସ୍ ଅତି ଜରୁରୀ ହେଉଥିବାରୁ ଲୋକେ ଅନ୍ୟ ଖାଦ୍ୟ ସାମଗ୍ରୀକୁ କାଟଛାଣ୍ଟ କରିବାକୁ ବାଧ ହେବେ।

**- ଶିଳ୍ପୀ ତିୱାରୀ, ଯାଜପୁର ରୋଡ୍**

### ଗରିବ, ମଧ୍ୟବିତ୍ତଙ୍କୁ ମହଙ୍ଗା ମାଡ଼

ଆଜିକୁ ୩୦ବର୍ଷ ପୂର୍ବରୁ ଚୁଲିରେ ରୋଷେଇ କରୁଥିଲୁ। କିଏ କାଠଚୁଲା ତ ଆଉ କେହି ବିଦ୍ୟୁତ୍ ଚୁଲା ବ୍ୟବହାର କରୁଥିଲେ। ଏବେ ଆଉ ତାହା ଦେଖିବାକୁ ମିଳୁନି। ପ୍ରାୟ ସମସ୍ତେ ରନ୍ଧନ ଗ୍ୟାସରେ ରୋଷେଇ କରୁଛନ୍ତି। ଗୋଟିଏ ପଟେ ଡାଲି, ତେଲ, ଚାଉଳ ଆଦିର ଅହେତୁକ ଦରଦାମ୍ ବୃଦ୍ଧି ଘଟିସାରିଥିବା ବେଳେ ଏବେ ରନ୍ଧନ ଗ୍ୟାସ୍‌ରେ ସିଲିଣ୍ଡର ପ୍ରତି ୫୦ଟଙ୍କା ବୃଦ୍ଧି ମୁଖ୍ୟତଃ ଗରିବ, ମଧ୍ୟବିତ୍ତ ପରିବାରଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେବ। ଏଥିରେ ଆଦୌ ସନ୍ଦେହ ନାହିଁ।



**- ପ୍ରତିମା ତ୍ରିପାଠୀ, ଗୃହିଣୀ, ବରଗଡ଼**

### ସରକାର ଗ୍ୟାସ୍ ଦର ବୃଦ୍ଧି ପ୍ରତ୍ୟାହାର କରନ୍ତୁ



ସାଧାରଣ ନିର୍ବାଚନ ପରେ ବଜାର ଦର ହୁ ହୁ ହୋଇ ବଢୁଛି। ଫଳରେ ସାଧାରଣ ଲୋକଙ୍କ ଚଳିବା ଦୁର୍ବିସହ ହୋଇପଡିଛି। ଏବେ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ। କହିବାକୁ ଗଲେ ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି ସିଧାସଳଖ ଆହାର ମୁହଁରେ ପାହାର ଭଳି ଲାଗୁଛି। ମହଙ୍ଗା ସମୟରେ ପରିବାର ଚଳାଇବା ଲୋକଙ୍କୁ ଆର୍ଥିକ କଷ୍ଟ ଆଣିଦେବ। ତେଣୁ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାର ଦରବୃଦ୍ଧି ପ୍ରତ୍ୟାହାର କରିବା ଉଚିତ୍।

**- ଜ୍ୟୋତିର୍ମୟୀ ସେନାପତି, ଗୃହିଣୀ, ଡଗରପଡ଼ା, କଟକ**

### ଗରିବଙ୍କୁ ଗ୍ୟାସ୍ ରନ୍ଧା ଶିଖାଇ ହଇରାଣ କରାଯାଉଛି



ସରକାର ବିଭିନ୍ନ ପ୍ରକାର ରିହାତି ଓ ସହାୟତା ପ୍ରଦାନ କରୁଛନ୍ତି। ସେ ଦୃଷ୍ଟିରୁ ଗ୍ୟାସ୍ ଦର ବୃଦ୍ଧି କରିବା କିଛି ଦରକାର ନ ଥିଲା। କଷ୍ଟରେ ଚଳୁଥିବା ପରିବାର ସଦସ୍ୟଙ୍କ ପାଇଁ ୫୦ ଟଙ୍କା ଦେବା ଅତ୍ୟନ୍ତ କଷ୍ଟସାଧ। ତାହା ଭୋଗୁଥିବା ଲୋକେ ହିଁ ଜାଣନ୍ତି। ଉଜ୍ୱଳା ଯୋଜନାରେ ଲୋକଙ୍କୁ କମ୍ ଦରରେ ଗ୍ୟାସ୍ ଯୋଗାଇବା ପରେ ଦରବୃଦ୍ଧି ଆଦୌ ଗ୍ରହଣୀୟ ନୁହେଁ। ଗରିବ ଲୋକଙ୍କୁ ଗ୍ୟାସ୍ ରନ୍ଧା ଶିଖାଇ ପରେ ହଇରାଣ କରିବା ସହ ଏହା ସମାନ।

**- ରୂପଶ୍ରୀ ଚୌଧୁରୀ, ସମ୍ପାଦିକା, ସଙ୍କଳ୍ପ ମହିଳା ବିକାଶ ସମିତି, ମଙ୍ଗଳାବାଗ, କଟକ**




# ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

**ଭୁବନେଶ୍ୱର,୭।୪(ଅନୁରାଧା ମହାରଣା)**

ବଙ୍ଗୋପସାଗରରେ ରବିବାର ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସୋମବାର ଦକ୍ଷିଣ ବଙ୍ଗୋପସାଗର ମଧ୍ୟଭାଗରେ ଏକ ଲଘୁଚାପ କ୍ଷେତ୍ରର ରୂପ ନେଇଛି। ଏହା ୮ ତାରିଖ ଯାଏ ଉତ୍ତରପଶ୍ଚିମ ଦିଗରେ ଗତିକରିବା ସହ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରୁ ପରବର୍ତ୍ତୀ ୪୮ ଘଣ୍ଟା ଯାଏ ସାମାନ୍ୟ ଉତ୍ତର ଆଡକୁ ଗତିକରିବା ସମ୍ଭାବନା ରହିଛି। ଏହା ପ୍ରଭାବରେ ମଙ୍ଗଳବାର ସୁନ୍ଦରଗଡ଼, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, ସମ୍ବଲପୁର, ଦେବଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲାରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହୋଇପାରେ। ଏଥିସହ ୩୦ରୁ ୫୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ଅନ୍ୟସବୁ ଜିଲାରେ ପାଗ ପ୍ରାୟତଃ ଶୁଖିଲା ରହିବ। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ପ୍ରଭାବ ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।

# ବିଷ ପିଇ ମା', ଝିଅ, ପୁଅ ମୃତ

## ମୃତ୍ୟୁର କାରଣ ସନ୍ଦେହ ଘେରରେ

**ଗଞ୍ଜାମ, ୭।୪(ବିଦ୍ୟାଧର ସାହୁ)**

ଗଞ୍ଜାମ ଥାନା ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ପାଳିବନ୍ଧ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଗୋଟିଏ ପରିବାରର ମା', ପୁଅ ଓ ଝିଅ ତିନିଜଣ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ମା' ଏସ. ମାମା ରେଡ୍ଡୀ (୪୫), ପୁଅ ରାକେଶ ରେଡ୍ଡୀ (୨୨) ଏବଂ ଝିଅ ଏସ. ମୀନା ରେଡ୍ଡୀ (୧୭)। ମାନସିକ ଭାରସାମ୍ୟ ହରାଇ ଜୀବନ ପ୍ରତି ବୀତସ୍ପୃହ ହୋଇ ସେମାନେ ଏପରି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଖବର ପାଇ ଗଞ୍ଜାମ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି।

ମିଳିଥିବା ସୂଚନାନୁଯାୟୀ, ରବିବାର ଗାଁ ଲୋକେ କୌଣସି ବିଷୟକୁ ନେଇ ଆଲୋଚନା କରିବାକୁ ଏକ ବୈଠକରେ ଏକାଠି ହୋଇଥିଲେ। ତେବେ ଉକ୍ତ ପରିବାରର କେହି ଆଲୋଚନା ପାଇଁ ବୈଠକକୁ ଆସି ନ ଥିଲେ। ଫଳରେ ଗାଁର କେତେ ଜଣ ବ୍ୟକ୍ତି ତାଙ୍କ ଘରକୁ ଯାଇଥିଲେ। ଘରେ ତିନିଜଣ ଅଚେତ ଅବସ୍ଥାରେ ପଡ଼ିଥିବା ସମ୍ପୃକ୍ତ ବ୍ୟକ୍ତିମାନେ ଦେଖିବାକୁ ପାଇଥିଲେ। ଏନେଇ ଅନ୍ୟମାନଙ୍କୁ ଜଣାଇ ସେମାନେ ମା', ଝିଅ ଓ ପୁଅ ୩ ଜଣଙ୍କୁ ପ୍ରଥମେ ଗଞ୍ଜାମ, ଛତ୍ରପୁର ମେଡିକାଲ ନେଇଥିଲେ। ପରେ ସେଠାରୁ ପୂର୍ବତନ ସରପଞ୍ଚ ଦିଲୀପ କୁମାର ଛୋଟରାୟ ସେମାନଙ୍କୁ ବ୍ରହ୍ମପୁର ମେଡିକାଲ ନେଇଥିଲେ। ପ୍ରଥମେ ମାଆ ପରେ ପୁଅ ଏବଂ ରାତି ୩ଟାରେ ଆଇସିୟୁରେ ଥିବା ଝିଅ ମୀନାଙ୍କ ମୃତ୍ୟୁ ଘଟିଥିଲା ବୋଲି ପୂର୍ବତନ ସରପଞ୍ଚ ଛୋଟରାୟ କହିଛନ୍ତି। ଛତ୍ରପୁର ମେଡିକାଲକୁ ଖବର ଦିଆଯାଇଥିଲେ ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସି ନ ଥିଲା। ଫଳରେ ଏକ ଘଣ୍ଟା ବିଳମ୍ବରେ ଏକ ଘରୋଇ ଗାଡ଼ିରେ ସେମାନଙ୍କୁ ବ୍ରହ୍ମପୁର ନିଆଯାଇଥିଲା ବୋଲି ଗ୍ରାମର ଏସ. ରାମଚନ୍ଦ୍ର ରେଡ୍ଡୀ କହିଛନ୍ତି। ପୂର୍ବରୁ ତିନି ବର୍ଷ ତଳେ ମାମା ରେଡ୍ଡୀଙ୍କ ସ୍ୱାମୀ ରବୀନ୍ଦ୍ରଙ୍କ ଚେନ୍ନାଇରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥିଲା। ଆଉ ସପ୍ତାହେ ପରେ ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ମିଳିଥାନ୍ତା। ସ୍ୱାମୀଙ୍କ ଅକାଳ ମୃତ୍ୟୁ ପରେ ମାମା ମୂଲଲାଗି ପରିବାର ଚଳାଇ ଆସୁଥିଲେ। ରାକେଶ ବ୍ରହ୍ମପୁରରେ ଡିପ୍ଲୋମା ପ୍ରଥମ ବର୍ଷ ଛାତ୍ର ଥିଲେ। ଝିଅ ଯୁକ୍ତ ୨ରେ ପଢୁଥିଲେ। ଏ ସମ୍ପର୍କରେ ଥାନା ଆଇଆଇସି ସୁମିତ୍ରା ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ଘଟଣା ଜଣାପଡ଼ିବ। ରେଡକ୍ରସ ପକ୍ଷରୁ ଏସ. ମାମାଙ୍କ ଶାଶୁ ଏସ. ଲକ୍ଷ୍ମୀ (୭୫)ଙ୍କୁ ବିଡିଓ ଅଚ୍ୟୁତ ଜାନି ୯୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ତହସିଲଦାର ସୁକାନ୍ତ ମିଶ୍ର, ସରପଞ୍ଚ ପ୍ରତିନିଧି ବିଦ୍ୟାଧର ପ୍ରଧାନ, ପୂର୍ବତନ ସରପଞ୍ଚ ଛୋଟରାୟ ଉପସ୍ଥିତ ଥିଲେ।



ଅନ୍ୟପକ୍ଷରେ ଏନେଇ ଆଇପିଏସ୍ ମନୀଷ ସଗୁନ, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼ାଇ, ଆଇଆଇସି ସୁମିତ୍ରା ପାତ୍ର ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ଘରୁ ଚାଉଳରେ ପୋକ ନ ଲାଗିବା ପାଇଁ ବ୍ୟବହାର ହେଉଥିବା କୀଟନାଶକ ପ୍ୟାକେଟ ଜବତ କରିଛନ୍ତି। ବିଭିନ୍ନ ଦିଗକୁ ନେଇ ଅଧିକାରୀମାନେ ତଦନ୍ତ ଜାରି ରଖିଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପ୍ରେମ ବ୍ୟାପାରକୁ ନେଇ ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ତେବେ ଯଦି ପ୍ରେମ ବ୍ୟାପାରକୁ ନେଇ ଏପରି ଘଟଣା ଘଟିଥାଏ ତା'ହେଲେ କେଉଁ ପରିସ୍ଥିତିରେ ୩ଜଣ କାହିଁକି ଆତ୍ମହତ୍ୟା କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରାହ୍ନରେ ତିନି ଜଣଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ବୋହୂ ଓ ନାତି ନାତୁଣୀଙ୍କୁ ହରାଇ ଶାଶୁ ଏସ. ଲକ୍ଷ୍ମୀ ଓ ମୃତକଙ୍କ ସମ୍ପର୍କୀୟଙ୍କ କାନ୍ଦ ବୋବାଳିରେ ଗାଁ ଫାଟି ପଡୁଥିଲା।


**କ୍ୟାପିଟାଲ ହସ୍ପିଟାଲର ସଫଳତା**

# ପାନ୍‌କ୍ରିୟାସ କ୍ୟାନ୍‌ସରର ବିରଳ ଲାପାରୋସ୍କୋପି ଅସ୍ତ୍ରୋପଚାର

**ଭୁବନେଶ୍ୱର, ୭।୪ (ବନ୍ଦନା ସେଠୀ)**

ଗ୍ୟାଷ୍ଟ୍ରୋ ସର୍ଜରି ଏବଂ କ୍ୟାନ୍‌ସର ସର୍ଜରି କ୍ଷେତ୍ରରେ ଭୁବନେଶ୍ୱର ପିଜିଆଇଏମ୍‌ଇଆର୍ ଓ କ୍ୟାପିଟାଲ ହସ୍ପିଟାଲ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ପେଟ ଭିତରର ସବୁଠାରୁ ଜଟିଳତମ ଅସ୍ତ୍ରୋପଚାର ଭାବେ ବିବେଚନା କରାଯାଉଥିବା ପାନ୍‌କ୍ରିୟାସ (ଅଗ୍ନାଶୟ) କ୍ୟାନସର ସର୍ଜରିକୁ ଲାପାରୋସ୍କୋପି ମାଧ୍ୟମରେ କ୍ୟାପିଟାଲ ହସ୍ପିଟାଲ୍‌ର ଆସୋସିଏଟ୍ ପ୍ରଫେସର ଡା. ଶ୍ରୀକାନ୍ତ ପାତ୍ର ଏବଂ ତାଙ୍କ ଟିମ୍ ସଫଳତାର ସହ ସମ୍ପନ୍ନ କରିଛନ୍ତି। ଗତ ୨୯ ତାରିଖ ଦୀର୍ଘ ୧୦ଘଣ୍ଟା ଧରି ଏହି ଅପରେଶନ ହୋଇଥିଲା। ସମ୍ପୃକ୍ତ ରୋଗୀ ଏବେ ସୁସ୍ଥ ଥିବାବେଳେ ଖାଦ୍ୟ ଗ୍ରହଣ କରୁଛନ୍ତି। ଖୁବ୍‌ଶୀଘ୍ର ସେ ଡିସ୍‌ଚାର୍ଜ ହେବେ ବୋଲି ଡା.ପାତ୍ର ସୂଚନା ଦେଇଛନ୍ତି। ପୂର୍ବରୁ ଓଡ଼ିଶାର କୌଣସି ସରକାରୀ କିମ୍ବା ବେସରକାରୀ ମେଡିକାଲ କଲେଜରେ ଏହି ଲାପାରୋସ୍କୋପି ଅପରେଶନ୍ ହୋଇ ନ ଥିଲା। ପ୍ରଥମ କରି ଏହା କ୍ୟାପିଟାଲରେ ହୋଇଥିବା ଡା. ପାତ୍ର କହିଛନ୍ତି।

ଜଗତ୍‌ସିଂହପୁର ନାଉଗାଁର ୫୦ବର୍ଷୀୟ ଗଗନ ଲେଙ୍କା କ୍ରୋନିକ୍ ପାନ୍‌କ୍ରିୟାଟାଇଟିସ୍ ରୋଗ ଯୋଗୁ ଦୀର୍ଘଦିନ ଧରି ଉପର ପେଟରେ ଯନ୍ତ୍ରଣା ଭୋଗିଆସୁଥିଲେ। ଏହାପରେ ସେ ପାନ୍‌କ୍ରିୟାସ କ୍ୟାନ୍‌ସରରେ ପୀଡ଼ିତ ହୋଇଥିଲେ। ସେ କ୍ୟାପିଟାଲ ହସ୍ପିଟାଲର ସର୍ଜରି ବିଭାଗ ଓପିଡିରେ ଡା. ପାତ୍ରଙ୍କୁ ସାକ୍ଷାତ୍ କରିବା ପରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ସାଧାରଣତଃ ଓପନ୍ ସର୍ଜରି ମାଧ୍ୟମରେ ପାନ୍‌କ୍ରିୟାସ କ୍ୟାନସରର ଚିକିତ୍ସା କରାଗଲେ ପେଟରେ ପ୍ରାୟ ୨୫ରୁ ୩୦ ସେ.ମି. ପର୍ଯ୍ୟନ୍ତ କାଟିବାକୁ ପଡ଼ିଥାଏ ଏବଂ ସୁସ୍ଥ ହେବାକୁ ରୋଗୀକୁ ୨୦ରୁ ୨୫ଦିନ ଲାଗେ। ମାତ୍ର ୪/୫ ହୋଲ୍ ଦ୍ୱାରା ଲାପାରୋସ୍କୋପି ମାଧ୍ୟମରେ ସର୍ଜରି ହୋଇଥିବାରୁ ରୋଗୀ ମାତ୍ର ୫ଦିନ ମଧ୍ୟରେ ସୁସ୍ଥ ହୋଇଥିବା ଡା. ପାତ୍ର ସୂଚନା ଦେଇଛନ୍ତି। ଅପରେଶନ୍‌ରେ ଡା. ପାତ୍ରଙ୍କ ସହିତ ତାଙ୍କ ଟିମ୍ ଆସିଷ୍ଟାଣ୍ଟ ପ୍ରଫେସର ଡା. ପ୍ରିୟମ୍ବଦ ସାହୁ, ନିଶ୍ଚେତକ ଡା. ଶ୍ରୀରାମ ଦାସ, ଡା. ଡିଭି ରବି କୁମାର ଏବଂ ଓଟି ଟିମ୍‌ଙ୍କ ସହଯୋଗ ଫଳରେ ଏହି ସଫଳତା ମିଳିପାରିଛି। ଏଥିରେ ଶଲ୍ୟ ବିଭାଗ ମୁଖ୍ୟ ଡା. ସୁଶୀଲ ପଟ୍ଟନାୟକ, ନିଶ୍ଚେତକ ବିଭାଗ ମୁଖ୍ୟ ଡା. ନୀହାର ସେନାପତି, ଡା. ନିବେଦିତା ପାଣି ପ୍ରମୁଖ ବୈଷୟିକ ସହାୟତା ଯୋଗାଇଥିଲେ। ପୂର୍ବରୁ ଏଭଳି ଅସ୍ତ୍ରୋପଚାର ଲାପାରୋସ୍କୋପି ମାଧ୍ୟମରେ କରାଇବା ପାଇଁ ରୋଗୀମାନଙ୍କୁ ପ୍ରାୟ ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା। ଏବେ ସରକାରଙ୍କ ଯୋଗୁ ଏବଂ ଡା. ପାତ୍ରଙ୍କ ଭଳି ଡାକ୍ତରଙ୍କ ପ୍ରଚେଷ୍ଟାରେ ମାଗଣାରେ ସମ୍ପାଦନ ହୋଇପାରିଛି। ଡା. ପାତ୍ର କହିଛନ୍ତି ଯେ, ଆଗକୁ ଯଦି ସରକାର ରୋବୋଟିକ୍ ସର୍ଜରି ଫାସିଲିଟି ଯୋଗାଇ ଦିଅନ୍ତି, ତେବେ ଏହି ସବୁ ଅପରେଶନ ଆହୁରି ସୁଚାରୁ ରୂପେ ଏବଂ କମ୍ କଷ୍ଟରେ ସଫଳତାର ସହ ହୋଇପାରିବ।



ଅସ୍ତ୍ରୋପଚାର ପରେ ରୋଗୀଙ୍କ ସହ ଡା. ଶ୍ରୀକାନ୍ତ ପାତ୍ର (ବାମ) ଓ ଡା. ପ୍ରିୟମ୍ବଦ ସାହୁ।

# ସ୍ୱାଭିମାନ ଅଞ୍ଚଳର ବିକାଶ ଦେଖି ସୁଧୀରଙ୍କ ଆତ୍ମସମର୍ପଣ

**ମାଲକାନଗିରି,୭।୪(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ମାଓବାଦୀପ୍ରବଣ ଜିଲା ଓ ସେଥିରୁ ଚିତ୍ରକୋଣ୍ଡା ବ୍ଲକ୍ ଗଡ଼ ଭାବେ ଏକଦା ପରିଚିତ ଥିଲା। ଏହି ବ୍ଲକ୍‌ରେ କେତେ ବଡ ବଡ ମାଓବାଦୀନେତା ରାଜ୍ କରୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଥିଲେ ସୁଧୀର ଓରଫ ବେଣ୍ଟୁ। ସୁଧୀର ସ୍ୱାଭିମାନ ଅଞ୍ଚଳବାସୀ ହୋଇଥିବା ବେଳେ ସରକାରଙ୍କ ଦ୍ୱାରା କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବା ଲକ୍ଷ୍ୟକରି ସେ ମାଓବାଦୀ ସଂଗଠନରେ ଯୋଗ ଦେଇଥିଲେ। ୨୦୧୮ ଜୁଲାଇରେ ଚିତ୍ରକୋଣ୍ଡା ବ୍ଲକ୍ ଜାନବାଇଠାରେ ଯେତେବେଳେ ଗୁରୁପ୍ରିୟା ସେତୁ ନିର୍ମାଣ ହେଲା ବିଚ୍ଛିନ୍ନାଞ୍ଚଳ ଭାବେ ପରିଚିତ ଥିବା ସ୍ୱାଭିମାନ ଅଞ୍ଚଳ ଭାବେ ଏହାର ନାମକରଣ ସହ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହେଲା। ଏଥିରେ ଅନୁପ୍ରାଣିତ ହୋଇ ସୁଧୀର ୨୦୧୯ରେ ଆତ୍ମସମର୍ପଣ କରିଥିଲେ। ବର୍ତ୍ତମାନ ସେ ମାଲକାନଗିରି ସଦର ମହକୁମା ରକ୍ତଭଣ୍ଡାରରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଛନ୍ତି। ସେ କହିଛନ୍ତି, ସ୍ୱାଭିମାନ ଅଞ୍ଚଳର ବିକାଶକୁ ଦେଖି ମୁଁ ଆତ୍ମସମର୍ପଣ କରିଛି। ସଂଗଠନରେ ଦୀର୍ଘ ବର୍ଷ କାର୍ଯ୍ୟକରି ମଧ କୌଣସି ଉନ୍ନତି ହୋଇପାରି ନ ଥିଲା। ବର୍ତ୍ତମାନ ମୁଁ ବହୁତ ଖୁସିରେ ଅଛି। ଯେଉଁମାନେ ମାଓବାଦୀ ସଂଗଠନରେ ସାମିଲ ହୋଇଛନ୍ତି ସେମାନେ ମୁଖସ୍ରୋତକୁ ଫେରିଆସନ୍ତୁ ବୋଲି ସୁଧୀର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ସୁଧୀର ଓରଫ ବେଣ୍ଟୁ

ସୂଚନାଯୋଗ୍ୟ, ସୁଧୀର ସଂଗଠନରେ ଯୋଗଦେଇ ୮ ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି ଉନ୍ନତି ହୋଇପାରିଲା ନାହିଁ। ଏପରିକି ସେ ସଂଗଠନରେ ଏକ ଟପ୍ କ୍ୟାଡର ନେତା ଭାବେ ପରିଚିତ ଥିବା ବେଳେ ତାଙ୍କ ଉପରେ ସରକାରଙ୍କ ତରଫରୁ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।



## ସଂକ୍ଷେପରେ

### ୨୫ ବୁଲା କୁକୁରଙ୍କ ଟିକାକରଣ

- ଜୟପୁର ସହରକୁ ଜଳାତଙ୍କ ମୁକ୍ତ ଲକ୍ଷ୍ୟ

ଜୟପୁର ୭।୪(ପବନ ପାଣିଗ୍ରାହୀ)

ଜୟପୁର ସହରକୁ ଜଳାତଙ୍କ ମୁକ୍ତ କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ବୁଲା କୁକୁରଙ୍କୁ ଟିକା ଦେବା ଆରମ୍ଭ କରାଯାଇଛି। ପ୍ରାଣୀ ଚିକିତ୍ସା, ବନ ବଭାଗ ମିଳିତ ଭାବେ ଟିକାକରଣ କରିଛନ୍ତି। ସୋମବାର ସକାଳ ୬ଟା ୩୦ରେ ଆରମ୍ଭ ହୋଇ ଦିନ ୧୧ଟାରେ ଶେଷ ହୋଇଥିଲା। ଜୟପୁର ସହରର ମୁଖ୍ୟରାସ୍ତା, ଏନ୍‌କେଟି ରୋଡ୍, ଦ୍ୱିତୀୟ ଦୈନିକ ବଜାରରେ ଚଢ଼ାଉ କରି କୁକୁରମାନଙ୍କୁ ଟିକା ଦିଆଯାଇଥିଲା। ସହରର ପ୍ରାୟ ୨୫ ବୁଲା କୁକୁରଙ୍କ ଟିକାକରଣ କରାଯାଇଛି। ଏଠାରେ ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ, ସାନିଟେସନ ଇନ୍ସପେକ୍ଟର ଭୁବନି ଭଲବା, ସତ୍ୟନାରାୟଣ ପାତ୍ର, ପି. ଜଗଦୀଶ ରାଓ, ପୌର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ରଣ୍ଡାପାଲ୍ଲୀରେ ପଞ୍ଚାୟତସ୍ତରୀୟ ଜନଶୁଣାଣି

ଜୟପୁର, ୭।୪(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଅଧୀନ ରଣ୍ଡାପାଲ୍ଲୀରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ମନୋଜ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍ ନିଶା, ଏପିଓ ସନ୍ତୋଷୀ ମହାପାତ୍ର, ଜିଲା ପରିଷଦ ସଭ୍ୟା ରଶ୍ମି ରଥ, ସରପଞ୍ଚ ଆନନ୍ଦ ହାଲବାଙ୍କ ସହ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗ୍ରାମବାସୀ ରାସ୍ତା ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ର ମରାମତି ଆଦି ଅଭିଯୋଗ ଜଣାଇଥିଲେ। ଲୋକେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅଧିକାରୀମାନେ ସଚେତନ କରିଥିଲେ । ରାବଣାଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର କରାଯାଇଛି।

### ତୀର୍ଥ ଗଲେ ୯୯ ବରିଷ୍ଠ ନାଗରିକ

ଜୟପୁର, ୭।୪(ପବନ ପାଣିଗ୍ରାହୀ)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପାଇଁ ମନୋନୀତ ହୋଇଥିବା ତୀର୍ଥଯାତ୍ରୀଙ୍କୁ ଜୟପୁରରୁ କୋରାପୁଟକୁ ନିଆଯାଇଛି। ସମସ୍ତେ ସେଠାରୁ ରାୟଗଡ଼ା ଯିବେ। ପରେ ରାୟଗଡ଼ା ଷ୍ଟେଶନରୁ ଅଯୋଧ୍ୟା, ବାରାଣସୀକୁ ତୀର୍ଥ ଭ୍ରମଣରେ ନିଆଯିବ। ଜୟପୁର ବ୍ଲକକୁ ୮୮ ଓ ପୌରାଞ୍ଚଳରୁ ୧୮ ଜଣ ବରିଷ୍ଠ ନାଗରିକଙ୍କୁ ତୀର୍ଥ ଭ୍ରମଣରେ ନିଆଯାଇଥିବା ବ୍ଲକ ଓ ପୌର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ନୀଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୭।୪(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅଧୀନ ନୀଳାଗୁଡ଼ା ଜଙ୍ଗଲରେ ସୋମବାର ସକାଳ ୮ଟାରେ ଅବକାରୀ ଚଢ଼ାଉ କରାଯାଇଛି। ଦେଶୀ ବିଷାକ୍ତ ମଦ ପ୍ରସ୍ତୁତ ସହ ଲୁଚାଇ ରଖାଯାଇଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇଥିଲା। ଖବରପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବାବେଳେ ବିଭାଗ ପକ୍ଷରୁ ମଦ ଭାଟି ଭଙ୍ଗାଯାଇ ୮୦୦ ଲିଟର ପୋଚ ଓ ୨୫ ଲିଟର ଦେଶୀ ମଦ ଜବତ ସହ ନଷ୍ଟ କରାଯାଇଛି। ମଦରନ୍ଧା ସରଞ୍ଜାମ ଡ୍ରମ୍ ଆଦିକୁ ଜବତ କରାଯାଇଥିବା ଜୟପୁର ଅବାକାରୀ ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

### ୧୬ରେ ନବରଙ୍ଗପୁର ଓକିଲ ସଂଘ ନିର୍ବାଚନ

ନବରଙ୍ଗପୁର,୭।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଓକିଲ ସଂଘ ନିର୍ବାଚନ ପକ୍ରିୟା ଶେଷ ହୋଇଥିବାବେଳେ ଖାଲି ପଡିଥିବା ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୧୬ ତାରିଖରେ ଜଣେ ଯୁଗ୍ମ ସମ୍ପାଦକ ଓ ୩ ଜଣ କାର୍ଯ୍ୟକାରୀ ସଭ୍ୟ ପଦବୀ ପାଇଁ ନିର୍ବାଚନ ହେବ। ୮ ଏବଂ ୯ ତାରିଖ ଦିନ ୮ରୁ ୧୧ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଯୋଗାଣ ଓ ନାମାଙ୍କନ ପତ୍ର ଦାଖଲ କରାଯିବ। ୧୦ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇ ବୈଧ ତାଲିକା ପ୍ରକାଶ କରାଯିବ। ୧୧ ତାରିଖ ସକଳ ୮ଟାରୁ ପୂର୍ବାହ୍ନ ୧୧ଟା ମଧ୍ୟରେ ପ୍ରାର୍ଥୀମାନେ ନାମାଙ୍କନ ପ୍ରତ୍ୟାହାର କରିପାରିବେ। ୧୫ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୬ ତାରିଖ ସକାଳ ୮ଟା ୩୦ରୁ ୧୧ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଓ ମଧ୍ୟାହ୍ନ ୧୨ ଟା ୩୦ରୁ ଭୋଟ ଗଣତି ହେବ। ସରିବା ପରେ ତୁରନ୍ତ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ସି.ଏଚ୍. ବାବା ଯୁଗନ୍ଧର ସୂଚନା ଦେଇଛନ୍ତି। ସହକାରୀ ନିର୍ବାଚନ ଅଧିକାରୀ ଆଇନଜୀବୀ କିଶୋର କୁମାର ପଟ୍ଟନାୟକ ଓ ତାଜ ଇମରାନ ସରିଫ ନିର୍ବାଚନ ପରିଚାଳନାରେ ସହଯୋଗ କରିବେ।

# ସରକାରୀ ଜାଗା ବିକ୍ରି ମାମଲାର ତଦନ୍ତ କଲେ ୩ ଅଧିକାରୀ

ସୁନାବେଡା,୭।୩(କୃତ୍ତିବାସ ପ୍ରଧାନ)



ଅଧିକାରୀମାନେ ତଦନ୍ତ କରୁଛନ୍ତି ।

ଏସ୍ଏଚଜି ମହିଳାଙ୍କୁ ଏକ ସରକାରୀ ଜାଗା କିଛି ବର୍ଷ ତଳେ ବିକ୍ରି କରାଯାଇଥିବା ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରାଯାଇଥିଲା। ଯାହାକୁ ନେଇ କୋରାପୁଟ ଜିଲା ପ୍ରଶାସନ ତତ୍ପର ହୋଇଛି । ସୋମବାର ଏହାର ତଦନ୍ତ କରି ଫେରିଛନ୍ତି ଅଧିକାରୀଙ୍କ ଏକ ଟିମ୍। ଯେଉଁଥିରେ କୋରାପୁଟ ଆସିଷ୍ଟାଣ୍ଟ କଲେକ୍ଟର ସୁଜାତା ପାଢ଼ୀ, ସେମିଳିଗୁଡା ତହସିଲଦାର ଦେବବ୍ରତ କରାତି ଓ ସୁନାବେଡା ସିଡ଼ିପିଓ ନଳିନୀ ବେହେରା ସାମିଲ ଥିଲେ।

ପ୍ରକାଶଯେ, ସୁନାବେଡା ପୋଲିସ କ୍ୟାମ୍ପ ଅଞ୍ଚଳର ଏକ ଏସ୍ଏଚ୍‌ଜିର କେତେକ ମହିଳା ଉକ୍ତ ଗ୍ରୁପ୍ ନାଁରେ ଥିବା ଏକ ସରକାରୀ ଜମିକୁ ସେହି ଗ୍ରୁପ୍‌ର ଅନ୍ୟ ଜଣେ ମହିଳାଙ୍କୁ ସାଢେ ୪ ଲକ୍ଷ ଟଙ୍କାରେ ବିକ୍ରି କରି ଦେଇଥିଲେ। ଯିଏକି ଦୀର୍ଘ ୧୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେହି ଜାଗାରେ ରହୁଥିଲେ। ବିକ୍ରି କରିଥିବା ବ୍ୟକ୍ତି ଜାଗା ବାବଦକୁ ଟଙ୍କା ନେଇଥିବା ଦସ୍ତାବିଜ ରହିଛି । ଏକ ଷ୍ଟାମ୍ପ ପେପରରେ ୯ ଜଣ ମହିଳା ସ୍ୱାକ୍ଷର କରିଥିବା ଦଲିଲକୁ ସ୍ଥାନୀୟ ଅଞ୍ଚଳର ଜଣେ ସାମାଜିକ କର୍ମୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ରାଜ୍ୟ ସରକାର,ବିଭାଗୀୟ ମନ୍ତ୍ରୀଙ୍କ ସମେତ ଜିଲାପାଳଙ୍କୁ ଜଣାଇଥିଲେ। ତାଙ୍କ ଏକ୍ସ ହ୍ୟାଣ୍ଡେଲ ଅନୁସାରେ ଗୋରୁ ଗୁହାଳ କରିବାକୁ ସରକାର ମାଗଣାରେ ଜାଗା ଯୋଗାଇ ଆସୁଥିବା ବେଳେ ସମ୍ପୃକ୍ତ ଏସ୍ଏଚଜି ତାହା କିପରି ବିକ୍ରି କଲେ ପୁଣି ଏକ ସାଧାରଣ ଷ୍ଟାମ୍ପ ପେପର ବୋଲି ପ୍ରଶ୍ନ ଉଠିଛି। ଷ୍ଟାମ୍ପ ପେପରରେ ଜାଗା କିଣା ବିକା କରିବା କେତେଦୂର ଠିକ୍ ଏବଂ ଏ ନେଇ କାର୍ଯ୍ୟାନୁଷ୍ଠାନ ହେବକି ବୋଲି ପ୍ରଶ୍ନ କରିଥିଲେ। ଏଥିସହ ସମ୍ପୃକ୍ତ ମହିଳା ଜଣକ ଟଙ୍କା ଫେରି ପାଇବେ କି ବୋଲି ବିଭିନ୍ନ ପ୍ରଶ୍ନ କରିବା ସହ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ରାଜ୍ୟ ସରକାର ,ବିଭାଗୀୟ ମନ୍ତ୍ରୀଙ୍କ ସହ କୋରାପୁଟ ଜିଲାପାଳଙ୍କୁ ଅବଗତ କରାଇଥିବା ଜଣାପଡିଛି।

# ୩୮ ଅଭିଯୋଗର ଶୁଣାଣି




ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

ନବରଙ୍ଗପୁର,୭।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲାପାଳ ଶୁଭଙ୍କର ମହାପାତ୍ର ଓ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପଜିଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୮ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୩ ବ୍ୟକ୍ତିଗତ ଓ ରାସନ କାର୍ଡ, ରାସ୍ତା ନିର୍ମାଣ, ପାନୀୟ ଜଳ, ବିଦ୍ୟାଳୟ ପାଇଁ ଅଧିକ ଶ୍ରେଣୀ ବ୍ୟବସ୍ଥା, ବିଜୁଳି ସମସ୍ୟା, ନଳକୂପ ବସାଇବା, ଜମି ମାମଲା ଭଳି ଗୋଷ୍ଠୀଗତ ସମସ୍ୟା ଥିଲା।

# ହିତାଧିକାରୀଙ୍କ ଘରେ ପହଞ୍ଚି ଆଲୋଚନା କଲେ ବିଧାୟକ

କୁନ୍ଦୁରା, ୭।୪(ସନ୍ତୋଷ ପ୍ରହରାଜ)



ସୁଧାଂଶୁ ରଞ୍ଜନଙ୍କ ସହ ବିଧାୟକ ରୂପୁ ଭତ୍ରା ଓ ଅନ୍ୟମାନେ।

ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇପାରି ନ ଥିବା କୋରାପୁଟ ଜିଲା କୁନ୍ଦୁରା ବ୍ଲକର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସୋମବାର କୋଟପାଡ଼ ବିଧାୟକ ରୂପୁ ଭତ୍ରା ପହଞ୍ଚିଛନ୍ତି। ସେଠାରୁ ଫେରି ସେମାନଙ୍କୁ କିଭଳି ରାଜ୍ୟ ଅନ୍ତୋଦୟ ଗୃହ ଯୋଜନାରେ ସାମିଲ କରାଯିବ ସେ ନେଇ ବିଡିଓଙ୍କ ସହ ବିଧାୟକ ଆଲୋଚନା କରିଛନ୍ତି। ପ୍ରଶାସନ ଅନେକ ହିତାଧିକାରୀଙ୍କ ନିକଟରେ ପହଞ୍ଚି ନଥିବାବେଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଯୋଜନାଗୁଡ଼ିକୁ ଠିକ୍ ଲୋକଙ୍କ ନିକଟରେ ପହଞ୍ଚାଇବା ଆମ ଲକ୍ଷ୍ୟ ବୋଲି ବିଧାୟକ କହିଛନ୍ତି।

ମାର୍ଚ୍ଚ ୩୦ରେ କୁନ୍ଦୁରା ବ୍ଲକରେ ସର୍ଭେ ସହ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଅନେକ ଲୋକ ଏହି ଯୋଜନାରୁ ବଞ୍ଚିତ ରହିଥିବା ଖବରପାଇ ବିଧାୟକ ସେମାନଙ୍କ ଘରକୁ ଯାଇଥିଲେ। କୁନ୍ଦୁରା ବ୍ଲକ ଉପକଣ୍ଠସ୍ଥିତ ନୂଆଗୁଡ଼ା ଗ୍ରାମର ସୁଧାଂଶୁ ରଞ୍ଜନ ମିଶ୍ର ଦୀର୍ଘ ଦିନ ଧରି ଏକ ଅଜଣା ରୋଗରେ ପୀଡିତ। କାଳିଆକାଦ ଗ୍ରାମର କବିତା ନାୟକ ଥଲାସିମିଆ ଓ ତାଙ୍କ ସାନ ଭଉଣୀ ମଧ୍ୟ ପକ୍ଷାଘାତ ରୋଗରେ ଆକ୍ରାନ୍ତ। ସେମାନେ ଏହି ଯୋଜନାରୁ ବାଦ୍ ପଡ଼ିଥିବା ଖବରପାଇ ବିଧାୟକ ଜିଲା ପ୍ରତିନିଧି ଅମ୍ଭୁ ପାତ୍ର ଏବଂ କୁନ୍ଦୁରା ମଣ୍ଡଳ ସଭାପତି ପଦ୍ମନାଭ ବିଷୋୟୀଙ୍କ ସହ ସେଠାରେ ପହଞ୍ଚି ଥିଲେ। କୌଣସି ଦିବ୍ୟାଙ୍ଗ, ରୋଗୀ ଏହି ଯୋଜନାରୁ ଯେପରି ବଞ୍ଚିତ ନ ହେବେ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

## ନବରଙ୍ଗପୁର ଜିଲାକୁ ଆସିବେ ୩ ଏଡିଇଓ

ନବରଙ୍ଗପୁର,୭।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକଙ୍କୁ ନୂଆପଡ଼ା ବଦଳି କରାଯାଇଛି। ନବରଙ୍ଗପୁର ଜିଲାକୁ ୩ ଜଣ ନୂତନ ଏଡିଇଓ ଆସିବେ। କଟକ ଜିଲା ମାହାଙ୍ଗା ବିଇଓ ଚକ୍ରଧର ବେହେରା, କେନ୍ଦ୍ରାପଡା ଜିଲା ରାଜକନିକା ଆର୍.ଏନ୍ ହାଇସ୍କୁଲ ପ୍ରଧାନଶିକ୍ଷକ ତନ୍ମୟ କୁମାର ବେହେରା ଓ ବଲାଙ୍ଗୀର ଏଡିଇଓ କେଶବ ମେହେରଙ୍କୁ ନବରଙ୍ଗପୁର ଏଡିଇଓ ଭାବେ ବଦଳି କରାଯାଇଛି। ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ରେଶମଲାଲ ନାୟକ ଜଣେ ମାତ୍ର ଏଡିଇଓ ଥିଲେ। ସରକାରଙ୍କ ବଦଳି ନିର୍ଦ୍ଦେଶ ପରେ ୩ଟି ଏଡିଇଓ ପଦବୀ ପୂରଣ ହେବ।

# ପାଡୁଆ ପଞ୍ଚାୟତରେ ଜନଶୁଣାଣି



ଅଧିକାରୀମାନେ ଏକ ଅଭିଯୋଗର ଶୁଣାଣି କରୁଛନ୍ତି।

ନନ୍ଦପୁର,୭।୪(ତୁଷାର ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ପାଡୁଆ ପଞ୍ଚାୟତ କାର୍ଯ୍ୟାଳୟରେ ସରକାରୀ ଯୋଜନାର ସଚେତନତା ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ଆୟୋଜିତ ଶିବିରରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ଗୋପୀନାଥ ସୀସା, ସମିତି ସଭ୍ୟ ନୀଳକଣ୍ଠ ମାଝି, ସମସ୍ତ ୱାର୍ଡସଭ୍ୟଙ୍କ ସମେତ ବୁଦ୍ଧିଜୀବୀମାନେ ପଞ୍ଚାୟତର ପାନୀୟ ଜଳ, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଲିଖିତ ଅଭିଯୋଗ କରିବା ସହ ସମାଧାନ ନେଇ ଅନୁରୋଧ କରିଥିଲେ। ଲୋକଙ୍କ ସମସ୍ୟା ସମାଧାନ କରିବାକୁ ବିଡିଓ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ୪ଟି ଅଭିଯୋଗ ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମାଧାନ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା, ସିଡିପିଓ ମିନତିବାଳା ପଟ୍ଟନାୟକ, ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝିଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ବିଫଳତା ହିଁ ସଫଳତାର ପ୍ରଥମ ପାହାଚ

## ଲକଡ଼ିପାଲ୍ଲା ଓଏଭି ବାର୍ଷିକ ଉତ୍ସବ

ତେନ୍ତୁଳିଖୁଣ୍ଟି, ୭।୪(ଚିଦାନନ୍ଦ ସାହୁ)




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲକଡ଼ିପାଲାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅବିନାଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି, ନବରଙ୍ଗପୁରସ୍ଥିତ ନୋଡାଲ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଜିଲା ପରିଷଦ ସଦସ୍ୟ କ୍ରିଷ୍ଣା ମଞ୍ଜରୀ ବିଷୋୟୀ ଓ ଏମ୍‌ପିଙ୍କ ପ୍ରତିନିଧି ସନ୍ତୋଷ ପାତ୍ର, କଂଗ୍ରା ସରପଞ୍ଚ ରୁକ୍ମିଣୀ ମାଝୀ, ଅଞ୍ଚଳଗୁମ୍ମା ସରପଞ୍ଚ କୁସୁମ ପୂଜାରୀ ପ୍ରମୁଖ ମଞ୍ଚସୀନ ଥିଲେ। ବିଦ୍ୟାଳୟ ବାର୍ଷିକ ବିବରଣୀ ଅଧ୍ୟକ୍ଷ ଅବିନାଶ ସାହୁ ପାଠ କରିଥିଲେ।

ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ହୋଇ ନ ଥିବା ବେଳେ କେତେକ ବିଷୟରେ ନିୟମିତ ଶିକ୍ଷକ ନାହାନ୍ତି। ଅତିଥି ଶିକ୍ଷକଙ୍କ ଦ୍ୱାରା ପାଠପଢ଼ା ହେଉଛି। ଅଧିକାଂଶ ପିଲାଙ୍କ ପ୍ରାରମ୍ଭିକ ଶିକ୍ଷା ଦୁର୍ବଳ ରହିଥିବାରୁ ହଠାତ୍ ଇଂଲିଶ ଶିକ୍ଷାକୁ ସେମାନେ ଧରିପାରୁନାହାନ୍ତି। ଛାତ୍ରାବାସ ଅଭାବ, ଶିକ୍ଷକଙ୍କ କ୍ୱାର୍ଟର ନ ଥିବାରୁ ରିମେଡିଆଲ କ୍ଲାସ୍ ପାଇଁ ସମୟ ଓ ସୁଯୋଗ ମିଳୁନି ବୋଲି କୁହାଯାଇଛି। ଯାହାବି ସମସ୍ୟା ରହିଛି ମନ୍ତ୍ରୀସ୍ତରରେ ଆଲୋଚନାକରି ସମାଧାନ କରାଯିବ ବୋଲି ବିଧାୟକ ଗୌରୀ ଶଙ୍କର ମାଝୀ କହିଥିଲେ। ଛାତ୍ରୀଛାତ୍ରଙ୍କୁ ଅଧ୍ୟବସାୟ ଜାରି ରଖି ସମୟାନୁବର୍ତ୍ତୀ, ସଫଳତା ପାଇଁ ପ୍ରୟାସ କରିବାକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ସଫଳତା ନ ପାଇଲେ ନିରାଶ ନ ହୋଇ ଆହୁରି ଅଧିକ ପ୍ରୟାସ କରିବା ଉଚିତ। ବିଫଳତା ହିଁ ସଫଳତାର ପାହାଚ ବୋଲି ସେ କହିଥିଲେ। ଶିକ୍ଷକ ସୁକାନ୍ତ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ଶିକ୍ଷକ ଶ୍ରୀରାମ ଦାସ ଧନ୍ୟବାଦ ଦେଇଥିଲେ।

## ଚାଷୀଙ୍କୁ ପାଣି ପମ୍ପ, ଆର୍ଥିକ ସହାୟତା ପ୍ରଦାନ

ନବରଙ୍ଗପୁର/ଉମରକୋଟ,୭।୪
(ସଦାଶିବ ପ୍ରହରାଜ/ସନ୍ତୋଷ ଶତପଥୀ)

ନବରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଉମରକୋଟ ବ୍ଲକ କୃଷି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ପାଣି ପମ୍ପସେଟ, ସିଞ୍ଚନ ଯନ୍ତ୍ର ବଣ୍ଟନ କରାଯାଇଛି। ଏଥିସହ ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ଦିଆଯାଇଛି। ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଏମ୍‌ପି ବଳଭଦ୍ର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରା, ଜିଲାପରିଷଦ ଉପାଧ୍ୟକ୍ଷା ଲିପିକା ବରୋଇ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ପିଏ ଆଇଟିଡିଏ ରାଜୀବ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉମରକୋଟ, ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକର ୧୩୦ ହିତାଧିକାରୀଙ୍କୁ ପମ୍ପସେଟ, ୧୦ ବ୍ଲକର ୯୭୯ ଜଣଙ୍କୁ ସ୍ପ୍ରେଏର ପ୍ରଦାନ କରାଯାଇଛି। ଜିଲାର ୫ ଜନଜାତି ଯୁବ ଉଦ୍ୟୋଗୀଙ୍କୁ ବ୍ୟବସାୟ ନିମନ୍ତେ ୧ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା, ଉମରକୋଟ ଅଲେଖ ମହିମା ଏସ୍ଏଚ୍‌ଜିକୁ ଛେଳିଚାଷ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପ ପ୍ରବନ୍ଧକ ଗୋବିନ୍ଦ କୁମାର ପରିଚାଳନା କରିଥିଲେ।

# ଷ୍ଟିଲ୍ ପ୍ଲାଣ୍ଟ ପାଇପ୍ ଫାଟି ଅଗ୍ନିକାଣ୍ଡ

## ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ପ୍ଲାଣ୍ଟ ଡାକ୍ତରଖାନାରେ ଭର୍ତ୍ତି

କୋଟପାଡ଼,୭।୪(କେ.ରାଜଶେଖର ରାଓ)



ପ୍ଲାଣ୍ଟରେ ହୋଇଥିବା ଅଗ୍ନିକାଣ୍ଡ ।

କୋରାପୁଟ ଜିଲା କୋଟପାଡ଼ଠାରୁ ୨୦ କି.ମି. ଓ ଚାନ୍ଦିଲି ପଞ୍ଚାୟତ ନିକଟରୁ ମାତ୍ର ୫ କି.ମି. ଛତିଶଗଡ଼ ସୀମା ନିକଟବର୍ତ୍ତୀ ନଗରନାର ଏନ୍ଏମ୍‌ଡିସି ଷ୍ଟିଲ ପ୍ଲାଣ୍ଟରେ ସୋମବାର ଅପରାହ୍ନ ପ୍ରାୟ ୨ଟା ୩୦ରେ କୋକ୍ ଓଭାନ ପ୍ଲାଣ୍ଟରେ ବିଦ୍ୟୁତ୍ ଯୋଗାଣ ବ୍ୟହତ ଯୋଗୁ କୌଣସି ପାଇପ୍ ଲାଇନ୍‌ରେ ଗ୍ୟାସ ଲିକ ହେବା ସହ ନିଆଁ ଲାଗିଥିବା ଜଣାପଡିଛି । ଉକ୍ତ ସେକ୍ଟରରେ କାମ କରୁଥିବା ଶ୍ରମିକମାନଙ୍କ ମଧ୍ୟରୁ ୧୦ ରୁ ୧୨ ଜଣ ନିଶ୍ୱାସ ପ୍ରଶ୍ୱାସ ନେବାରେ କୋଷ୍ଟ ଅନୁଭବ ସହ ଗୁରୁତର ହେବାରୁ ସେମାନଙ୍କୁ ପ୍ଲାଣ୍ଟ ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି । ଘଟଣା ସମୟରେ ପ୍ଲାଣ୍ଟରେ ଜୋରରେ ସାଇରନ ବାଜିବା ସହ ହୁତୁ ହୁତ ହେଇ ବହୁ ଉଚ୍ଚକୁ ଅଗ୍ନିଶିଖା ବାହାରିବା ସହ ଚତୁଃପାର୍ଶ୍ୱରୁ ଧୂଆଁ ବାହାରିଥିଲା। ଏଭଳିକି ଚାନ୍ଦିଲି ଏବଂ କୋଟପାଡ଼ ଅଞ୍ଚଳ ଲୋକେ ନିଆଁ ଓ ଧୂଆଁ ଦେଖି ପାରିଥିଲେ । ଉକ୍ତ ପ୍ଲାଣ୍ଟରେ କେଉଁ ଗ୍ୟାସ ଲିକେଜ ହେଇଛି ତାହା ଜଣାପଡି ନାହିଁ ।

# ରାୟଗଡ଼ା ଗଲେ ୧୪୮ ତୀର୍ଥଯାତ୍ରୀ



ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।


ନବରଙ୍ଗପୁର,୭।୪(ସଦାଶିବ ପ୍ରହରାଜ)

## ସେଠାରୁ ଯିବେ ଅଯୋଧ୍ୟା, ବାରାଣସୀ

ନବରଙ୍ଗପୁର ମିଶନ ଶକ୍ତି ପରିସରରେ ଅପରାହ୍ନ ୫ଟାରେ ଜିଲାରୁ ୧୪୮ଜଣ ତୀର୍ଥଯାତ୍ରୀ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରୁ ସେମାନେ ମଙ୍ଗଳବାର ଟ୍ରେନ୍‌ରେ ଅଯୋଧ୍ୟା ଓ ବାରାଣସୀ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି। ଡାବୁଗାଁ ବିଧାୟକ ମନୋହର ରାନ୍ଧାରୀ ତୀର୍ଥଯାତ୍ରୀଙ୍କ ଶୁଭମନାସି ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ପଞ୍ଜୀକୃତ ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ନାଗରିକଙ୍କ ସୋମବାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ୪ ଟି ବସ୍‌ରେ ତୀର୍ଥଯାତ୍ରୀମାନେ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ରାୟଗଡ଼ା ଷ୍ଟେସନରୁ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିବେ। ସେମାନେ ୧୩ ତାରିଖରେ ଫେରିବେ। ସେମାନଙ୍କ ସହ ନୋଡାଲ ଅଧିକାରୀ ଭାବେ ପିଇଟି ଶିକ୍ଷକ ଅଜିତ ପରିଜା, ଦିଲ୍ଲୀପ ଭଞ୍ଜ, ମନୋରଞ୍ଜନ ପ୍ରହରାଜ, ଭିବାଶିଷ ଦେ, ସତ୍ୟବ୍ରତ ପଣ୍ଡା ଯାତ୍ରା କରିଛନ୍ତି। ଏହି ସମାରୋହରେ ନବରଙ୍ଗପୁର ବିଧାୟକ ପ୍ରତିନିଧି ଦେବଦାସ ମହାକୁଡ଼, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଧାଂଶୁ ପାତ୍ର, ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ଘାସିଆ ହରିଜନ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା ଏଥିରେ ସହଯୋଗ କରିଥିଲେ।

# ପିଲାଙ୍କ ଓଡ଼ିଆ ଭାଷାଜ୍ଞାନ ବୃଦ୍ଧି ନେଇ ବର୍ଣ୍ଣବୋଧ ବଣ୍ଟନ

ନବରଙ୍ଗପୁର/ ଡାବୁଗାଁ,୭।୪
(ସଦାଶିବ ପ୍ରହରାଜ/ ପ୍ରଜ୍ଞାରଞ୍ଜନ ପରିଡ଼ା)



ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟ ଅତିଥିଙ୍କ ସହ ପୁସ୍ତକ ପାଇଥିବା ଛାତ୍ରୀଛାତ୍ର।

ଓଡ଼ିଆ ପକ୍ଷ ପାଳନ ଅବସରରେ ନବରଙ୍ଗପୁର ଜିଲାରେ ବର୍ଣ୍ଣବୋଧ ବଣ୍ଟନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉମରକୋଟ ବ୍ଲକ ଅଧୀନ ଭାଲୁଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛତ୍ରଙ୍କୁ ଓଡ଼ିଶା ସରକାରଙ୍କ ଦ୍ୱାରା ମୁଦ୍ରିତ ମଧୁ ସୁଦନ ରାଓଙ୍କ ରଚିତ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିଥିଲେ। ରାଜ୍ୟ ସରକାର ପାଠପଢାକୁ ଗୁରୁତ୍ୱ ଦେଉଛନ୍ତି, ପିଲାମାନଙ୍କ ପାଠପଢା ଆରମ୍ଭରେ ଅକ୍ଷର ଚିହ୍ନିବା, ଲେଖିବା ଏବଂ ଭାଷା ଜ୍ଞାନ ବୃଦ୍ଧି କରିବାରେ ବର୍ଣ୍ଣବୋଧର ବହୁତ ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଏଡିଇଓ ରେଶମ ଲାଲ ନାୟକ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଏମ୍‌ପିଙ୍କ ଉମରକୋଟ ପ୍ରତିନିଧି ରାମକୃଷ୍ଣ ନାୟକ, ବ୍ଲକ ଅଧ୍ୟକ୍ଷ ରାଧା ଭତରା, ଉମରକୋଟ ପୌରପାଳିକା ନିର୍ବାହୀ ଅଧିକାରୀ ଆଲୋକ ଅନୁଗୁଳିଆ ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ବ୍ଲକ ଅଧୀନ ଚୁଟିଆଗୁଡ଼ା ପ୍ରାଥମିକ ବିଦ୍ୟାଳୟ, ଝରିଗାଁ ବିଧାୟକ ନରସିଂହ ଭତରା ଝରିଗାଁ ବ୍ଲକ୍ ଏକ୍ସ ଡିଏନ୍‌କେ ପ୍ରାଥମିକ ବିଦ୍ୟାଳୟ ଓ ଜିଲାପାଳ ଡ ଶୁଭଙ୍କର ମହାପାତ୍ର ନବରଙ୍ଗପୁର ସହରସ୍ଥିତ ଆଶିଷ ଭବନ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିଥିଲେ।



ବ୍ଲକ୍ କଲୋନି ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ବହି ଦିଆଯାଇଛି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଛି। ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଭଗବାନ ମାଝି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନା, ପ୍ରଧାନ ଶିକ୍ଷୟିତ୍ରୀ ଜୋସନା ପରିଡା, ଏ. ସରିଜିନୀ, ଶିକ୍ଷକ ଅଜିତ କୁମାର ଷଡ଼ଙ୍ଗୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବ୍ଲକର ୩୦ ବିଦ୍ୟାଳୟରେ ପିଲାମାନଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିବା ସୂଚନା ମିଳିଛି।

# ୩୯୦ ଏକର ରାଜସ୍ୱ ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ

ନନ୍ଦପୁର,୭।୪(ତୁଷାର ମହାନ୍ତି)

ବାଲ୍ଡା ନାଗେଶ୍ୱରୀ ପାହାଡ଼କୁ ବକ୍ସାଇଟ ଖଣି ମାନ୍ୟତା ଦେଇ ନିଲାମ ପରେ ଏବେ ଖଣି ଖନନ ବେଳେ ନଷ୍ଟ ହେବାକୁ ଥିବା ଜଙ୍ଗଲର ସମ ପରିମାଣ ଜଙ୍ଗଲ ସୃଷ୍ଟି କରିବାକୁ ଜିଲା ପ୍ରଶାସନ ତରଫରୁ ଖଣି ସତ୍ତ୍ୱାଧିକାରୀଙ୍କୁ ସରକାରୀ ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୨୪୭/xxvi- ୩୨/୨୩/୨୦୨୦।୨୩ରେ ନନ୍ଦପୁର ବ୍ଲକ ଅଧୀନ ଖୁନବର୍ ଓ ହାତୀବାରି ପଞ୍ଚାୟତର ଦୁଇ ରାଜସ୍ୱ ଗ୍ରାମରେ ଥିବା ଦୁଇ ମୌଜାର ସମୁଦାୟ ୩୯୦ ଏକର ୪୧୬ ସେଣ୍ଟ ଜମି ହସ୍ତାନ୍ତର ପ୍ରକ୍ରିୟା ନନ୍ଦପୁର ତହସିଲ ତରଫରୁ ଆରମ୍ଭ ହୋଇଛି। ନନ୍ଦପୁର ତହସିଲ ତରଫରୁ ହସ୍ତାନ୍ତର ମାମଲା ନଂ. ୨/୨୫ ପ୍ରୋସେସ ସଂଖ୍ୟା ୨୫୬୭/୨୫ ରେ ଦୁଇ ସରପଞ୍ଚ ହାତୀବାରି ପଞ୍ଚାୟତ ୧୧ ଗ୍ରାମ ଓ ଖୁନବର ପଞ୍ଚାୟତ ୬ ଗ୍ରାମବାସୀଙ୍କଠାରୁ ୧୫ ଦିନ ମଧ୍ୟରେ ଯଦି କିଛି ଆପତ୍ତି ଅଭିଯୋଗ ଥାଏ ତାହେଲେ ଲିଖିତ ଭାବେ କାର୍ଯ୍ୟାଳୟରେ ଦାଖଲ କରିବାକୁ ନୋଟିସ ଦେଇଛନ୍ତି।

ଅନ୍ୟପଟେ ନୋଟିସ ପାଇ ଦୁଇ ପଞ୍ଚାୟତ ହାତୀବାରି (୧୧ ଗ୍ରାମ) ଓ ଖୁନବର (୬ ଗ୍ରାମ) ବାସୀ ଅସନ୍ତୋଷ ଜାହିର କରିଛନ୍ତି। ୨୦୨୩ ଅଗଷ୍ଟରେ ଜମି ଚିହ୍ନଟ ସମୟରେ

■ ଜଙ୍ଗଲ ସୃଷ୍ଟି ପାଇଁ ଖଣି ସତ୍ତ୍ୱାଧିକାରୀଙ୍କୁ ହସ୍ତାନ୍ତର ହେବ
■ ହାତୀବାରି ଙ୍କଲା ମୌଜାର ୨୯୨ଏକର ୬୧୪ ସେଣ୍ଟ
■ ଖୁନବର୍ ମୌଜାର ୯୭ ଏକର ୮୦୨ ସେଣ୍ଟ ଜମି

ଦୁଇ ପଞ୍ଚାୟତବାସୀ ପୃଥକ୍ ଭାବେ ନନ୍ଦପୁର ବିଡିଓ, ତହସିଲଦାର, ବାଲ୍ଡା ବନାଞ୍ଚଳ ଅଧିକାରୀ ଓ ନନ୍ଦପୁର ଏସ୍‌ଡିପିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଖଣି ମନ୍ତ୍ରାଳୟ, ଜିଲାପାଳଙ୍କ ଉଦ୍ଦେଶ୍ୟରେ ଚିହ୍ନଟ ପ୍ରକ୍ରିୟାକୁ ବିରୋଧ କରି ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। କିନ୍ତୁ ତା'ର କୌଣସି ବିଚାର କରା ନ ଯାଇ ହସ୍ତାନ୍ତର ପ୍ରକ୍ରିୟା କରାଯାଉଥିବାରୁ ସମସ୍ତ ପଞ୍ଚାୟତବାସୀ ମିଳିତ ହୋଇ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ମୁତାବକ ଲିଖିତ ଅଭିଯୋଗପତ୍ରରେ ୨୦ ଟଙ୍କାର କୋର୍ଟ ଫି ମାରି ଗ୍ରାମବାରି ଅଭିଯୋଗପତ୍ର ମଙ୍ଗଳବାରଠାରୁ ୧୨ ତାରିଖ ଯାଏ ପର୍ଯ୍ୟାୟ କ୍ରମେ ପ୍ରଦାନ କରିବେ ବୋଲି ଦୁଇ ପଞ୍ଚାୟତ ଲୋକ ପ୍ରତିନିଧି ଓ ବୁଦ୍ଧିଜୀବୀ ସୂଚନା ଦେଇଛନ୍ତି। ନନ୍ଦପୁର ତହସିଲ ତରଫରୁ ଜନମତ ସଂଗ୍ରହ ପରେ ହସ୍ତାନ୍ତର ମାମଲାର ବିଚାର କରାଯିବ ବୋଲି କୁହାଯାଇଛି।

# ପାଣି ପାଇଁ ଗଡ଼ଗୁଡ଼ା ଗ୍ରାମବାସୀ ଡହଳବିକଳ

■ ସୋଲାର ପ୍ରକଳ୍ପ, ନଳକୂପ ଅଚଳ
■ ଅଭିଯୋଗ ପରେ ବି ଶୁଣୁନାହାନ୍ତି କର୍ତ୍ତୃପକ୍ଷ

କୋରୁକୋଣ୍ଡା,୭।୪(ଶିବଦତ୍ତ ସାହୁ)


ଅଚଳ ଜଳ ପ୍ରକଳ୍ପ ନିକଟରେ ଗ୍ରାମବାସୀ ।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ଗଡ଼ଗୁଡାଗାଁରେ ଜଳ ସଙ୍କଟ ଦେଖାଦେଇଛି। ପ୍ରାୟ ୧ ବର୍ଷ ହେବ ଏହି ଗ୍ରାମରେ ଅଚଳ ହୋଇ ପଡ଼ିଛି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଓ ନଳକୂପ। ଜଳ ମୁନ୍ଦାଏ ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୫୦୦ ମିଟର ଦୂରରେ ଗଡ଼ଗୁଡ଼ା ଗାଁ ଥିବା ବେଳେ ଏହା ଉପରେ ଆଦୌ ନଜର ପଡୁନି ପଞ୍ଚାୟତ ଜିଲ୍ଲା ଭିତ୍ତିକ କର୍ତ୍ତୃପକ୍ଷଙ୍କର। ଏ ସମ୍ପର୍କରେ ଗ୍ରାମବାସୀ ବହୁବାର ପଞ୍ଚାୟତ ଏବଂ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ, ବ୍ଲକ କର୍ତ୍ତୃପକ୍ଷ ଏବଂ ଜନ ପ୍ରତିନିଧିଙ୍କୁ କହିଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗ୍ରାମର ନାଡୁ ଖିଲ, ବାସନ୍ତୀ ଖିଲ, ହାରା ଖିଲ, ତୁଳା ହନ୍ତାଲ, ହାରା ହନ୍ତାଲ, ଗୁରୁବାରୀ ପାଙ୍ଗୀ, କବିତା ହନ୍ତାଲ, ପରିମା ପାଙ୍ଗୀ, ନବୀନା ଖରା, ଲକ୍ଷ୍ମୀ ପୁଙ୍ଗୁଲି, କୁମ୍ଭା କର୍ସାନି, ବନ୍ଧୁ ଖରା, ଗୋବର୍ଦ୍ଧନ ଖିଲଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘବର୍ଷ ଧରି ବସବାସ କରି ଆସୁଛନ୍ତି। ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇଦେବାକୁ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରାୟ ୨/୩ ବର୍ଷ ପୂର୍ବେ ଏକ ସୌରଚାଳିତ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏଥିପାଇଁ ବିଭାଗ ପକ୍ଷରୁ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା। ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇଦେବାକୁ ଗ୍ରାମର ବିଭିନ୍ନ ସ୍ଥାନରେ ୪ ଷ୍ଟାଣ୍ଡପୋଷ୍ଟ ହୋଇଥିଲା। ଏହା ପରେ ପ୍ରକଳ୍ପଟି ଅଚଳ ହୋଇପଡିବାରୁ କିଛି ମାସ ପୂର୍ବେ ଏହାକୁ ମରାମତି କରାଯାଇଥିଲା। କିନ୍ତୁ ପ୍ରାୟ ବର୍ଷେ ହେବ ଏହି ପ୍ରକଳ୍ପ ଓ ଗ୍ରାମରେ ଥିବା ଏକମାତ୍ର ନଳକୂପ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। ଲୋକେ ଗାଁଠାରୁ ପ୍ରାୟ ୫୦୦ ମିଟର ଦୂରରେ ଥିବା ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ସାହିରେ ଥିବା ନଳକୂପରୁ ଜଳ ସଂଗ୍ରହକରି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଶୌଚହେବାକୁ ଗ୍ରାମବାସୀ ଦୂରରେ ଥିବା ଏକ ପୋଖରୀକୁ ଯାଉଛନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁ ଉକ୍ତ ପୋଖରୀରୁ ପାଣି ଶୁଖିବାରେ ଲାଗିଛି। ଜଳ ସଙ୍କଟ ଲାଗି ରହିଥିବାରୁ ଗ୍ରାମବାସୀଙ୍କ ସମେତ ଗୋରୁ ଓ ଅନ୍ୟ ଗୃହପାଳିତ ପ୍ରାଣୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛି ମାସ ପୂର୍ବେ ନାକାମାମୁଡି ଗାଁରେ ନୂତନ ଭାବେ କାର୍ଯ୍ୟକ୍ଷମ ହୋଇଥିବା ପାନୀୟ ଜଳ ପ୍ରକଳ୍ପରୁ ଉକ୍ତ ଗ୍ରାମକୁ ଜଳ ଯୋଗାଇଦେବା ପାଇଁ ବିଭାଗ ପକ୍ଷରୁ ପାଇପ ଓ ଛୋଟ ଷ୍ଟାଣ୍ଡପୋଷ୍ଟ ବସା ଯାଇଛି। ହେଲେ ଏହି ପ୍ରକଳ୍ପରୁ ପାଣି ଗାଁକୁ ଯାଉନାହିଁ।

ଏ ନେଇ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ସଗତା ହେମ୍ରମଙ୍କୁ ଏ ସମ୍ପର୍କରେ ଅବଗତ କରାଇବାରୁ ଉକ୍ତ ଗ୍ରାମକୁ ଯାଇ ସମସ୍ୟାର ସମାଧାନ ୨ ଦିନ ମଧ୍ୟରେ କରିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ଗୁରୁଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ତୁରନ୍ତ ଉକ୍ତ ସୌର ପ୍ରକଳ୍ପ ଓ ନଳକୂପ ମରାମତି କରାଯିବ। ଏଥିସହ ଉକ୍ତ ଗ୍ରାମରେ ଏକ ନୂତନ ନଳକୂପ ଦିନେ ଦୁଇଦିନ ମଧ୍ୟରେ ଖୋଳାଯିବ ବୋଲି କହିଛନ୍ତି ।

# ଗବେଷଣା ପରିଚାଳନା ନେଇ ଶୃଙ୍ଖଳିତ, ଯୁକ୍ତିଯୁକ୍ତ ଢାଞ୍ଚା ପ୍ରଦାନ ଲକ୍ଷ୍ୟ

କୋରାପୁଟ,୭।୪(ଅମିତାଭ ବେହେରା)



ସିୟୁଓରେ ଭାଷା ବିଦ୍ୟାର୍ଥୀଙ୍କ ପାଇଁ ଆୟୋଜିତ ଗବେଷଣା ପଦ୍ଧତି କର୍ମଶାଳାରେ ଉପସ୍ଥିତ ଅତିଥି।

ଭାଷା ଅଧ୍ୟୟନ କ୍ଷେତ୍ରରେ କଠୋର ଓ ଅର୍ଥପୂର୍ଣ୍ଣ ଗବେଷଣା ପାଇଁ ଗବେଷକମାନଙ୍କୁ ଅତ୍ୟାବଶ୍ୟକ ଜ୍ଞାନ ଓ କୌଶଳରେ ସଜ୍ଜିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ରେ ଗବେଷଣା ପଦ୍ଧତି ଉପରେ ଏକ ପାଞ୍ଚ ଦିନିଆ କର୍ମଶାଳା ସୋମବାରରୁ ଆରମ୍ଭ ହୋଇଯାଇଛି। ଉଭୟ ଗୁଣାତ୍ମକ ଓ ମାତ୍ରାତ୍ମକ ଗବେଷଣା ପଦ୍ଧତିକୁ ନେଇ ସିୟୁଓର ସ୍କୁଲ ଅଫ୍ ଲାଙ୍ଗୁଏଜ୍ (ଭାଷା ସମୂହ ବିଦ୍ୟାପୀଠ) ପକ୍ଷରୁ ଏହି କର୍ମଶାଳା ଆୟୋଜନ କରାଯାଉଛି। ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା ଭାଷା ସମୂହ ବିଦ୍ୟାପୀଠ ଡିନ୍ ପ୍ରଫେସର ନରସିଂହ ଚରଣ ପଣ୍ଡା ଉଦ୍‌ଘାଟନ କରିଥିଲେ। ପଶ୍ଚିମବଙ୍ଗର ଶାନ୍ତିନିକେତନସ୍ଥିତ ବିଶ୍ୱଭାରତୀ ସଂସ୍କୃତ ବିଭାଗ ଅବସରପ୍ରାପ୍ତ ପ୍ରଫେସର ପ୍ରଫେସର ଅରୁଣ ରଞ୍ଜନ ମିଶ୍ରଙ୍କ ଗବେଷଣା ପଦ୍ଧତି ସମ୍ବଳ ବିଶେଷଜ୍ଞ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଆ, ସଂସ୍କୃତ, ହିନ୍ଦୀ ଓ ଇଂରାଜୀ ବିଭାଗର ଅଧ୍ୟାପକ ଓ ଗବେଷକମାନେ ଯୋଗ ଦେଇଥିଲେ। ପ୍ରଫେସର ପଣ୍ଡା ତାଙ୍କ ଅଭିଭାଷଣରେ ଜାତୀୟ ଶିକ୍ଷାନୀତି ୨୦୨୦ ପରିପ୍ରେକ୍ଷୀରେ ଏହି କର୍ମଶାଳାର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଅଂଶଗ୍ରହଣକାରୀମାନଙ୍କୁ ଗବେଷଣା ପରିଚାଳନା ପାଇଁ ଏକ ଶୃଙ୍ଖଳିତ ଏବଂ ଯୁକ୍ତିଯୁକ୍ତ ଢାଞ୍ଚା ପ୍ରଦାନ କରିବା। ନିର୍ଦ୍ଦିଷ୍ଟ ଗବେଷଣା ପ୍ରଶ୍ନଗୁଡ଼ିକର ସମାଧାନ ପାଇଁ ଚୟନ କରାଯାଇଥିବା ପଦ୍ଧତି ଉପଯୁକ୍ତ ବୋଲି ସୁନିଶ୍ଚିତ କରିବା। ସେ ଗବେଷକମାନଙ୍କୁ ବିଭିନ୍ନ ଗବେଷଣା କୌଶଳ ସହିତ ସକ୍ରିୟ ଭାବରେ ଜଡ଼ିତ ହେବାକୁ ଏବଂ ସେମାନଙ୍କ ଶିକ୍ଷାଗତ କାର୍ଯ୍ୟରେ ଅର୍ଥପୂର୍ଣ୍ଣ ଭାବରେ ପ୍ରୟୋଗ କରିବାକୁ ଉତ୍ସାହିତ କରିଥିଲେ। ପ୍ରଫେସର ମିଶ୍ର ଗବେଷଣା ପଦ୍ଧତିର ମୌଳିକ ତାତ୍ପର୍ଯ୍ୟ ଉପସ୍ଥାପନ କରି ଏହାର ସଂଜ୍ଞା, ପରିସର ଓ ପ୍ରୟୋଗ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ଏହି କର୍ମଶାଳାକୁ ଡ. ରଘୁନାଥ ଓଝା (ଓଡ଼ିଆ), ଡ. ଦେବାଶିଷ କର୍ମକାର (ସଂସ୍କୃତ), ଡ. ମନୋଜ ସିଂହ (ହିନ୍ଦୀ) ଓ ଡ. ପ୍ରେସେନଜିତ୍ ସିହ୍ନା (ଇଂରାଜୀ) ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟାପକ, ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ଛାତ୍ରୀଛାତ୍ର ଓ ଗବେଷକ ଉପସ୍ଥିତ ଥିଲେ।

# ଗଙ୍ଗାମାଙ୍କ ଘଟ ଯାତ୍ରା ଆରମ୍ଭ

ଜୟପୁର,୭।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଗଙ୍ଗାନଗରସ୍ଥିତ ଗଙ୍ଗା ମା'ଙ୍କ ଘଟ ଯାତ୍ରା ସୋମବାର ଆରମ୍ଭ ହୋଇଛି। ରୀତିନୀତି ଅନୁଯାୟୀ ପ୍ରଥମେ ବାଜା ବଜାଇ ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀଙ୍କ ନିକଟରେ ପୂଜା ପାଠ କରାଯାଇ ଆଜ୍ଞାମାଳ ଅଣାଯାଇଥିଲା। ପରେ ନୂତନ କଳସ ଆଣାଯାଇ ପୂଜା କରାଯାଇଛି। ଚୈତ୍ର ଦଶମୀରେ ଏହି ଯାତ୍ରା ଆରମ୍ଭ ହୋଇ ୫ ଦିନ ଚାଲିବ। ଏହି ୫ ଦିନ ବାଜା ବଜାଇ ମାଙ୍କ ପ୍ରତିକ ଘଣ୍ଟ ହାଣ୍ଡି ଓ ଫୁଲ ଚାଙ୍ଗୁଡି ମୁଣ୍ଡରେ ଧରି ଭକ୍ତମାନେ ସାହି ସାହି ପରିକ୍ରମା କରନ୍ତି। ରାଷ୍ଟ୍ର ମଙ୍ଗଳ ପାଇଁ ମା ସାହି ସାହି ଘର ଘର ବୁଲନ୍ତି। ଏହି ସମୟରେ ଭକ୍ତମାନେ ଘର ସମ୍ମୁଖରେ ଲିପା ପୋଛା କରି ଭୋଗ ଲାଗି କରିଥାନ୍ତି। ପରେ ବିଳମ୍ବିତ ରାତିରେ ମା'ଙ୍କ ପ୍ରତୀକ ଘଣ୍ଟ ହାଣ୍ଡି ମନ୍ଦିରକୁ ଫେରିଥାଏ। ସେହି ସମୟରେ ଘଣ୍ଟକୁ ଧରିଥିବା ଭକ୍ତ ଖଣ୍ଡାରେ ଝୁଲାଯାଇ ଶାନ୍ତି କରାଯାଇ ମନ୍ଦିରକୁ ନିଆଯାଏ। ଏପରି ଭାବେ ୫ ଦିନ ଧରି ଯାତ୍ରା ଚାଲିଥାଏ।

# ପ୍ରଥମ ଲିଗ୍ ମ୍ୟାଚ୍‌ରେ ବିଏସ୍‌ପଦର ସ୍ପୋର୍ଟିଂ କ୍ଲବ ବିଜୟୀ

ଉମରକୋଟରେ ସିଏମ୍ ଫୁଟ୍‌ବଲ ଟ୍ରଫି ଆରମ୍ଭ

ଉମରକୋଟ, ୭।୪(ସନ୍ତୋଷ ଶତପଥୀ)

ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି ପ୍ରତିଯୋଗିତା ସୋମବାରରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ୧୫ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ଏଥିରେ ଜିଲାରୁ ମୋଟ ୧୭୬ରୁ ଊର୍ଦ୍ଧ୍ୱ ଛାତ୍ର ଯୋଗ ଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାର କ୍ରୀଡ଼ା ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି। ଗ୍ରାମାଞ୍ଚଳରେ ଲୁକାୟିତ ରହିଯାଇଥିବା ପ୍ରତିଭାବାନ ଖେଳାଳିଙ୍କୁ ଖୋଜି ଜାତୀୟ, ଆନ୍ତର୍ଜାତୀୟସ୍ତରରେ ସୁଯୋଗ ଦେବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରଥମ ଦିନର ଲିଗ ମ୍ୟାଚ ବିଏସପଦର ସ୍ପୋର୍ଟିଂ କ୍ଲବ ଏବଂ ଫ୍ରେଣ୍ଡସ କ୍ଲବ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୪-୦ରେ ବିଏସପଦର ବିଜୟୀ ହୋଇଛି। କାର୍ଯ୍ୟକ୍ରମରେ ଏମ୍‌ପି ବଳଭଦ୍ର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା , ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଜିଲାପାଳ ଡ ଶୁଭଙ୍କର ମହାପାତ୍ର, ପୌରାଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ଉପଜିଲାପାଳ ପ୍ରକାଶ ମିଶ୍ର, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ଉପସଭାପତି ବାଲା କ୍ରିଷ୍ଣା ରାଓ, ସହ ସମ୍ପାଦକ ମନୋଜ ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ପ୍ରସାଦ ମଲ୍ଲିକ, ଇଣ୍ଡୋର ସମ୍ପାଦକ କୃଷ୍ଣ ପ୍ରସାଦ ପଟ୍ଟନାୟକ, ଜିଲା ମହିଳା କ୍ରୀଡ଼ା ସଂଯୋଜିକା ଚନ୍ଦନା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଖେଳାଳିଙ୍କୁ ପୋଷାକ ଓ କ୍ରୀଡ଼ା ଉପକରଣ ପ୍ରଦାନ କରାଯାଇଛି। ବିଜୟ କୁମାର ଢ଼ାଲି, ଏମ୍‌ଡି ସାମୁରୁଧୀନ, ଚଇତୁ ଭତ୍ରା, ସୁବାସ ସାନ୍ତା ମ୍ୟାଚ କମିଶନର ଭାବେ ସପନ ବୈରାଗୀ କ୍ରୀଡ଼ା ପରିଚାଳନା କରିଥିଲେ।

# ସିଲ୍‌ଭର ମେଡାଲ ଜିତିଲେ ଜୟପୁରର ଜଗା

ରାଜ୍ୟ କଳିଙ୍ଗ ପୁତ୍ର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା



ଜୟପୁର,୭।୪(ପବନ ପାଣିଗ୍ରାହୀ)

ପୁରୀରେ ଅନୁଷ୍ଠିତ ହୋଇଥିବା ବୀର କଳିଙ୍ଗପୁତ୍ର ରାଜ୍ୟସ୍ତରୀୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଜୟପୁରର ଜଗା ସାହୁ ଦ୍ୱିତୀୟ ହୋଇଛନ୍ତି। ଗତ ୩୧ ଓ ୧ ତାରିଖ ୨ ଦିନ ଧରି ଏହି ପ୍ରତିଯୋଗିତା କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ମୋଟ ୨୩୦ ପ୍ରତିଯୋଗି ଭାଗ ନେଇଥିଲେ। ଓଡ଼ିଶା ବଡିବିଲ୍ଡିଂ ସଂଘ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଜଗାସାହୁ ୬୦ କେଜି ବର୍ଗରେ ନିଜ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶିତ କରି ଦ୍ୱିତୀୟ ହୋଇଥିଲେ। ଜଗା ଜଣେ ମିଠା ବ୍ୟବସାୟୀ ହୋଇଥିବା ବେଳେ ତାଙ୍କ ଉଦ୍ୟମ ଓ ପ୍ରଚେଷ୍ଟା ବଳରେ ସେ ଆଜି ଏହି ପୁରସ୍କାର ପାଇପାରିଛନ୍ତି। ଏହି ସଫଳତା ପାଇଁ ରୟାଲ ଫିଟ୍‌ନେସ ଜିମ ସଦସ୍ୟ ଓ ତାଙ୍କ ଗୁରୁଙ୍କୁ ସେ ଶ୍ରେୟ ମଣିଛନ୍ତି। ଆଗାମୀ ଦିନରେ ସେ ଅନ୍ତଃରାଷ୍ଟ୍ର ପ୍ରତିଯୋଗୀତାରେ ଭାଗ ନେବେ ବୋଲି କହିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/ SBP/Stores/Tender Publication/ 40255358/2025, ତା.03.04.2025ରିଖ

ଟେଣ୍ଡର ନଂ.: 40255358, ସାମଗ୍ରୀର ସଂକ୍ଷିପ୍ତ ବିବରଣୀ : ଟ୍ରକ୍‌ରେ ଲାଗିଥିବା ଆର୍ଟିକୁଲେଟେଡ୍ ବୁମ୍ କ୍ରେନ୍ (Articulated Boom Crane) ଇତ୍ୟାଦି।
ଟେଣ୍ଡର ମୂଲ୍ୟ(ଟଙ୍କାରେ): 66,08,000/-, EMD@2% (ଟଙ୍କାରେ) : 1,32,160/-।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.23.04.2025 ରିଖ 1500 ଘଟିକାରେ।
ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ସମ୍ବଲପୁର
PR-11/Q/25-26

**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. 1**

ଟେଣ୍ଡର ସଂ. SNTPBBS-052025-PSS (ଓପନ୍ ଟେଣ୍ଡର), ରେ ଆବଶ୍ୟକ ପରିବର୍ତ୍ତନ କରିଦିଆଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।
ଉପରୋକ୍ତ ଟେଣ୍ଡର ରେ କିଛି ନୂତନ ଆଇଟମ୍ ଯୋଡ଼ା ଯାଇଛି ଏବଂ କିଛି ଆଇଟମ୍ ହଟାଇ ଦିଆଯାଇଛି।
ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ଶୁଦ୍ଧିପତ୍ରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ହେବ।
ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ପ୍ରକଳ୍ପ/ଭୁବନେଶ୍ୱର
PR-2/CI/25-26

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ନଂ.: ଟି-ପିୟୁବି-ଜିଆର୍‌ସି-୨୦୨୫-୩୯୭, ତାରିଖ: ୦୪।୦୪।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା: ନର୍ଥ କଲୋନୀ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍‌ଠାରେ ମୁଖ୍ୟ ପ୍ରଶାସନିକ ଭବନର କରିଡରରେ ଛିଦ୍ରିତ ଧାତବ ପ୍ୟାନେଲ ସିଲିଂ/ବାଫଲ ସିଲିଂ ସହ ମୁଖ୍ୟ ପ୍ରଶାସନିକ ଭବନର ନବୀକରଣ । ଟେଣ୍ଡର ମୂଲ୍ୟ: ₹୨,୧୪,୮୭,୫୭୦.୪୦ । ଅମାନତ ରାଶି: ₹୨,୫୭,୪୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୦। ଖୋଲାଯିବା ତାରିଖ: ୩୦।୦୪।୨୦୨୫। କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ । ଟେଣ୍ଡର ସମୟସୂଚୀରେ କୌଣସି ପରିବର୍ତ୍ତନ, ଶୁଦ୍ଧିପତ୍ର, ସଂଶୋଧନ, ଯଦି ହୁଏ, ତେବେ ତାହା କେବଳ ଇ-ଟେଣ୍ଡର ପୋର୍ଟାଲରେ ଉପଲବ୍ଧ ହେବ ଏବଂ ତାହା ଖବରକାଗଜରେ ପ୍ରକାଶିତ ହେବନାହିଁ । ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । ହେଲ୍‌ପ ଡେସ୍କ ଯୋଗାଯୋଗ ନଂ. ୦୩୩-୨୪୫୦୩୭୮୩ । (PR-20)

# ରାଷ୍ଟ୍ରୀୟ ପ୍ରତିଭା, ମେଧାଭିତ୍ତିକ ଛାତ୍ରବୃତ୍ତିପ୍ରାପ୍ତ ଛାତ୍ରଙ୍କୁ ସମ୍ବର୍ଦ୍ଧନା


ଛାତ୍ର ପର୍ଶୁରାମ ସୋଡ଼ି, ରାଜେଶ ମାଡକାମିଙ୍କୁ ପୁରସ୍କୃତ କରାଯାଉଛି।

ମାଲକାନଗିରି, ୭।୪ (ଦୁର୍ଯ୍ୟୋଧନ ପାତ୍ର)

ରାଷ୍ଟ୍ରୀୟ ପ୍ରତିଭା ଓ ମେଧା ଛାତ୍ରବୃତ୍ତିରେ ଜିଲାର ୬୩୬ ବିଦ୍ୟାର୍ଥୀ ଭାଗନେଇ ୩୨ ବିଦ୍ୟାର୍ଥୀ କୃତିତ୍ୱ ଅର୍ଜନ କରିଥିଲେ । ସେଥିରୁ ମାଲକାନଗିରି ପୌର ପାଳିକା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁମୁଟିଗୁଡାର ଅଷ୍ଟମ ଶ୍ରେଣୀର ଛାତ୍ର ପର୍ଶୁରାମ ସୋଡି ଏବଂ ରାଜେଶ ମାଡକାମି କୃତିତ୍ୱ ଅର୍ଜନ କରିଥିଲେ। ଏହି ଅବସରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର ଛାତ୍ର ଦ୍ୱୟଙ୍କୁ ପଦକ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ଜଣେ ଛାତ୍ର ୫୦ ହଜାର ବୃତ୍ତି ଅର୍ଥାତ୍ ବର୍ଷକୁ ୧୨, ୫୦୦ଟଙ୍କା ପାଇବେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀରାଣୀ କୀର୍ତ୍ତନିଆ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

**ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ** (ଭାଅଜପ୍ରା / IWAI)
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୭୩୩୪, ଇ-ମେଲ୍: dirbhubaneswar@iwai.gov.in ଓ iwainw5@gmail.com

**ଭ୍ରମ ସଂଶୋଧନ**

ଏହା ତା୦୫।୦୪।୨୦୨୫ରିଖରେ ପ୍ରକାଶିତ ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍‌ଆର୍/୩/୧୦୯/ ଏମ୍‌ଭିବିଏଚ୍/୨୦୨୧-୨୨ ସନ୍ଦର୍ଭରେ। ମୁଦ୍ରଣ ତ୍ରୁଟି କାରଣରୁ ତାହାକୁ ନିମ୍ନ ଅନୁଯାୟୀ ପଢ଼ାଯିବ: **"ଆର୍ଥିକ ବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଭେସେଲ୍ ଏମ୍‌ଭି ଭୂପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ ପାଇଁ କୁଶଳୀ, ଅଭିଜ୍ଞତାସମ୍ପନ୍ନ ଏବଂ ପଞ୍ଜୀକୃତ ଫାର୍ମଗୁଡ଼ିକଠାରୁ ଅନ୍‌ଲାଇନ୍ ବିଡ୍ ଆହ୍ୱାନ କରାଯାଉଛି"**। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ। **(ନିର୍ଦ୍ଦେଶକ)**

**CENTRAL MINE PLANNING & DESIGN INSTITUTE LIMITED**
सीएमपीडीआई cmpdi
(A Subsidiary of Coal India Limited)
Gondwana Place, Kanke Road, Ranchi-834008, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in** /respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ : ସମ୍ବଲପୁର
ସର୍ଲାକଣି ଛକ ନିକଟ, ସମ୍ବଲପୁର - ୭୬୮୦୦୬ (ଓଡ଼ିଶା)

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୂଆପଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ନୂଆପଡା ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ପିତାୟର ହରିଜନ, ପିତା: ଟିକେମଣି ହରିଜନ, ସା: ବାବୁପାଲି, ପୋ: ଗଣ୍ଡାମେର, ଜିଲ୍ଲା: ନୂଆପଡା, ଓଡିଶା-୭୬୬୧୦୬ ଏବଂ ଶ୍ରୀ ପିତାୟର ହରିଜନ, ପିତା: ଟିକେମଣି ହରିଜନ, ପଲ୍ୟୁଟ୍ରୀ ଫାର୍ମ, ସା: ସୁକୁଲିମୁଣ୍ଡି, ଥାନା/ ତହସିଲ: କୋମନା, ଜିଲ୍ଲା: ନୂଆପଡା, ଓଡିଶା-୭୬୬୧୦୬ | ତା.୨୨.୦୧.୨୦୨୫ରିଖ ସୁଦ୍ଧା ଟ.୨୮,୦୫,୫୩୬/- ସହିତ ସେବାବଦ ପରବର୍ତ୍ତି ସୁଧ ଏବଂ ଖର୍ଚ୍ଚ | ୨୨.୦୧.୨୦୨୫ / ୦୩.୦୪.୨୦୨୫ | ସମ୍ପତ୍ତିର ବିବରଣୀ: କ) ମୌଜା: ସୁକୁଲିମୁଣ୍ଡି, ଥାନା/ତହସିଲ: କୋମନା, ଜିଲ୍ଲା: ନୂଆପଡା, ଖାତା ନଂ.: ୨୫୩/୧, ପ୍ଲଟ୍ ନଂ.: ୮/ ୨୮୭୧ ରେ ଗଚ୍ଛିତ ଥିବା କୁକ୍କୁଟ ଫାର୍ମ ରେ ଥିବା ବନ୍ଧକପ୍ରାପ୍ତ ସମସ୍ତ ଜୀବନ୍ତ ପକ୍ଷୀ, ପକ୍ଷୀ ଖାଦ୍ୟ, ଔଷଧ, ଯନ୍ତ୍ରପାତି ସହିତ ବିଦ୍ୟୁତ କରଣ ଏବଂ ଜଳ ଯୋଗାଣ ବ୍ୟବସ୍ଥା, ଖ) ଶ୍ରୀ ପିତାୟର ହରିଜନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୪୩/୩୮୬, ପ୍ଲଟ୍ ନଂ.: ୮୬୭/୧୮୨୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: ବାବୁପାଲି, ପୋ: ଗଣ୍ଡାମେର, ଥାନା/ତହସିଲ: କୋମନା, ଜିଲ୍ଲା: ନୂଆପଡା, ଏହାର ଚାରିପାର୍ଶ୍ୱରେ ଉତ୍ତର: ତେଜୁରାମ ତାଣ୍ଡିଙ୍କ ପ୍ଲଟ୍, ଦକ୍ଷିଣ: ବୁଦ୍ଧୁରାମ ସବରଙ୍କ ଜମି, ପୂର୍ବ: ରାସ୍ତା, ପଶ୍ଚିମ: ଡମରୁ ବାଗଙ୍କ ଜମି |

ସ୍ଥାନ: ସମ୍ବଲପୁର, ତାରିଖ: ୦୭.୦୪.୨୦୨୫ | କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**झारखण्ड सरकार**
**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, धनबाद**
**मोबाईल नं0 : 8789242462 ,Email : rdsd.dhanbad@rediffmail.com**

पत्रांकः—276 | धनबाद / दिनांक—07.04.2025

**अति अल्पकालीन निविदा आमंत्रण सूचना**

ई— निविदा सूचना संख्या — 02/2025-26/RDSD/EE/Dhanbad(DMFT)

1.कार्य की विस्तृत विवरणीः—

| क्र0 सं0 | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1. | बाधमारा प्रखण्ड अन्तर्गत चिटाही में स्थित ठाकुर बॉध के चारों तरफ गार्डवाल एवं सीढ़ी घाट का निर्माण। | 282.55600 | परिमाण विपत्र की राशि 2% | 10000.00 | 12 महीना |

2. वेबसाइट में निविदा प्रकाशन की तिथि —15.04.2025
3. ई—निविदा प्राप्ति की तिथि एवं समय—दिनांक 15.04.2025 से दिनांक 22.04.2025 को अपराह्न 5:00 बजे तक।
4. ई—निविदा खोलने का स्थान — कार्यपालक अभियंता का कार्यालय, ग्रामीण विकास विशेष प्रमंडल, धनबाद।
5. ई—निविदा खोलने की तिथि एवं समय— 24.04.2025 अपराह्न 2:00 बजे
6. ई—निविदा आमंत्रित करने वाले पदाधिकारी का नाम एवं पता :— ई0 नरेन्द्र कुमार, कार्यपालक अभियंता, ग्रामीण विकास विशेष प्रमंडल, धनबाद।
7. ई—निविदा प्रकोष्ठ का दूरभाष सं0 — 8789242462 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट—बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई—भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,धनबाद
PR 349873 Rural Development(25-26).D

**ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍ / IREL (India) Limited**
Unleashing Values
G20 भारत 2023 INDIA वसुधैव कुटुम्बकम् ONE EARTH • ONE FAMILY • ONE FUTURE
ଓସ୍‌କମ୍ / OSCOM, ମାଟିଖାଲୋ / Matikhalo

ଅଧିସୂଚନା ନଂ.: ଆଇଆର୍‌ଇଏଲ୍/ଓଏସ୍/ଏଏ/୨୦୨୫ | ଅଧିସୂଚନା ତାରିଖ: ୨୮।୦୩।୨୦୨୫

**ଶିକ୍ଷାନବିସ ଅଧିନିୟମ, ୧୯୬୧ ଅଧୀନରେ ବର୍ଷ ୨୦୨୫-୨୬ ପାଇଁ ଶିକ୍ଷାନବିସଙ୍କ ନିୟୋଜନ ନିମନ୍ତେ ଅଧିସୂଚନା**

ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍, ଓସ୍‌କମ୍, ମାଟିଖାଲୋ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଆଣବିକ ଶକ୍ତି ବିଭାଗ, ଭାରତ ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣ ଅଧୀନସ୍ଥ ଏକ କେନ୍ଦ୍ରୀୟ ସର୍ବସାଧାରଣ କ୍ଷେତ୍ର ଉଦ୍ୟୋଗ, ଯାହା ଖନନ, ଖଣିଜ ଦ୍ରବ୍ୟ ପୃଥକୀକରଣ ଏବଂ ଆଣବିକ ଖଣିଜର ମୂଲ୍ୟ ସମ୍ବର୍ଦ୍ଧନା କ୍ଷେତ୍ରରେ ନିୟୋଜିତ, ତଳେ ଦର୍ଶାଯାଇଥିବା ଅନୁଯାୟୀ ଶିକ୍ଷାନବିସ ଅଧିନିୟମ, ୧୯୬୧ (ସମୟ ସମୟରେ ସଂଶୋଧିତ ହେଉଥିବା ଅନୁଯାୟୀ) ଅଧୀନରେ ଟ୍ରେଡ୍, ଟେକ୍ନିସିଆନ୍ ଏବଂ ଗ୍ରାଜୁଏଟ୍ ଆପ୍ରେଣ୍ଟିସ୍ ଶୃଙ୍ଖଳାରେ **୩୦ ଜଣ** ଶିକ୍ଷାନବିସଙ୍କ ନିୟୋଜନ ଲାଗି ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି:

| କ୍ର. | ନାମିତ ଟ୍ରେଡ୍ | ଯୋଗ୍ୟତା | ଅବଧି | ସିଟ୍ ସଂଖ୍ୟା |
|---|---|---|---|---|
| ଗ୍ରାଜୁଏଟ୍ ଆପ୍ରେଣ୍ଟିସ୍ | | | | |
| (କ) | କେମିକାଲ୍ | ବି.ଇ/ବି.ଟେକ୍ (କେମିକାଲ୍) | ୧ ବର୍ଷ | ୦୧ |
| (ଖ) | ମେକାନିକାଲ୍ | ବି.ଇ./ବି.ଟେକ୍ (ମେକାନିକାଲ୍) | ୧ ବର୍ଷ | ୦୨ |
| (ଗ) | ଇଲେକ୍ଟ୍ରିକାଲ୍ | ବି.ଇ./ବି.ଟେକ୍ (ଇଲେକ୍ଟ୍ରିକାଲ୍) | ୧ ବର୍ଷ | ୦୧ |
| (ଘ) | ସିଭିଲ | ବି.ଇ/ବି.ଟେକ୍ (ସିଭିଲ) | ୧ ବର୍ଷ | ୦୨ |
| ଟେକ୍ନିସିଆନ୍ ଆପ୍ରେଣ୍ଟିସ୍ | | | | |
| (କ) | ଇଲେକ୍ଟ୍ରିକାଲ୍ | ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଡିପ୍ଲୋମା | ୧ ବର୍ଷ | ୦୨ |
| (ଖ) | ମେକାନିକାଲ୍ | ମେକାନିକାଲ୍ ଇଞ୍ଜିନିୟରିଂରେ ଡିପ୍ଲୋମା | ୧ ବର୍ଷ | ୦୧ |
| (ଗ) | ସିଭିଲ | ସିଭିଲ ଇଞ୍ଜିନିୟରିଂରେ ଡିପ୍ଲୋମା | ୧ ବର୍ଷ | ୦୧ |
| (ଘ) | ଇନ୍‌ଷ୍ଟ୍ରୁମେଣ୍ଟେସନ୍ | ଇନ୍‌ଷ୍ଟ୍ରୁମେଣ୍ଟେସନ୍ ଇଞ୍ଜିନିୟରିଂରେ ଡିପ୍ଲୋମା | ୧ ବର୍ଷ | ୦୧ |
| (ଙ) | ଇଣ୍ଡଷ୍ଟ୍ରିଆଲ ସେଫ୍‌ଟି | ଇଣ୍ଡଷ୍ଟ୍ରିଆଲ୍ ସେଫ୍‌ଟି/ଫାୟାର୍ ଆଣ୍ଡ ସେଫ୍‌ଟିରେ ଡିପ୍ଲୋମା | ୧ ବର୍ଷ | ୦୨ |
| ଟ୍ରେଡ୍ ଆପ୍ରେଣ୍ଟିସେସ୍ | | | | |
| (କ) | ଟ୍ରେନୀ (ଜିଓଲୋଜିଷ୍ଟ) | ବି.ଏସ୍‌ସି. (ଜିଓଲୋଜି) | ୧ ବର୍ଷ | ୦୧ |
| (ଖ) | ଲାବ୍ ଆସିଷ୍ଟାଣ୍ଟ (କେମିକାଲ୍ ପ୍ଲାଣ୍ଟ) | ବି.ଏସ୍‌ସି. (କେମିଷ୍ଟ୍ରି)/ଏମ୍.ଏସ୍‌ସି. (କେମିଷ୍ଟ୍ରି) କିମ୍ବା ଏକ୍ସ-ଆଇଟିଆଇ ଲ୍ୟାବ୍. ଆସିଷ୍ଟାଣ୍ଟ (କେମିକାଲ୍ ପ୍ଲାଣ୍ଟ) | ୧ ବର୍ଷ | ୦୨ |
| ଟ୍ରେଡ୍ ଆପ୍ରେଣ୍ଟିସେସ୍ (ଆଇଟିଆଇ) | | | | |
| (କ) | ପ୍ଲମ୍ବର | ପ୍ଲମ୍ବିଂ ଟ୍ରେଡ୍‌ରେ ଆଇଟିଆଇ | ୧ ବର୍ଷ | ୦୧ |
| (ଖ) | ଫିଟର୍ | ଫିଟର୍ ଟ୍ରେଡ୍‌ରେ ଆଇଟିଆଇ | ୧ ବର୍ଷ | ୦୩ |
| (ଗ) | ପେଣ୍ଟର୍ | ପେଣ୍ଟର୍ ଟ୍ରେଡ୍‌ରେ ଆଇଟିଆଇ | ୧ ବର୍ଷ | ୦୨ |
| (ଘ) | ଇଲେକ୍ଟ୍ରିସିଆନ୍ | ଇଲେକ୍ଟ୍ରିସିଆନ୍ ଟ୍ରେଡ୍‌ରେ ଆଇଟିଆଇ | ୧ ବର୍ଷ | ୦୬ |
| (ଙ) | ୱେଲ୍‌ଡର୍ | ୱେଲ୍‌ଡର୍ ଟ୍ରେଡ୍‌ରେ ଆଇଟିଆଇ | ୧ ବର୍ଷ | ୦୨ |

୪.୦ ଦରଖାସ୍ତ ଗ୍ରହଣର ଶେଷ ତାରିଖ: **୨୦।୦୪।୨୦୨୫**
ଅଧିକ ବିବରଣୀ ପାଇଁ ଦୟାକରି କମ୍ପାନୀର ୱେବ୍‌ସାଇଟ୍ **http://www.irel.co.in** ପରିଦର୍ଶନ କରନ୍ତୁ ଏବଂ ସବିଶେଷ ଅଧିସୂଚନା ଏବଂ ସାଦା ଦରଖାସ୍ତ ଫର୍ମାଟ୍ ଡାଉନଲୋଡ୍ କରିବା ପାଇଁ **'କ୍ୟାରିୟର୍'** ବିକଳ୍ପ ଉପରେ କ୍ଲିକ୍ କରନ୍ତୁ।
ସ୍ଥାନ: ଆଇଆର୍‌ଇଏଲ୍, ଓସ୍‌କମ୍, ମାଟିଖାଲୋ | ସ୍ୱା./-
ତାରିଖ: ୨୮।୦୩।୨୦୨୫ | ବରିଷ୍ଠ ପ୍ରବନ୍ଧକ-ଏଚ୍‌ଆର୍‌ଏମ୍ (ଏଲ୍ ଆଣ୍ଡ ଇଆର୍)
CBC 48146/12/0001/2526

# ପୌରାଧ୍ୟକ୍ଷାଙ୍କ ବ୍ୟାନରରେ ରହିଲାନି ନବୀନଙ୍କ ଫଟୋ

## ୱାକ୍ଫ ପ୍ରସଙ୍ଗ ନେଇ ଭଦ୍ରକ ବିଜେଡି ରାଜନୀତି

ଭଦ୍ରକ,୭।୪(ସନାତନ ରାଉତ)



ଭଦ୍ରକ ଟାଉନ ହଲ୍ ଛକଠାରେ ପୌରାଧ୍ୟକ୍ଷାଙ୍କ ପକ୍ଷରୁ ଆୟୋଜିତ ଖାଦ୍ୟପାନୀୟ ଯୋଗାଣ ଷ୍ଟଲ୍‌ରେ ଶ୍ରଦ୍ଧାଳୁଙ୍କ ଭିଡ଼।

ୱାକ୍ଫ ବିଲ୍‌ରେ ବିଜେଡିର ରାଜ୍ୟ ସଭା ସଦସ୍ୟଙ୍କ ଭୋଟିଂକୁ ନେଇ ସାରା ରାଜ୍ୟରେ ରାଜନୀତି ହଲ୍‌ଚଲ୍ ହୋଇଥିବା ବେଳେ ଭଦ୍ରକରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ରବିବାର ଶ୍ରୀରାମ ନବମୀ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ପାଇଁ ବିଭିନ୍ନ ରାଜନେତାଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ସ୍ୱାଗତ, ଖାଦ୍ୟ ଓ ପାନୀୟ ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଥିଲା। ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ୍‌ଙ୍କ ପକ୍ଷରୁ ମଧ୍ୟ ସହରର ଟାଉନ ହଲ୍ ଛକରେ ଏକ ଷ୍ଟଲ୍ କରାଯାଇଥିଲା। ନିଜେ ପୌରାଧ୍ୟକ୍ଷା ଓ ପୂର୍ବତନ ବିଧାୟକ ତଥା ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ଓ ପାନୀୟ ବଣ୍ଟନ କରିଥିଲେ। ଉକ୍ତ ଷ୍ଟଲ୍‌ରେ ଲାଗିଥିବା ବ୍ୟାନରରେ ପୌରାଧ୍ୟକ୍ଷା ଓ ପ୍ରଫୁଲ୍ଲଙ୍କ ଫଟୋ ରହିଥିବା ବେଳେ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଫଟୋ ନ ଥିବା ଦେଖିବାକୁ ମିଳିଥିଲା। ତାହାକୁ ନେଇ ଭଦ୍ରକର ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ହେଉଛି।

ୱାକ୍ଫ ବିଲ୍ ସପକ୍ଷରେ ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର ଭୋଟ ଦେବା ଜଣାପଡ଼ିବା ପରେ ପ୍ରଫୁଲ୍ଲ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନବୀନଙ୍କୁ ଚିଠି ଲେଖିଥିଲେ। ପ୍ରଫୁଲ୍ଲ ୱାକ୍ଫ ବିଲ୍‌କୁ ବିରୋଧ କରିବା ସହ ମୁସ୍‌ଲିମ୍ ସମ୍ପ୍ରଦାୟ ସପକ୍ଷରେ ଥିବାରୁ ତାଙ୍କ ଫଟୋ ଲଗାଯାଇଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ୱାକ୍ଫ ବିଲ୍ ଭୋଟିଂକୁ ନେଇ ବିଜେଡିର ଦ୍ୱନ୍ଦ୍ୱ ଲାଗିଥିବା ବେଳେ କିଛି ଏମ୍‌ପି ବିଲ୍ ସପକ୍ଷରେ ଭୋଟ ଦେବାକୁ ନେଇ ସେମାନେ ଅସନ୍ତୁଷ୍ଟ ଅଛନ୍ତି। ଏ ବାବଦରେ ନବୀନ ନିବାସରେ ଭେଟି ବିଲ୍‌କୁ ସମର୍ଥନ ନ ଜଣାଇବା ପାଇଁ ସେମାନେ ଦାବି ମଧ୍ୟ କରିଛନ୍ତି। ଏହି ଅସନ୍ତୋଷ ପାଇଁ ବ୍ୟାନରରେ ନବୀନ ବାବୁଙ୍କ ଫଟୋ ଲଗାଯାଇ ନ ଥିବା ସେ ସ୍ୱୀକାର କରିଛନ୍ତି। ତାଙ୍କ ସପକ୍ଷରେ ଥିବାରୁ ପ୍ରଫୁଲ୍ଲ ବାବୁଙ୍କ ଫଟୋ ଲଗାଯାଇଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ପକ୍ଷରୁ ଭଦ୍ରକ ପୋଷ୍ଟ ଅଫିସ୍ ଛକରେ ଏକ ମଞ୍ଚ କରାଯାଇଥିଲା। ସେଥିରେ ବିଧାୟକ ମଲ୍ଲିକଙ୍କ ସମେତ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ ପ୍ରମୁଖ ଥିବା ଲକ୍ଷ୍ୟ କରାଯାଇଥିଲା। ଅଳ୍ପ ବ୍ୟବଧାନରେ ବିଜେଡି ନେତାଙ୍କ ୨ଟି ଷ୍ଟଲ ରହିବା ଦଳୀୟ ମନୋମାଳିନ୍ୟ ଥିବା ବିଷୟକୁ ପଦାରେ ପକାଇଛି।

# ପାଣ୍ଡିଆନ୍‌ଙ୍କ ସପକ୍ଷରେ ବାହାରିଲେ କଟକ ମେୟର

- ଦେବାଶିଷ, ପ୍ରଭାତଙ୍କୁ ସମାଲୋଚନା କଲେ ସୁବାସ
- ମେୟର କିଏ ମୋତେ ପ୍ରଶ୍ନ ପଚାରିବାକୁ:ଦେବାଶିଷ

କଟକ,୭।୪(ଶିଳ୍ପା ପ୍ରିୟଦର୍ଶିନୀ)



ଦେବାଶିଷ ସାମନ୍ତରାୟ



ସୁବାସ ସିଂ

କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ସୋମବାର ଭି. କେ. ପାଣ୍ଡିଆନ୍‌ଙ୍କ ସପକ୍ଷରେ ମୁହଁ ଖୋଲିଛନ୍ତି। ସିଏମ୍‌ସି କାର୍ଯ୍ୟାଳୟଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୁବାସ କହିଛନ୍ତି, ବିଜେଡି କହିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହିଁ ବୁଝାଏ। ନବୀନ ପଟ୍ଟନାୟକଙ୍କ ଉପରେ ଲୋକଙ୍କର ବହୁ ଆଶା ଓ ବିଶ୍ୱାସ ରହିଛି। ଦଳକୁ ବଦ୍‌ନାମ କରିବାର ଅଧିକାର କାହାର ନାହିଁ। ପାଣ୍ଡିଆନ୍‌ଙ୍କ ଭଳି ଜଣେ ସଚିବ ସଚ୍ଚୋଟ ଭାବେ କାର୍ଯ୍ୟ କରିଛନ୍ତି। କାହାକୁ ଦୋଷ ଦେବା ଉଚିତ୍ ନୁହେଁ। ଦଳକୁ ବଦ୍‌ନାମ କରିବାରେ ଦେବାଶିଷ ସାମନ୍ତରାୟ ଏବେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ମାନସିକ ସ୍ଥିତି ଏବେ ବିଗିଡ଼ି ଯାଇଛି। ସେ କେଉଁ ଦଳର ଇଙ୍ଗିତରେ ଏଭଳି କାର୍ଯ୍ୟ କରୁଛନ୍ତି ତାହା ଜଣାଯାଉଛି। ଦେବାଶିଷ ବାବୁ ତାଙ୍କ ସମୟରେ କଟକରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରି ନାହାନ୍ତି। ସେ ବସ୍ ଷ୍ଟାଣ୍ଡ ହେଉ କି ବକ୍ସଡ୍ରେନ କାର୍ଯ୍ୟ ତାଙ୍କ ସମୟରେ କିଛି ସମ୍ଭବପର ହୋଇପାରି ନ ଥିଲା। ବିଜେଡି ସଭାପତି ନବୀନ ପଟ୍ଟନାୟକ ସବୁ ବିଷୟରେ ସ୍ପଷ୍ଟୀକରଣ ରଖିବେ, ଅନ୍ୟ କାହାର ଏ ବିଷୟରେ କହିବାର ଅଧିକାର ନାହିଁ। ଏହାସହ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ ସୁବାସ ସମାଲୋଚନା କରି କହିଛନ୍ତି, ପ୍ରଭାତ ବାବୁ କିଏ ପାଣ୍ଡିଆନ୍‌ଙ୍କୁ ସାର୍ଟିଫିକେଟ ଦେବା ପାଇଁ। ତାଙ୍କର ଦଳରେ କିଛି ଭୂମିକା ନ ଥିବା ସେ ନିଜେ ସ୍ପଷ୍ଟ କରି କହିଛନ୍ତି। ପାଣ୍ଡିଆନ୍‌ଙ୍କ ଉପରେ ଟିପ୍ପଣୀ ଦେବା ଅର୍ଥ ହେଉଛି ଦଳକୁ ଆକ୍ଷେପ କରିବା ସହ ସମାନ ବୋଲି ସୁବାସ କହିଛନ୍ତି।

ଅନ୍ୟପଟେ ସୁବାସଙ୍କ ଏଭଳି କଥାର କଡ଼ା ଜବାବ ଦେଇଛନ୍ତି ଦେବାଶିଷ ସାମନ୍ତରାୟ। ସେ ଗଣମାଧ୍ୟମକୁ କହିଛନ୍ତି, ସୁବାସ କିଏ ମୋତେ ପ୍ରଶ୍ନ ପଚାରିବାକୁ। ଯାହାଙ୍କର ୱାର୍ଡମେମ୍ବର, ସରପଞ୍ଚ ଜିତିବାର କ୍ଷମତା ନାହିଁ, ସେ ମୋ ଷ୍ଟାଣ୍ଡାର୍ଡର ମଧ୍ୟ ନୁହନ୍ତି ବୋଲି ଦେବାଶିଷ କହିଛନ୍ତି। ତେଣୁ ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ସେ ବାଧ୍ୟ ନୁହନ୍ତି ବୋଲି ଦେବାଶିଷ କହିଛନ୍ତି। ଏବେ ବିଜେଡିର ପରିସ୍ଥିତି ପାଇଁ ପାଣ୍ଡିଆନ୍ ଦାୟୀ। ପାଣ୍ଡିଆନ୍ ବିଜେଡିକୁ ବିକ୍ରି କରିଦେଇଛନ୍ତି। ପାଣ୍ଡିଆନ୍‌ଙ୍କ ପାଇଁ ବିଜେଡି ନିର୍ବାଚନରେ ହାରିଛି। ଆଜି ବି ଦଳ ପାଇଁ ପାଣ୍ଡିଆନ୍ ନିଷ୍ପତ୍ତି ନେଉଛନ୍ତି। ଏବେ ଯାହା ସ୍ଥିତି ରହିଛି ଓ ଯାହା ଷଡ଼ଯନ୍ତ୍ର ଚାଲିଛି ତାହା ପାଣ୍ଡିଆନ୍‌ଙ୍କ ପାଇଁ ହୋଇଛି। ମୁଁ ସ୍ପଷ୍ଟବାଦୀ, ତେଣୁ ସ୍ୱର ଉତ୍ତୋଳନ କଲି ବୋଲି ଦେବାଶିଷ କହିଛନ୍ତି।

# ବିଜେଡି ଚୂର୍‌ମାର ହୋଇଯିବ: କାଡାମ

## କଂଗ୍ରେସ ପାଇଁ ଶୁଭଙ୍କର:ତାରା

ଭୁବନେଶ୍ୱର, ୭।୪(ରବିନାରାୟଣ ଜେନା)

ବିଜେଡି ଏବେ ଚୂରମାର ଅବସ୍ଥାରେ ବୋଲି କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ସେ କହିଛନ୍ତି, ବିଜେଡି ଏବେ ୱକଫ୍ ବିଲ୍‌କୁ ନେଇ ଦୁଇଫାଳ ହୋଇଯାଇଛି। ବିଜେଡି ଏବେ ବିଜୁଙ୍କ ଆଦର୍ଶରେ ଯାଉନାହିଁ। ଗୋଟିଏ ଦଳ ନବୀନଙ୍କ ସାଥିରେ ରହିଥିବାବେଳେ ଆଉ କେତେକେ ପାଣ୍ଡିଆନଙ୍କୁ ସୁରକ୍ଷା ଦେଉଛନ୍ତି। ପୂର୍ବରୁ ଏଭଳି ବିଶୃଙ୍ଖଳା ହେଉଥିଲେ ହେଁ ବାହାରକୁ ଆସୁ ନ ଥିଲା। ଏବେ ତାହା ଫୁଟିକି ବାହାରୁଛି। କର୍ମୀ ଓ ନେତାଙ୍କ ଅସନ୍ତୋଷ ନବୀନ ନିବାସରେ ପହଞ୍ଚିଲାଣି। ଆଗାମୀ ଦିନରେ ଏହା ବିସ୍ଫୋରକ ପରିସ୍ଥିତି ଆଡ଼କୁ ଯିବ। ସେ କହିଛନ୍ତି, ରାଜ୍ୟରେ ଗତ ୨୪ବର୍ଷ ଧରି ବିଜେଡି ସରକାର ଯେଉଁ ଖଣି ଖାଦାନ ଲୁଟ୍ କରିଛି, ସେଥିରୁ କିଛି ଅଂଶ ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ହେଲେ ଯେଉଁ ବିପୁଳ ଅର୍ଥ ଲୁଟ୍ ହୋଇଛି ତାହାକୁ ନେଇ ଦଳ ବିଭାଜନ ହେବ ଏବଂ କଂଗ୍ରେସ ଓଡ଼ିଶାରେ ସରକାର କରିବ ବୋଲି କାଡାମ କହିଛନ୍ତି।

ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ୧୯୯୮ରେ ନବୀନବାବୁ ଓଡ଼ିଶା ରାଜନୀତିରେ ପାଦ ଦେଇଥିଲେ। ସେତେବେଳଠାରୁ ଆଜି ପର୍ଯ୍ୟନ୍ତ କେହି ନବୀନ ନିବାସରେ ପଶିବାକୁ ସାହସ କରିପାରୁ ନ ଥିଲେ। ପ୍ରଥମଥର ପାଇଁ ନବୀନ ନିବାସରେ ପାଣ୍ଡିଆନ୍ ଗୋ-ବ୍ୟାକ୍ ସ୍ୱର ଶାଣିତ ହୋଇଛି। ଏହା କଂଗ୍ରେସ ପାଇଁ ଶୁଭଙ୍କର। ଆଗାମୀ ଦିନରେ ବିଜେଡି ଦୁଇଭାଗ ହେବ। ଗୋଟିଏ ବିଜୁବାବୁଙ୍କ ଦଳ, ଅନ୍ୟଟି ପାଣ୍ଡିଆନଙ୍କ ଦଳ। ଭାଜପା ଯେଉଁ ଖେଳ ଖେଳୁଛି ଆଗାମୀ ଦିନରେ ଲୋକେ ତା'ର ଜବାବ ଦେବେ ବୋଲି ତାରା କହିଛନ୍ତି।

# ସୋଫିଆ ରାଜନୀତିରେ କାଲି ଜନ୍ମ ନେଇଛନ୍ତି: ଦେବାଶିଷ

କଟକ,୭।୪(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଧାୟକ ସୋଫିଆ ଫିର୍‌ଦୋସ ରାଜନୀତିରେ କାଲି ଜନ୍ମ ନେଇଛନ୍ତି। ଏଭଳି ମନ୍ତବ୍ୟ ଦେଇ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ସୋମବାର କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଭାରତରେ କଂଗ୍ରେସ ଦଳର ସ୍ଥିତି କେଉଁଠି ବି ନାହିଁ। ଏପରି କି ସୋଫିଆ ଓ ତାଙ୍କ ପିତା ମୋକିମଙ୍କର କଟକରେ ସ୍ଥିତି ନାହିଁ କିମ୍ବା କଟକ ପାଇଁ ସେ କିଛି କରିନାହାନ୍ତି। ସୋଫିଆଙ୍କ କଥା କହି ମୋ ନିଜ ସ୍ତରକୁ ତଳେ ପକାଇବାକୁ ଚାହୁଁନି। ମୁଁ ଦଳ ବିରୋଧରେ ଯାଇ ଲଢୁଛି ଏବଂ କାହିଁକି ବିରୋଧ କରୁଛି ସେ ପ୍ରଶ୍ନ ଉଠାଇବା ପାଇଁ ସୋଫିଆ କିଏ ବୋଲି ଦେବାଶିଷ କହିଛନ୍ତି।

ସୂଚନାଥାଉ କି, ୱାକ୍ଫ ବିଲ୍ ଭୋଟ ବେଳେ ୱାକ୍‌ଆଉଟ କରିବାକୁ ନେଇ ଦେବାଶିଷଙ୍କୁ ସୋଫିଆ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ଦେବାଶିଷ ବାବୁ ଭାଜପାକୁ ସମର୍ଥନ କରିଛନ୍ତି। ଗୋଟିଏ ଭୋଟ୍‌ର ବି ମୂଲ୍ୟ ଥାଏ, ବିରୋଧରୁ ଗୋଟିଏ ଭୋଟ୍ କମିଲା ମାନେ ଭାଜପାର ସଂଖ୍ୟା ଗଣିତରେ ଗୋଟିଏ ବଢ଼ିଲା। ଏହାଦ୍ୱାରା ଭାଜପାର ୱେଟେଜ୍ ବଢ଼ିଛି। ଏହି ଘଟଣା ପରେ ବାରବାଟୀ-କଟକ ଲୋକେ ତାଙ୍କ ନିଷ୍ପତ୍ତିରେ ଦୁଃଖିତ ଅଛନ୍ତି। ନିଜକୁ ବଞ୍ଚାଇବା ପାଇଁ ବିରୋଧ ନ କରି ଦେବାଶିଷ ୱାକ୍‌ଆଉଟ୍ କରିଥିଲେ ବୋଲି ସୋଫିଆ ଗଣମାଧ୍ୟମକୁ କହିଥିଲେ।

# ଏପ୍ରିଲ ଶେଷ ସୁଦ୍ଧା ସରିବ ବିଜେଡିର ସାଙ୍ଗଠନିକ ନିର୍ବାଚନ

ଭୁବନେଶ୍ୱର, ୭।୪(ସୁନିତ୍ ମିଶ୍ର)

ବିଜେଡିର ସାଙ୍ଗଠନିକ ନିର୍ବାଚନ ଏପ୍ରିଲ ସୁଦ୍ଧା ଶେଷ ହେବ। ୬ଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ମଧ୍ୟରୁ ୩ୟ ପର୍ଯ୍ୟାୟ ଶେଷ ହୋଇଛି। ୪ର୍ଥ ପର୍ଯ୍ୟାୟ ଲାଗି ସୋମବାର ୩୩ଟି ସାଙ୍ଗଠନିକ ଜିଲାର ନିର୍ବାଚନ ଅଧିକାରୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି ବୋଲି ବିଜେଡି ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଦେବ କହିଛନ୍ତି। ଶଙ୍ଖଭବନ ଠାରେ ସୋମବାର ଖବରଦାତା ସମ୍ମିଳନୀରେ ପ୍ରତାପ କହିଛନ୍ତି, ଖୁବଶୀଘ୍ର ଜିଲା ସଭାପତି ଚୟନ କାର୍ଯ୍ୟ ସମାପ୍ତ ହେବ। ଏହାପରେ ୫ମ ପର୍ଯ୍ୟାୟରେ ରାଜ୍ୟ ପରିଷଦ ଓ ରାଜ୍ୟ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ଦଳର ସଭାପତି ନିର୍ବାଚନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ।

## Business

# ସୁଶାନ୍ତ କୁମାର ମହାନ୍ତିଙ୍କୁ 'ରୁଚି-ବୈଶାଖୀ' ସମ୍ମାନ

## ରୁଚି ଗ୍ରାହକ ଜିତିଲେ ଆକର୍ଷଣୀୟ ଉପହାର

ଭୁବନେଶ୍ୱର,୭।୪




ସୁଶାନ୍ତ କୁମାର ମହାନ୍ତିଙ୍କୁ 'ରୁଚି-ବୈଶାଖୀ' ସମ୍ମାନରେ ସମ୍ମାନିତ କରାଯାଉଛି। ଏହି ଅବସରରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଏକବିଂଶତମ କଟକ-ବୈଶାଖୀ ବାଣିଜ୍ୟ ମେଳା ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟକାରୀ ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତିଙ୍କୁ 'ରୁଚି-ବୈଶାଖୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବୈଶାଖୀ ମଣ୍ଡପରେ ଆୟୋଜିତ ସମ୍ମାନ ସମାରୋହ ଉତ୍ସବରେ କାର୍ଯ୍ୟକାରୀ ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତିଙ୍କୁ 'ରୁଚି-ବୈଶାଖୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ମେୟର ସୁବାସ ସିଂହ, ସମ୍ମାନିତ ଅତିଥି ଭାବେ ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରି, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, 'ରୁଚି'ର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ, କୃଷ୍ଣପ୍ରସାଦ ଦାସ, 'ରୁଚି'ର ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ ଭାବେ ଯୋଗ ଦେଇଥିଲେ। ସେହିଭଳି ଏହି ସଭାରେ ପୂର୍ବତନ ଡେପୁଟି ମେୟର ମଧୁସୂଦନ ସାହୁ ସଭାପତିତ୍ୱ କରିଥିଲାବେଳେ ସଂଯୋଜକ ଦେବୀପ୍ରସାଦ ଦାଶ, ଦିଲୀପ ସାହୁ, ସଞ୍ଜୀବ ବେହେରା, ରମେଶ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅପରପକ୍ଷରେ ରୁଚି ଶିଳ୍ପୋଦ୍ୟୋଗ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ବିଶେଷ ରିହାତି ଓ ଉପହାର ଯୋଜନା ରଖାଯାଇଥିଲା। ଉଦ୍‌ଯାପନୀ ଦିବସରେ ବୈଶାଖୀ ବାଣିଜ୍ୟ ମେଳାରେ ରୁଚି ସାମଗ୍ରୀ କିଣି କଟକ ଜଗତପୁରର ଅଶୋକ କୁମାର ରାଉତ ଏକ ଏଲ୍‌ଇଡି ଟିଭି ପୁରସ୍କାର ଜିତିଛନ୍ତି। 'ରୁଚି'ର ପରିଚାଳନା ନିର୍ଦ୍ଦେଶିକା ସଙ୍ଗୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଉତଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ।

ପ୍ରତିଦିନ ମଧ୍ୟ ଗ୍ରାହକମାନଙ୍କୁ ରୁଚିର ବିଭିନ୍ନ ମସଲା, ସିମାଇ, ପାସ୍ତା, ସ୍ୱାସ୍ଥ୍ୟପ୍ରଦ ସାମଗ୍ରୀ ଓ ରୁଚିଟା' ସମେତ ବିଭିନ୍ନ ସାମଗ୍ରୀ କ୍ରୟ ସହ ଗୋଟିଏ ସାମଗ୍ରୀ ବିନା ମୂଲ୍ୟରେ ପ୍ରଦାନ କରାଯିବା ସହ ବିଭିନ୍ନ ଆକର୍ଷଣୀୟ ଉପହାର ମଧ୍ୟ ପ୍ରଦାନ କରାଯାଇଥିଲା।

'ରୁଚି' ମସଲା ଓ ଖାଦ୍ୟମଣ୍ଡପରେ ପ୍ରତ୍ୟହ ଗ୍ରାହକମାନଙ୍କ ଭିଡ଼ ଲାଗିରହିବା ସହିତ ଚଳିତବର୍ଷ ଭଲ ବ୍ୟବସାୟ ହୋଇଛି ବୋଲି ସେଲ୍‌ସ ବିଭାଗ ମୁଖ୍ୟ ଦିଲୀପ କୁମାର ସାହୁ କହିଛନ୍ତି। ପ୍ରତିଦିନ ରୁଚି ମଣ୍ଡପରେ ସମାଜର ବିଭିନ୍ନ ବର୍ଗର ଯୁବତୀଯୁବକ ଓ ପିଲାମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର, କୁଇଜ ଓ ନୃତ୍ୟଗୀତର ଆସର ଅନୁଷ୍ଠିତ ହୋଇ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ନଥିଙ୍ଗ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୭।୪

ନଥିଙ୍ଗ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସିଏମ୍‌ଏଫ୍ ଫୋନ ୨ ପ୍ରୋ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଫୋନ ୨୦୨୫ ଏପ୍ରିଲ ୨୮ ସନ୍ଧ୍ୟା ୬.୩୦ ସମୟରେ 'ସିଏମ୍‌ଏଫ୍ ଫୋନ ୨ ପ୍ରୋ' ଶୁଭାରମ୍ଭ କରାଯିବ। ଏହି ଫୋନ ୨ ପ୍ରୋ ବ୍ୟତୀତ ସିଏମ୍‌ଏଫ୍ ବଡ୍‌ସ ୨, ବଡ୍‌ସ୨ଏ ଓ ବଡ୍‌ସ ୨ ପ୍ଲସ୍ ତିନୋଟି ନୂତନ ଅଡିଓ ଉତ୍ପାଦ ମଧ୍ୟ ପ୍ରଚଳନ କରାଯିବ। ନୂଆ ଉତ୍ପାଦ ସେଟ ସୁଲଭ ମୂଲ୍ୟରେ ମହାନ ସ୍ପେଶିଫିକେଶନ ଖୋଜୁଥିବା ଲୋକଙ୍କ ପାଇଁ ନଥିଙ୍ଗ ଉତ୍ପାଦର ବ୍ୟାପକ ଲାଇନଅପ୍ ଯୋଡ଼ିଥାଏ। ନୂଆ ଉତ୍ପାଦ ପରିସର ଲଂଚ ଲାଗି ସିଏମଏଫ ବଡସ ୨ ପ୍ରୋ ପ୍ରସ୍ତୁତ କରିବା ସମୟରେ ସଂପ୍ରତି ସେମାନଙ୍କ ଏକ୍ସ ହ୍ୟାଣ୍ଡଲରେ ସିଏମ୍‌ଏଫ୍ ଫୋନ ୨ ପ୍ରୋ ପାଇଁ କ୍ୟାମେରା ଡିଜାଇନ ପ୍ରକାଶ କରାଯାଇଛି। ଶୁଭାରମ୍ଭ ସମ୍ପର୍କରେ ସୂଚନା ପାଇବାକୁ ଆଗ୍ରହୀ ବ୍ୟକ୍ତି ପରବର୍ତ୍ତି ଡିଭାଇସ ଅପଡେଟ ବିଷୟରେ ସୂଚନା ପାଇବା ଲାଗି ଫ୍ଲିପକାର୍ଟରେ ସାଇନଅପ କରିପାରିବେ।

# ଭୂଷଣ ଶର୍ମା ପିଏନ୍‌ବିର ନୂତନ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର,୭।୪ (ଅଭୟ ଦାଶ)




ଭୂଷଣ ଶର୍ମା

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ଭାବେ ମହାପ୍ରବନ୍ଧକ ଭୂଷଣ ଶର୍ମା ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ପାନିପଥ ମଣ୍ଡଳ କାର୍ଯ୍ୟାଳୟରେ ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଉଲ୍ଲେଖଯୋଗ୍ୟ, ୧୯୯୫ରେ ଶର୍ମା ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସରେ ଜଣେ କର୍ମଚାରୀ ଭାବେ କ୍ୟାରିୟର ଆରମ୍ଭ କରିଥିବା ବେଳେ ତାଙ୍କର ଶାମ୍‌ଲି, ପାନିପଥ, ଚଣ୍ଡିଗଡ, ଲୁଧିଆନା, ଦୁବାଇ, ବାଙ୍ଗାଲୋର, କୋଚି ଏବଂ କାନପୁର ଆଦି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ କାର୍ଯ୍ୟ କରିବାର ବ୍ୟାପକ ଅଭିଜ୍ଞତା ରହିଛି। ବର୍ତ୍ତମାନ ପିଏନ୍‌ବି ଅଞ୍ଚଳ କାର୍ଯ୍ୟାଳୟ ଅଧୀନରେ ରାଜ୍ୟର ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ବାଲେଶ୍ୱରଠାରେ ୫ଟି ମଣ୍ଡଳ କାର୍ଯ୍ୟାଳୟ ରହିଥିବାବେଳେ ରାଜ୍ୟରେ ପିଏନ୍‌ବିର ୩୪୬ ଶାଖା ରହିଛି। ଆଞ୍ଚଳିକ ମୁଖ୍ୟ ଭାବେ ଯୋଗଦେବା ପରେ ଶର୍ମା ଖୁଚୁରା, କୃଷି ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ଉପରେ ପ୍ରାଧାନ୍ୟ ଦେବା ସହ ବ୍ୟବସାୟିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଓ ପିଏନ୍‌ବିକୁ ଆଗାମୀ ପିଢ଼ିର ପସନ୍ଦଯୋଗ୍ୟ ବ୍ୟାଙ୍କ ରୂପେ ଗଢ଼ି ତୋଳିବା ପାଇଁ ଡିଜିଟାଲ ବ୍ୟାଙ୍କିଙ୍ଗକୁ ଲୋକପ୍ରିୟ କରାଇବା ଉପରେ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ସେ ମଧ୍ୟ ରାଜ୍ୟରେ ଶାଖା ନେଟ୍‌ୱର୍କକୁ ବିସ୍ତାର କରିବା ଓ ରାଜ୍ୟରେ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଲ୍ୟାଣ୍ଡସ୍କେପ୍‌ରେ ବ୍ୟାଙ୍କିଙ୍ଗ୍ କାରବାରକୁ ବୃଦ୍ଧି କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ବେଦାନ୍ତ ପକ୍ଷରୁ ପ୍ରତିଭା ସମ୍ମାନ

ଭୁବନେଶ୍ୱର,୭।୪

ପ୍ରତିବର୍ଷ ଭଳି ଚଳିତ ବର୍ଷର ଉତ୍କଳ ଦିବସ (ଓଡ଼ିଶା ଦିବସ) ଅବସରରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ପଦ୍ମଶ୍ରୀ ପ୍ରମୋଦ ଭଗତନ୍ଦ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ନୃପରାଜ ସାହୁଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ମାନିତ କରାଯାଇଥିଲା। ଏପରିକି ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ସ୍ଥିର ମନୋଭାବକୁ ଶ୍ରଦ୍ଧାଳି ଜଣାଇ କମ୍ପାନୀର ଝାରସୁଗୁଡ଼ା ୟୁନିଟ୍‌ରେ ଓଡ଼ିଶା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ରାଜ୍ୟର ଚମତ୍କାର ଅତୀତ ଏବଂ ଗତିଶୀଳ ବର୍ତ୍ତମାନର ଏକ ସାମୂହିକ ଉତ୍ସବରେ ଏକାଠି କରାଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ, ଓଡ଼ିଶା ଦିବସ ହେଉଛି, ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ସ୍ଥାୟୀ ଆତ୍ମାର ଏକ ଉତ୍ସବ। ବେଦାନ୍ତରେ ଆମେ ଏହି ସ୍ପନ୍ଦନଶୀଳ ଭୂମି ଏବଂ ଏହାର ପ୍ରେରଣାଦାୟକ ଯାତ୍ରାର ଏକ ଅଂଶ ହୋଇ ଅତ୍ୟନ୍ତ ଗର୍ବ ଅନୁଭବ କରୁଛୁ। ରାଜ୍ୟର ପରିଚୟକୁ ଆକାର ଦେଉଥିବା ପରମ୍ପରାଗୁଡ଼ିକୁ ଆମେ ସମ୍ମାନ କରୁଥିବାରୁ, ଆମେ ଅନ୍ତର୍ଭୁକ୍ତ ବିକାଶକୁ ପ୍ରୋତ୍ସାହିତ କରିବା, ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଆମେ ସେବା କରୁଥିବା ସମ୍ପ୍ରଦାୟଗୁଡ଼ିକ ସହିତ ଏକ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରତିବଦ୍ଧ । ସେହିଭଳି ପ୍ରସିଦ୍ଧ ଓଡ଼ିଆ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଏବଂ ନବ୍ୟ ଜୈଡିଙ୍କ ମନୋରମ ପରିବେଷଣ ସହ ଏହି ଉତ୍ସବ ଜୀବନ୍ତ ହୋଇ ଉଠିଥିଲା, ଯେଉଁମାନେ ସନ୍ଧ୍ୟାକୁ ଆତ୍ମାର ସଂଗୀତରେ ପରିପୂର୍ଣ୍ଣ କରିଥିଲେ ଯାହା ଦର୍ଶକଙ୍କ ମନରେ ଗଭୀର ପ୍ରତିଧ୍ୱନିତ କରିଥିଲା। ସାଂସ୍କୃତିକ ଉତ୍ସବକୁ ପରିପୂର୍ଣ୍ଣ କରିବା ସହିତ ପ୍ରାମାଣିକ ଓଡ଼ିଆ ଖାଦ୍ୟର ପ୍ରସାରଣ ଉପସ୍ଥିତ ଲୋକଙ୍କୁ ରାଜ୍ୟର ସମୃଦ୍ଧ ରାନ୍ଧଣା ପରମ୍ପରାର ସ୍ୱାଦ ପ୍ରଦାନ କରିଥିଲା।

# ଜୟଆଲୁକ୍କାସ୍‌ର ନୂତନ କଲେକ୍ସନ 'କୃଷ୍ଣ ଲୀଳା'




ଜୟଆଲୁକ୍କାସର ନୂତନ କଲେକ୍ସନ 'କୃଷ୍ଣ ଲୀଳା'କୁ ସିନେ ଅଭିନେତ୍ରୀ ଆଲ୍ୟା ମନସା ଅନାବରଣ କରୁଛନ୍ତି। ଏହି ଅବସରରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୭।୪

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ ଜୟଆଲୁକ୍କାସ୍‌ର ନୂତନ କଲେକ୍ସନ 'କୃଷ୍ଣ ଲୀଳା'କୁ ସର୍ବଭାରତୀୟ ସ୍ତରରେ ଅନାବରଣ (ଶୁଭାରମ୍ଭ) କରାଯାଇଛି। ଏହି ପରିପ୍ରେକ୍ଷୀରେ ଜୟଆଲୁକ୍କାସ୍‌ର ଚେନ୍ନାଇସ୍ଥିତ ଟି ନଗର ଶୋ'ରୁମ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅନବାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ସିନେ ଅଭିନେତ୍ରୀ ଆଲ୍ୟା ମନସା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ (ଅନାବରଣ) କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଳଚ୍ଚିତ୍ର କଳାକାର ପ୍ରଶାନ୍ତ, ରବି ମାରିଆଙ୍କ ଜୟଆଲୁକ୍କାସ୍ ସିଓଓ ହେନରୀ ଜର୍ଜ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି ନୂତନ କଲେକ୍ସନରେ ଭଗବାନ କୃଷ୍ଣଙ୍କ ଜୀବନ ଚରିତ୍ରର ମନୋରମ କାହାଣୀରେ ପ୍ରେରିତ ହୋଇ ପୌରାଣିକ କାହାଣୀ ଏବଂ କଳାର ଅପୂର୍ବ ସମନ୍ୱୟରେ ଅତ୍ୟନ୍ତ ଉଚ୍ଚକୋଟୀର ମନ୍ଦିର ଅଳଙ୍କାରମାନ ସ୍ଥାନ ପାଇଛି। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ଏମଡି ଜୟ ଆଲୁକ୍କାସ କହିଥିଲେ, ଆମେ ଆମର ନୂତନ କଲେକ୍ସନ କୃଷ୍ଣ ଲୀଳାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। କୃଷ୍ଣ ଲୀଳା କଲେକ୍ସନ ପରମ୍ପରା ଏବଂ ଭକ୍ତିର ଅନନ୍ତ ଆକର୍ଷଣର ଏକ ସ୍ମରଣ। ଆମର ପ୍ରେରଣା ଭଗବାନ କୃଷ୍ଣଙ୍କ କାଳଜୟୀ କାହାଣୀରୁ ଆସିଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ଓଡ଼ିଶାର ପ୍ରଥମ ରୋଟେଟର କଫ୍ ମରାମତି

ଭୁବନେଶ୍ୱର,୭।୪

ଓଡ଼ିଶାରେ ପ୍ରଥମ ଥର ପାଇଁ ରିଜେନ୍ଟେନ୍ ପ୍ୟାଚ୍ ନାମକ ଏକ କୃତ୍ରିମ ବାୟୋଇଣ୍ଡକ୍ଟିଭ୍ ଇମ୍ପ୍ଲାଣ୍ଟ ବ୍ୟବହାର କରି ରୋଟେଟର୍ କଫ୍ ଟିୟର ଚିକିତ୍ସାର ଏକ ଉନ୍ନତ ଅର୍ଥ୍ରୋସ୍କୋପିକ୍ କୌଶଳ ଗ୍ରହଣ କରାଯାଇଛି। ଏପରିକି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭୁବନେଶ୍ୱରର ମଣିପାଲ୍ ହସ୍ପିଟାଲ୍ସ ଏକ ବଡ ଉପଲବ୍ଧି ହାସଲ କରିଛି। ବିଶେଷ କରି କାନ୍ଧ ସନ୍ଧିକୁ ଘେରି ରହିଥିବା ମାଂସପେଶୀ ଏବଂ ଟେଣ୍ଡନ ବା ପେଶୀରଜ୍ଜୁର ଗୋଷ୍ଠୀକୁ ରୋଟେଟର୍ କଫ୍ କୁହାଯାଏ। କୌଣସି ଆଘାତ କାରଣରୁ ଫାଟିଗଲେ ଏହାକୁ ରୋଟେଟର୍ କଫ୍ ଟିୟର କୁହାଯାଏ। ରୋଟେଟର୍ କଫରେ ୫୦%ରୁ ଅଧିକ ମୋଟେଇର ଏକ ଉଚ୍ଚ-ଗ୍ରେଡର ଟିୟର କ୍ଷେତ୍ରରେ ଏକ ମାନକ ଅର୍ଥ୍ରୋସ୍କୋପିକ୍ ଅସ୍ତ୍ରୋପଚାର କରାଯାଏ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଅସ୍ଥିଶଲ୍ୟ ବିଭାଗର ବରିଷ୍ଠ ଅର୍ଥ୍ରୋସ୍କୋପିକ୍ ସର୍ଜନ ଏବଂ ସ୍ପୋର୍ଟସ୍ ସର୍ଜରୀ ବିଶେଷଜ୍ଞ ଡାକ୍ତର ସାର୍ଥକ ପଟ୍ଟନାୟକ ଜଣେ ୫୦ ବର୍ଷ ବୟସ୍କ ରୋଗୀଙ୍କର ଅସ୍ତ୍ରୋପଚାର କରିଥିଲେ, ଯିଏ ରୋଟେଟର୍ କଫ୍ ଟିୟର ହେତୁ ଅସ୍ତ୍ରୋପଚାର ପୂର୍ବରୁ ତାଙ୍କ ଡାହାଣ କାନ୍ଧ ଉଠାଇ ପାରୁନଥିଲେ। ଆମେ ଅନ୍ତଃରୋପଣ କରିବାକୁ ଯୋଜନା କରିଥିଲୁ ଏବଂ ବୟସ ବଢ଼ିବା ସହିତ ତାଙ୍କୁ ପ୍ରାକୃତିକ ଭାବରେ ସୁସ୍ଥ ହେବାକୁ ଛାଡ଼ିଦେଇ ନଥିଲୁ ଯେତେବେଳେ ଆପଣଙ୍କ ବୟସ ବଢିବାକୁ ଲାଗେ, ସେତେବେଳେ ପ୍ରାକୃତିକ ଭାବରେ ଶରୀର ସୁସ୍ଥ ହେବାର କ୍ଷମତା ହ୍ରାସ ପାଇଥାଏ ନୂଆ ଟିସୁ ତିଆରି ପ୍ରକ୍ରିୟା ବା ପୁନରୁଦ୍‌ଭବନ ପ୍ରକ୍ରିୟା ମନ୍ଥର ହୋଇଯାଏ ତେଣୁ, ଏହି ଅନ୍ତଃରୋପଣ ତାଙ୍କ ଆରୋଗ୍ୟ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ଡାକ୍ତର ସାର୍ଥକ ପଟ୍ଟନାୟକ କହିଥିଲେ। ଭୁବନେଶ୍ୱର ମେଡ଼ିକାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ରଙ୍କ ମତରେ ରୋଗୀ ସେବାକୁ ଉନ୍ନତ କରିବା ପାଇଁ ଆମେ ସଦା ଆଧୁନିକ ଚିକିତ୍ସା ପ୍ରଯୁକ୍ତିର ଅଗ୍ରଗାମୀ ହେବାକୁ ପ୍ରତିବଦ୍ଧ।

# ବାଇକ୍‌ରେ ବୋମା ନେବା ବେଳେ ବିସ୍ଫୋରଣ



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

## ଜଣେ ମୃତ, ଜଣେ ଗୁରୁତର

ଖୋର୍ଦ୍ଧା,୭।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅଧୀନ ସଢ଼େଇଗଡ଼ ଗ୍ରାମ ନିକଟ ଖଣି ପୋଖରୀଠାରେ ରବିବାର ରାତିରେ ଦୁଇଜଣ ଯୁବକ ବୋମା ଭିଡ଼ିବା ପରେ ଏକ ବାଇକ୍‌ରେ ନେଇ ଯାଉଥିବା ବେଳେ ତାହା ବିସ୍ଫୋରଣ ଘଟିଛି। ଏଥିରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସଢ଼େଇଗଡ଼ ଗ୍ରାମର ନିରାକାର ସିଂ ଏବଂ ଆହତ ଜଣଙ୍କ ବର୍ଣ୍ଣି ଅରିସଲ। ଖବରପାଇ ପୋଲିସ ପହଞ୍ଚି ଗୁରୁତର ବର୍ଣ୍ଣିଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ବିସ୍ଫୋରକନିରୋଧ ଆକ୍ଟରେ ଏକ ମାମଲା (ନଂ.୨୮୮/୨୫) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ମୁତାବକ, ରବିବାର ସଢ଼େଇଗଡ଼ ଗ୍ରାମ ନିକଟ ଖଣି ପୋଖରୀଠାରେ ଉପରୋକ୍ତ ଦୁଇ ଯୁବକ ବୋମା ଭିଡ଼ିବା ପରେ ଏକ ବାଇକ୍‌ରେ ନେଇ ଯାଉଥିଲେ। ଅନ୍ଧାରିଆ ରାସ୍ତା ଏବଂ ମୋରମ ପଡିଥିବାରୁ ରାସ୍ତାରେ ବାଇକ୍‌ଟି ସ୍ଲିପ୍ କରିଥିଲା। ଫଳରେ ଭାରସାମ୍ୟ ହରାଇ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ବ୍ୟାଗରେ ଥିବା ବୋମା ବିସ୍ଫୋରଣ ହୋଇଥିଲା। ପ୍ରାୟ ୪ରୁ ୫ଟି ବୋମା ବିସ୍ଫୋରଣ ହୋଇଥିବା ଜଣାପଡିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଘଟଣାସ୍ଥଳରେ ନିରାକାରଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ୍ ଚାଳକ ବର୍ଣ୍ଣି ଗୁରୁତର ଆହତ ହୋଇଥିଲେ। ସୋମବାର ସକାଳେ ପୋଲିସ ପହଞ୍ଚି ଉଭୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ଆଣିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବର୍ଣ୍ଣିଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ତେବେ ଉଭୟଙ୍କ ନାଁରେ ପୂର୍ବରୁ କୌଣସି ମାମଲା ନ ଥିବା ବେଳେ ବୋମା କାହିଁକି ଭିଡୁଥିଲେ ଓ କେଉଁଆଡ଼େ ନେଇ ଯାଉଥିଲେ ସେନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ କହିଛନ୍ତି। ଅନ୍ୟପଟେ ଏନେଇ ମୃତକଙ୍କ ବାପା ନକୁଳ ସିଂ କହିଛନ୍ତି, ରବିବାର ବଡ଼ପୁଅକୁ ଏକ ଫୋନ କଲ ଆସିଥିଲା, ସାନପୁଅକୁ ପିଚୁ ଫ୍ୟାକ୍ଟ୍ରିକୁ ଡାକୁଥିଲେ। ସେ ମନା କରିଥିଲା, ପରେ ବିଳମ୍ବିତ ରାତିରେ ନିରାକାର ଯାଇଥିଲା। ସୋମବାର ସକାଳେ ତାର ମୃତ୍ୟୁ ଘଟିଥିବା ଖବର ମିଳିଥିଲା। ପୁଅକୁ ଘରୁ ଡାକି ନେଇ ମାରିଦେଲେ ବୋଲି ସେ ଗଣମାଧ୍ୟମରେ ଅଭିଯୋଗ ଆଣିଛନ୍ତି।

### ପୂର୍ବରୁ ଘଟିଥିବା ୩ ପ୍ରମୁଖ ଘଟଣା

**୨୦୨୩ ମାର୍ଚ୍ଚ ୫:** ଟାଙ୍ଗୀ ଥାନା ଭୂଷଣ୍ଡପୁର ଚିଲିକା କୂଳ ନିକଟବର୍ତ୍ତୀ ଏକ ଘରେ ବାଣ ପ୍ରସ୍ତୁତି ଚାଲିଥିଲା। ୮ରୁ ୧୦ଜଣ ଲୋକ ବାଣ ଭିଡୁଥିଲେ। ଏହି ସମୟରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ୫ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଥିଲେ। ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ, କେହି ବାହାରକୁ ବାହାରି ପାରି ନ ଥିଲେ। ଫଳରେ ୫ଜଣ ସମ୍ପୂର୍ଣ୍ଣ ପୋଡ଼ି ହୋଇଯାଇଥିଲେ।

**୨୦୨୪ ମାର୍ଚ୍ଚ ୪:** ବେଗୁନିଆ ଥାନା ଦେଉଳି ଗାଁରେ ଭୟଙ୍କର ବାଣ ବିସ୍ଫୋରଣ ହୋଇଥିଲା। ଏଥିରେ ଅଶୋକ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ସୁକାନ୍ତି ଗୁରୁତର ଆହତ ହୋଇଥିଲେ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ୨ବଖରା ଘର ଛପର, ଆଜବେଷ୍ଟସ ଉଡ଼ିଯାଇଥିଲା। ତେବେ ବେଆଇନ ଭାବେ ବାଣ ଭିଡ଼ିବା ଅଭିଯୋଗରେ ଜେଲ ଯାଇ ଫେରିବା ପରେ ପୁଣି ଏଥିରେ ସମ୍ପୃକ୍ତ ଥିଲେ। ବେଆଇନ ବାଣ ପ୍ରସ୍ତୁତି ନେଇ ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା।

**୨୦୨୪ ମେ ୧୦:** ବାଘମାରୀ ଥାନା ଅଧୀନ ଲେଖନପୁର ଗ୍ରାମରେ ଭୟଙ୍କର ବାଣ ବିସ୍ଫୋରଣ ହୋଇଥିଲା। ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଗୌରାଙ୍ଗ ଚରଣ ପଟ୍ଟନାୟକ ଗୁରୁତର ଆହତ ହୋଇଥିଲେ। ଏଥିସହ ତାଙ୍କର ୨ବଖରା ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ପ୍ରଚଣ୍ଡ ଶବ୍ଦରେ ଆଖପାଖ ଗାଁ ଥରି ଉଠିଥିଲା।

# ଦ୍ୱାଦଶ ଶ୍ରେଣୀ ଛାତ୍ରୀଙ୍କୁ ୭ ଦିନ ଧରି ଗଣବଳାତ୍କାର

## ୨୩ ଜଣଙ୍କ ବିରୋଧରେ ମାମଲା, ୬ଗିରଫ




ବାରାଣସୀ,୭।୪

ଉତ୍ତରପ୍ରଦେଶ ବାରାଣସୀରେ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ୨୩ଜଣ ଯୁବକ ୭ଦିନ ଧରି ଗଣବଳାତ୍କାର କରିଛନ୍ତି। ପୀଡ଼ିତା ଛାତ୍ରୀ ଗତ ୪ତାରିଖରେ ଘରକୁ ଫେରି ମା'ଙ୍କ ନିକଟରେ ସମସ୍ତ କଥା କହିବା ପରେ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ପୀଡ଼ିତାଙ୍କ ସୋସିଆଲ ମିଡିଆରେ ସୃଷ୍ଟି ହୋଇଥିବା କେତେଜଣ ବନ୍ଧୁ ହୋଇଥିବାବେଳେ ଅନ୍ୟମାନେ ତାଙ୍କର ପୁରୁଣା ସହପାଠୀ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ପୋଲିସ କହିଛି।

ପୋଲିସ ସୂଚନା ଅନୁସାରେ, ପୀଡ଼ିତା ଛାତ୍ରୀ ଜଣକ ଦ୍ୱାଦଶ ଶ୍ରେଣୀରେ ପଢ଼ନ୍ତି। ଗତ ୨୯ତାରିଖରେ ସେ ପାଣ୍ଡେୟପୁରସ୍ଥିତ ଘରୁ ଜଣେ ସାଙ୍ଗଙ୍କ ଘରକୁ ଯାଇଥିଲେ। ଫେରିବାବେଳେ ପୀଡ଼ିତାଙ୍କ ଜଣେ ବନ୍ଧୁ ରାଜ ବିଶ୍ୱକର୍ମା ତାଙ୍କୁ ପ୍ରଥମେ ପିଶାଚମୋଚନ ଅଞ୍ଚଳରେ ଥିବା ଏକ ହୁକା ବାର୍‌କୁ ନେଇଥିଲେ। ସେଠାରେ ତାଙ୍କୁ ନିଶାଯୁକ୍ତ ଥଣ୍ଡାପାନୀୟ ଦେଇଥିଲେ। ପରେ ତାଙ୍କୁ ଏକ କାଫେକୁ ନେଇ ସାରା ରାତି ବଳାତ୍କାର କରିଥିଲେ। ମାର୍ଚ୍ଚ ୩୦ରେ ପୀଡ଼ିତାଙ୍କୁ ଅଭିଯୁକ୍ତ ଏବଂ ଅନ୍ୟ ଜଣେ ସାଙ୍ଗ ଏକ ମୋଟର ସାଇକେଲରେ ହାଇୱେ ଆଡକୁ ନେଇ ସେଠାରେ ବଳାତ୍କାର କରିଥିଲେ। ପରେ ତାଙ୍କୁ ନାଦେସାରରେ ଛାଡ଼ିଦେଇଥିଲେ। ମାର୍ଚ୍ଚ ୩୧ରେ ପୀଡ଼ିତାଙ୍କୁ ୫ଜଣ ଯୁବକ ମାଲଦାହିୟାର ଏକ ହୋଟେଲକୁ ନେଇ ସେଠାରେ ଗଣବଳାତ୍କାର କରିଥିଲେ। ଏପରି କି ଏପ୍ରିଲ ୧ତାରିଖରେ ତାଙ୍କୁ ଅନ୍ୟ ହୋଟେଲକୁ ନେଇ ୨ଜଣ ବଳାତ୍କାର କରିଥିଲେ। ଜଣେ ଗ୍ରାହକଙ୍କୁ ମାସେଜ୍ କରିବା ପାଇଁ ପୀଡ଼ିତାଙ୍କୁ ବାଧ୍ୟ ମଧ୍ୟ କରାଯାଇଥିବା ଅଭିଯୋଗ ହୋଇଛି। ଏହାପରେ ୩ଜଣ ତାଙ୍କୁ ଔରଙ୍ଗାବାଦର ଏକ ଓୟାର ହାଉସକୁ ନେଇ ପୁନର୍ବାର ବଳାତ୍କାର କରିଥିଲେ। ଏପରି ଭାବେ ୭ଦିନ ମଧ୍ୟରେ ତାଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଏକାଧିକ ଥର ବଳାତ୍କାର କରାଯାଇଥିଲା। ଏପ୍ରିଲ ୪ତାରିଖରେ ପୀଡ଼ିତାଙ୍କୁ ଅଭିଯୁକ୍ତମାନେ ଜଣେ ସାଙ୍ଗଙ୍କ ଘରକୁ ନେଇ ନିଶାସକ୍ତ ଅବସ୍ଥାରେ ବଳାତ୍କାର କରିବା ପରେ ଶୋଇପଡ଼ିଥିଲେ। ଏହାର ସୁଯୋଗ ନେଇ ପୀଡ଼ିତା ସେମାନଙ୍କ କବଳରୁ ଘରୁ ପଳାଇ ଆସିବାରେ ସକ୍ଷମ ହୋଇଥିଲେ। ପୀଡ଼ିତାଙ୍କ ମା' କରିଥିବା ଅଭିଯୋଗ ଅନୁସାରେ ସୋମବାର ଏକ ମାମଲା ରୁଜୁହୋଇଛି। ଅଭିଯୁକ୍ତ ରାଜ ବିଶ୍ୱକର୍ମା, ସମୀର, ଆୟୁଷ, ସୋହେଲ, ଡାନିଶ, ଅନ୍‌ମୋଲ, ସାଜିଦ୍, ଜାହିର, ଇମ୍ରାନ, ଜାଇବ୍, ଅମନ, ରାଜ ଖାନ୍ ଏବଂ ଅନ୍ୟ ୧୧ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ବରୁନ ଜୋନ୍‌ର ଡିସିପି ସୂଚନା ଦେଇଛନ୍ତି।

# ଛୁରାମାଡ଼ କରି ଲୁଟ୍, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୭।୪(ସତ୍ୟଜିତ୍ ରାଉତ)

ସାଲିଆ ସାହି ଅଞ୍ଚଳରେ ଛୁରାମାଡ କରି ଲୁଟ୍ ମାମଲାରେ ନୟାପଲ୍ଲୀ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ମୈତ୍ରୀ ବିହାର ଥାନା ଅନ୍ତର୍ଗତ ସାଲିଆ ସାହି ମହାଦେବନଗର ଅଞ୍ଚଳର ନରସିଂହ ରେଡ୍ଡୀ(୩୦)। ତାଙ୍କ ନିକଟରୁ ଛୁରୀ ଓ ୩ ହଜାର ୨୦୦ ଟଙ୍କା ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ନରସିଂହଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ନୟାପଲ୍ଲୀ ଥାନାରେ ୩ଟି ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ସାଲିଆ ସାହିରେ ରହୁଥିବା ପ୍ରିୟବ୍ରତ ପଟ୍ଟନାୟକ ତାଙ୍କ ସାଙ୍ଗ ସିମାଞ୍ଚଳ ଗୌଡଙ୍କ ସହ ସ୍ଥାନୀୟ ତିଳକ ନଗର ମାର୍କେଟ୍‌କୁ ପରିବା କିଣିବାକୁ ଯାଇଥିଲେ। ଫେରିବା ବେଳେ ମୁଣ୍ଡାପଡିଆ ନିକଟରେ ସୀମାଞ୍ଚଳ ଶୌଚ ପାଇଁ ଯାଇଥିଲେ। ତେବେ ଏହି ସମୟରେ ପ୍ରିୟବ୍ରତଙ୍କୁ ଅଭିଯୁକ୍ତ ନରସିଂହ ଏକୁଟିଆ ପାଇ ଛୁରୀ ଦେଖାଇ ଟଙ୍କା ଦାବି କରିଥିଲେ। ପ୍ରିୟବ୍ରତ ମନା କରିବାରୁ ନରସିଂହ ତାଙ୍କ ବେକର ବାମପାର୍ଶ୍ୱକୁ ଛୁରୀ ଭୁସି ଦେଇଥିଲେ। ପ୍ରିୟବ୍ରତ ରକ୍ତାକ୍ତ ଅବସ୍ଥାରେ ଚିତ୍କାର କରୁଥିବା ବେଳେ ନରସିଂହ ତାଙ୍କ ପକେଟ୍‌ରୁ ୩,୨୦୦ ଟଙ୍କା ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏପଟେ ସିମାଞ୍ଚଳ ସେଠାକୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରିୟବ୍ରତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ପ୍ରାଥମିକ ଚିକିତ୍ସା ପରେ ପ୍ରିୟବ୍ରତଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୧୨୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ସମ୍ବଲପୁର ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

## ହୀରାକୁଦ ଥାନା ହାଜତ ମୃତ୍ୟୁ ମାମଲା

ଭୁବନେଶ୍ୱର,୭।୪(ସତ୍ୟଜିତ୍ ରାଉତ)

ସମ୍ବଲପୁର ଜିଲା ହୀରାକୁଦ ଥାନା ହାଜତରେ ପୋଲିସ ନିର୍ଯାତନାରୁ ଜଣେ ଚୋରି ଅଭିଯୁକ୍ତଙ୍କ ମୃତ୍ୟୁ ମାମଲାକୁ ରାଜ୍ୟ ମାନବ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଆୟୋଗ ଅଧ୍ୟକ୍ଷ ଜଷ୍ଟିସ୍ ଶତୃଘ୍ନ ପୂଜାହାରୀ ଏନେଇ ସମ୍ବଲପୁର ଜିଲା ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଜୁଲାଇ ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ଥିବାବେଳେ ଉକ୍ତଦିନ ଘଟଣା ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାମଲା ଅନୁଯାୟୀ, ମାର୍ଚ୍ଚ ୧୬ ରାତିରେ ହୀରାକୁଦ ଝାଙ୍କରପଡା ଅଞ୍ଚଳର ଦିଲୀପ ପ୍ରଧାନଙ୍କ ଗ୍ୟାରେଜରୁ ପାଣିପମ୍ପ ଚୋରି କରିବା ବେଳେ ଖ୍ରୀଷ୍ଟିଆନପଡ଼ାର କାଦିର ମହମ୍ମଦ ଶେଖ୍ ଧରାପଡିଥିଲେ। ଦିଲୀପଙ୍କ ପରିବାର ଲୋକେ କାଦିରଙ୍କୁ ହୀରାକୁଦ ପୋଲିସ ଜିମା ଦେଇଥିଲେ। ରାତିସାରା କାଦିରଙ୍କୁ ଥାନା ହାଜତରେ ରଖାଯିବା ପରେ ୧୭ ତାରିଖରେ ତାଙ୍କୁ କୋର୍ଟଚାଲାଣ ପାଇଁ ପ୍ରକ୍ରିୟା ହୋଇଥିଲା। ତେବେ ଅପରାହ୍ନରେ କୋର୍ଟ ପରିସରରେ ଅଭିଯୁକ୍ତ କାଦିର ଅସୁସ୍ଥ ଅନୁଭବ କରି ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସମ୍ବଲପୁର ଜିଲା ମୁଖ୍ୟ ହସ୍ପିଟାଲକୁ ନିଆଯାଇଥିଲା। ପରେ କାଦିରଙ୍କୁ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ହୀରାକୁଦ ଥାନା ସାମ୍ନାରେ କାଦିରଙ୍କ ମୃତଦେହ ରଖି ପରିବାର ଲୋକେ ଓ ସମ୍ପର୍କୀୟ ବିକ୍ଷୋଭ କରିଥିଲେ। ପୋଲିସର ମାରପିଟ୍ ସହ ନିର୍ଯାତନାରୁ କାଦିରଙ୍କ ମୃତ୍ୟୁ ଘଟିଥିବା ସେମାନେ ଅଭିଯୋଗ କରିଥିଲେ। ଏହି ଘଟଣା ନେଇ ଖବର ପ୍ରକାଶ ପାଇବା ପରେ ଆଇନଜୀବୀ ତଥା ମାନବାଧିକର କର୍ମୀ ପ୍ରବୀର କୁମାର ଦାସ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣାର ନିରପେକ୍ଷ ତଦନ୍ତ, ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମୃତ କାଦିରଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଯୋଗାଇଦେବାକୁ ସେ ପିଟିଶନ୍‌ରେ ଦାବି କରିଥିଲେ। ଗତ ୩ ତାରିଖରେ ମାମଲାର ଶୁଣାଣି ହୋଇଥିଲା।




# ଛତିଶଗଡ଼ ଯୁବକଙ୍କୁ ବାନ୍ଧିଲା ଉତ୍ତର ପ୍ରଦେଶ ପୋଲିସ

## ଟ୍ରେନ୍‌ରୁ ମୋବାଇଲ ଚୋରି କରି ଠକେଇ ଅଭିଯୋଗ

ବଡ଼ବିଲ,୭।୪(ଦେବପ୍ରିୟ ରଣା)

ଟ୍ରେନ୍‌ରୁ ମୋବାଇଲ ଚୋରି କରି ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଉତ୍ତର ପ୍ରଦେଶ ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଛତିଶଗଡ଼ ରାଜ୍ୟ ଦୁର୍ଗ ଅଞ୍ଚଳର ଫରହାନ ଖାନ୍ ବୋଲି ଜଣାପଡ଼ିଛି। ସେ ଚୋରି ପରେ ବଡ଼ବିଲ ଅଞ୍ଚଳରେ ଭଡ଼ାଘରେ ରହୁଥିଲେ।

ସୂଚନା ଅନୁଯାୟୀ, ଗତ କିଛି ମାସ ପୂର୍ବେ ଅଭିଯୁକ୍ତ ଚଳନ୍ତା ଟ୍ରେନ୍‌ରୁ ଉତ୍ତର ପ୍ରଦେଶର ମଥୁରା ଥାନାଞ୍ଚଳର ଜଣେ ବ୍ୟକ୍ତିଙ୍କ ମୋବାଇଲ ଓ ପର୍ସ ଚୋରି କରି ନେଇଥିଲେ। ଉକ୍ତ ମୋବାଇଲ ଜରିଆରେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ନିଜ ଆକାଉଣ୍ଟକୁ ପ୍ରାୟ ୧ ଲକ୍ଷ ୨୫ ହଜାର ଟଙ୍କା ନେଇଯାଇଥିଲେ। ଚୋରି ପରେ ବ୍ୟକ୍ତି ଜଣକ ମଥୁରା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଭାରତୀୟ ନ୍ୟାୟ ସଂହିତା ଆଇନ ୩୦୫(ସି) ଏବଂ ଆଇଟି ଆକ୍ଟ ୬୬ ଅନୁଯାୟୀ ମଥୁରା ପୋଲିସ ମାମଲା(ନଂ. ୫୦/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ବଡ଼ବିଲ ଥାନା ଅନ୍ତର୍ଗତ ଉପରବସ୍ତିସ୍ଥିତ ସକିଲ ଖାନ୍‌ଙ୍କ ଘରେ ଭଡ଼ାସୂତ୍ରରେ ରହୁଥିଲେ। ସୋମବାର ବଡ଼ବିଲ ପୋଲିସ ସହାୟତାରେ ଫରହାନଙ୍କୁ ଉତ୍ତରପ୍ରଦେଶ, ମଥୁରା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଦିଲ୍ଲୀରୁ ମଥୁରା ଯାଉଥିବାବେଳେ ଏହି କାଣ୍ଡ ଭିଆଇଥିବା ବେଳେ ବଡବିଲରେ ବ୍ୟବସାୟ ଆଳରେ ଲୁଚିଥିଲେ। ଏହିଭଳି ଆହୁରି ଅନେକ ଠକେଇରେ ଫରହାନଙ୍କ ସମ୍ପୃକ୍ତ ଥିବାନେଇ ଆଶଙ୍କା କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖୁଛୁ ଚନ୍ଦନ
ପୋଛୁଚ କାଠ।**

ଚନ୍ଦନ କାଠ ଓ କାଠ ମଧ୍ୟରେ ଫରକ ରହିଥାଏ। ଚନ୍ଦନ କାଠକୁ ପେଡ଼ିରେ ପାଣି ପକେଇ ଘଷିଲେ ଚନ୍ଦନ ବାହାରିଥାଏ କିନ୍ତୁ ଶୁଖିଲା କାଠକୁ ନୁହେଁ। ପେଡି ଉପରେ ଘୋରା ଚନ୍ଦନକୁ ଦେଖି ପୁନର୍ବାର ଶୁଖିଲା କାଠରୁ ଚନ୍ଦନ ଆଶାରେ ତାକୁ ପୋଛିବା ଭଳି ଠିକ୍ କଥାକୁ ଭୁଲ୍ ବୋଲି କହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧୁଆ ମୂଳା ଅଧଆ ମୂଳା
ସବୁ ସମାନ।**

ବେଳେବେଳେ ଯୋଗ୍ୟ ଅଯୋଗ୍ୟ ମଧ୍ୟରେ କେହି ପ୍ରଭେଦ ଦେଖି ନ ଥାନ୍ତି। ଭଲ ମନ୍ଦ ଭିତରେ ଫରକ ବାରି ନ ଥାନ୍ତି। ଦୁହିଙ୍କୁ ସମାନ ଅର୍ଥରେ ଦେଖିବା ବା ବିଚାର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ୧ ଲକ୍ଷ ଟଙ୍କାର ରୁପା ଅଳଙ୍କାର ଲୁଟ

- ଆକ୍ରମଣରେ ରୁପା ଦୋକାନୀ ଆହତ
- ଫାଙ୍କା ଗୁଳିଚାଳନା କରି ଭୟଭୀତ କରାଇଲେ

ନୟାଗଡ଼,୭।୪(ଲୋକନାଥ ମିଶ୍ର)

ନୟାଗଡ଼ ପୋଲିସ ଜିଲା ରଣପୁର ଥାନା ନୂଆ ଜଗନ୍ନାଥ ସଡ଼କର ଡମସାହି ଗ୍ୟାସ୍ ଏଜେନ୍ସି ନିକଟରେ ଫାଙ୍କା ଗୁଳି ଚାଳନା ଓ ମାରପିଟ କରି ୧ଲକ୍ଷ ଟଙ୍କାର ରୁପା ଅଳଙ୍କର ଲୁଟ ହୋଇଛି। ଲୁଟେରାଙ୍କ ଆକ୍ରମଣରେ ରୁପା ଦୋକାନୀ ଆହତ ହୋଇଛନ୍ତି। ଆହତ ରୁପା ବ୍ୟବସାୟୀ ଗଙ୍ଗାଧର ସାହୁଙ୍କୁ ଗୋଡିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ପାଇ ପୋଲିସ ତନାଘନା ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଗୋଡିପଡ଼ା ମହନ୍ତସାହିର ଗଙ୍ଗାଧର ସାହୁଙ୍କ ରଣପୁର ବ୍ଲକ ଡମସାହି ବଜାରରେ ରୁପା ଅଳଙ୍କାର ଦୋକାନ ରହିଛି। ସେ ସୋମବାର ସନ୍ଧ୍ୟାରେ ଦୋକାନ ବନ୍ଦ କରି ଅଳଙ୍କାରକୁ ଏକ ବ୍ୟାଗ୍‌ରେ ରଖି ସାଇକେଲରେ ଘରକୁ ଫେରୁଥିଲେ। ବାଟରେ ନୂଆ ଜଗନ୍ନାଥ ସଡ଼କର ବାଘତୋଟା ନିକଟବର୍ତ୍ତୀ ଡମ୍‌ସାହି ଗ୍ୟାସ୍ ଏଜେନ୍ସି ନିକଟରେ ପଛରୁ ବାଇକ୍‌ରେ ୨ ଲୁଟେରା ତାଙ୍କର ପିଛା କରିବା ସହିତ ଫାଙ୍କା ଗୁଳିଚାଳନା କରିଥିଲେ। ପରେ ମାରପିଟ କରି ଗଙ୍ଗାଧରଙ୍କ ଠାରୁ ରୁପା ଅଳଙ୍କାର ଥିବା ବ୍ୟାଗ ଛଡାଇ ନେଇ ଫେରାର ହୋଇଯାଇଥିଲେ। ପୂର୍ବରୁ ଗଙ୍ଗାଧରଙ୍କଠାରୁ ୨ଥର ଲୁଟ ହୋଇଥିଲା। ନୂଆ ଜଗନ୍ନାଥ ସଡ଼କ ଅଞ୍ଚଳରେ ଲୁଟେରାଙ୍କ ଭୟ ଲାଗି ରହିଛି। ରଣପୁର ଥାନା ପୋଲିସ ଆଦୌ ପାଟ୍ରୋଲିଂ କରୁ ନ ଥିବାରୁ ଏପରି ଲୁଟ ବଢ଼ିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଡମସାହି ହେଉଛି ରଣପୁର ଓ ଶରଣକୁଳ ଥାନା ସୀମାନ୍ତ ଅଞ୍ଚଳ। ୨ ଥାନା ପକ୍ଷରୁ ପାଟ୍ରୋଲିଂ କଡାକଡି କରା ନ ଗଲେ ଲୁଟେରାଙ୍କୁ ରୋକିବା ସମ୍ଭବ ନୁହେଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।


# ୫ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

## ଗଞ୍ଜେଇ ଚାଲାଣ ମାମଲା

ବ୍ରହ୍ମପୁର,୭।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍ -୧ ଡ. ଇନ୍ଦୁ ଶର୍ମା ସୋମବାର ଏକ ଗଞ୍ଜେଇ ଚାଲାଣ ମାମଲାର ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଦୋଷୀ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀମାନେ ହେଲେ କନ୍ଧମାଳ ଜିଲା କେ.ନୂଆଗାଁ ଥାନା ସରିତାଗୁଡାର କମଳଲୋଚନ ବେହେରା(୩୦), ରାଜବିଶି ମାଝୀ(୨୨), ଦାରିଙ୍ଗବାଡ଼ିର ଦିବ୍ୟଲୋଚନ ସିଂ (୨୪), ବାଲିଗୁଡାର ମଧୁ ଭୋକ୍ତା (୨୨) ଓ ବବ୍ଲୁ କହଁର (୪୮)।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୪ ମେ ୨୫ ତାରିଖ ଅପରାହ୍ନରେ ଫାଷ୍ଟଗେଟ ଛକଦେଇ ବ୍ରହ୍ମପୁର ସହର ଭିତରକୁ ପଶୁଥିବା ଟ୍ରକ (ନଂ. ଓଡି ୦୫ ଏଚ ୦୭୭୦) ଓ ପଛରେ ଥିବା କାର(ନଂ. ଓଡି ୦୫ ଜେ ୧୧୭୩)କୁ ଅବକାରୀ ଟିମ୍ ସନ୍ଦେହରେ ଅଟକାଇ ଯାଞ୍ଚ କରିବା ବେଳେ ୩ଟି ଜରି ବସ୍ତାରେ ଥିବା ୮୪ କେଜି ଗଞ୍ଜେଇ ମିଳିଥିଲା। ଅବକାରୀ ଟିମ ତାହାକୁ ଜବତ କରିବା ସହ ଗାଡ଼ି ୨ଟିରେ ବସିଥିବା ଉପରୋକ୍ତ ୫ ଜଣଙ୍କୁ ଗିରଫ କରିଥିଲା। ଜେରା ବେଳେ ସେମାନେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ଝାଡ଼ଖଣ୍ଡ ନେଇଥାନ୍ତେ ବୋଲି ଜଣାପଡିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ରାଜ୍ୟ ଖବର

# 'କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ ରିପୋର୍ଟ'

## ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ ମାମଲା

### ହାଇକୋର୍ଟଙ୍କୁ ଅବଗତ କଲେ ରାଜ୍ୟ ସରକାର

କଟକ,୭।୪(କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରିବା ସମ୍ପର୍କିତ ମାମଲାର ଶୁଣାଣି ହାଇକୋର୍ଟରେ ସୋମବାର ହୋଇଛି। ତଦନ୍ତ କମିଶନଙ୍କ ରିପୋର୍ଟ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ। ଏଭଳି ସରକାରୀ ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି।

ସୂଚନାନୁସାରେ, ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ପାଇଁ ରୁଜୁ ମାମଲାରେ ପୃଥକ୍ ସତ୍ୟପାଠ ହାଇକୋର୍ଟରେ ଦାଖଲ କରାଯାଇଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ୨୦୨୪ ଏପ୍ରିଲ୍ ୪ ତାରିଖରେ ଦାଖଲ କରାଯାଇଥିବା ସତ୍ୟପାଠରେ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ୨୦୨୫ ଜାନୁଆରୀ ୨୯ ତାରିଖରେ ରାଜ୍ୟ ସରକାର ହାଇକୋର୍ଟରେ ଅନ୍ୟଏକ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାକୁ ନେଇ ଗଠିତ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରା ନ ଯିବାର ପ୍ରସ୍ତାବ ରଖାଯାଇଛି ବୋଲି ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଥିଲେ। ଏଣୁ ଏକା ପ୍ରସଙ୍ଗରେ ଉଭୟ ସତ୍ୟପାଠକୁ ନେଇ ଦ୍ୱନ୍ଦ୍ୱ ଥିବାରୁ ଏହାକୁ ନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ।

ଉଲ୍ଲେଖଯୋଗ୍ୟ, ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିଶନଙ୍କ ରିପୋର୍ଟ କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ଦର୍ଶାଇ ଆବେଦନକାରୀ ଦିଲୀପ ବରାଳ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ସେ ଆବେଦନରେ ଦର୍ଶାଇଥିଲେ, ତଦନ୍ତ କମିଶନ ରିପୋର୍ଟରେ କି ତଥ୍ୟ ରହିଛି ସେ ସମ୍ପର୍କରେ ସାଧାରଣ ଲୋକଙ୍କର ଜାଣିବାର ଅଧିକାର ରହିଛି। କମିଶନ ନିମନ୍ତେ ସରକାରୀ ରାଜକୋଷରୁ ଅର୍ଥ ବିନିଯୋଗ ହୋଇଛି। ତେଣୁ ରାଜ୍ୟ ସରକାର କାହିଁକି ତଦନ୍ତ କମିଶନ ରିପୋର୍ଟକୁ ସାର୍ବଜନୀନ କରୁନାହାନ୍ତି ବୋଲି ମାମଲାରେ ଦର୍ଶାଯାଇଥିଲା। କୋଡ୍ ଅଫ୍ ଇନ୍‌କ୍ୱାରି ଆଇନ ଅନୁସାରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଜଷ୍ଟିସ୍ ରଘୁବୀର ଦାସ ତଦନ୍ତ କମିଶନ ରିପୋର୍ଟକୁ ସାର୍ବଜନୀନ କରିବାର ଆବଶ୍ୟକତା ରହିଛି ବୋଲି ରୁଜୁ ମାମଲାରେ ଦର୍ଶାଯାଇଥିଲା।

# ଆଇସିଏଆର୍ ଉପମହାନିର୍ଦ୍ଦେଶକ ହେଲେ ଅମରେଶ ନାୟକ



କଟକ,୭।୪(କାର୍ତ୍ତିକ ସାହୁ)

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ଅନ୍ତର୍ଗତ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକଙ୍କୁ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ମୁଖ୍ୟାଳୟରେ ଉପମହାନିର୍ଦ୍ଦେଶକ (ପ୍ରାକୃତିକ ସମ୍ବଳ ପରିଚାଳନା) ଭାବେ ନିଯୁକ୍ତି ମିଳିଛି। ଡ. ନାୟକ ଏନ୍‌ଆର୍‌ଆର୍‌ଆଇର ନିର୍ଦ୍ଦେଶକ ଦାୟିତ୍ୱରୁ ମୁକ୍ତ ହୋଇ ଏବେ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିବର୍ତ୍ତନ ଜାତୀୟ ସ୍ତରରେ ତାଙ୍କର ନୂତନ ଭୂମିକାର ଆରମ୍ଭ ହୋଇଥିବାବେଳେ ସେ ଆଇସିଏଆର୍ ବ୍ୟବସ୍ଥାରେ ପ୍ରାକୃତିକ ସମ୍ବଳ ପରିଚାଳନା ବିଭାଗର ରଣନୈତିକ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ ବୋଲି ଜଣାପଡିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସର୍ବଭାରତୀୟ ପୋଲିସ ହକି ଉଦ୍‌ଘାଟିତ

**ଭୁବନେଶ୍ୱର, ୭।୪ (ତପନ ସ୍ୱାଇଁ)**

ସ୍ଥାନୀୟ ସପ୍ତମ ବାଟାଲିୟନ ପଡ଼ିଆରେ ସୋମବାର ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ସମସ୍ତ ପ୍ରତିଯୋଗୀ ଓ କ୍ରୀଡ଼ା ପରିଚାଳକମାନଙ୍କ ଖେଳୁଆଡ଼ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ସମସ୍ତ ଅଂଶଗ୍ରହଣକାରୀ ଦଳ, ପ୍ରଶିକ୍ଷକ ଓ କ୍ରୀଡ଼ା ଅଧିକାରୀଙ୍କୁ ସ୍ୱାଗତ କରିଛନ୍ତି। ଓଡ଼ିଶା ପୋଲିସକୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ସର୍ବ ଭାରତୀୟ ପୋଲିସ କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡକୁ ଖୁରାନିଆ କୃତଜ୍ଞତା ଜଣାଇଛନ୍ତି। କିଛିଦିନ ତଳେ ଓଡ଼ିଶା ପୋଲିସ କ୍ରୀଡ଼ାବିତ୍‌ମାନେ ସର୍ବଭାରତୀୟ ପୋଲିସ ଜଳ କ୍ରୀଡ଼ା, ବନ୍ଧୁକ ଚାଳନା, ଫୁଟବଲ, ହକି ଆଦି ଖେଳରେ ପଦକ ହାସଲ କରି ଗୌରବ ବଢ଼ାଇଛନ୍ତି। ଆଗାମୀ ଦିନରେ ଓଡ଼ିଶା ପୋଲିସର କ୍ରୀଡ଼ାବିତମାନେ ରାଜ୍ୟ ପୋଲିସ ପାଇଁ ଆହୁରି ସୁନାମ ଆଣିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଭାରତୀୟ ହକିର ପୀଠଭାବେ ପରିଚିତ ସୁନ୍ଦରଗଡ଼ ଜିଲାର ଉଲ୍ଲେଖନୀୟ ପରମ୍ପରା ସମ୍ପର୍କରେ ଡିଜିପି ଉଲ୍ଲେଖ କରିବା ସହ ପଦ୍ମଶ୍ରୀ ଦିଲୀପ ତିର୍କି, ଲାଜରୁସ୍ ବାର୍ଲା, ପ୍ରବୋଧ ତିର୍କି, ବୀରେନ୍ଦ୍ର ଲାକ୍ରା ଏବଂ ଲିଲିମା ମିଞ୍ଜଙ୍କ ଭଳି ଅନେକ କିମ୍ବଦନ୍ତୀ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ଉଭୟ ଓଡ଼ିଶା ଓ ଭାରତର ପ୍ରତିନିଧିତ୍ୱ କରି ଦେଶ ପାଇଁ ଗୌରବ ଆଣିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି।

ଆଇଜି (ପ୍ରଶିକ୍ଷଣ) ତଥା ଆୟୋଜକ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରାରମ୍ଭିକ ଅଭିଭାଷଣ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜକ କମିଟିର ଉପାଧ୍ୟକ୍ଷ ଦୟାଲ ଗଙ୍ଗୱାର ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ତଥା କମିଟିର ଉପସଭାପତି ରାଜେଶ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲିଗ୍ କମ୍ ନକ୍‌ଆଉଟ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ବିଭିନ୍ନ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀର ଦଳ ଅଂଶଗ୍ରହଣ କରିଛନ୍ତି। ୯ଟି ମହିଳା ଓ ୨୬ଟି ପୁରୁଷ ଦଳ ଏହି ଚାମ୍ପିୟନଶିପରେ ଭାଗ ନେଉଛନ୍ତି। ଉଦ୍‌ଘାଟନୀସମାରୋହରେଅବସରପ୍ରାପ୍ତ ପୋଲିସ ଅଧିକାରୀ, ବରିଷ୍ଠ ପୋଲିସ ଅଧିକାରୀ, ସମସ୍ତ ଟିମ୍‌ର ଅଧିନାୟକ, ଖେଳାଳି ପ୍ରମୁଖ ଉପସ୍ଥିତ ଥିଲେ।


ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ସୁନ୍ଦରଗଡ଼, କଟକ 'ଏ' ବିଜୟୀ


ବିଶ୍ୱଜିତ୍ ମହାପାତ୍ର


ୱାଲ୍ଟର ଟପ୍ପୋ

**ଭୁବନେଶ୍ୱର, ୭।୪ (ବିଜୟ ରଣା)**

ଓଡ଼ିଶା କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସିନିୟର ପୁରୁଷ କ୍ରିକେଟ ପ୍ରିମିୟର ଲିଗ୍ -୨୦୨୫ର ନକ୍‌ଆଉଟ ପର୍ଯ୍ୟାୟ (ସେମିଫାଇନାଲ)ରେ ସୁନ୍ଦରଗଡ଼ ଓ କଟକ 'ଏ' ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ସୋମବାର ରେଭେନ୍ସା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ ସୁନ୍ଦରଗଡ଼ ୪୧ ରନରେ ଇକୋର୍ସାକୁ ପରାସ୍ତ କରିଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ଼ ୪୬.୩ ଓଭରରେ ୨୦୨ ରନ କରି ଅଲଆଉଟ ହୋଇଯାଇଥିଲା। ସୌମ୍ୟରଞ୍ଜନ ଲେଙ୍କା ୩୦, ଅଭିଷେକ ସିଂ ୨୯ ଓ ୱାଲଟର ଟପ୍ପୋ ୨୫ ରନ କରିଥିଲେ। ବିପକ୍ଷ ଦଳର ଲଗ୍ନଜିତ ସାମଲ ୪ ଓ ରାଜେଶ ମହାନ୍ତି ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଇକୋର୍ସା ୪୦.୧ ଓଭରରେ ୧୬୧ ରନ କରି ଅଲଆଉଟ ହୋଇଯାଇଥିଲା। ଅଙ୍କିତ ଯାଦବ ୫୩ ଓ କାମେଶ୍ୱର ବାରିକ ୩୫ ରନ କରିଥିଲେ। ସୁନ୍ଦରଗଡ଼ର ୱାଲ୍ଟର ଟପ୍ପୋ ୨୪ ରନ ବିନିମୟରେ ୩ ଓ ସୌଭାଗ୍ୟ ରାଉତ ୨୫ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ୱାଲ୍ଟର ଟପ୍ପୋ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ରାଉରକେଲା ବିପକ୍ଷ ମ୍ୟାଚରେ କଟକ 'ଏ' ୪ ଉଇକେଟରେ ବିଜୟୀ ହୋଇଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୯୮ ରନ କରିଥିଲା। ଶୁଭଙ୍କର ବିଶ୍ୱାସ ୫୫ ଓ ହିମାଂଶୁ ଚୌବେ ୪୦ ରନ କରିଥିଲେ। ବିପକ୍ଷ ଦଳର ସମ୍ବିତ ବେଜା ଓ ବିଶ୍ୱଜିତ୍ ମହାପାତ୍ର ୨ଟି ଲେଖାଏଁ ଉଇକେଟ ନେଇଥିଲେ। କଟକ 'ଏ' ୪୯ ଓଭରରେ ୬ଉଇକେଟ ବିନିମୟରେ ୨୦୨ରନ କରି ମ୍ୟାଚ ଜିତି ନେଇଥିଲା। ପ୍ରିନ୍ସ ବେହେରା ୫୧ ଓ ବିକ୍ରମ ସାମଲ ୫୦ ରନ କରିଥିଲେ। ରାଉରକେଲାର ଆକାଶ ଠାକୁର ଓ ଗୌତମ ସୁନା ୨ଟି ଲେଖାଏ ଉଇକେଟ ନେଇଥିଲେ। ଏଥିରେ ବିଶ୍ୱଜିତ ମହାପାତ୍ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ପୁରୁଷ ଓ ମହିଳାଙ୍କୁ ସମାନ ପୁରସ୍କାର

## ଚାର୍ଲ୍ସଟନ୍ ଓପନ ଟେନିସ

**ଚାର୍ଲସଟନ, ୭।୪ (ଏପି)**

ଆସନ୍ତାବର୍ଷରୁ ଅର୍ଥାତ ୨୦୨୬ରୁ ଚାର୍ଲ୍ସଟନ ଓପନ ଟେନିସରେ ଉଭୟ ପୁରୁଷ ଓ ମହିଳା ବିଜେତାଙ୍କୁ ପ୍ରଥମ ଥର ସମାନ ପରିମାଣରେ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ରବିବାର ଚଳିତବର୍ଷ ଇଭେଣ୍ଟର ଅନ୍ତିମ ଦିବସରେ ଟୁର୍ନାମେଣ୍ଟର ଟାଇଟଲ ପାର୍ଟନର କ୍ରେଡିଟ୍ ୱାନ ବ୍ୟାଙ୍କ ତରଫରୁ ଏହା ଘୋଷଣା କରାଯାଇଛି। ଚାର୍ଲ୍ସଟନ ଓପନ ଓ କ୍ରେଡିଟ୍ ୱାନ ବ୍ୟାଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ରବିବାର ଶେଷ ହେବାର ଥିଲା, ମାତ୍ର ଏହା ୨୦୩୧ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଚାର୍ଲ୍ସଟନ ଓପନ ହେଉଛି ଡବ୍ଲ୍ୟୁଟିଏ ଓ ଏଟିପି ୫୦୦ ଲେଭଲ ଇଭେଣ୍ଟ। ୫୦୦ ଲେଭଲ ହେଉଛି ଗ୍ରାଣ୍ଡସ୍ଲାମ ଲେଭଲଠାରୁ ଦୁଇ ପାହ୍ୟା ଏବଂ ମାଷ୍ଟର୍ସ ୧୦୦୦ରୁ ଗୋଟିଏ ପାହ୍ୟା ନିମ୍ନରେ। କ୍ରେଡିଟ୍ ୱାନ ବ୍ୟାଙ୍କ୍‌ର ବରିଷ୍ଠ ଉପସଭାପତି ଅମ୍ବର ଗ୍ରିନ୍‌ୱାଲ୍ଟ କହିଛନ୍ତି, ଏହି ଟୁର୍ନାମେଣ୍ଟ ୧୯୭୩ରୁ ସଶକ୍ତୀକରଣର ଐତିହ୍ୟ ବହନ କରିଛି। ସେହିବର୍ଷ ପ୍ରଥମ ଥର ମହିଳାଙ୍କ ଲାଗି ୧୦୦,୦୦୦ ଡଲାର ପୁରସ୍କାର ରାଶିର ବ୍ୟବସ୍ଥା କରାଯାଇଥିଲା। କେବଳ ସେତିକି ନୁହେଁ, ଟେଲିଭିଜନ ନେଟୱର୍କରେ ପ୍ରଥମ ଥର ମହିଳା ମ୍ୟାଚର ସିଧାପ୍ରସାରଣ କରାଯାଇଥିଲା।

# ନିଷ୍ପତ୍ତି ନେବା ପାଇଁ ୧୦ ମାସ ଅଛି: ଧୋନୀ



**ନୂଆଦିଲ୍ଲୀ,୭।୪(ପି.ଟି.)**

କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀ ଆଗାମୀ ବର୍ଷ ଆଇପିଏଲ୍‌ରେ ଖେଳିବେ କି ନାହିଁ, ସେ ନେଇ ନିଷ୍ପତ୍ତି ନେବା ଲାଗି ତାଙ୍କ ପାଖରେ ୧୦ ମାସ ସମୟ ରହିଥିବା କହିଛନ୍ତି। ଚଳିତ ଆଇପିଏଲ୍‌ରେ ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଲାଗି ଲୋୟର ଅର୍ଡରରେ ବ୍ୟାଟିଂ କଲାବେଳେ ସେଭଳି ପ୍ରଭାବୀ ଇନିଂସ ଖେଳିବାରେ ବିଫଳ ହୋଇଛନ୍ତି। ସେ ଏପର୍ଯ୍ୟନ୍ତ ୪ ମ୍ୟାଚରେ ୭୬ ରନ କରିଥିବା ବେଳେ ତାଙ୍କ ଇନିଂସରେ ଟାଇମିଂ ଓ ପ୍ରଭାବର ଅଭାବ ଦେଖାଦେଉଛି। ଏଥିଯୋଗୁ ଅନେକ ପୂର୍ବତନ କ୍ରିକେଟର ଧୋନୀଙ୍କୁ କ୍ରିକେଟ ଛାଡ଼ି ଆଗକୁ ବଢ଼ିବାକୁ ପରାମର୍ଶ ଦେଉଛନ୍ତି।

'ମୁଁ ଏବେ ବି ଆଇପିଏଲ୍‌ରେ ଖେଳୁଛି। ବର୍ତ୍ତମାନ ମୁଁ ଥରେ ଏକ ବର୍ଷ ଲାଗି ପ୍ରସ୍ତୁତ ହେଉଛି। ମୋତେ ଏବେ ୪୩ ବର୍ଷ। ଚଳିତ ବର୍ଷ ଆଇପିଏଲ୍ ଶେଷ ସୁଦ୍ଧା ମୋତେ ୪୪ ହେବ। ଏଣୁ ମୁଁ ଆଉ ଏକ ବର୍ଷ ଖେଳିବାକୁ ଚାହେଁ କି ନାହିଁ, ନିଷ୍ପତ୍ତି ନେବା ପାଇଁ ମୋ ପାଖରେ ୧୦ ମାସ ସମୟ ଅଛି। ଏହି ନିଷ୍ପତ୍ତି ମୋର ନୁହେଁ, ବରଂ ଏହା ସମ୍ପୂର୍ଣ୍ଣ ରୂପେ ମୋ ଶରୀର ଉପରେ ନିର୍ଭର କରେ। ମୁଁ ଖୁସି କି ଦୁଃଖରେ ଅଛି, ତାହା ଚର୍ଚ୍ଚାର ବିଷୟ ନୁହେଁ। ଯାହା ଘଟିଗଲା, ଘଟିଗଲା। ଏହାକୁ ବଦଳା ଯାଇପାରିବ ନାହିଁ। ସବୁ କିଛି ସ୍ୱୀକାର କରି ଆଗକୁ ବଢ଼ିବାକୁ ପଡ଼େ। ଯାହା ବି ଘଟିଲେ ମୁଁ ଅନ୍ତର୍ଜାତୀୟ ସ୍ତରରେ କରିଥିବା ରନରେ ଆଉ ଏକ ରନ ଯୋଡ଼ିପାରିବି ନାହିଁ କିମ୍ବା କେହି ତାହାକୁ କମାଇପାରିବେ ନାହିଁ ବୋଲି ଧୋନୀ ଏକ ପଡକାଷ୍ଟରେ କହିଛନ୍ତି।

# ଦୁଇ ବର୍ଷ ବାସନ୍ଦ ପରେ କ୍ରିକେଟକୁ ଫେରିଲେ ହୋସେନ

**ଢାକା,୭।୪:** ଦୁଇ ବର୍ଷର ବାସନ୍ଦାଦେଶ ଶେଷ କରିବା ପରେ ବାଂଲାଦେଶ କ୍ରିକେଟର ନାସିର ହୋସେନ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଇସିସିର ଦୁର୍ନୀତି ନିବାରଣ ନିୟମ ଭଙ୍ଗ କରିବା ଲାଗି ତାଙ୍କୁ ୨୦୨୩ ସେପ୍ଟେମ୍ବରରେ ବାସନ୍ଦ କରାଯାଇଥିଲା। ବାସନ୍ଦାଦେଶର ସର୍ତ୍ତ ମୁତାବକ, ବାଧ୍ୟତାମୂଳକ ଦୁର୍ନୀତି ନିବାରଣ ଶିକ୍ଷା ସେଶନ ନେବା ସହ ହୋସେନ ସମସ୍ତ ମାନଦଣ୍ଡ ପୂରଣ କରିଛନ୍ତି। ଏହା ତାଙ୍କ ପାଇଁ ଏପ୍ରିଲ ୭ ତାରିଖରୁ ଆନୁଷ୍ଠାନିକ ଭାବେ କ୍ରିକେଟରେ ପୁନଃ ପ୍ରବେଶ କରିବାର ବାଟ ଖୋଲି ଦେଇଛି ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପକ୍ଷରୁ କୁହାଯାଇଛି। ୩୩ ବର୍ଷୀୟ ହୋସେନ ୨୦୧୧ରୁ ୨୦୧୮ ପର୍ଯ୍ୟନ୍ତ ବାଂଲାଦେଶ ପାଇଁ ସମସ୍ତ ଫର୍ମାଟରେ ୧୧୫ ମ୍ୟାଚ ଖେଳିଥିଲେ। ନାସିର ଚଳିତ ଢାକା ପ୍ରିମିୟର ଲିଗ ଜରିଆରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବାକୁକହିଛନ୍ତି। ସେ ରୁପଗଞ୍ଜ ଟାଇଗର୍ସ ଲାଗି ଶେର-ଇ-ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଗାଜି ଗ୍ରୁପ କ୍ରିକେଟର୍ସଙ୍କ ବିପକ୍ଷରେ ମ୍ୟାଚ ଖେଳିଥିଲେ।

# ପାରାମାଉଣ୍ଟ ସ୍ପୋର୍ଟିଂ, ସହିଦ ସ୍ପୋର୍ଟିଂ ବିଜୟୀ

## ରାମେଶ୍ୱର କପ୍ କ୍ରିକେଟ

**ଭୁବନେଶ୍ୱର, ୭।୪ (ବିଜୟ ରଣା)**

୭ମ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସ୍ୱର୍ଗତ କମଳା ପରିଡ଼ା (୧୮ ବର୍ଷରୁ କମ୍) ଓ ଅମରେନ୍ଦ୍ର ପ୍ରସାଦ ବଳ (୧୫ ବର୍ଷରୁ କମ୍) ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ପାରାମାଉଣ୍ଟ ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ୧୮ ବର୍ଷରୁ କମ୍ ବିଭାଗରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୨୮.୩ ଓଭରରେ ୭ଉଇକେଟ ବିନିମୟରେ ୮୮ରନ କରିଥିଲା। ଦଳର ଟପ୍ ସ୍କୋରର ଅଭିନିତ ସାହୁ ୧୩ ରନ କରିଥିଲେ। ବିପକ୍ଷ ଦଳର ଦୁର୍ଗା ମଲିକ ୮ରନ ଦେଇ ୪ ଓ ବିଜୟ ସିଂ୧୮ରନରେ ୩ ଉଇକେଟ ଅକ୍ତିଆର କରିଥିଲେ। ପାରାମାଉଣ୍ଟ ୨୦.୫ ଓଭରରେ ୭ଉଇକେଟ ହରାଇ ୮୯ରନ କରିବା ସହ ମ୍ୟାଚକୁ ୩ଉଇକେଟରେ ଜିତି ନେଇଥିଲା। ଚମତ୍କାର ବୋଲିଂ ପାଇଁ ଦୁର୍ଗା ପ୍ରସାଦ ମଲିକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

୧୫ ବର୍ଷରୁ କମ୍ ବିଭାଗରେ ଏଲ୍‌ଏଲ୍‌ସିସି କ୍ଲବ ପ୍ରଥମେ ବ୍ୟାଟିଂକରି ୧୮.୪ ଓଭରରେ ୧୦୨ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ଅନୁରାଗ ସାମନ୍ତରାୟ ୩୪ (୩୩ ବଲ୍) ରନ କରିଥିବା ବେଳେ ବିପକ୍ଷ ଦଳର ଋତୁରାଜ ମହାନ୍ତି ୧୭ରନ ବିନିମୟରେ ୩ ଉଇକେଟ ନେଇଥିଲେ। ସହିଦ ସ୍ପୋର୍ଟିଂ ୧୮.୫ ଓଭରରେ ୩ ଉଇକେଟରେ ୧୦୩ ରନ କରିଥିଲା। ପୁରବ ପ୍ରସାଦ ସର୍ବାଧିକ ୩୪ ରନ କରଇଥିଲେ। ଋତୁରାଜ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୂର୍ବତନ ସାଇ କୋଚ୍ ତଥା ବର୍ତ୍ତମାନର କିଟ୍ କୋଚ୍ ଅଜିତ କୁମାର ମିଶ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସୋମବାର ନିରଞ୍ଜନ ଗୌଡ଼ ଓ କୃଷ୍ଣ ବାରିକ ମ୍ୟାଚ ପରିଚାଳନା କରିଥିଲେ।


ଅତିଥିଙ୍କ ସହ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଋତୁରାଜ ମହାନ୍ତି।

# ବ୍ରୁକ ଇଂଲଣ୍ଡ ହ୍ୱାଇଟ ବଲ ଦଳର ଅଧିନାୟକ

**ଲଣ୍ଡନ, ୭।୪ (ପି.ଟି.):** ହ୍ୟାରୀ ବ୍ରୁକଙ୍କୁ ସୋମବାର ଇଂଲଣ୍ଡ ସୀମିତ ଓଭର ଫର୍ମାଟ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ତାଙ୍କ ପୂର୍ବରୁ ଅଧିନାୟକ ଦାୟିତ୍ୱରେ ଥିବା ଜୋସ ବଟଲର ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଇଂଲଣ୍ଡ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ବ୍ରୁକଙ୍କୁ ଗତବର୍ଷ ମେଗା ଅକ୍ସନରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) କିଣିଥିଲା। ସେ ଇଂଲଣ୍ଡ କ୍ୟାରିୟର ଉପରେ ଧ୍ୟାନଦେବା ପାଇଁ ଆଇପିଏଲ୍‌ରୁ ଓହରି ଯାଇଥିଲେ। ଫଳରେ ତାଙ୍କୁ ୨ ବର୍ଷ ଲାଗି ବାସନ୍ଦ କରାଯାଇଛି। ୨୬ ବର୍ଷୀୟ ବ୍ରୁକ ୨୦୨୨ ଜାନୁଆରୀରେ ପଦାର୍ପଣ କରିବା ପରଠାରୁ ଇଂଲଣ୍ଡ ସୀମିତ ଓଭର ଦଳର ନିୟମିତ ସଦସ୍ୟ ହୋଇ ରହିଛନ୍ତି। ଗତ ଏକ ବର୍ଷ ହେଲା ସେ ଉଭୟ ଦିନିକିଆ ଓ ଟି୨୦ ଦଳର ଉପ ଅଧିନାୟକ ଥିଲେ। ବଟଲରଙ୍କ ଅନୁପସ୍ଥିତିରେ ଗତ ବର୍ଷ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ବ୍ରୁକ ଇଂଲଣ୍ଡ ଦଳର ନେତୃତ୍ୱ ନେଇଥିଲେ। ଇଂଲଣ୍ଡ ହ୍ୱାଇଟ ବଲ ଦଳର ଅଧିନାୟକ ହେବା ସମ୍ମାନର ବିଷୟ। ଛୁଆ ବେଳେ ବର୍ଲିଠାରେ କ୍ରିକେଟ ଖେଳିଲା ବେଳେ ୟର୍କଶାୟାର ଓ ଇଂଲଣ୍ଡ ପାଇଁ ଖେଳିବା ଏବଂ ଦିନେ ଦଳର ନେତୃତ୍ୱ ନେବା ମୋ ସ୍ୱପ୍ନ ଥିଲା। ଏବେ ସେହି ଦାୟିତ୍ୱ ପାଇବା ମୋ ପାଇଁ ବହୁତ ବଡ଼ କଥା ବୋଲି ବ୍ରୁକ କହିଛନ୍ତି। ବ୍ରୁକ ଏପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ୨୬ ଦିନିକିଆ ମ୍ୟାଚ ଖେଳି ୩୪.୦୦ ଆଭରେଜରେ ୧୧୦ ରନର ସର୍ବାଧିକ ସ୍କୋର ସହିତ ୮୧୬ ରନ କରିଛନ୍ତି।

# ନକ୍‌ଭି ପିସିବି ମୁଖ୍ୟ ପଦ ଛାଡୁନାହାନ୍ତି

**କରାଚୀ, ୭।୪(ପି.ଟି.):** ଏସିଆନ କ୍ରିକେଟ ପରିଷଦ (ଏସିସି)ର ସଭାପତି ଭାବେ ନିଯୁକ୍ତି ପାଇବା ପରେ ମହସିନ ନକ୍‌ଭି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ପଦରୁ ଇସ୍ତଫା ଦେବାକୁ ଯାଉଥିବା ନେଇ କିଛି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା। ହେଲେ ଏହି ସମସ୍ତ ରିପୋର୍ଟକୁ ପିସିବି ପକ୍ଷରୁ ଖଣ୍ଡନ କରାଯିବା ସହ ରିପୋର୍ଟକୁ ଭିତ୍ତିହୀନ ବୋଲି କୁହାଯାଇଛି। ଚାମ୍ପିୟନ୍ସ ଟ୍ରଫିରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ପାକିସ୍ତାନ ଦଳ ନିକଟରେ ନ୍ୟୁଜିଲାଣ୍ଡଠାରୁ ଦିନିକିଆ ସିରିଜରେ ୪-୧ ଓ ଟି୨୦ ସିରିଜରେ ୩-୦ରେ ପରାଜିତ ହୋଇଥିଲା। ଦଳର ଏଭଳି ପ୍ରଦର୍ଶନ ପରେ ନକ୍‌ଭି ପ୍ରଧାନମନ୍ତ୍ରୀ ଶହବାଜ ଶରିଫଙ୍କୁ ଇସ୍ତଫା ପତ୍ର ପଠାଇଥିବା ବିଭିନ୍ନ ରିପୋର୍ଟରେ ଦାବି କରାଯାଇଥିଲା। ଏପରି କି ନଜମ ସେଠୀ ତାଙ୍କର ଉତ୍ତରାଧିକାରୀ ହେବେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ନକ୍‌ଭିଙ୍କ ଇସ୍ତଫା ଦେବା ନେଇ ପ୍ରକାଶ ପାଇଥିବା ରିପୋର୍ଟରେ କୌଣସି ସତ୍ୟତା ନାହିଁ। ସେ ପିସିବି ଚେୟାରମ୍ୟାନ ଭାବେ ତାଙ୍କ ଦାୟିତ୍ୱ ତୁଲାଉଛନ୍ତି ଏବଂ ପାକିସ୍ତାନ କ୍ରିକେଟର ଉନ୍ନତି ଲାଗି ସେ ପ୍ରତିବଦ୍ଧ। ପିସିବି ଓ ଏସିସିର ଦ୍ୱୈତ ଦାୟିତ୍ୱ ତାଙ୍କ ଲାଗି ଅପ୍ରତ୍ୟାଶିତ ନୁହେଁ ଏବଂ ସମୟର ଉଚିତ ବ୍ୟବହାର ଦ୍ୱାରା ଉଭୟ ଦାୟିତ୍ୱ ତୁଲାଇ ହେବ ବୋଲି ଜଣେ ପିସିବି ଅଧିକାରୀ କହିଛନ୍ତି। ନକ୍‌ଭି ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ମଧ୍ୟ ଅଛନ୍ତି। ଚଳିତ ମାସରେ ସେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଏସିସି ସଭାପତି ଭାବେ ନିର୍ବାଚିତ ହୋଇଥିଲେ।


# Classified Everyday 0674-2580101, 9692975378




Full body massage by Odia therapist in homely atmosphere. 9556498382. D-75376

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

Positively health benefited spa by expert female therapist, Bapujinagar. 8018429809 D-76906

Positively health benefited SPA by expert female therapist. 9114559860. D-76907

## AFFIDAVIT

ମୁଁ ବବିତା ସୁନା, ସ୍ୱାମୀ- ପ୍ରଦୀପ ସୁନା, ନି- ବେହେରାମୁଣ୍ଡା, ଥାନା- ଗାଇସିଲେଟ, ଜି- ବରଗଡ଼, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍, ଗାଇସିଲେଟଙ୍କ ନିକଟରେ ସତ୍ୟପାଠ କରି ଜଣାଉଛି ଯେ ବିବାହ ପୂର୍ବରୁ ଡାକଘର ଦସ୍ତାବିଜରେ ମୋ ନାମ କୁନ୍ତଳା ନାଗ ଉଲ୍ଲେଖ ଅଛି। କିନ୍ତୁ ଭୋଟର କାର୍ଡ, ଷ୍ଟେଟ୍ ବ୍ୟାଙ୍କ ଆକାଉଣ୍ଟ, ଆଧାର କାର୍ଡରେ ମୋର ନାମ ବବିତା ସୁନା ହୋଇଅଛି। ଏହି ସତ୍ୟପାଠ ବଳରେ ମୋର ଉଭୟ ନାମ ଯଥା ବବିତା ସୁନା ଓ କୁନ୍ତଳା ନାଗ ବଳବତ୍ତର ରହିବାକୁ ଅନୁରୋଧ। ଧ-୬୨

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit No.-424, dated 17.03.2025 sworn before the Executive Magistrate, Boudh, I, Sanjay Palia, R/o. Village- Laxmipadar, P.O.- Khuntiapada, P.S/ Dist.- Boudh, Odisha, PIN-762026 declare that I have changed my daughter's name from Ipsita Palia to Akankshya Palia. Henceforth, she shall be known as Akankshya Palia for all future purposes. D-65

I, Mir Abdul Sakabat, S/o- Mir Abdul Gaffar, resident of Raghunathpur, P.O.- Kalaspur, P.S.- Simulia, Dist.-Balasore, Odisha-756166 declare by this affidavit No.-1273, dt 03.04.2025 that the name Mir Abdul Sakabat and M A Sakabat are belonging to one and same person. D-61

By virtue of an affidavit sworn before the Executive Magistrate, Bhubaneswar, dated 20.08.2024, I declare that my actual and correct name as per my Aadhaar Card No.- xxxx xxxx 0553 is Pinaki Priyadarshan Sahoo but my name is wrongly mentioned as Pinaki Priyadarshan in my Pharmacy Certificate having Regd No.- 1903345025 instead of my actual name. So both Pinaki Priyadarshan Sahoo and Pinaki Priyadarshan is one and same person. D-59

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Notary Public, Dharmasala, dated 01.02.2025, I, Tejeram Rout, Address: At-Alarpur, P.O.-Kotapur, P.S.- Dharmasala, Dist.- Jajpur, Odisha-755008 declare that I have changed my name from Jejeram Rout to Tejeram Rout. Henceforth, I shall be known as Tejeram Rout for all purposes. D-64

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ନିରୁଦ୍ଦିଷ୍ଟ



ନାମ- ଶରତ ଚନ୍ଦ୍ର ଚିନରା, ପିତା- ୰ଅରକ୍ଷିତ ଚିନରା, ବୟସ- ୬୨ (ବର୍ତ୍ତମାନର) ନିଖୋଜ ସମୟରେ ବୟସ- ୪୫, ସା- ହାଟଗାଡ଼ିଆ ମିଶ୍ର ସାହି, ପୋ- ବାଲିପାଟଣା, ପିନ୍- ୭୯୨୧୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ଏହି ବ୍ୟକ୍ତି ତା୧୦।୦୯।୨୦୦୭ ଦିନ ସକାଳୁ ଏକ ଧଳା ସାର୍ଟ ଏବଂ ମାଟିଆ ପ୍ୟାଣ୍ଟ ପିନ୍ଧି କୁଆଡ଼େ ନିଖୋଜ ଅଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ଏହି ନିଖୋଜ ବ୍ୟକ୍ତିର ଠିକଣା ପାଆନ୍ତି ତେବେ ଉକ୍ତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। Mob- 9937972353. ଧ-୬୩

# ଯୋଗ କମାଇବ କେଶଝଡ଼ା

**କେଶ ଝଡ଼ିବା କମାଇବା ପାଇଁ ଅନେକେ ବିଭିନ୍ନ ଶାମ୍ପୁ, କଣ୍ଡିଶନର୍, ସେରମ୍ ଲଗାଇବା ସହିତ ବ୍ୟୁଟିପାର୍ଲରରେ ହେୟାର୍ ସ୍ପା ଏବଂ ଅନ୍ୟାନ୍ୟ ଟ୍ରିଟ୍‌ମେଣ୍ଟ କରିବାକୁ ପଛାଉ ନାହାନ୍ତି। ହେଲେ ଏସବୁ ଆଦୌ ସ୍ଥାୟୀ ସମାଧାନ ନୁହେଁ। ତେଣୁ ପ୍ରତିଦିନ କେତୋଟି ଯୋଗାସନ ଅଭ୍ୟାସ କଲେ କେଶ ଝଡ଼ିବା ସମସ୍ୟାରୁ ମୁକ୍ତି ପାଇପାରିବେ...**

**ଶୀର୍ଷାସନ:** ମୁଣ୍ଡକୁ ପର୍ଯ୍ୟାପ୍ତ ପରିମାଣରେ ରକ୍ତ ସଞ୍ଚାଳନ କରିବାରେ ଏହି ଆସନ ବହୁତ ସାହାଯ୍ୟ କରିଥାଏ। ଫଳରେ କେଶ ଝଡ଼ିବା କମ୍ ହେବା ସହ ମଜଭୁତ ଏବଂ ଘନ ହୋଇଥାଏ। ହେଲେ ମନେରଖନ୍ତୁ, ପ୍ରଥମେ ଏହି ଆସନ କରିବା ପୂର୍ବରୁ ଏକ୍ସପର୍ଟଙ୍କ ପରାମର୍ଶ ନେବା ସହ ତାଙ୍କ ଉପସ୍ଥିତିରେ ଅଭ୍ୟାସ କରନ୍ତୁ, ନଚେତ୍ ବେକରେ ରକା ହୋଇପାରେ।

**ବଜ୍ରାସନ:** ବର୍ତ୍ତମାନ ଅଧିକାଂଶ ମହିଳାଙ୍କ କ୍ଷେତ୍ରରେ ଗ୍ୟାଷ୍ଟ୍ରିକ୍ ସମସ୍ୟା ମଧ୍ୟ କେଶ ଝଡ଼ିବାର ଅନ୍ୟତମ କାରଣ। ଏଭଳି ସମସ୍ୟା ଥିଲେ ସନ୍ତୁଳିତ ଖାଦ୍ୟ ଖାଇବା ସହ ଖାଇ ସାରବା ପରେ ଅତି କମ୍‌ରେ ୧୦ ମିନିଟ ପର୍ଯ୍ୟନ୍ତ ବଜ୍ରାସନରେ ବସନ୍ତୁ। ଏହାଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହେବା ସହ ଗ୍ୟାଷ୍ଟ୍ରିକ୍ ଏବଂ ଅନ୍ୟାନ୍ୟ ପେଟଜନିତ ସମସ୍ୟା ଦୂର ହେବ ଏବଂ କେଶ ଝଡ଼ିବା କମ୍ ହେବ।



**ଅଧମୁଖା ସ୍ୱାନାସନ :** ଯେଉଁମାନଙ୍କ ଶରୀରରେ ବିଶେଷକରି ମୁଣ୍ଡକୁ କୌଣସି କାରଣରୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ, ସେମାନଙ୍କଠାରେ କେଶ ଝଡ଼ିବା ସମସ୍ୟା ଦେଖାଦେଇଥାଏ। ଏହାକୁ ଦୂର କରିବା ଲାଗି ସେମାନଙ୍କ ପାଇଁ ପ୍ରତିଦିନ କିଛି ସମୟ ଅଧମୁଖା ସ୍ୱାନାସନ କରିବା ବେଶ୍ ଲାଭଦାୟକ। ଏହି ଆସନ ସୂର୍ଯ୍ୟ ନମସ୍କାର ମଧ୍ୟରୁ ଗୋଟିଏ। ଏହା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରିବାରେ ସାହାଯ୍ୟ କରେ। ଫଳରେ କେଶ ମୂଳକୁ ରକ୍ତ ସହ ଅମ୍ଳଜାନ ପହଞ୍ଚିପାରେ।

**ମତ୍ସାସନ:** ଲମ୍ବା, ମଜଭୁତ ଏବଂ ଘନ କଳା କେଶ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଏହି ଆସନ ଖୁବ୍ ଲାଭଦାୟକ ହୋଇପାରିବ। କେବଳ କେଶ ପାଇଁ ନୁହେଁ, ଏହା ଶରୀରରୁ ମେଦବହୁଳତା ଦୂର କରିବା ସହ ବିଷାକ୍ତ ଉପାଦାନ ନିର୍ଗତ କରିବାରେ ସାହାଯ୍ୟ କରିଥାଏ। ଏହା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇଥାଏ। ମେରୁଦଣ୍ଡ ଏବଂ ବେକଜନିତ ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ।

# ଲୋକେ କ'ଣ କହିବେ





**ପ୍ରତ୍ୟେକ ମଣିଷର କିଛି ନିଜସ୍ୱ ଇଚ୍ଛା ରହିଥାଏ। କାହାର ଏହି ଇଚ୍ଛା ପୂରଣ ହୋଇଥାଏ ତ ଆଉ କାହାକୁ ଲୋକେ କ'ଣ କହିବେ ଡରରେ ମନ ମାରି ଏଥିରୁ ଦୂରେଇ ରହିବାକୁ ହୋଇଥାଏ। ହେଲେ ଯଦି ଏହି ଇଚ୍ଛା ଦ୍ୱାରା ଅନ୍ୟର କ୍ଷତି ନ ଥାଏ ଏବଂ ନିଜର ଉନ୍ନତି ନିହିତ ଥାଏ, ତେବେ ସମାଜର ଉପେକ୍ଷା କିମ୍ବା ଅନ୍ୟର ମନ୍ତବ୍ୟରେ ଦୁର୍ବଳ ନ ହୋଇ ଆଗକୁ ବଢ଼ିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ...**

ବର୍ତ୍ତମାନ ଯୁଗରେ ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ଖୁବ୍ ଆଗୁଆ। ତଥାପି ମଧ୍ୟ କେତେକ କାର୍ଯ୍ୟ କରିବା ପୂର୍ବରୁ ଅନେକଙ୍କ ମୁହଁରୁ ଶୁଣିବାକୁ ମିଳେ 'ଲୋକେ କ'ଣ କହିବେ'। ଆଉ ଏଇ ଡରରେ ସେମାନେ ବିଭିନ୍ନ କାର୍ଯ୍ୟ କରିବାରୁ ପଛଘୁଞ୍ଚା ଦେଇଥାନ୍ତି। ନିଜର ପିନ୍ଧିବା ସଉକଠାରୁ ଆରମ୍ଭ କରି ବିବାହ ଏବଂ ଚାକିରି ପର୍ଯ୍ୟନ୍ତ ନିଜ ଜୀବନର ଛୋଟ ବଡ଼ ନିଷ୍ପତ୍ତି ସେମାନେ ଅନ୍ୟମାନଙ୍କ ଅନୁଯାୟୀ ନେଇଥାନ୍ତି, ଯାହାକି ସେମାନଙ୍କୁ ଅନେକ ସମୟରେ ଭିତରୁ ଦୁଃଖୀ କରିଥାଏ। ତେଣୁ ଚିନ୍ତାଧାରା ସକାରାତ୍ମକ ଥିଲେ ନିଜକୁ ଖୁସି ରହିବା ପାଇଁ ସମାଜ କଥା ଚିନ୍ତା ନ କରି ମନ କଥା ଶୁଣିବା ଅଧିକ ଜରୁରୀ।

ଆମେ ଏଭଳି ଏକ ସମାଜରେ ରହୁଛେ, ଯେଉଁଠାରେ ଅଧିକାଂଶ ସାମାଜିକ ନିୟମ ପରିବାର, ବନ୍ଧୁବାନ୍ଧବ ଏବଂ ପାଖପଡୋଶୀ ନିର୍ଦ୍ଧାରଣ କରନ୍ତି ; ଯେଉଁଥିପାଇଁ ନିଜ ପୋଷାକ ଚୟନଠାରୁ ଆରମ୍ଭ କରି କୌଣସି କାର୍ଯ୍ୟ କରିବା ପୂର୍ବରୁ ଆମ ମନରେ ଏକ ଡର ଥାଏ ଲୋକେ କ'ଣ କହିବେ। ଯଦି ଏହାକୁ ସମସ୍ତେ ପସନ୍ଦ ନ କରନ୍ତି ତେବେ କ'ଣ ହେବ। ଏସବୁ ଭାବନା ଆମ ମନରେ ଦ୍ୱନ୍ଦ୍ୱ, ଚିନ୍ତା ସୃଷ୍ଟି କରେ ; ଯାହାକୁ ଫିଅର ଅଫ୍ ଜଜ୍‌ମେଣ୍ଟ କୁହାଯାଏ, ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତା'ଛଡା ଏହା ଆମ ବୈଚାରିକ ସ୍ୱତନ୍ତ୍ରତା ଏବଂ ଆତ୍ମବିଶ୍ୱାସକୁ ଦୁର୍ବଳ କରିଦେଇଥାଏ। ତେବେ ଏହା ଏକ ପ୍ରକାରର ସିଣ୍ଡ୍ରୋମ, ଯାହା ଅନେକ ମହିଳାଙ୍କଠାରେ ଦେଖିବାକୁ ମିଳିଥାଏ। ଯେଉଁଥିପାଇଁ ଅଜାଣତରେ ସେମାନଙ୍କ ଜୀବନରେ ଅନେକ ଜିନିଷ ପ୍ରଭାବିତ ହୋଇଥାଏ। ଯେପରିକି...

– ଲୋକ କ'ଣ କହିବେ ଭାବନା ବା ସିଣ୍ଡ୍ରୋମରେ ପ୍ରଭାବିତ ମହିଳାମାନେ ଜୀବନର କୌଣସି ନିର୍ଣ୍ଣୟ ନିଜେ ନେଇପାରନ୍ତି ନାହିଁ। ସେମାନେ ଅନ୍ୟର ମତାମତ ଡରରେ ବଞ୍ଚିଥାନ୍ତି, ତାଙ୍କୁ ଠିକ୍ ନିଷ୍ପତ୍ତି ନେବାକୁ କଷ୍ଟ ହୋଇଥାଏ। ଫଳରେ ସେମାନେ ନିଜ ଜୀବନର ଉଦ୍ଦେଶ୍ୟଠାରୁ ଦୂରେଇ ଯାଆନ୍ତି।

– ସେମାନେ ନିଜ ଅପେକ୍ଷା ଅନ୍ୟମାନଙ୍କ ମତକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏହାଦ୍ୱାରା ଯେ ସେମାନେ ଆତ୍ମପରିଚୟ ହରାଇ ବସୁଛନ୍ତି, ସେକଥା ଭୁଲିଯାଆନ୍ତି।

– ସେମାନେ ସବୁବେଳେ ଅନ୍ୟକୁ ଖୁସି ରଖିବାର ପ୍ରୟାସ ଭିତରେ ନିଜ ଖୁସି ଏବଂ ଲକ୍ଷ୍ୟକୁ ଅଣଦେଖା କରି ବସନ୍ତି। ତେଣୁ ସେମାନଙ୍କୁ ନିଜର ନିର୍ଣ୍ଣୟ ଠିକ୍ ନା ଭୁଲ୍ ଜାଣିବାର ଭୟ ଲାଗିରହେ। ଆଉ ସେମାନେ ନିଜର ପ୍ରତ୍ୟେକ କାର୍ଯ୍ୟରେ ଅନ୍ୟର ସମର୍ଥନ ଖୋଜିବାକୁ ଲାଗନ୍ତି। ଏହାଦ୍ୱାରା ସେମାନଙ୍କ ଆତ୍ମବିଶ୍ୱାସ ଦୁର୍ବଳ ହୋଇପଡେ।

– ସେମାନେ ଅନେକ ସମୟରେ ନିଜ ଇଚ୍ଛା ବିରୋଧରେ କାର୍ଯ୍ୟ କରନ୍ତି ଏବଂ ସେଥିରେ ଖୁସି ବୋଲି ଅନ୍ୟ ଆଗରେ ପ୍ରକାଶ କରନ୍ତି।

## କିପରି ଦୂର କରିବେ ଏହି ସିଣ୍ଡ୍ରୋମ...

▶▶ସମାଜର ନିୟମ ମାନିବା, ମନଇଚ୍ଛା କାର୍ଯ୍ୟ ନ କରି ସବୁଥିରେ ଶାଳୀନତା ରକ୍ଷା କରିବା ଏକ ଭଦ୍ର ଏବଂ ଭଲ ମଣିଷର ପରିଚୟ। ହେଲେ ଏହାର ଅର୍ଥ ନୁହେଁ କିଛି ଭଲ କାର୍ଯ୍ୟ ପାଇଁ ମଧ୍ୟ ଲୋକଙ୍କ କଥାରେ ପଛଘୁଞ୍ଚା ଦେବା। ଉଦାହରଣ ସ୍ୱରୂପ ଜଣେ ଖୁବ୍ ସୁନ୍ଦର ଗୀତ ଗାଉଛନ୍ତି ଏବଂ ଏକ୍ଷେତ୍ରରେ ଆଗକୁ ବଢିବା ଲାଗି ନିଜର କିଛି ଗୀତକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରୁଛନ୍ତି। ହେଲେ ପାଖପଡ଼ୋଶୀ ଏବଂ କେହି କେହି ଏଥିରେ ହସିବା, ଟାହିଟାପରା କରିବା କାରଣରୁ ସେ ଏସବୁ ବନ୍ଦ କରିଦେଉଛନ୍ତି, ଯଦ୍ଦ୍ୱାରା ବଣମଲ୍ଲୀ ବଣରେ ରହିବା ଭଳି ତାଙ୍କର କୌଣସି ଉନ୍ନତି ହୋଇପାରୁନାହିଁ। ହେଲେ ଏକ୍ଷେତ୍ରରେ ଅନ୍ୟ କଥାରେ ପ୍ରଭାବିତ ନ ହୋଇ ସର୍ବପ୍ରଥମେ ନିଜ ଆତ୍ମସମ୍ମାନ ଏବଂ ଆତ୍ମବିଶ୍ୱାସ ବଢାନ୍ତୁ।

▶▶ନିଜ ଇଚ୍ଛାକୁ ସମ୍ମାନ ଦିଅନ୍ତୁ। ସବୁବେଳେ ଅନ୍ୟର ମନ୍ତବ୍ୟ ନ ଶୁଣି ନିଜ ମନ କଥା ଶୁଣନ୍ତୁ ଦେଖିବେ ଆତ୍ମସନ୍ତୋଷ ମିଳିବ। ସକାରାତ୍ମକ ଚିନ୍ତା ରଖି ଯେକୌଣସି କାର୍ଯ୍ୟ କଲେ ତାହା ମାନସିକସ୍ତରରେ ସୁଦୃଢ କରିବା ସହ ଲକ୍ଷ୍ୟ ହାସଲ କରାଇବାରେ ସହଯୋଗ କରିଥାଏ। ଏହାହିଁ ଅନ୍ୟମାନଙ୍କ ନକରାତ୍ମକ ମନ୍ତବ୍ୟର ପ୍ରଭାବଠୁ ଦୂରେଇ ରଖିଥାଏ।

▶▶ଯଦି କିଛି ଭଲ କାର୍ଯ୍ୟପାଇଁ ଆଗ୍ରହୀ ଅଛନ୍ତି ତେବେ ଲୋକ କ'ଣ କହିବେ ଅବା ପରିବାର ଡରରେ ନିରବ ନ ରହି ନିଜ ଇଛା ସମସ୍ତଙ୍କ ସମ୍ମୁଖରେ ରଖନ୍ତୁ। ଆବଶ୍ୟକସ୍ଥଳେ ବୁଝାନ୍ତୁ। ଯେଉଁମାନେ ଅନ୍ୟର କଥାକୁ ଖାତିର ନ କରି ନିଜସ୍ୱ ଉଦ୍ୟମରେ ସଫଳ ହୋଇଛନ୍ତି ସେମାନଙ୍କ ଠାରୁ ପ୍ରେରଣା ନିଅନ୍ତୁ। ମନେ ରଖନ୍ତୁ ନିଜ ଇଚ୍ଛାକୁ ସମ୍ମାନ ଦେବା, ଆତ୍ମସ୍ୱିକୃତୀ ଦେବା ଦ୍ୱାରା ହିଁ ଜଣେ ଭୟମୁକ୍ତ ଭାବେ ସମାଜରେ ଆଗେଇ ପାରିବ ସେଥିରେ ସନ୍ଦେହ ନାହିଁ।







# ଇ ବ୍ୟାଙ୍କିଙ୍ଗ୍ କରୁଥିଲେ

**ସଭିଙ୍କ ପାଇଁ ବିଶେଷକରି ମହିଳାମାନେ ବାହାରକୁ ଗଲେ ପର୍ସରେ କ୍ୟାଶ୍ ରଖି ଯାଉଥିବାରୁ ଟଙ୍କା ଚୋରି, ଡକାୟତି ଇତ୍ୟାଦିର ଆଶଙ୍କା ରହିଥାଏ ; ଯାହାକି ଇ-ବ୍ୟାଙ୍କିଙ୍ଗ ଆସିବା ପରଠୁ ବହୁମାତ୍ରାରେ କମିଯାଇଛି। ହେଲେ ଏଥିରେ ବି ବିଭିନ୍ନ ସମସ୍ୟାର ଆଶଙ୍କା ରହିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଇ-ବ୍ୟାଙ୍କିଙ୍ଗ କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ...**



▶▶କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରୁଥିଲେ କୌଣସି ଲାଇସେନ୍ସ ଆଣ୍ଟିଭାଇରସ୍ ଲୋଡ୍ କରନ୍ତୁ। କାରଣ ଫ୍ରି ଆଣ୍ଟିଭାଇରସ୍‌ରେ ଅନେକ ସମୟରେ ହ୍ୟାକର୍‌ମାନଙ୍କୁ ଆପଣଙ୍କ ଡିଟେଲ୍‌ସ ମିଳିବାରେ ସହଜ ହୋଇଥାଏ।

▶▶ଅନ୍‌ଲାଇନ୍‌ରେ ବ୍ୟାଙ୍କିଙ୍ଗ୍ କରୁଥିଲେ ଟ୍ରାଞ୍ଜାକ୍ସନ ସରିବା ପରେ ଲଗ୍‌ଆଉଟ୍ କରନ୍ତୁ।

▶▶ପାସ୍‌ୱାର୍ଡକୁ ଏଭଳି ରଖନ୍ତୁ, ଯେପରି ଅନ୍ୟମାନଙ୍କୁ ଏହା ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ।

▶▶ସର୍ବଦା ପର୍ସନାଲ କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ। କାରଣ ପବ୍ଲିକ୍ କମ୍ପ୍ୟୁଟର୍ କିମ୍ବା ସାଇବର୍ କାଫେରେ ଏହା ଅସୁରକ୍ଷିତ।

▶▶ମନେରଖନ୍ତୁ ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ।

ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ ବରଦାନ ତୁଳସୀ

**ଖରା, ଝାଳ, ଧୂଳି, ଧୂଆଁ ଆଦି ପ୍ରଭାବରୁ ତ୍ୱଚାକୁ ସୁରକ୍ଷା ପ୍ରଦାନ କରିବା ସହ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ତୁଳସୀ ଏକ ବରଦାନ ସଦୃଶ। ଜାଣନ୍ତୁ ଏହାର ଉପକାରିତା ଏବଂ ବ୍ୟବହାର ସମ୍ପର୍କରେ...**

▶▶ତୁଳସୀରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି, ଯାହା ଡ୍ୟାମେଜ୍ ସ୍କିନ୍‌କୁ ରିପେୟାର କରିବା ସହ ଏଜ୍‌ଲାଇନ୍ ଦୂର କରିବାରେ ସାହାଯ୍ୟ କରିଥାଏ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ତ୍ୱଚାକୁ ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ, ବ୍ରଣ ଆଦି ସମସ୍ୟାରୁ ରକ୍ଷା କରିଥାଏ। ଏଥିରେ ଭିଟାମିନ୍ ସି ମାତ୍ରା ଅଧିକ ଥିବାରୁ ତ୍ୱଚାକୁ ଚମକପ୍ରଦ ରଖିଥାଏ।

▶▶ତୁଳସୀ ପତ୍ରକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏକ ଚାମଚ ଏହି ପେଷ୍ଟ ସହିତ ଏକ ଚାମଚ ଓଟ୍‌ମିଲ୍ ଏବଂ ଅଳ୍ପ କ୍ଷୀର ମିଶାଇ ସ୍କ୍ରବ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୧୦ ମିନିଟ୍ ଧୀରେ ଧୀରେ ମସାଜ୍ କରନ୍ତୁ ଏବଂ ପାଣିରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇ ଥର ଏପରି କଲେ ତ୍ୱଚାରେ ଜମିଥିବା ମଳି ସଫା ହେବ ଏବଂ ପୋର୍ସ ଖୋଲିଯିବ, ଯାହାଦ୍ୱାରା ବ୍ରଣ ସମସ୍ୟା ଦେଖାଦେବ ନାହିଁ।

▶▶ତୁଳସୀ ପତ୍ର ବଟା କିମ୍ବା ଏହାର ପାଉଡର ଦୁଇ ଚାମଚ ନିଅନ୍ତୁ। ସେଥିରେ ଏକ ଚାମଚ ମୁଲତାନି ମାଟି ଏବଂ ଅଧାଚାମଚ ଲେମ୍ବୁରସ ମିଶାନ୍ତୁ। ସେଥିରେ ଅଳ୍ପ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହ ଏବଂ ବେକରେ ଲଗାଇ ୧୦ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାର ଟାନିଂ ସମସ୍ୟା କମାଇବା ସହ ଗ୍ଲୋ ବଢ଼ାଇବାରେ ସାହାଯ୍ୟ କରିବ।





## ଖାଦ୍ୟରୁଚି // ବଟର ଚିକେନ୍

**ଆବଶ୍ୟକ ସାମଗ୍ରୀ:** ୨ ଚାମଚ ତେଲ, ୧ ଚାମଚ ବଟର, ଛୋଟ ଛୋଟ କଟା ହୋଇଥିବା ଗୋଟିଏ ବଡ଼ ପିଆଜ, ୧ ଚାମଚ ଲେଖାଏଁ ଅଦା ଏବଂ ରସୁଣ ଛେଚା କିମ୍ବା ବଟା, ୫୦୦ ଗ୍ରାମ ବୋନ୍‌ଲେସ୍ ଚିକେନ୍, ୨୦୦ ଗ୍ରାମ୍ ଟମାଟୋ ପେଷ୍ଟ କିମ୍ବା ସସ୍, ୧ ଚାମଚ ଗରମ ମସଲା, ଆବଶ୍ୟକ ଅନୁସାରେ ଲଙ୍କାଗୁଣ୍ଡ, ୧ ଛୋଟ ଚାମଚ ଲେଖାଏଁ ଜିରା, ମେଥି, ୧/୪ ଚାମଚ ଗୋଲମରିଚ, ୧ କପ୍ କ୍ରିମ୍, ଲୁଣ ଆବଶ୍ୟକ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ଏକ ପ୍ୟାନ୍ ଗରମ କରି ସେଥିରେ ତେଲ ଓ ବଟର ପକାନ୍ତୁ। ଏହା ଗରମ ହୋଇଗଲେ ଛୋଟ ଛୋଟ କଟା ହୋଇଥିବା ପିଆଜ ପକାଇ ୨ ମିନିଟ୍ ଭାଜନ୍ତୁ। ସେଥିରେ ରସୁଣ, ଅଦା ପକାଇ ଆଉ କିଛି ସମୟ ଭାଜନ୍ତୁ। ବ୍ରାଉନ୍ କଲର ହୋଇଆସିଲେ ଚିକେନ୍, ଟମାଟୋ ପେଷ୍ଟ କିମ୍ବା ସସ୍ ଏବଂ ଅନ୍ୟ ମସଲାଗୁଡ଼ିକୁ ପକାଇ ଭଲ ଭାବେ ମିଶାନ୍ତୁ, ଯେପରି ସବୁକିଛି ଭଲ ଭାବେ ଭାଜି ହେବ। ବର୍ତ୍ତମାନ କ୍ରିମ୍ ଢାଳି ଭଲଭାବେ ଗୋଳାଇ ଘୋଡ଼ାଇ ଦିଅନ୍ତୁ ଏବଂ ଚୁଲାକୁ ସିମ୍ କରି ୮-୧୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ନ୍ତୁ। ମସଲା ତଳେ ଲାଗି ନ ଯିବା ଲାଗି ମଝିରେ ମଝିରେ ଗୋଳାଇବାକୁ ଭୁଲନ୍ତୁ ନାହିଁ। ପ୍ରସ୍ତୁତ ହୋଇଯାଇଛି ବଟର ଚିକେନ। ଏହାକୁ ରୁଟି, ପରଟା, ନାନ୍ ସହିତ ଖାଇବାର ମଜା ନିଅନ୍ତୁ।



ଧରିତ୍ରୀ
DHARITRI
51 Years



# କଳିଙ୍ଗରେ ୨୦ରୁ ସୁପର କପ୍

**ଭୁବନେଶ୍ୱର, ୭।୪(ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଚଳିତ ମାସ ୨୦ରୁ ଆରମ୍ଭ ହେବ। ମେ’ ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି



ପ୍ରତିଯୋଗିତାରେ ମୋଟ ୧୬ଟି କ୍ଲବ ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୧୩ଟି ଇଣ୍ଡିଆନ ସୁପର ଲିଗ୍ ଓ ୩ଟି ଆଇ-ଲିଗ୍ ଦଳ ସାମିଲ। ନକ୍ଆଉଟ ଭିତ୍ତିରେ ଖେଳାଯିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାର କାର୍ଯ୍ୟସୂଚୀ ସୋମବାର ପ୍ରକାଶ ପାଇଛି। ୨୦୨୪-୨୫ ରାଉଣ୍ଡ ଅଫ୍ ୧୬ ଅନୁସାରେ ଆଇଏସ୍ଏଲ୍ ଦଳ ଗୁଡ଼ିକୁ ସିଡେଡ୍ କରାଯାଇଛି। ଆଇ-ଲିଗ୍ରୁ ଭାଗ ନେବାକୁ ଯାଉଥିବା ୩ ଦଳ ହେଲେ ଗୋଆର ଚର୍ଚ୍ଚିଲ ବ୍ରଦର୍ସ ଏଫ୍ସି, ଇଣ୍ଟର କାଶି ଓ ଗୋକୁଲମ୍ କେରଳ। ଏହି ୩ ଦଳ ଆଇଏସ୍ଏଲ୍ର ଟପ୍ ୩ ଦଳ ମୋହନ ବାଗାନ ସୁପର ଜାଏଣ୍ଟ, ଏଫ୍ସି ଗୋଆ ଓ ବେଙ୍ଗାଲୁରୁ ଏଫ୍ସିକୁ ଭେଟିବ। ତେବେ ଆସନ୍ତା ୯ ତାରିଖରେ ଡ୍ର’ ଉଠାଣ ପରେ କେଉଁ ଦଳ କାହାକୁ ଭେଟିବ ତାହା ସ୍ପଷ୍ଟ ହେବ। ସମ୍ପ୍ରତି ପ୍ରକାଶ ପାଇଥିବା କାର୍ଯ୍ୟସୂଚୀ ଅନୁସାରେ ୨୦ ତାରିଖ ଅପରାହ୍ନ ୪ଟା ୩୦ରେ କେରଳ ବ୍ଲାଷ୍ଟର୍ସ-ଇଷ୍ଟ ବେଙ୍ଗଲ ଏବଂ ରାତି ୮ଟାରେ ମୋହନ ବାଗାନ ଓ ଆଇ ଲିଗ୍ର ଏକ ଦଳ ମଧ୍ୟରେ ମୁକାବିଲା ହେବ।

ପ୍ରତିଯୋଗିତାର ରାଉଣ୍ଡ ଅଫ୍-୧୬ ଏପ୍ରିଲ ୨୦, ୨୧, ୨୩ ଓ ୨୪ରେ ଅନୁଷ୍ଠିତ ହେବ। କ୍ୱାର୍ଟର ଫାଇନାଲ ଗୁଡ଼ିକ ୨୬ ଓ ୨୭ରେ ଏବଂ ସେମିଫାଇନାଲ ୩୦ ତାରିଖରେ ଖେଳାଯିବ। ମେ’ ୩ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ରାଉଣ୍ଡ ଅଫ୍-୧୬, କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲରେ ଯଦି ନିର୍ଦ୍ଧାରିତ ୯୦ ମିନିଟ ମଧ୍ୟରେ ସ୍କୋର ସମାନ ରୁହେ ତେବେ ଅତିରିକ୍ତ ସମୟ ପାଇଁ ଖେଳ ହେବନାହିଁ। ପେନାଲ୍ଟି ଶୁଟ୍-ଆଉଟ ମାଧ୍ୟମରେ ବିଜେତା ନିର୍ଣ୍ଣୟ କରାଯିବ। ମାତ୍ର ଫାଇନାଲରେ ଯଦି ୯୦ ମିନିଟ ମଧ୍ୟରେ ସ୍କୋର ସମାନ ରୁହେ ତେବେ ଅତିରିକ୍ତ ସମୟ ପାଇଁ ଖେଳ ହେବ। ଏଥିରେ ଯଦି ଫଳାଫଳ ନ ମିଳେ ତେବେ ପେନାଲ୍ଟି ଶୁଟ୍-ଆଉଟ ପଦ୍ଧତି ଅବଲମ୍ବନ କରାଯିବ।

କଳିଙ୍ଗ ସୁପର କପ୍ର ଚାମ୍ପିୟନ ଦଳ ୨୦୨୫-୨୬ ଏଏଫ୍ସି ଚାମ୍ପିୟନ୍ସ ଲିଗ୍ ପ୍ରିଲିମିନାରି ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିବ। ଆସନ୍ତା ପ୍ରତିଯୋଗିତାରେ ଇଷ୍ଟବେଙ୍ଗଲ ଡିଫେଣ୍ଡିଂ ଚାମ୍ପିୟନଭାବେ ଖେଳି। ୨୦୨୪ ଫାଇନାଲରେ ଏହି ଦଳ ଓଡ଼ିଶା ଏଫ୍ସିକୁ ପରାସ୍ତ କରିଥିଲା। ଏହା ପୂର୍ବରୁ ୨୦୨୩ରେ ଓଡ଼ିଶା ଏଫ୍ସି, ୨୦୧୯ରେ ଏଫ୍ସି ଗୋଆ ଓ ୨୦୧୮ରେ ବେଙ୍ଗାଲୁରୁ ଏଫ୍ସି ଚାମ୍ପିୟନ ହେବାର ସୌଭାଗ୍ୟ ପାଇଛି।

## କାର୍ଯ୍ୟସୂଚୀ

**ରାଉଣ୍ଡ ଅଫ୍-୧୬**

ଏପ୍ରିଲ ୨୦: କେରଳ ବ୍ଲାଷ୍ଟର୍ସ ବନାମ ଇଷ୍ଟ ବେଙ୍ଗଲ ଏଫ୍ସି, ସମୟ: ଅପରାହ୍ନ ୪ଟା ୩୦
ଏପ୍ରିଲ ୨୦: ମୋହନ ବାଗାନ ଏସ୍ଜି ବନାମ ଆଇ-ଲିଗ୍ କ୍ଲବ, ସମୟ: ରାତି ୮ଟା
ଏପ୍ରିଲ ୨୧: ଏଫ୍ସି ଗୋଆ ବନାମ ଆଇ-ଲିଗ୍ କ୍ଲବ, ସମୟ: ଅପରାହ୍ନ ୪ଟା ୩୦
ଏପ୍ରିଲ ୨୧: ଓଡ଼ିଶା ଏଫ୍ସି ବନାମ ପଞ୍ଜାବ ଏଫ୍ସି, ସମୟ: ରାତି ୮ଟା
ଏପ୍ରିଲ ୨୩: ବେଙ୍ଗାଲୁରୁ ଏଫ୍ସି ବନାମ ଆଇ-ଲିଗ୍ କ୍ଲବ, ସମୟ: ଅପରାହ୍ନ ୪ଟା ୩୦
ଏପ୍ରିଲ ୨୩: ମୁମ୍ବାଇ ସିଟି ଏଫ୍ସି ବନାମ ଚେନ୍ନାଇନ୍ ଏଫ୍ସି, ସମୟ: ରାତି ୮ଟା
ଏପ୍ରିଲ ୨୪: ନର୍ଥ ଇଷ୍ଟ ୟୁନାଇଟେଡ ବନାମ ମହମ୍ମଡାନ ସ୍ପୋର୍ଟିଂ, ସମୟ: ଅପରାହ୍ନ ୪ଟା ୩୦
ଏପ୍ରିଲ ୨୪: ଜାମସେଦପୁର ଏଫ୍ସି ବନାମ ହାଇଦ୍ରାବାଦ ଏଫ୍ସି, ସମୟ: ରାତି ୮ଟା

**କ୍ୱାର୍ଟର ଫାଇନାଲ୍ସ**

ଏପ୍ରିଲ ୨୬ (ପ୍ରଥମ କ୍ୱାର୍ଟର ଫାଇନାଲ): ୨୦ ତାରିଖ ମ୍ୟାଚର ଦୁଇ ବିଜେତା, ସମୟ: ଅପରାହ୍ନ ୪ଟା ୩୦
ଏପ୍ରିଲ ୨୬ (ଦ୍ୱିତୀୟ କ୍ୱାର୍ଟର ଫାଇନାଲ): ୨୧ ତାରିଖ ମ୍ୟାଚର ଦୁଇ ବିଜେତା, ସମୟ: ରାତି ୮ଟା
ଏପ୍ରିଲ ୨୭ (ତୃତୀୟ କ୍ୱାର୍ଟର ଫାଇନାଲ): ୨୩ ତାରିଖ ମ୍ୟାଚର ଦୁଇ ବିଜେତା, ସମୟ: ଅପରାହ୍ନ ୪ଟା ୩୦
ଏପ୍ରିଲ ୨୭ (ଚତୁର୍ଥ କ୍ୱାର୍ଟର ଫାଇନାଲ): ୨୪ ତାରିଖ ମ୍ୟାଚର ଦୁଇ ବିଜେତା, ସମୟ: ରାତି ୮ଟା

**ସେମିଫାଇନାଲ**

ଏପ୍ରିଲ ୩୦ (ପ୍ରଥମ ସେମିଫାଇନାଲ): କ୍ୱାର୍ଟର ଫାଇନାଲ ୧ ଓ ୨ର ବିଜେତା, ସମୟ: ଅପରାହ୍ନ ୪ଟା ୩୦
ଏପ୍ରିଲ ୩୦ (ଦ୍ୱିତୀୟ ସେମିଫାଇନାଲ): କ୍ୱାର୍ଟର ଫାଇନାଲ ୩ ଓ ୪ର ବିଜେତା, ସମୟ: ରାତି ୮ଟା

**ମେ ୩ (ଫାଇନାଲ): ଦୁଇ ସେମିଫାଇନାଲର ବିଜେତା**

ଭେନ୍ୟୁ: ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

# ଆରସିବିର ଚ୍ୟାଲେଞ୍ଜିଂ ସ୍କୋର

**ମୁମ୍ବାଇ, ୭।୪**

ବିରାଟ କୋହଲି ଓ ରଜତ ପାଟିଦାରଙ୍କ ଅର୍ଦ୍ଧଶତକ ଏବଂ ଜୀତେଶ ଶର୍ମାଙ୍କ ଦ୍ରୁତ ୪୦ ରନ ସହାୟତାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସୋମବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ୨୨୧ ରନରେ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଛି। ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇ ବିପକ୍ଷରେ ଆରସିବିର ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। ୨୦୧୫ରେ ଏହି ଦଳ ମାତ୍ର ୧ ଉଇକେଟ ହରାଇ ୨୩୫ ରନ କରିଥିଲା।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ମାତ୍ର ୪ ରନରେ ଫିଲିପ୍ ସଲ୍ଟଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ବିରାଟ କୋହଲି ଓ ଦେବଦତ୍ତ ପଡିକାଲ ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦୁହେଁ ୫୨ ବଲ୍ରୁ ୯୧ ରନ ଯୋଗ କରିବାପରେ ପଡିକାଲଙ୍କୁ ଆଉଟ କରି ମୁମ୍ବାଇକୁ ବ୍ରେକ୍ ଥ୍ରୁ ଦେଇଥିଲେ ଭିଗ୍ନେଶ ପୁଥୁର। ପଡିକାଲ ୨୨ ବଲ୍ରୁ ୩୭ (୨ ଚୌକା, ୩ ଛକା) ରନ କରିଥିଲେ। କୋହଲି ଖେଳିଥିଲେ କ୍ୟାରିୟରର ଅନ୍ୟତମ ଦର୍ଶନୀୟ ଇନିଂସ। ସେ ଅର୍ଦ୍ଧଶତକ ହାସଲ କରିବା ସହ ପ୍ରଥମ ଭାରତୀୟ ଭାବେ ଟି୨୦ କ୍ରିକେଟରେ ୧୩,୦୦୦ ରନ ପୂରଣ କରିଥିଲେ। ଚଳିତ ଲିଗ୍ରେ ଦ୍ୱିତୀୟ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା କୋହଲି ୪୨ ବଲ୍ରୁ ୬୭ (୮ ଚୌକା, ୨ ଛକା) ରନ କରିଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଶିକାର ହୋଇଥିଲେ। ୧୫ତମ ଓଭରରେ କୋହଲି ଓ ଲିଆମ ଲିଭିଂଷ୍ଟୋନଙ୍କୁ ଆଉଟ କରି ହାର୍ଦ୍ଦିକ ଟି୨୦ କ୍ରିକେଟରେ ୨୦୦ ଉଇକେଟ ପୂରଣ ସହ ମୋମେଣ୍ଟମକୁ ମୁମ୍ବାଇ ଆଡ଼କୁ ନେବାକୁ ଚେଷ୍ଟା କରିଥିଲେ। ମାତ୍ର ଅଧିନାୟକ ରଜତ ପାଟିଦାର ଓ ଜୀତେଶ ଶର୍ମା ତାହା ହେବାକୁ ଦେଇ ନ ଥିଲେ। ଦୁହେଁ ଦ୍ରୁତ ହାରରେ ରନ ସଂଗ୍ରହ କରି ଆରସିବି ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ଦୁହେଁ ୫ମ ଉଇକେଟରେ ମାତ୍ର ୨୭ ବଲ୍ରୁ ୬୯ ରନର ଭାଗୀଦାରି ଗଢ଼ିବାପରେ ପାଟିଦାର ୧୯ତମ ଓଭରର ଶେଷ ବଲ୍ରେ ଆଉଟ ହୋଇଥିଲେ। ସେ ୩୨ ବଲ୍ରୁ ୫ ଚୌକା ଓ ୪ ଛକା ସହାୟତାରେ ୬୪ ରନ କରିଥିଲେ। ଜୀତେଶ ମାତ୍ର ୧୯ ବଲ୍ରୁ ୪୦ ( ୨ଚୌକା, ୪ ଛକା) ରନରେ ଅପରାଜିତ ରହିବାରୁ ଆରସିବି ସ୍କୋର ୨୨୧ରେ ପହଞ୍ଚିଥିଲା।



ଶଟ୍ ଖେଳିବା ଅବସରରେ ବିରାଟ କୋହଲି।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୨୨୧/୫ (ରଜତ ପାଟିଦାର-୬୪, ବିରାଟ କୋହଲି-୬୭, ଜୀତେଶ ଶର୍ମା-୪୦*, ଦେବଦତ୍ତ ପଡିକାଲ-୩୭, ଟ୍ରେଣ୍ଟ ବୋଲ୍ଟ-୨/୫୭, ହାର୍ଦ୍ଦିକ ପାଣ୍ଡ୍ୟା-୨/୪୫,ଭିଗ୍ନେଶପୁଥୁର-୧/୧୦)।

## ଟି୨୦ରେ କୋହଲିଙ୍କ ୧୩ହଜାର ରନ୍

ବିରାଟ କୋହଲି ସୋମବାର ଟି୨୦ କ୍ରିକେଟରେ ପ୍ରଥମ ଭାରତୀୟ ଭାବେ ୧୩,୦୦୦ ରନ ପୂରଣ କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ବିପକ୍ଷରେ ୱାଙ୍ଖେଡେ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍ସିବି) ଲାଗି ୪୨ ବଲରେ ୬୭ ରନର ଇନିଂସ ଖେଳିବା ଅବସରରେ କୋହଲି ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। କ୍ରିକେଟର ସବୁଠୁ ଛୋଟ ଫର୍ମାଟରେ ସେ ପଞ୍ଚମ ବ୍ୟାଟର ଭାବେ ୧୩ ହଜାର ରନ ପୂରଣ କରିଛନ୍ତି। ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ ଓପନର କ୍ରିସ୍ ଗେଲ୍ଙ୍କ ନାମରେ ଟି୨୦ ଫର୍ମାଟରେ ସର୍ବାଧିକ ରନ କରିବାର ରେକର୍ଡ ରହିଛି। ସେ ୪୬୩ ମ୍ୟାଚରେ ୧୪,୫୬୨ ରନ କରିଛନ୍ତି। ତାଙ୍କ ପଛକୁ ଏହି ତାଲିକାରେ ଇଂଲଣ୍ଡର ଆଲେକ୍ସ ହେଲ୍ସ (୧୩,୬୧୦ ରନ), ପାକିସ୍ତାନର ଶୋଏବ ମଲିକ (୧୩,୫୫୭) ଓ ୱେଷ୍ଟଇଣ୍ଡିଜର କିରନ ପୋଲାର୍ଡ (୧୩,୫୩୭) ରହିଛନ୍ତି। ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ରୋହିତ ଶର୍ମା ୪୫୧ ମ୍ୟାଚରେ ୧୧,୮୫୧ ରନ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**କୋଲକାତା ବନାମ ଲକ୍ଷ୍ନୌ**
ସ୍ଥାନ: କୋଲକାତା
ସମୟ: ଅପରାହ୍ନ ୩.୩୦

**ପଞ୍ଜାବ ବନାମ ଚେନ୍ନାଇ**
ସ୍ଥାନ: ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୩ | ୦ | ୬ | +୧.୨୫୭ |
| ଗୁଜରାଟ ଟାଇଟନ୍ସ | ୪ | ୩ | ୧ | ୬ | +୧.୦୩୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ପଞ୍ଜାବ କିଙ୍ଗ୍ସ | ୩ | ୨ | ୧ | ୪ | +୦.୦୭୪ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୦୭୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୨ | ୨ | ୪ | +୦.୦୪୮ |
| ରାଜସ୍ଥାନ ରୟାଲ୍ସ | ୪ | ୨ | ୨ | ୪ | -୦.୧୮୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୨ | +୦.୧୦୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୧ | ୩ | ୨ | -୦.୮୯୧ |
| ସନ୍ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | -୧.୬୨୯ |

# କେନ୍ଦୁଝରରେ ଆଜିଠୁ ଜାତୀୟ ସବ୍ଜୁନିୟର ହ୍ୟାଣ୍ଡବଲ

**ଭୁବନେଶ୍ୱର, ୭।୪ (ତପନ ସ୍ୱାଇଁ)**

କେନ୍ଦୁଝରରେ ମଙ୍ଗଳବାର ୩୯ତମ ଜାତୀୟ ସବ୍ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଆରମ୍ଭ ହେବ। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ସୋମବାର ୧୬ ଜଣିଆ ଓଡ଼ିଶାର ଦଳ ଘୋଷଣା ହୋଇଛି। ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଗତ ମାର୍ଚ୍ଚ ୭ ତାରିଖରୁ କେନ୍ଦୁଝରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୩୦ ଖେଳାଳି ଭାଗ ନେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ମନୋନୀତ କରାଯାଇଛି। ମନୋନୀତ ଖେଳାଳିମାନେ ହେଲେ ସୌରଭ କୁମାର ଜେନା (ଅଧିନାୟକ), ଅଭିଷେକ ମହାନ୍ତି, ଡି. କମଲ କୁମାର ପାତ୍ର, ସୁଚିତ ଦାସ, ଏଲ. ଦୁର୍ଯ୍ୟୋଧନ, ପ୍ରକାଶ ନାଥ, ଆଶୀର୍ବାଦ କାଣ୍ଡି, ହିମାଂଶୁ ଶେଖର ଗୌଡ଼, ଜୟଦେବ ପ୍ରକାଶ ପ୍ରଧାନ, ଅମିତ କୁମାର ଦଳାଇ, ଓମ୍ ପ୍ରକାଶ ବାରିକ, ଅଭିନ ମାଝୀ, ସନ୍ଦୀପ ମଲିକ, ନନ୍ଦ ମହାକୁଡ଼, ନାଗେଶ୍ୱର କାଣ୍ଡି ଓ ଅଶ୍ୱିନୀ କୁମାର ପାତ୍ର। ରବୀନ୍ଦ୍ର କୁମାର ବାରିକ କୋଚ ଓ ଆକାଶ କୁମାର ପଟ୍ଟନାୟକ ମ୍ୟାନେଜର ଦାୟିତ୍ୱ ତୁଲାଉଛନ୍ତି। ରାଜ୍ୟ ଦଳକୁ ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ସବ୍ଜୁନିୟର ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ପାଇଁ ମନୋନୀତ ଓଡ଼ିଶା ଦଳ।

# ପଟୌଦି ଟ୍ରଫିକୁ ବାଦ୍ ନିଷ୍ପତ୍ତି: ଇସିବିକୁ ଗାଭାସ୍କରଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୭।୪:** ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପଟୌଦି ଟ୍ରଫିକୁ ରିଟାୟର କରିବାକୁ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ଲାଗି ଭାରତର କିମ୍ବଦନ୍ତୀ ବ୍ୟାଟର ତଥା ଭାଷ୍ୟକାର ସୁନୀଲ ଗାଭାସ୍କର ଇସିବିକୁ ପ୍ରବଳ ସମାଲୋଚନା କରିଛନ୍ତି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ କ୍ରିକେଟର ୭୫ ବର୍ଷ ପୂର୍ତ୍ତି ଅବସରରେ ୨୦୦୭ଠାରୁ ଇଂଲଣ୍ଡରେ ଦୁଇ ଦେଶ ମଧ୍ୟରେ ଖେଳାଯାଉଥିବା ଟେଷ୍ଟ ସିରିଜର ବିଜେତା ଦଳକୁ ପଟୌଦି ଟ୍ରଫି ପ୍ରଦାନ କରାଯାଉଛି। କିନ୍ତୁ କିଛି ରିପୋର୍ଟ ମୁତାବକ, ଆଗାମୀ ଜୁନ-ଜୁଲାଇରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ଇସିବି ପଟୌଦି ଟ୍ରଫିକୁ ରିଟାୟର କରିବାକୁ ନିଷ୍ପତ୍ତି ନେଇଛି।

‘ବ୍ୟକ୍ତିଗତ ଖେଳାଳିଙ୍କ ନାମରେ ରଖାଯାଇଥିବା ଟ୍ରଫିର ନାମକୁ ରିଟାୟର କରାଯାଉଥିବା ପ୍ରଥମ ଥର ପାଇଁ ଶୁଣିଲି। ଉଭୟ ଭାରତ ଓ ଇଂଲଣ୍ଡ କ୍ରିକେଟ ପ୍ରତି ପଟୌଦିଙ୍କ ଅବଦାନ ପ୍ରତି ସମ୍ମାନ ଓ ସମବେଦନାର ଅଭାବକୁ ଏହା ଦର୍ଶାଉଛି’ ବୋଲି ଗାଭାସ୍କର ଏକ ସ୍ତମ୍ଭରେ ଉଲ୍ଲେଖ କରିଛନ୍ତି। ଏତଦ୍ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଦୁଇ ଦେଶ ପାଖରେ ଅନେକ ମହାନ୍ ଖେଳାଳି ଥିବାରୁ ଇସିବି ଟ୍ରଫିର ନାମ ବଦଳାଇପାରେ। ଆମେ କେବଳ ଆଶା କରିପାରିବା ଯେ, ଯଦି କୌଣସି ଭାରତୀୟ ଖେଳାଳିଙ୍କୁ ଏଥିଲାଗି ପ୍ରସ୍ତାବ ଦିଆଯାଇଛି, ତେବେ ସେ ତାହାକୁ ପ୍ରତ୍ୟାଖ୍ୟାନ କରି ଦେବା ଉଚିତ। ଭାରତର ଦୁଇ ପୂର୍ବତନ ଅଧିନାୟକଙ୍କ ପ୍ରତି ଅସମ୍ମାନ କଥା ନୁହେଁ, ବରଂ ତାଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଥିବା ଟ୍ରଫିକୁ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିପାରେ।

# ଜୋକୋଭିଚ୍ଙ୍କ ପାଇଁ ପରାଜୟ ପ୍ରତିଶୋଧ ସୁଯୋଗ

**ମୋନାକୋ, ୭।୪ (ଏପି):** ନୋଭାକ୍ ଜୋକୋଭିଚ୍ଙ୍କୁ ତାଙ୍କ କ୍ୟାରିୟରର ଅନ୍ୟତମ ଆଶ୍ଚର୍ଯ୍ୟଜନକ ପରାଜୟର ପ୍ରତିଶୋଧ ନେବା ଲାଗି ଏକ ସୁଯୋଗ ଆସୁଛି। ୨୪ ଥର ଗ୍ରାଣ୍ଡସ୍ଲାମ ବିଜେତା ଏଠାରେ ମଣ୍ଟେ କାର୍ଲୋ ମାଷ୍ଟର୍ସରେ ତାଙ୍କ ଓପନିଂ ମ୍ୟାଚରେ ୩୨ତମ ର୍ୟାଙ୍କିଙ୍ଗପ୍ରାପ୍ତ ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ଭେଟିବେ। ଟାବିଲୋ ସୋମବାର ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ୨୦୧୪ ଚାମ୍ପିୟନ ଷ୍ଟାନ ୱାରିଙ୍କାଙ୍କୁ ହରାଇ ଦେଇଛନ୍ତି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ